

# ହବାଙ୍କର କନ୍ୟାଗଣ

# Daughters of EVE

ଲୋତୀ ବେତ୍ ହବସ୍

LOTTIE BETH HOBBS

# ହବାଙ୍କର କନ୍ୟାଗଣ

**DAUGHTERS OF EVE**
**(ODIA)**

**Author**
**LOTTIE BETH HOBBS**

**Translator**
**KABITA GOOTAM**

**Published by**
**C H U R C H   O F   C H R I S T**
**P. O. Box 80**
**KAKINADA, A.P.**
***India - 533 001***

# ସୂଚୀପତ୍ର


| ବିଷୟ | | ପୃଷ୍ଠା |
|---|---|---|
| 1. | ଆଦିମାତା ହବା | 1 – 7 |
| 2. | ସାରା | 8 – 12 |
| 3. | ଲୋଟଙ୍କ ଭାର୍ଯ୍ୟା | 13 – 16 |
| 4. | ରିବିକା | 17 – 21 |
| 5. | ରାହେଲ ଓ ଲେୟା | 22 – 24 |
| 6. | ମରୀୟମ | 25 – 29 |
| 7. | ଦବୋରା | 30 – 33 |
| 8. | ଦଲୀଲା | 34 – 37 |
| 9. | ରତ | 38 – 41 |
| 10. | ନୟମୀ | 42 – 45 |
| 11. | ହାନ୍ନା | 46 – 51 |
| 12. | ଅବୀଗଲ | 52 – 55 |
| 13. | ଶିବାଦେଶର ରାଣୀ | 56 – 59 |
| 14. | ଯାରବିୟାମଙ୍କ ଭାର୍ଯ୍ୟା | 60 – 64 |
| 15. | ଈଷେବଲ | 65 – 69 |
| 16. | ବଷ୍ଟୀ | 70 – 73 |
| 17. | ଏଷ୍ଟର | 74 – 78 |
| 18. | ଶ୍ରୀମତୀ ଆୟୁବ | 79 – 82 |
| 19. | ମରିୟମ | 83 – 88 |
| 20. | ମରିୟମ ଓ ମାର୍ଥା | 89 – 94 |
| 21. | ଜଣେ ଦରିଦ୍ର ବିଧବା | 95 – 98 |
| 22. | ଶମିରୋଣୀୟା ପାପିନୀ ସ୍ତ୍ରୀ | 99 – 105 |
| 23. | ଦର୍କା | 106 – 113 |
| 24. | ପ୍ରୀସ୍କିଲ୍ଲା | 114 – 119 |
| 25. | ଇୟଦିଆ ଓ ସୁନ୍ତୁଖୀ | 120 – 124 |

# ୧. ଆଦିମାତା ହବା

**(Eve-Our wayward mother)**

ସଦାପ୍ରଭୁ ପରମେଶ୍ୱର ଆପଣା ବାକ୍ୟ ଦ୍ୱାରା ସୃଷ୍ଟି କରିବା ପରେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ । ପ୍ରାଣୀମାନଙ୍କ ମଧ୍ୟରେ ଉନ୍ନତତମ ସ୍ଥାନ ତଥା ଜ୍ଞାନ, ବୁଦ୍ଧି ଓ ବିବେକ ମନୁଷ୍ୟକୁ ପ୍ରଦାନ କଲେ । ଅନନ୍ତର ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ଘୋର ନିଦ୍ରାଗ୍ରସ୍ତ କରାଇ ସେହି ନିଦ୍ରା ସମୟରେ ପ୍ରଥମ ଶଲ୍ୟ ଚିକିତ୍ସା କରି ଆଦମଙ୍କ ଖଣ୍ଡେ ପଞ୍ଜରା ନେଇ ସ୍ତ୍ରୀକୁ ସୃଷ୍ଟି କଲେ । ସେହି ସ୍ତ୍ରୀ'ଙ୍କୁ ସଦାପ୍ରଭୁ ପରମେଶ୍ୱର ଆଦମଙ୍କ ସହଧର୍ମିଣୀ କରି ପ୍ରଥମ ବିବାହ କାର୍ଯ୍ୟ ସମ୍ପନ୍ନ କଲେ । ସେହି ପୁରୁଷ ଓ ସ୍ତ୍ରୀ ଆମ୍ଭମାନଙ୍କ ଆଦିପିତା ଆଦମ ଓ ଆମ୍ଭମାନଙ୍କ ଆଦିମାତା ହବା । ଈଶ୍ୱରଙ୍କ ବାକ୍ୟରେ ହବାଙ୍କର ରୂପ ବର୍ଣ୍ଣନା କରାଯାଇ ନାହିଁ, କିନ୍ତୁ ସୃଷ୍ଟିର ସୃଷ୍ଟିକର୍ତ୍ତା ଆପଣା ନିଜ ହସ୍ତରେ ହବାଙ୍କୁ କେତେ ସୁନ୍ଦର ଭାବେ ଗଢ଼ିଥିଲେ ତାହା ଆମ୍ଭେମାନେ କଳ୍ପନା କରିପାରୁ ! କୋମଳ, ସରଳ ଓ ରୂପବତୀ ହବାଙ୍କୁ ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନକୁ ଆଣି ଆଦମଙ୍କ ସହିତ ବିବାହ କରାଇ ଖ୍ରୀଷ୍ଟିୟ ପରିବାର ମୂଳଦୂଆ ସ୍ଥାପନ କଲେ ।

## ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ (ଆଦି ୧:୨୭)

କୌଣସି ମତ୍ସ୍ୟ ବା ମାଙ୍କଡ଼ ବିବର୍ତ୍ତନ ଦ୍ୱାରା ବର୍ତ୍ତମାନ ମନୁଷ୍ୟ ରୂପ ଧାରଣ କରିଛି, ଅଥବା ମନୁଷ୍ୟ ଭିନ୍ନ ଭିନ୍ନ ଜନ୍ମରେ ଭିନ୍ନ ରୂପ ଧାରଣ କରେ ବୋଲି ମନେ କରିବା ଠିକ୍ ନୁହେଁ । କାରଣ ସଦାପ୍ରଭୁ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ । ଅନ୍ୟ ପ୍ରାଣୀମାନଙ୍କଠାରେ ନ ଥିବା ଜ୍ଞାନ, ବୁଦ୍ଧି, ବିବେକ, ଭଲମନ୍ଦ ଓ ସୁଖ ଦୁଃଖର ଅନୁଭବ କରିବାର ହୃଦୟ ସଦାପ୍ରଭୁ ମନୁଷ୍ୟକୁ ପ୍ରଦାନ କରି ଅଛନ୍ତି । ମନୁଷ୍ୟର ଏହି ସବୁ ଗୁଣ ପରମେଶ୍ୱରଙ୍କଠାରୁ ଆଗତ । ଯେପରି ଦାଉଦ କହନ୍ତି, "ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେବି; କାରଣ ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟ ରୂପେ ନିର୍ମିତ; ତୁମ୍ଭର କର୍ମସକଳ ଆଶ୍ଚର୍ଯ୍ୟ; ଏହା ମୋ' ପ୍ରାଣ ଭଲ ରୂପେ ଜାଣେ" (ଗୀତ

୧୩୯:୧୪)। ତେଣୁକରି ମନୁଷ୍ୟ କୌଣସି ଜୀବଜନ୍ତୁରୁ ବିବର୍ତ୍ତନ ଦ୍ୱାରା ନୁହେଁ ବରଂ ସେ ସଦାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ସୃଜିତ ।

## ମନୁଷ୍ୟ ନିତ୍ୟଜିବୀ

"ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟଙ୍କୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ; ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା" (ଆଦି ୨:୭)। ମୃତ୍ୟୁ ଦ୍ୱାରା ମନୁଷ୍ୟର ଆତ୍ମା ପାର୍ଥିବ ଶରୀର ପରିତ୍ୟାଗ କରେ । ଶରୀର ଧୂଳିରୁ ନିର୍ମିତ ହୋଇଥିବାରୁ ତାହା ଧୂଳିରେ ଲୀନ ହୋଇଯାଏ । ଆତ୍ମା ଈଶ୍ୱରଙ୍କଠାରୁ ଆଗତ, ତେଣୁ ତାହା ଈଶ୍ୱରଙ୍କ ନିକଟକୁ ଫେରି ଯାଏ । ମନୁଷ୍ୟ ଇହଲୋକରେ ଯେଉଳି ଜୀବନ ଯାପନ କରେ ସେଉଳି ବିଚରିତ ହେବ । ତେଣୁକରି ମନୁଷ୍ୟର ଆତ୍ମା ନିତ୍ୟଜିବୀ ।

## ପରମେଶ୍ୱର ମନୁଷ୍ୟର ସମସ୍ତ ଅଭାବ ପୂରଣ କରିବେ

"ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ" (ଫିଲିପି ୪:୧୯)। ଏହି ବାକ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ କେତେ ସାନ୍ତ୍ୱନା ଦିଏ ! ତାହଙ୍କ ପ୍ରତିଜ୍ଞାନୁଯାୟୀ ସେ ଆଦମ ଓ ହବାଙ୍କର ପ୍ରତ୍ୟେକ ଅଭାବ ପୂରଣ କରିଥିଲେ ।

୧) ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କଲେ । "ଆଉ ସଦାପ୍ରଭୁ ପରମେଶ୍ୱର ପୂର୍ବ ଦିଗସ୍ଥ ଏଦନରେ ଏକ ଉଦ୍ୟାନ ପ୍ରସ୍ତୁତ କରି ସେଠାରେ ସୁନିର୍ମିତ ମନୁଷ୍ୟଙ୍କୁ ରଖିଲେ" (ଆଦି ୨:୮)।

୨) ମନୁଷ୍ୟର ନିଃସଙ୍ଗତା ପୂରଣ କରିବା ନିମନ୍ତେ ତାହା ପାଇଁ ଏକ ସଙ୍ଗୀ ସୃଜିଲେ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା" (ଆଦି ୨:୧୮)

ଆଉ ସ୍ତ୍ରୀ ନିମନ୍ତେ ତ ପୁରୁଷର ସୃଷ୍ଟି ହେଲା ନାହିଁ; କିନ୍ତୁ ପୁରୁଷ ନିମନ୍ତେ ସ୍ତ୍ରୀର ସୃଷ୍ଟି ହେଲା (୧ କରିନ୍ଥୀ ୧୧:୯)। ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ..... ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା (ଏଫିସୀ ୫:୨୩) । ପୁରୁଷକୁ ସାହାଯ୍ୟ କରିବା ନିମନ୍ତେ ସ୍ତ୍ରୀ ସୃଷ୍ଟି ହୋଇଥିଲା। "ଏ ମୋହର ଅସ୍ଥିର ଅସ୍ଥି ଓ ମାଂସର ମାଂସ" ବୋଲି କହିବାରେ ଆଦମଙ୍କ ହବାଙ୍କ ପ୍ରତି ଥିବା ମନୋଭାବ ଜାଣିପାରୁ। ଈଶ୍ୱର ଭକ୍ତ ପ୍ରତ୍ୟେକ ମନୁଷ୍ୟ ଆପଣା ଆପଣା ସ୍ତ୍ରୀକୁ ସେହିପରି ଭାବେ ଗ୍ରହଣ କରିବା ଉଚିତ (ଏଫିସୀ ୫:୨୫-୩୧)।

୩) "ସଦାପ୍ରଭୁ ପରମେଶ୍ୱର ସେହି ଭୂମିରୁ ନାନା ଜାତୀୟ ସୁଦୃଶ୍ୟ ଓ ସୁଖାଦ୍ୟ ବୃକ୍ଷ, ପୁଣି ସେହି ଉଦ୍ୟାନର ମଧ୍ୟ ସ୍ଥାନରେ ଅମୃତ ବୃକ୍ଷ ଓ ସଦସତ୍ ଜ୍ଞାନଦାୟକ ବୃକ୍ଷ ଉତ୍ପନ୍ନ କଲେ" (ଆଦି ୨:୯)। ଆମ୍ଭମାନଙ୍କର ପ୍ରତ୍ୟେକ ଶାରିରୀକ ଅଭାବ ସେ ପୂରଣ କରନ୍ତି ।

୪) ଆମର ଆଦିପିତା-ମାତା ଆଦମ ଓ ହବା ଦୈବିକ ସହଭାଗିତାର ସୌଭାଗ୍ୟ ପାଇ ପାରିଥିଲେ ।

୫) ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ କର୍ମ ଯୋଗାଇ ଦେଇଥିଲେ । "ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ" (ଆଦି ୨:୧୫) । ଏହି ବାକ୍ୟ ଦ୍ୱାରା ମନୁଷ୍ୟ କର୍ମ କରୁ ବୋଲି ସଦାପ୍ରଭୁ ମଧ୍ୟ ଇଚ୍ଛା କରନ୍ତି, ତାହା ଜାଣିପାରୁ । ନିର୍ଲଜ ଓ ଆଳସ୍ୟପ୍ରିୟ ଲୋକେ ଅନେକ ପ୍ରକାରେ ଦୁଷ୍ଟ ଅଭିଳାଷର ଦାସ ହୁଅନ୍ତି (୧ମ ତୀମଥି-୫:୧୩)। ".......... ନିଜ ନିଜ ହାତରେ କାର୍ଯ୍ୟ କରିବାକୁ ମର୍ଯ୍ୟାଦାର ବିଷୟ ମନେ କର" (୧ମ ଥେସ ୪:୧୧)। ".......... ଯେକେହି କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ସେ ଭୋଜନ ମଧ୍ୟ ନ କରୁ" (୨ୟ ଥେସ ୩:୧୦)। କର୍ମରେ ନିଯୁକ୍ତ ହୋଇ ରହିବା ଈଶ୍ୱର ଦତ୍ତ ଆଶୀର୍ବାଦ ।

୬) ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ ପାଳନ କରିବା ନିମନ୍ତେ ଗୋଟିଏ ଆଜ୍ଞା ଦେଇଥିଲେ । "ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ

କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦ୍‌ସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ, ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ" (ଆଦି ୨:୧୬,୧୭)। ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାର ଶକ୍ତି ଓ ଈଶ୍ୱରଙ୍କ ଆଜ୍ଞାବହ ହେବାର ବିବେକ ବ୍ୟତିତ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ସଦୃଶ୍ୟ ହୋଇଥାନ୍ତା । ଈଶ୍ୱରଙ୍କ ଅନାଜ୍ଞାବହ ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁ ଭୋଗିବେ; ଆଉ ସେହି ମୃତ୍ୟୁ ଆତ୍ମିକ ମୃତ୍ୟୁ ଅଟେ ।

## ଈଶ୍ୱରଙ୍କ ଆଜ୍ଞା ଅତିକ୍ରମ କରି ହବା ଶୟତାନର ଅଧିନ ହେଲା

ଆୟୁବ ୧:୭ ପଦ ଓ ୧ମ ପିତର ୫:୮ ପଦନୁଯାୟୀ ଶୟତାନ ପୃଥିବୀରେ ଏଣେତେଣେ ଭ୍ରମଣ ଓ ତହିଁ ମଧ୍ୟରେ ଗମନାଗମନ କରୁଥିବା ବ୍ୟକ୍ତି । ଶୟତାନ ଦୁଇ ପ୍ରକାର ଭାବେ ହବାକୁ ଆପଣା ଅଧିନ କରି ପାରିଥିଲା ।

୧) "ସେ ନାରୀଙ୍କି କହିଲା, ଆଗୋ, ଏ କି ସତ୍ୟ, ଉଦ୍ୟାନର କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?" (ଆଦି ୩:୧) । ପରମେଶ୍ୱରଙ୍କ ଆଜ୍ଞା ଅବଜ୍ଞା କରିବାର ଫଳ କଅଣ ତାହା ଶୟତାନ ହବାକୁ ନ ବୁଝାଇ, ତାହା ଅବଜ୍ଞା କରିବା ଦ୍ୱାରା ସୁଖ ମିଳିବାର ମିଥ୍ୟା ପ୍ରତିଜ୍ଞା କରିଥିଲା । ସେହି ପୁରାକାଳରୁ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ମନୁଷ୍ୟ କ୍ଷଣିକ ସୁଖର ଅଭିଳାଷି ହୋଇ ଶୟତାନର ଦାସ ହୋଇଅଛି ।

୨) ପରମେଶ୍ୱରଙ୍କ ଆଜ୍ଞା ଅବଜ୍ଞା କରିବା ନିମନ୍ତେ ଶୟତାନ ହବାକୁ ଉତ୍ସାହିତ କଲା । ହବା ଶୟତାନର ମନ୍ଦ ପ୍ରେରଣା ଫଳରେ ଈଶ୍ୱର ନିଷେଧିତ ଫଳ ଆଗେ ଖାଇ ତା'ପରେ ଆପଣା ସ୍ୱାମୀଙ୍କୁ ଖୁଆଇଲେ (ଆଦି ୩:୩-୬)। ସେ ନିଜେ ଫଳ ଖାଇ ପାପ କଲେ ଓ ଆପଣା ସ୍ୱାମୀଙ୍କର ଈଶ୍ୱରଙ୍କ ଆଜ୍ଞା ଅବଜ୍ଞା କରିବାର କାରଣ ହେଲେ (ଆଦି ୩:୬) । ସେ ପରମେଶ୍ୱରଙ୍କ ଆଜ୍ଞା ଅବଜ୍ଞା ଦ୍ୱାରା ପାପ କରି ଶୟତାନକୁ ନିନ୍ଦା କରିବା ବିଷୟରେ ଆମ୍ଭେମାନେ ଆଦି ୩:୧୩ ରେ ପଢ଼ିପାରୁ । ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ଏହି ତିନୋଟି ମାଧ୍ୟମ ଦ୍ୱାରା ଶୟତାନ ହବାକୁ ଆପଣା ଅଧିନ

କଲା (୧ମ ଯୋହନ ୨:୧୫-୧୭)।

## ଆଦମ ଓ ହବାଙ୍କର ପାପର ଫଳ

୧) ସଦାପ୍ରଭୁ ପରମେଶ୍ୱର ଆପଣା ମନୋରମ ଏଦନ ଉଦ୍ୟାନରୁ ସେମାନଙ୍କୁ ବାହାର କରି ଦେଲେ (ଆଦି ୩:୨୨-୨୪)।

୨) ପରମେଶ୍ୱର ଆଦମ ଓ ହବାଙ୍କୁ "ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର" ବୋଲି ଆଶୀର୍ବାଦ କରିଥିଲେ। ହବାଙ୍କର ପାପ ଫଳରେ ସେହି ଆଶୀର୍ବାଦରେ ପ୍ରସବ ବେଦନା ରୂପ ବ୍ୟଥା ଯୋଗ ହେଲା (ଆଦି ୧:୨୮ ଏବଂ ୩:୧୬)।

୩) ମନୁଷ୍ୟର ପାପ ଫଳରେ ଭୂମି ଶାପଗ୍ରସ୍ତ ହେଲା। ତହିଁରେ କଂଟା ଓ ଗୋଖରା ଗଛ ଜାତ ହେଲା (ଆଦି ୩:୧୭, ୧୮)।

୪) "ତୁମ୍ଭେ ଯେଉଁ ମୃତ୍ତିକାରୁ ଗୃହୀତ ହେଲ, ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର ଝାଳରେ ଆହାର କରିବ" (ଆଦି ୩:୧୯) ବୋଲି ସଦାପ୍ରଭୁ ପୁରୁଷକୁ ଶାପ ଦେଲେ। ଏଦନ ଉଦ୍ୟାନରେ ପରମେଶ୍ୱର ମନୁଷ୍ୟକୁ କୃଷିକର୍ମ ଓ ଚାଷ କରିବା ନିମନ୍ତେ ନିଯୁକ୍ତ କରିଥିଲେ, କିନ୍ତୁ ପାପ ଫଳରେ ମନୁଷ୍ୟ କଷ୍ଟ କରି ଆହାର ଉତ୍ପାଦନ କରିବାକୁ ଶ୍ରାପିତ ହେଲା।

୫) "ତୁମ୍ଭେ ଧୂଳି ଓ ଧୂଳିରେ ପୁନର୍ବାର ମିଶିଯିବ" (ଆଦି ୩:୧୯) ବୋଲି ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ ଅଭିଶାପ ଦେଲେ। ଆଦମ ଓ ହବାଙ୍କ ପାପ ଫଳରେ ଏହି ଶାରୀରିକ ମରଣ ସମସ୍ତ ମନୁଷ୍ୟ ଜାତି ଉପରେ ଆସିଲା। ଯେ କୌଣସି ବ୍ୟକ୍ତି ପ୍ରକୃତ ଆତ୍ମିକ ଜୀବନ ଯାପନ କରେ, ସେ ଶାରୀରିକ ମୃତ୍ୟୁ ଭୋଗିଲେ ହେଁ ତାହାର ଆତ୍ମା ସଦାପ୍ରଭୁଙ୍କ ନିକଟରେ ନିତ୍ୟଜୀବି ହୋଇ ରହିଥାଏ।

## ଜୀବନ ସମସ୍ୟା

୧) ଜନ୍ମ (ଆଦି ୪:୧) । କୟିନର ଜନ୍ମରେ ହବା କହିଲେ,

"ସଦାପ୍ରଭୁଙ୍କ ସାହାଯ୍ୟରେ ମୋର ଏକ ନର ଲାଭ ହୋଇ ଅଛି ।" ପୃଥିବୀରେ ପ୍ରଥମ ଶିଶୁର ଜନ୍ମରେ ଆଦିପିତା-ମାତା କେତେ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଥିବେ । ଏହିପରି ଆଶ୍ଚର୍ଯ୍ୟ କର୍ମ କେବଳ ଈଶ୍ୱରଙ୍କ ଜ୍ଞାନ ଦ୍ୱାରା ସାଧ୍ୟ ।

୨) ପାପର ବେତନ ମୃତ୍ୟୁ । ମରଣର ନିଷ୍ଠୁର ସତ୍ୟ ଆଦିପିତା-ମାତା ଆପଣା ଦ୍ୱିତୀୟ ପୁତ୍ରର ମୃତ୍ୟୁରେ ଋଝି ପାରିଥିଲେ (ଆଦି ୪:୮) । କୟିନ ଈର୍ଷାରେ ଆପଣା ଭାଇ ହେବଲକୁ ବଧ କଲା । ହେବଲଙ୍କ ମରଣ ଦ୍ୱାରା ପାପର ଫଳ କେତେ ତିକ୍ତ ସେମାନେ ଅନୁଭବ କରି ପାରିଥିଲେ । ତାହା କେବଳ ସେମାନଙ୍କ ପାପର ଫଳ ।

୩) ପାପର ପରିଣାମ କେବଳ ଦୁଃଖ, କଷ୍ଟ ଓ ଭୟ ବୋଲି ଆଦିପିତା ମାତା ଜାଣି ପାରିଥିଲେ । ଆଦି ୩:୧୦ ପଦରେ ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ଛାମୁରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ ବୋଲି ଲେଖାଯାଏ (ଗୀ.ସଂ ୫୧:୧୩, ୭୩:୧୯; ୩୮:୧୮) । ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଆନନ୍ଦଦାୟକ କିନ୍ତୁ ଲଂଘନ କରିବା ଦୁଃଖଦାୟକ ।

## ପରମେଶ୍ୱରଙ୍କ ଦ୍ୱାରା ପରିତ୍ରାଣର ପ୍ରତିଜ୍ଞା

୧) ସ୍ତ୍ରୀ ଦ୍ୱାରା ଜଗତରେ ପାପ ପ୍ରବେଶ କଲା । ସ୍ତ୍ରୀ ଗର୍ଭରୁ ପରିତ୍ରାଣ କର୍ତ୍ତା ଜନ୍ମିଲେ । ଶୟତାନ ଦ୍ୱାରା ମନୁଷ୍ୟ ଓ ପରମେଶ୍ୱରଙ୍କ ମଧ୍ୟରେ ବୈରିଭାବ ଆସିଲା (ଆଦି ୩:୧୫) । ସ୍ତ୍ରୀ ଗର୍ଭଜାତ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଜଗତର ପାପ ମୋଚନ ନିମନ୍ତେ ଶାରୀରିକ ମୃତ୍ୟୁ ଭୋଗିଲେ । ସମାଧିରୁ ସଜୀବ ହୋଇ ଶୟତାନର ମସ୍ତକକୁ ଆଘାତ କରି ମୃତ୍ୟୁର ନାହୁଡ଼ ଭାଙ୍ଗିଲେ । ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରନ୍ତି ସେମାନେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ।

୨) ସୃଷ୍ଟି, ପତନ ଓ ବିମୋଚନ ଏହା ବାଇବଲର ସାରାଂଶ । ଏହା ଏକ ସୁନ୍ଦର ପ୍ରେମ କାହାଣୀ । ଏହା ହେଉଛି ପଥଭ୍ରଷ୍ଟ ସନ୍ତାନମାନଙ୍କୁ ପୁନଃଉଦ୍ଧାର କରିବାର ଏକ ସୁନ୍ଦର ଯୋଜନା । ଏଦନ ଉଦ୍ୟାନରେ ହରାଇ

ଥିବା ଜୀବନବୃକ୍ଷର ଫଳ ଆମ୍ଭେମାନେ କେବଳ ପାରଦୀଶରେ ଖାଇପାରିବା (ପ୍ରକାଶିତ ୨:୭)। ପାରଦୀଶରେ ମରଣ, ଦୁଃଖ, ଅଶ୍ରୁ ଆଉ ରହିବ ନାହିଁ। ଯେପରି ଲେଖାଯାଏ, "ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦ ଏହା କହିବାର ଶୁଣିଲି, ଦେଖ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ, ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ; ମୃତ୍ୟୁ ଆଉ ଘଟିବ ନାହିଁ; ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ; କାରଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି" (୨୧:୩-୪)।

## ୨. ସାରା

**(Sarah-Wife of the world's most honoured man)**

ଅବ୍ରହାମ, ଏହି ଜଗତର ସର୍ବୋତ୍ତମ ସମ୍ମାନର ଅଧିକାରୀ । ସେ ପ୍ରଭୁ ଯୀଶୁଖ୍ରୀଙ୍କଠାରୁ ଉନ୍ନତ ବ୍ୟକ୍ତି ବୋଲି ଏହାର ଭାବ ନୁହେଁ । ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଗ୍ରହଣ ନ କରିବା ଅନେକ ଗୋଷ୍ଠୀ ଅବ୍ରହାମଙ୍କୁ ଆପଣା ଆଦିପିତା ରୂପେ ସ୍ୱୀକାର କରନ୍ତି । ଖ୍ରୀଷ୍ଟିୟାନ, ଯିହୁଦୀ ଓ ମୁସଲମାନ ମତାଲମ୍ବୀମାନେ ଆଦିପିତା ଅବ୍ରହାମଙ୍କର ସମ୍ମାନ କରନ୍ତି । ଖ୍ରୀଷ୍ଟିୟାନମାନେ ତାହାଙ୍କୁ ଆତ୍ମିକ ପିତା (ଗାଲାତୀ ୩:୨୯), ଯିହୁଦୀମାନେ ତାହାଙ୍କୁ ଆପଣା ଜାତିର ପିତା ଓ ମୁସଲମାନମାନେ ଅବ୍ରାହାମଙ୍କ ପୁତ୍ର ଇଶ୍ମାୟେଲଙ୍କୁ ଆପଣା ଆଦିପିତା ରୂପେ ସମ୍ମାନ କରନ୍ତି । ତେଣୁକରି କାଳ କାଳରୁ ସମ୍ମାନିତ ବ୍ୟକ୍ତି ଅବ୍ରହାମ । ସେହିପରି ସମ୍ମାନିତ ବ୍ୟକ୍ତିଙ୍କ ଭାର୍ଯ୍ୟା ସାରା ।

ଅବ୍ରହାମ ଓ ସାରା ମୂର୍ତ୍ତି ପୂଜାରେ ପରିପୂର୍ଣ୍ଣ କଲଦୀୟମାନଙ୍କ ଊର ନାମକ ନଗରର ନିବାସୀ । ଅବ୍ରହାମଙ୍କ ପିତା ତେରହ ମୂର୍ତ୍ତି ପୂଜକ ହେଲେ ସୁଦ୍ଧା ଅବ୍ରହାମ ଜୀବିତ ପରମେଶ୍ୱରଙ୍କ ଭକ୍ତ ଥିଲେ । ତେଣୁକରି ସଦାପ୍ରଭୁ ପରମେଶ୍ୱର ଅବ୍ରହାମଙ୍କୁ ସେହି ଊର ନଗର ପରିତ୍ୟାଗ କରି ସେ ଯେଉଁ ଦେଶ ତାହାଙ୍କୁ ଦେଖାଇବେ ସେହି ଦେଶକୁ ଯିବା ନିମନ୍ତେ ଆଦେଶ ଦେଲେ (ଆଦି ୧୨:୧-୩) ।

ଆପଣା ଦେଶ, ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି ଅଜଣା ଓ ଅଦେଖା ଦେଶକୁ ଯିବା ନିମନ୍ତେ ସାରା ଇଚ୍ଛୁକ ହେଲେ । ତାହାଙ୍କର ଏହି ବିଶ୍ୱାସ ଓ ଆଜ୍ଞାବହତାର ଗୁଣ ହେତୁ ସ୍ତ୍ରୀମାନଙ୍କ ମଧ୍ୟରେ ପ୍ରଥମ ବିଶ୍ୱାସିନୀ ସ୍ତ୍ରୀ ରୂପେ ଉଲ୍ଲେଖିତ ହୋଇ ଅଛନ୍ତି । ଆଦିମାତା ହବାଙ୍କ ସଦୃଶ୍ୟ ସାରା ଈଶ୍ୱରଙ୍କ ଆଜ୍ଞା ଅବଜ୍ଞା କରି ନ ଥିଲେ କିମ୍ବା ଆପଣା ସ୍ୱାମୀଙ୍କୁ ମଧ୍ୟ ଈଶ୍ୱରଙ୍କ ଅବଜ୍ଞା କରିବା ନିମନ୍ତେ ଉତ୍ସାହିତ କରି ନ ଥିଲେ; କିଅବା ଆୟୁବ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ବେଳେ ତାହାଙ୍କ ସ୍ତ୍ରୀ ତାହାଙ୍କୁ ନିରୁତ୍ସାହିତ କରିବା ପରି ସାରା ଅବ୍ରହାମଙ୍କୁ ନିରୁତ୍ସାହିତ କରି ନ ଥିଲେ । ଏବ୍ରୀ ପତ୍ରକର୍ତ୍ତା ଏପରି ଲେଖନ୍ତି, "ବିଶ୍ୱାସ ଦ୍ୱାରା ସାରା ନିଜେ ମଧ୍ୟ ପ୍ରତିଜ୍ଞାକାରୀଙ୍କୁ ବିଶ୍ୱସ୍ତ ଜ୍ଞାନ

କରି ଗତବୟସ୍କା ହେଲେହେଁ ଜାତିର ଆଦିମାତା ହେବାକୁ ଶକ୍ତି ପ୍ରାପ୍ତ ହେଲେ” (ଏବ୍ରୀ ୧୧:୧୧) ।

‘ବିଶ୍ୱାସ’ର ଅର୍ଥ କଅଣ ? “ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ” (ରୋମୀୟ ୧୦:୧୬) । ତେଣୁକରି ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି ତାହାର ଆଜ୍ଞାବହ ହେବା ହିଁ ‘ବିଶ୍ୱାସ’ ବୋଲି ଜାଣି ପାରିଲୁ । ତାହାଙ୍କ ପ୍ରତିଜ୍ଞା ସବୁ ହୃଦୟ ପୂର୍ବକ ବିଶ୍ୱାସ କରିବା ଦ୍ୱାରା ଆମ୍ଭେମାନେ ଶାନ୍ତି ଓ ଭରସା ପାଇ ପାରୁ । କେବଳ ଈଶ୍ୱରଙ୍କଠାରେ ବିଶ୍ୱାସ ଯଥେଷ୍ଟ ନୁହେଁ, ଏହା ସାଙ୍ଗକୁ ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ଆମ୍ଭେମାନେ ବିଶ୍ୱାସ କରିବା ଆବଶ୍ୟକ (ଯୋହନ ୮:୨୪) । ଅବ୍ରହାମ ଓ ସାରା ମୂର୍ତ୍ତିପୂଜାରେ ପରିପୂର୍ଣ୍ଣ ଦେଶଠାରୁ ଈଶ୍ୱର ଦେଖାଉଥିବା ଦେଶକୁ ବିଶ୍ୱାସରେ ଆଜ୍ଞାବହ ହୋଇ ପ୍ରସ୍ଥାନ କରିବା ନିମନ୍ତେ ପ୍ରସ୍ତୁତ ହେଲେ (୨ କରିନ୍ଥୀ ୬:୧୭-୧୮)।

ନୂତନ ନିୟମରେ ସାରାଙ୍କର ଦୁଇଟି ଗୁଣ ଉପରେ ବିଶେଷ ପ୍ରାଧାନ୍ୟତା ଦିଆଯାଇଅଛି । ଯଥା:- ପ୍ରଥମରେ, ସାରାଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ଦ୍ୱିତୀୟରେ, ତାହାଙ୍କ ସ୍ୱାମୀ ଅବ୍ରହାମଙ୍କ ବଶୀଭୂତା ହେବା । ଯେପରି ଲେଖାଯାଏ, “ସେହିପରି, ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ....କାରଣ ପୂର୍ବକାଳରେ ସାଧ୍ୱୀ ସ୍ତ୍ରୀମାନେ ମଧ୍ୟ ଈଶ୍ୱରଙ୍କଠାରେ ଭରସା ରଖି ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୋଇ ଏହି ପ୍ରକାରେ ଆପଣା ଆପଣାକୁ ଭୂଷିତା କରୁଥିଲେ । ସେହିପରି ସାରା ଅବ୍ରହାମଙ୍କୁ ପ୍ରଭୁ ବୋଲି କହି ତାହାଙ୍କର ଆଜ୍ଞାବହ ହେଲେ; ତୁମ୍ଭେମାନେ ଯଦି କୌଣସି ଭୟରେ ଭୀତ ନ ହୋଇ ସଦାଚରଣ କର, ତେବେ ତୁମ୍ଭେମାନେ ହିଁ ତାହାଙ୍କର ସନ୍ତାନ” (୧ମ ପିତର ୩:୧-୬) । ସ୍ୱାମୀ ଉପରେ ଅଧୀପତ୍ୟ କରିବା ନିମନ୍ତେ ସ୍ତ୍ରୀ ସୃଷ୍ଟି ନ ହୋଇ, ତାହାଙ୍କ ସାହାଯ୍ୟକାରୀ ହେବା ନିମନ୍ତେ ସୃଷ୍ଟି ହୋଇଅଛି ।

ସାରା ବିଶ୍ୱାସିନୀ ସ୍ତ୍ରୀ ହେଲେ ହେଁ, ସଂପୂର୍ଣ୍ଣ ସିଦ୍ଧତା ପ୍ରାପ୍ତ ହୋଇ ନଥିଲେ । ଦୁର୍ଭିକ୍ଷର ଭାର ଅତିଶୟ ହେବା ବେଳେ ସେମାନଙ୍କୁ ମିସର ଦେଶକୁ ଯିବାକୁ ପଡ଼ିଲା । ମିସରଦେଶରେ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ ଅବ୍ରହାମ

ଆପଣା ଭାର୍ଯ୍ୟା ସାରାଙ୍କୁ କହିଲେ, "ଶୁଣ, ତୁମ୍ଭେ ଦେଖିବାକୁ ସୁନ୍ଦରୀ, ତାହା ମୁଁ ଜାଣେ । ଏଣୁକରି ମିସର ଦେଶୀୟ ଲୋକମାନେ ତୁମ୍ଭକୁ ଦେଖି ମୋହର ଭାର୍ଯ୍ୟା ବୋଲି ଜାଣିଲେ, ମୋତେ ବଧ କରି ତୁମ୍ଭକୁ ଜୀବିତା ରଖିବେ । ଏହେତୁ ମୁଁ ବିନୟ କରୁଅଛି, ତୁମ୍ଭେ ମୋହର ଭଉଣୀ, ଏହା କହିବ; ତହିଁରେ ତୁମ୍ଭ ସକାଶେ ମୋହର ମଙ୍ଗଳ ହେବ ଓ ତୁମ୍ଭ ହେତୁରୁ ମୋ' ପ୍ରାଣ ରକ୍ଷା ପାଇବ" (ଆଦି ୧୨:୧୦-୨୦) । ଭୟ ସକାଶେ ସେମାନେ ରାଜା ନିକଟରେ ମିଥ୍ୟା କହି ପାପ କଲେ । ଯୀଶୁଖ୍ରୀଷ୍ଟଙ୍କ କୃଶୀୟ ମରଣ ପୂର୍ବରୁ ମଧ୍ୟ ତାହାଙ୍କ ଶିଷ୍ୟମାନେ ଅଳ୍ପକ୍ଷଣ ନିମନ୍ତେ ତାହାଙ୍କୁ ତ୍ୟାଗ କରି ଭୟରେ ପଳାୟନ କରିଥିଲେ । କିନ୍ତୁ କିଛି ସମୟ ପରେ ସାହସ ଓ ଧୈର୍ଯ୍ୟ ସହକାରେ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ମରଣ ଭୋଗିବା ଶ୍ରେଷ୍ଠତର ବିଷୟ ବୋଲି ବୁଝି ପାରିଲେ ।

ପୁତ୍ର ପ୍ରାପ୍ତିର ଆଶା ସାରାଙ୍କ ବିଶ୍ୱାସଙ୍କୁ ଦୁର୍ବଳ କରିଥିଲା । ସାରା ସୌନ୍ଦର୍ଯ୍ୟବତୀ, ଧନବତୀ, ପ୍ରଖ୍ୟାତ ବ୍ୟକ୍ତିଙ୍କର ସ୍ତ୍ରୀ ଓ ଆପଣା ସ୍ୱାମୀଙ୍କ ଦ୍ୱାରା ଆଦରଣୀୟା ହେଲେ ହେଁ ବନ୍ଧ୍ୟା ହୋଇଥିବାରୁ ସୁଖୀ ନ ଥିଲେ । ଅବ୍ରାହମଙ୍କ ସନ୍ତାନ ଲାଭର ଈଶ୍ୱରଙ୍କ ପ୍ରତିଜ୍ଞା ଥିଲେ ହେଁ, ସାରା ବୟସ୍କା ହୋଇଥିବାରୁ ଅବିଶ୍ୱାସରେ ହାଗାରକୁ ଅବ୍ରହାମଙ୍କ ସହିତ ବିବାହ କରାଇଲେ । ଏହି ହାଗାର ଏକ ମିସ୍ରୀୟା ସ୍ତ୍ରୀ ଥିଲେ ଓ ତାହା ଦ୍ୱାରା ସନ୍ତାନ ଲାଭ କରି ପାରିବେ ବୋଲି ସାରା ଆଶା କଲେ । ହାଗାର ଗର୍ଭବତୀ ହେବାପରେ ସେ ସାରାକୁ ତୁଚ୍ଛଜ୍ଞାନ କରିବାରୁ ସାରା ଓ ହାଗାର ମଧ୍ୟରେ ଘୋର ବିବାଦ ଘଟିଲା । ଆଉ ହାଗାର ଓ ଇଶ୍ମାୟେଲ ପ୍ରାନ୍ତରକୁ ପଳାଇଲେ (ଆଦି ୧୬:୧-୬) ।

ତିନୋଟି ଦେବଦୂତ ଆସି ସାରାଙ୍କ ଦ୍ୱାରା ଅବ୍ରହାମ ସନ୍ତାନ ପ୍ରାପ୍ତ ହେବେ ବୋଲି କହିବାରୁ ସାରା ବିଶ୍ୱାସ ନ କରି ସନ୍ଦେହ କଲେ (ଆଦି ୧୮:୯-୧୫) । ତାହାଙ୍କ ବୃଦ୍ଧାବସ୍ଥା ହେତୁ ସେହି ପ୍ରତିଜ୍ଞାକୁ ଅବିଶ୍ୱାସ କରି ସନ୍ଦେହରେ ହସିଲେ । ଏହା ଈଶ୍ୱରଙ୍କ ପ୍ରତିଜ୍ଞାରେ କେବଳ ଅବିଶ୍ୱାସ ମାତ୍ର ନୁହେଁ, କିନ୍ତୁ ପ୍ରତିଜ୍ଞାକାରୀ ପରମେଶ୍ୱରଙ୍କ ପକ୍ଷେ ସମସ୍ତ ବିଷୟ ସାଧ୍ୟ ବୋଲି ସେ ଭୁଲି ଯାଇଥିଲେ । ତେଣୁକରି ଦେବଦୂତ ସାରାଙ୍କ ପ୍ରତି କ୍ରୋଧ ହେଲେ । ସଦାପ୍ରଭୁ ପରମେଶ୍ୱରଙ୍କ ଅସାଧ୍ୟ କଅଣ ଅଛି ? ନିରୂପିତ ସମୟରେ ସାରା ଗର୍ଭବତୀ ହେଲେ ।

ଅବ୍ରହାମ ଓ ସାରା ଅତିଥ୍ୟପ୍ରିୟ ଥିଲେ । ସେମାନେ ଅଜ୍ଞାତ ସାରରେ ଦୂତମାନଙ୍କୁ ଆତିଥ୍ୟସତ୍କାର କରିଥିଲେ (ଏବ୍ରୀ ୧୩:୨) । କୁଣ୍ଠିତ ନ ହୋଇ ପରସ୍ପର ଆତିଥ୍ୟ କରିବା ନିମନ୍ତେ ପିତର ଉତ୍ସାହିତ କରନ୍ତି (୧ମ ପିତର ୪:୯) । "ସାଧୁମାନଙ୍କ ଅଭାବ ମୋଚନ କର, ଆତିଥ୍ୟ ସତ୍କାରରେ ବ୍ରତୀ ହୁଅ" ବୋଲି ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି (ରୋମୀୟ ୧୨:୧୩)। ଅତିଥି ସତ୍କାରରେ ସ୍ତ୍ରୀର ପ୍ରଧାନ ଭାଗ ରହିଅଛି । ଏହା ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ହେଁ ଆଜିର ଯୁଗରେ ଲୋକେ ଏହି ଆଜ୍ଞା ଅବହେଳା କରୁଅଛନ୍ତି । ଅବ୍ରହାମ ଓ ସାରା ଆପଣା ଆପଣା ବିଶ୍ୱାସ ଦ୍ୱାରା ସଦାପ୍ରଭୁଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହୋଇ ଅନ୍ୟମାନଙ୍କ ଆଶୀର୍ବାଦର ଆକର ହୋଇଥିଲେ ।

ସାରା ଇସହାକଙ୍କୁ ଜନ୍ମ ଦେଇ ଅତି ଉନ୍ନତ ସମ୍ମାନର ଅଧିକାରୀ ହୋଇପାରି ଅଛନ୍ତି । ଇସହାକଙ୍କ ବଂଶରୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜନ୍ମିଲେ । ତାହାଙ୍କ ଦ୍ୱାରା ଏହି ଜଗତ ଆଶୀର୍ବାଦ ପ୍ରାପ୍ତ ହେଲା । ବୃଦ୍ଧ ବୟସ୍କମାନେ ମଧ୍ୟ ଈଶ୍ୱରଙ୍କ ପ୍ରିୟ । ଶଲୋମନଙ୍କ ଭାଷାରେ, "ପକ୍ୱକେଶ ଶୋଭାଜନକ ମୁକୁଟ, ତାହା ଧର୍ମପଥରେ ପ୍ରାପ୍ତ ହୁଏ" (ହିତୋ ୧୬:୩୧)। ଇଲୀହୂଙ୍କ ଅନୁଯାୟୀ ପ୍ରତ୍ୟେକ ବୃଦ୍ଧ ବୟସ୍କ ଓ ପକ୍ୱକେଶ ଈଶ୍ୱରଙ୍କ ପ୍ରିୟ ନୁହନ୍ତି । କିନ୍ତୁ ଯେଉଁମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରି ତାହାଙ୍କ ପଥରେ ଚାଲନ୍ତି ସେମାନେ ଈଶ୍ୱରଙ୍କ ପ୍ରିୟପାତ୍ର ଅଟନ୍ତି । କାଲେବ ପଂଚାଅଶୀ ବର୍ଷ ବୟସ୍କ ବୃଦ୍ଧ ହେଲେ ହେଁ ସଦାପ୍ରଭୁଙ୍କ ନିମନ୍ତେ ଯୁଦ୍ଧ କରିବା ପାଇଁ ଆଗେଇ ଆସିଥିଲେ । ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ କାଲେବଙ୍କ ସଦୃଶ୍ୟ ସାହାସୀ, ଶୁଦ୍ଧ ଓ ଧୈର୍ଯ୍ୟବାନ ବ୍ୟକ୍ତିମାନଙ୍କ ଆବଶ୍ୟକତା ଅଛି । ବୃଦ୍ଧ ବୟସ୍କ ଲୋକେ ଜୀବନର ସବୁ ଖଟାମିଠା ଚାଖି ଥାନ୍ତି । ତେଣୁ ସେମାନେ ଯୁବା ମନୁଷ୍ୟମାନଙ୍କୁ ଠିକ୍ ପଥରେ ଚାଲିବା ନିମନ୍ତେ ପ୍ରେରଣା ଦେଇ ପାରିବେ । ଏହିପରି ଲୋକମାନଙ୍କ ଦ୍ୱାରା ଜଗତରେ ଅନେକ ମଙ୍ଗଳ ସାଧନ ହେଉଅଛି । ଯୌବନବସ୍ଥାରେ ମନୁଷ୍ୟର ଚଂଚଳ ମନ ଥାଏ, କିନ୍ତୁ ବୟସ ଅଧିକ ହେବା ସଙ୍ଗେ ସଙ୍ଗେ ସେହି ଚଂଚଳ ମନ ନ ଥାଏ । ତେଣୁକରି ଏହିପରି ବୟୋବୃଦ୍ଧ ଲୋକମାନଙ୍କୁ ଈଶ୍ୱର ଆପଣା କାର୍ଯ୍ୟ ନିମନ୍ତେ ଆବଶ୍ୟକ କରନ୍ତି ।

(12)

ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଆସିଲେ । ସେ ପ୍ରଥମ ବ୍ୟବସ୍ଥା ଅର୍ଥାତ୍ ମୋଶାଙ୍କ ବ୍ୟବସ୍ଥା ସଫଳ କରି ଦ୍ୱିତୀୟ ବ୍ୟବସ୍ଥା (ଅର୍ଥାତ୍ ଖ୍ରୀଷ୍ଟଙ୍କ ବ୍ୟବସ୍ଥା) ସ୍ଥାପନ କରିଥିଲେ । ମୋଶାଙ୍କ ବ୍ୟବସ୍ଥା ଖ୍ରୀଷ୍ଟଙ୍କର ଆଗମନ ପର୍ଯ୍ୟନ୍ତ ଈଶ୍ୱରଙ୍କ ପ୍ରଜାମାନଙ୍କ ଓ ମୂର୍ତ୍ତିପୂଜକମାନଙ୍କ ନିମନ୍ତେ ଏକ ଶିକ୍ଷକ ରୂପେ ହୋଇଥିଲା । ତତ୍କାଳୀନ ମୋଶାଙ୍କ ବ୍ୟବସ୍ଥା ଖ୍ରୀଷ୍ଟଙ୍କ କ୍ରୁଶୀୟ ମରଣ ଦ୍ୱାରା ଲୋପ ପାଇଲା । ଆମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ଅର୍ଥାତ୍ ନୂତନ ନିୟମର ଅଧିନ ଅଟୁଁ ।

## ୩. ଲୋଟଙ୍କ ଭାର୍ଯ୍ୟା

**(Lot's wife - A Warning Against Disobedience)**

**ସ**ଦୋମ ଓ ହମୋରା ନଗର ଗୁଡ଼ିକର ପାପ ଅତିଶୟ ଗୁରୁତର ହେବାରୁ ସଦାପ୍ରଭୁ ସେହି ନଗରଗୁଡ଼ିକୁ ବିନଷ୍ଟ କରିବା ନିମନ୍ତେ ସଂକଳ୍ପ କଲେ । ବିନଷ୍ଟ କରିବା ପୂର୍ବରୁ ଧାର୍ମିକ ଲୋଟଙ୍କୁ ଆପଣା ଭାର୍ଯ୍ୟା ଓ ଦୁଇ କନ୍ୟା ସହିତ ସଦୋମନଗର ପରିତ୍ୟାଗ କରି ନିରାପଦ ସ୍ଥାନକୁ ପଳାଇଯିବା ନିମନ୍ତେ ଆଜ୍ଞା ଦେଲେ । ଈଶ୍ୱରଙ୍କ ଦୂତ ଲୋଟଙ୍କୁ କହିଲେ, "ପ୍ରାଣରକ୍ଷା ନିମନ୍ତେ ପଳାଅ; ପଛଆଡ଼କୁ ଦୃଷ୍ଟିକର ନାହିଁ ଓ ଏହି ସମସ୍ତ ପ୍ରାନ୍ତର ମଧ୍ୟରେ ହେଁ ରୁହ ନାହିଁ; ପର୍ବତକୁ ପଳାଇ ଯାଅ; ନୋହିଲେ ବିନଷ୍ଟ ହେବ" (ଆଦି ୧୯:୧୭) । "ସେହି ସମୟରେ ଲୋଟଙ୍କ ଭାର୍ଯ୍ୟା ପଛଆଡ଼କୁ ଅନାଇବାରୁ ସେ ଲବଣସ୍ତମ୍ଭ ହେଲା" (ଆଦି ୧୯:୨୬) ।

ବାଇବଲରେ ଏହା ଏକ ସୁପରିଚିତ କାହାଣୀ ତଥାପି ଅନେକଙ୍କ ଏହି କାହାଣୀ ବିଷୟରେ ବିଭିନ୍ନ ଅଭିପ୍ରାୟ ରହିଅଛି । "ଲୋଟଙ୍କ ସ୍ତ୍ରୀର କଥା ସ୍ମରଣ କର" ବୋଲି ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଥିଲେ । ଅନାଜ୍ଞାବହତା ତାହାଙ୍କର ପାପ । ଈଶ୍ୱର ଆମ୍ଭମାନଙ୍କ ଆଜ୍ଞାବହତା ଲୋଡ଼ନ୍ତି । ସେ ଆମ୍ଭମାନଙ୍କର ଆଜ୍ଞାବହତା କାହିଁକି ଲୋଡ଼ନ୍ତି ? ଆମ୍ଭେମାନେ ତାହାଙ୍କର ପ୍ରତିମୂର୍ତ୍ତିରେ ସୃଜିତ । ଭଲ ଓ ମନ୍ଦର ପାର୍ଥକ୍ୟ ବୁଝି, ମନ୍ଦ ପରିତ୍ୟାଗ କରି ଭଲ ଗ୍ରହଣ କରିବାର ଶକ୍ତି କେବଳ ମନୁଷ୍ୟମାନଙ୍କର ଅଛି । ଆମ୍ଭମାନଙ୍କ ଜୀବନକୁ ସୁଖୀ ଓ ସରଳ ଭାବେ ବିତାଇବା ନିମନ୍ତେ ଈଶ୍ୱର ଆମ୍ଭମାନଙ୍କୁ କେତୋଟି ଆଜ୍ଞା ଦେଇ ଅଛନ୍ତି । ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଦତ୍ତ ହୋଇଅଛି । ସେହି ଆଜ୍ଞାଗୁଡ଼ିକ ଆମ୍ଭେମାନେ ପାଳନ କରିବାରେ ତାହାଙ୍କ ସନ୍ତୋଷ ପାତ୍ର ହୋଇପାରୁଁ । ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ପାଳନ ନ କରିବା ବ୍ୟକ୍ତି ଆପଣା ଜୀବନରେ କେବଳ ଦୁଃଖ କଷ୍ଟ ଓ ଶେଷରେ ଆତ୍ମିକ ମରଣ ଲଭିବ । ତାହା କେତେ ଭୟଙ୍କର ବିଷୟ । ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଇହଲୋକରେ ତଥା ପରଲୋକରେ ମଧ୍ୟ ଈଶ୍ୱରଙ୍କ ପ୍ରିୟ ପାତ୍ର ହୋଇ ପାରିବା ।

## ଆଜ୍ଞାବହତା କାହିଁକି ଆବଶ୍ୟକ ?

ସ୍ୱର୍ଗରେ ସଦା ସର୍ବଦା ଆମ୍ଭମାନେ ଈଶ୍ୱରଙ୍କ ଉପାସନା କରିବା । ତେଣୁକରି ଏହି ଜୀବନରେ ତାହାଙ୍କ ଆଜ୍ଞାବହତାର ଜୀବନ ଯାପନ କରିବା ଆବଶ୍ୟକ (ପ୍ରକା ୭:୧୫; ୨୨:୪) । ଈଶ୍ୱରଙ୍କ ଆଜ୍ଞା ପାଳନ ନ କରିବାର ଅର୍ଥ ଶୟତାନର ଇଚ୍ଛା ପାଳନ କରିବା (ରୋମୀ ୬:୧୬-୧୮) ।

ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "........ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ" (ଏବ୍ରୀ ୫:୮) । ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ହେଲେ ହେଁ ସେ ଭୋଗିଥିବା ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କରିଥିବାରୁ ଆମ୍ଭେମାନେ ମଧ୍ୟ ତାହା ଶିଖିବା ଆବଶ୍ୟକ । ମନୁଷ୍ୟଙ୍କୁ ଆଜ୍ଞାବହତା ଶିଖାଇବା ନିମନ୍ତେ ସେ କେତୋଟି ନିୟମ ସ୍ଥାପନ କରି ଅଛନ୍ତି । ଆଜ୍ଞା ପାଳନକାରୀମାନଙ୍କ ନିମନ୍ତେ ଇହଲୋକ ଓ ପରଲୋକରେ ନିତ୍ୟ ଆନନ୍ଦ ଏବଂ ଈଶ୍ୱରଙ୍କ ଆଜ୍ଞା ପାଳନ ନ କରିବା ଲୋକମାନଙ୍କ ନିମନ୍ତେ ବିନାଶ ଓ ନିତ୍ୟନରକ ଅଛି । ସ୍ୱର୍ଗ ଦୂତଗଣ ପାପ କଲା ବେଳେ ମଧ୍ୟ ସେମାନଙ୍କୁ ଈଶ୍ୱର ଦଣ୍ଡ ଦେଇଥିଲେ । ଲେଖାଯାଏ, ".............. ଈଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି ନରକରେ ନିକ୍ଷେପ କରି ବିଚାର ନିମନ୍ତେ ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି" (୨ୟ ପିତର ୨:୪-୬) । ନୋହଙ୍କ ସମୟରେ ଆଜ୍ଞାବହ ସନ୍ତାନ ଓ ସଦୋମ ହମୋରା ନଗରଗୁଡ଼ିକର ବିନାଶ ସମୟରେ ଲୋଟଙ୍କ ରକ୍ଷା ପାଇବାର ଦୃଷ୍ଟାନ୍ତଗୁଡ଼ିକରୁ ଆଜ୍ଞାବହତାର ଫଳ ଆମ୍ଭେମାନେ ଜାଣିପାରୁ । ଆମ୍ଭେମାନେ ଧର୍ମପରାୟଣ ଜୀବନ ଯାପନ କରୁ ବୋଲି ଈଶ୍ୱର କାହିଁକି ଲୋଡ଼ନ୍ତି ? ପାପ ସମସ୍ତ ଦୁଃଖର କାରଣ । ଧର୍ମପରାୟଣ ଜୀବନ ବ୍ୟତିତ ମନୁଷ୍ୟ ବ୍ୟକ୍ତିଗତ ଜୀବନରେ ତଥା ସାମାଜିକ ଜୀବନରେ ସୁଖୀ ହୋଇ ପାରିବ ନାହିଁ । ଧର୍ମପରାୟଣତା ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ନିୟମଗୁଡ଼ିକ ପାଳନ କରି ତାହାଙ୍କୁ ଅନୁସରଣ କରିବା ଆବଶ୍ୟକ ।

ଈଶ୍ୱରଙ୍କ ବାକ୍ୟ କହେ, "ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା" (୧ କରିନ୍ଥୀ ୧୦:୧୧) । ଉପର ଲିଖିତ କାରଣ ଗୁଡ଼ିକରୁ ଆମ୍ଭେମାନେ ଈଶ୍ୱରଙ୍କ ନିୟମାଧିନ ହୋଇ ରହିବାରେ ଆମ୍ଭର ମଙ୍ଗଳ ବୋଲି ଜାଣି ପାରିଲୁ ।

## ମତ ସମ୍ବନ୍ଧୀୟ ପାପଗୁଡ଼ିକ

୧) କୟିନ ଓ ହେବଲଙ୍କୁ ପଶୁବଳି ଦେବାର ଆଜ୍ଞା ଦିଆ ଯାଇଥିଲା । କିନ୍ତୁ କୟିନ ପଶୁବଳି ନ ଦେଇ ଆପଣା ଭୂମ୍ୟୁତ୍ପନ୍ନ ଶସ୍ୟ ଅର୍ପଣ କରିବା ଦ୍ୱାରା ଈଶ୍ୱରଙ୍କ ଆଜ୍ଞା ଅବଜ୍ଞା କରି ଦୋଷୀ ରୂପେ ଗଣିତ ହେଲେ ।

୨) ଆମ୍ଭେମାନେ ଏବେ ନୂତନ ନିୟମର ସମୟରେ ଥିବାରୁ ମୋଶାଙ୍କ ବ୍ୟବସ୍ଥାନୁଯାୟୀ ବିଶ୍ରାମବାର ପାଳନ କରିବା ଆବଶ୍ୟକ ନାହିଁ । ଏହା ମତ ସମ୍ବନ୍ଧୀୟ ପାପ ।

୩) "ଯେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇନାହିଁ" (୨ ଯୋହନ ୯) ।

୪) ଈଶ୍ୱରଙ୍କ ବାକ୍ୟରେ ଯୋଗ ବା ବିଯୋଗ କରିବା ଦ୍ୱାରା ଆମ୍ଭେମାନେ ପାପୀ ରୂପେ ଗଣିତ ହୋଇଥାଉଁ । ଈଶ୍ୱରଙ୍କ ବାକ୍ୟ କହେ, "ଅତଏବ ଯେ ସତ୍କର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ" (ଯାକୁବ ୪:୧୭) ।

ଈଶ୍ୱରଙ୍କ ଆଜ୍ଞା ଗୁଡ଼ିକ ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ଆବଶ୍ୟକ । ଅମାଲେକୀୟମାନଙ୍କୁ ସମ୍ପୂର୍ଣ୍ଣ ରୂପେ ନାଶ କରିବା ନିମନ୍ତେ ସଦାପ୍ରଭୁ ରାଜା ଶାଉଲକୁ ଆଦେଶ ଦେଲେ । କିନ୍ତୁ ଶାଉଲ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ କରିବା ପାଇଁ ବିନାଶାର୍ଥେ ବର୍ଜିତ ଦ୍ରବ୍ୟରୁ ଲୁଟ ରୂପେ ଉତ୍ତମ ମେଷ ଓ ଗୋରୁ ନେଲେ । ଈଶ୍ୱର ସେହିପରି ବଳି ଅଗ୍ରାହ୍ୟ କଲେ (୧ମ ଶାମୁୟେଲ ୧୫:୧-୨୪) ।

## ଅନାଜ୍ଞାବହତାର କେତୋଟି କାରଣ

ଈଶ୍ୱରଙ୍କ ବାକ୍ୟର ଅଜ୍ଞାନତା, ବିଦ୍ରୋହତା, ଶରୀରର ଅଭିଳାଷ, କୁସଂସର୍ଗ, କଠୋର ହୃଦୟ, ଧାର୍ମିକ ଜୀବନ ଯାପନ କରିବାର ଭୟ ଆଦି ଈଶ୍ୱରଙ୍କ ଆଜ୍ଞା ପାଳନ ନ କରିବାର କେତୋଟି କାରଣ । ଆଉ କେତେକ ଈଶ୍ୱରଙ୍କ ବାକ୍ୟ ସବୁ ଜାଣି ମଧ୍ୟ ଅବହେଳା କରନ୍ତି ।

(16)

ଲୋଟଙ୍କ ଭାର୍ଯ୍ୟାଙ୍କର ଜାଗତିକ ଅଭିଳାଷ ଈଶ୍ୱରଙ୍କ ଆଜ୍ଞା ପାଳନ ନ କରିବାର କାରଣ । ସେ ଈଶ୍ୱରଙ୍କ ଆଜ୍ଞା ପାଳନ ନ କରି ପଛକୁ ସଦୋମ ଆଡେ ଚାହିଁଲେ, ଆଉ ତତ୍‌କ୍ଷଣାତ୍ ଲବଣସ୍ତମ୍ଭ ହୋଇ ନିତ୍ୟ ଆନନ୍ଦରୁ ବଂଚିତ ହେଲେ । ଈଶ୍ୱର ଆମ୍ଭମାନଙ୍କଠାରେ ଆଜ୍ଞାବହତା ଲୋଡ଼ନ୍ତି ।

···· ❖ ····

# ୪. ରିବିକା

**(Rebekah- Who lost what she loved most)**

ଅବ୍ରହାମଙ୍କ ପୁତ୍ର ଇସହାକ ଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ ଅବିବାହିତ ଥିଲେ । ଅବ୍ରହାମ ବାସ କରୁଥିବା କିଣାଣ ଦେଶର ବିଜାତୀୟା କନ୍ୟାଗଣ ମଧ୍ୟରୁ ଆପଣା ନିମନ୍ତେ ପୁତ୍ରବଧୂ କରିବା ନିମନ୍ତେ ଇଚ୍ଛୁକ ନୋହିଲେ । ତେଣୁକରି ଆପଣା ସ୍ୱଜନଙ୍କ ମଧ୍ୟରୁ କୌଣସି କନ୍ୟା ନେଇ ଆସିବା ନିମନ୍ତେ ସେ ଆପଣା ଦାସ ଇଲିୟାଜରଙ୍କୁ ପଠାଇଲେ (ଆଦି ୨୪:୧-୯) । ଅବ୍ରହାମଙ୍କ ଦାସ ଆପଣା ପ୍ରଭୁଙ୍କୁ ଦେଇଥିବା ପ୍ରତିଜ୍ଞା ଅନୁସାରେ ଯାତ୍ରା ଆରମ୍ଭ କଲେ । ପ୍ରାର୍ଥନା ଦ୍ୱାରା ଅବ୍ରହାମଙ୍କ ଜ୍ଞାତିମାନଙ୍କ ମଧ୍ୟରୁ ରିବିକା ନାମ୍ନୀ କନ୍ୟାର ସନ୍ଧାନ ପାଇଲେ ।

୧) ରିବିକା ପରମସୁନ୍ଦରୀ ଓ ଅବିବାହିତା ଆଉ କୌଣସି ପୁରୁଷର ଉପଭୁକ୍ତା ନ ଥିଲେ (ଆଦି ୨୪:୧୬) । ସେ ଇସହାକଙ୍କ ନିମନ୍ତେ ଉପଯୁକ୍ତ କନ୍ୟା ଥିଲେ । ସେ ଶାରିରୀକ ସୌନ୍ଦର୍ଯ୍ୟ ସହିତ ଆନ୍ତରିକ ସୌନ୍ଦର୍ଯ୍ୟରେ ଭୁଷିତା ଥିଲେ ।

୨) (ଆଦି ୨୪:୧୮-୨୦) - ଅବ୍ରହାମଙ୍କ ଦାସଙ୍କୁ ସେ ଜଳପାନ କରନ୍ତୁ ବୋଲି କହି ଶୀଘ୍ର କଳଶ ହାତରୁ ଓହ୍ଲାଇ ତାହାଙ୍କୁ ପାନ କରିବାକୁ ଦେଲେ, ତା'ପରେ ତାହାଙ୍କ ଓଟମାନଙ୍କୁ ମଧ୍ୟ ଜଳପାନ କରାଇଲେ । ଇଲିୟାଜର ଆଶା କରିବାଠାରୁ ଅଧିକ ଭାବେ ରିବିକା ତାହାକୁ ସାହାଯ୍ୟ କରିଥିଲେ । ଏହି ଘଟଣାରୁ ରିବିକାଙ୍କର ଆତିଥ୍ୟ, ଦୟା ଓ କରୁଣାର ସ୍ୱଭାବ ପ୍ରକାଶ ପାଏ ।

୩) ରିବିକା ଆଳସ୍ୟପ୍ରିୟା ନ ହୋଇ ଜଣେ ବିଦେଶୀୟ ନିମନ୍ତେ କଷ୍ଟ କରି ତାହାଙ୍କୁ ସାହାଯ୍ୟ କଲେ । ଲେଖାଯାଏ, "ତହିଁରେ ସେ ଶୀଘ୍ର କୁଣ୍ଡରେ କଳଶରୁ ଜଳ ଢ଼ାଳି ପୁନଶ୍ଚ ଜଳ କାଢ଼ିବା ପାଇଁ କୂପ ନିକଟକୁ ଧାଇଁଯାଇ ସମସ୍ତ ଓଟ ନିମନ୍ତେ ଜଳ କାଢ଼ିଲା" (ଆଦି ୨୪:୨୦) ।

୪) ରିବିକା ଏକ ଆଗ୍ରହୀ ଓ ଉତ୍ସାହପୂର୍ଣ୍ଣ ଯୁବତୀ ଥିଲେ । ସେ ଆଗ୍ରହ

ଓ ଉତ୍ସାହ ସହିତ ଧାଇଁଯାଇ ଇଲିୟାଜର ଓ ତାହାଙ୍କ ଓଟମାନଙ୍କୁ ଜଳପାନ କରାଇଲେ; ଧାଇଁଯାଇ ତାହାଙ୍କ ବିଷୟ ଆପଣା ପିତାମାତାଙ୍କୁ ଜଣାଇଲେ ତଥା ଆପଣା ସ୍ୱାମୀ ଇସହାକଙ୍କୁ ସାକ୍ଷାତ୍ କରିବା ନିମନ୍ତେ ସେ ତତ୍ପର ବାହାରି ପଡ଼ିଲେ ।

୫) ନିର୍ଣ୍ଣୟ କରିବାରେ ସେ ନିର୍ଭିକ ଯୁବତୀ ଥିଲେ । ଇଲିୟାଜରଙ୍କ ଯାତ୍ରାର ଉଦ୍ଦେଶ୍ୟ ଓ ଈଶ୍ୱର ତାଙ୍କୁ ରିବିକାଙ୍କ ନିକଟକୁ କଢ଼ାଇ ନେଇ ଥିବାର ଘଟଣା ଶୁଣି, ତାହାଙ୍କ ପରିବାର ରିବିକାକୁ ଡ଼ାକି କହିଲେ, ତୁମ୍ଭେ କି ଏହି ମନୁଷ୍ୟ ସଙ୍ଗରେ ଯିବ ? ବୋଲି ପଚାରି ତାହାଙ୍କ ଉତ୍ତର ନିମନ୍ତେ ସମସ୍ତେ ଅପେକ୍ଷା କଲେ ।

୬) "ତହୁଁ ସେ କହିଲା, ଯିବି ।" ରିବିକା ନିର୍ଭିକଭାବେ ଆପଣା ନିଶ୍ଚୟତା ପ୍ରକାଶ କରିଥିଲେ । ଆପଣା ଦେଶ, ଜ୍ଞାତି ତ୍ୟାଗକରି ଏକ ଅଜଣା, ଅଦେଖା ଦେଶ ଓ ବ୍ୟକ୍ତି ନିକଟକୁ ଯିବା ନିମନ୍ତେ ସେ ଇଚ୍ଛୁକ ହେଲେ । ଇଲିୟାଜରଙ୍କ କଥିତ ବିବରଣ ସେ ବିଶ୍ୱାସ କରି, ସେ ସେହିସବୁ ଘଟଣା ଈଶ୍ୱରଙ୍କ ଦ୍ୱାରା ହେଉଅଛି ବୋଲି ଗ୍ରହଣ କରି ସେ ଆପଣା ନିଶ୍ଚୟତା ପ୍ରକାଶ କରିଥିଲେ । "ଈଶ୍ୱର ଯାହା ସଂଯୁକ୍ତ କରି ଅଛନ୍ତି, ମନୁଷ୍ୟ ତାହା ଭିନ୍ନ ନ କରୁ" (ମାଥିଉ ୧୯:୬) ।

## ଈଶ୍ୱରଙ୍କ ପ୍ରତିଜ୍ଞା

ରିବିକା ଇଲିୟାଜରଙ୍କ ସହିତ କିଣାନଦେଶକୁ ପ୍ରସ୍ଥାନ କଲେ । ସନ୍ଧ୍ୟାସମୟରେ ଧ୍ୟାନ କରିବା ପାଇଁ ଇସହାକ କ୍ଷେତ୍ରକୁ ଯାଇଥିଲେ । ରିବିକା ତାହାଙ୍କୁ ଦୂରରୁ ଦେଖି ଇଲିୟାଜରଙ୍କ ଦ୍ୱାରା ସେ ଇସହାକ ବୋଲି ଜାଣି, ଓଟ ଉପରୁ ଓହ୍ଲାଇ ତାହାଙ୍କ ନିକଟକୁ ଗଲେ । ଇସହାକ ରିବିକାକୁ ଗ୍ରହଣ କରି ଆପଣା ମାତା ସାରାଙ୍କ ତମ୍ବୁକୁ ଘେନି ଯାଇ ତାହାକୁ ବିବାହ କଲେ ଓ ତାହାଙ୍କୁ ପ୍ରେମ କଲେ ଓ ଆପଣା ମାତୃ ମରଣଶୋକରୁ ସାନ୍ତ୍ୱନା ପାଇଲେ (ଆଦି ୨୪:୬୭) । ସେମାନଙ୍କ ବିବାହର କୋଡ଼ିଏ ବର୍ଷ ବିତିଯିବା ପର୍ଯ୍ୟନ୍ତ ସେମାନେ ନିଃସନ୍ତାନ ଥିଲେ । ତହିଁରେ ସେମାନେ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତେ

ରିବିକା ଗର୍ଭବତୀ ହେଲେ । ତାହାଙ୍କ ଗର୍ଭ ମଧ୍ୟରେ ଶିଶୁମାନେ ଛନ୍ଦାଛନ୍ଦି ହେବାରୁ, ମୋହର ଏପରି କାହିଁକି ହେଲା ବୋଲି ସେ ପୁନର୍ବାର ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କଲେ । "ତହିଁରେ ସଦାପ୍ରଭୁ ତାହାଙ୍କୁ କହିଲେ, ତୁମ୍ଭ ଗର୍ଭରେ ଦୁଇ ଗୋଷ୍ଠୀ ଅଛନ୍ତି ଓ ଦୁଇ ଗୋତ୍ର ତୁମ୍ଭ ଉଦରରୁ ବିଭିନ୍ନ ହେବେ; ଏକ ଗୋତ୍ର ଅନ୍ୟ ଗୋତ୍ରଠାରୁ ବଳବାନ ହେବ, ପୁଣି ଜ୍ୟେଷ୍ଠ କନିଷ୍ଠର ସେବା କରିବ" (ଆଦି ୨୫:୨୩) । ପ୍ରସବ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ତାହାର ଗର୍ଭରୁ ଯାଆଁଳା ପୁତ୍ର ଜନ୍ମିଲେ । ଜ୍ୟେଷ୍ଠ ପୁତ୍ର ଏଷୌ ରକ୍ତବର୍ଣ୍ଣ ସର୍ବାଙ୍ଗ ଲୋମଶ ଥିଲେ ଓ ତାହାଙ୍କ ପରେ ଯାକୁବ ଭୂମିଷ୍ଠ ହେଲେ । ବାଳକମାନେ ବଢ଼ିଲା ଉତ୍ତାରେ ଏଷୌ ମୃଗୟାନିପୁଣ ଓ ବନବିହାରୀ ହେଲେ, କିନ୍ତୁ ଯାକୁବ ମୃଦୁମନୁଷ୍ୟ ଓ ତମ୍ବୁବାସୀ ହେଲେ । ଇସହାକ ମୃଗୟା ମାଂସ ଅତି ସୁସ୍ୱାଦ ବୋଧ କରିବାରୁ ଏଷୌକୁ ଭଲ ପାଇଲେ । ମାତ୍ର ରିବିକା ଯାକୁବକୁ ଭଲ ପାଇଲେ । ଜ୍ୟେଷ୍ଠ କନିଷ୍ଠର ଦାସ ହେବାର ଈଶ୍ୱରଙ୍କ ପ୍ରତିଜ୍ଞା ରିବିକା ଭୁଲିଯାଇ, ଆପଣା ପୁତ୍ର ଯାକୁବ ନିମନ୍ତେ ଚିନ୍ତିତ ହୋଇ ଅଧୈର୍ଯ୍ୟ ହେଲେ ।

ଈଶ୍ୱରଙ୍କ ପ୍ରତିଜ୍ଞା ଭୁଲି ଅଧୈର୍ଯ୍ୟ ହୋଇ ଆପଣା ନିଜ ଇଚ୍ଛା ସଫଳ କରିବା ନିମନ୍ତେ କୁକଳ୍ପନା କରିବା ଦ୍ୱାରା ରିବିକା ଆତ୍ମିକ ଜୀବନରେ ପଛେଇ ଗଲେ (ଆଦି ୨୯-୩୪) । ଏଷୌ କ୍ଳାନ୍ତ ଓ କ୍ଷୁଧା ସମୟରେ ରଙ୍ଗାଡ଼ାଲି ନିମନ୍ତେ ଯାକୁବଙ୍କୁ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କଲେ । ପିତୃ ଆଶୀର୍ବାଦ ବିନା ସେହି ଜ୍ୟେଷ୍ଠାଧିକାର ମୂଲ୍ୟ ନାହିଁ ବୋଲି ଜାଣି ରିବିକା ଯାକୁବଙ୍କୁ ଆପଣା ପିତା ଇସହାକଙ୍କୁ ଠକିବା ନିମନ୍ତେ ଉତ୍ସାହିତ କଲେ । ଆପଣା ମାତାଙ୍କ ଆଦେଶ ଅନୁଯାୟୀ ଯାକୁବ ଆପଣା ପିତା ଇସହାକଙ୍କୁ ପ୍ରବଂଚନା କରି ପିତୃ ଆଶୀର୍ବାଦ ପ୍ରାପ୍ତ ହେଲେ (ଆଦି ୨୭:୬-୨୯) । ରିବିକା ଈଶ୍ୱରଙ୍କ ପ୍ରତିଜ୍ଞା ଅବହେଳା କରି ଆପଣା ନିଜ ଇଚ୍ଛାନୁସାରେ କାମ କରିବାରୁ ତାହାଙ୍କ ଗୃହରେ ଶାନ୍ତି, ସନ୍ତୋଷର ଅଭାବ ହେଲା ।

ଏହି ଘଟଣା ଦ୍ୱାରା ରିବିକା ଆପଣା ସ୍ୱାମୀଙ୍କୁ କିପରି ପ୍ରବଂଚନା କରିଥିଲେ ଜାଣି ପାରୁଅଛୁ । ପତିପତ୍ନୀ ମଧ୍ୟରେ ପ୍ରେମ, ଅନୁରାଗ ଗୌରବ ନ ଥିଲେ ସେମାନଙ୍କ ପାରିବାରିକ ଜୀବନ ସୁଖମୟ ହୋଇ ନପାରେ । ବୈବାହିକ

ଜୀବନର ଆରମ୍ଭରେ ରିବିକା ଆପଣା ସ୍ୱାମୀଙ୍କୁ ବହୁତ ପ୍ରେମ କରୁଥିଲେ ସୁଦ୍ଧା, କ୍ରମଶଃ ସେହି ପ୍ରେମ କ୍ଷୀଣ ହୋଇଗଲା । ସାଧାରଣ ଭାବେ କାଳ ଓ ପରିସ୍ଥିତି ସହିତ ମନୁଷ୍ୟର ସ୍ୱଭାବ ମଧ୍ୟ ବଦଳୁ ଥାଏ । କିନ୍ତୁ ଈଶ୍ୱରଙ୍କ ଇଚ୍ଛାନୁସାରେ ଚାଲୁଥିବା ବ୍ୟକ୍ତିମାନେ ବୟସ ସହିତ ସାମାଜିକ ଓ ଆତ୍ମିକ ଭାବେ ବୃଦ୍ଧି ପାଇ ସନ୍ତୋଷମୟ ଜୀବନ ଯାପନ କରନ୍ତି । ଈଶ୍ୱରଙ୍କ ଇଚ୍ଛାନୁସାରେ ନ ଚାଲି ସ୍ୱଇଚ୍ଛାରେ ଚାଲିବା ଦ୍ୱାରା ରୂପବତୀ ଗୁଣବତୀ ରିବିକା ଏକ ପ୍ରବଂଚନାକାରୀ ବୃଦ୍ଧା ସ୍ତ୍ରୀ ରୂପେ ପରିବର୍ତ୍ତିତ ହେଲେ । "ପକ୍ୱକେଶ ଶୋଭାଜନକ ମୁକୁଟ, ତାହା ଧର୍ମ ପଥରେ ପ୍ରାପ୍ତ ହୁଏ" (ହିତୋ ୧୬:୩୧)।

## ରିବିକାଙ୍କ ପାପର ପରିଣାମ

୧) ରିବିକାଙ୍କ ପ୍ରବଂଚନା ଫଳରେ, ଇସହାକ ଭୟରେ ଅତିଶୟ କମ୍ପିତ ହେଲେ (ଆଦି ୨୭:୩୩) ।

୨)ଆପଣା ମାତା ଓ ଭ୍ରାତା ଦ୍ୱାରା ପ୍ରବଂଚିତ ହେବାର ବିଷୟ ଏଷୌ ଜାଣି ଓ ଆପଣା ପିତାର କିଣାଣଦେଶୀୟ କନ୍ୟାମାନଙ୍କ ପ୍ରତି ଅସନ୍ତୋଷ ଥିବାର ଜାଣି ଅବ୍ରାହାମଙ୍କର ପୌତ୍ରୀ ଈଶ୍ମାୟେଲର ପୁତ୍ରୀ ମହଲଦ ନାମ୍ନୀ କନ୍ୟାକୁ ବିବାହ କଲା (ଆଦି ୨୮:୮-୯) ।

୩)ଏହି ପ୍ରବଂଚନା ଫଳରେ ଯାକୁବଙ୍କୁ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା । "ଏହି ପ୍ରକାରେ ଯାକୁବ ଆପଣା ପିତାଠାରୁ ଆଶୀର୍ବାଦ ପାଇବା ହେତୁରୁ ଏଷୌ ତାହା ପ୍ରତି ଈର୍ଷାଭାବ ବହି ମନେ ମନେ ଭାବିଲା, ମୋହର ପିତୃଶୋକ କାଳ ପ୍ରାୟ ଉପସ୍ଥିତ, ତହିଁ ଉତ୍ତାରେ ମୁଁ ଆପଣା ଭ୍ରାତା ଯାକୁବକୁ ବଧ କରିବି । ମାତ୍ର ଜ୍ୟେଷ୍ଠପୁତ୍ର ଏଷୌର ଏ ରୂପ କଥା ରିବିକାର କର୍ଣ୍ଣଗୋଚର ହେଲା; ତହୁଁ ସେ ଲୋକ ପଠାଇ କନିଷ୍ଠ ପୁତ୍ର ଯାକୁବକୁ ଡ଼କାଇ କହିଲା, ଦେଖ, ତୁମର ଭ୍ରାତା ଏଷୌ ତୁମକୁ ବଧ କରିବା ମାନସରେ ଆପଣାକୁ ପ୍ରବୋଧିତ କରୁଅଛି । ଏଣୁକରି, ପୁତ୍ର, ମୋହର କଥା ଶୁଣ; ତୁମ୍ଭେ ହାରଣ ନଗରକୁ ପଳାଇ ମୋହର ଭ୍ରାତା ଲାବନ ନିକଟକୁ ଯାଅ । ପୁଣି ଯେ ପର୍ଯ୍ୟନ୍ତ ତୁମ୍ଭ ଭ୍ରାତାର ପ୍ରଚଣ୍ଡ କ୍ରୋଧ ନିବୃତ୍ତ ନ ହୁଏ, ସେପର୍ଯ୍ୟନ୍ତ କିଛି କାଳ ସେଠାରେ

ଥାଅ; ଅନନ୍ତର ତୁମ୍ଭ ପ୍ରତି ତୁମ୍ଭ ଭ୍ରାତାର କ୍ରୋଧ ନିବୃତ୍ତ ହେଲେ ଓ ତୁମ୍ଭେ ତାହା ପ୍ରତି ଯାହା କରିଅଛ ତାହା ସେ ପାସୋରି ଗଲେ, ମୁଁ ଲୋକ ପଠାଇ ସେଠାରୁ ତୁମ୍ଭକୁ ଅଣାଇବି; ଏକ ଦିନରେ ତୁମ୍ଭ ଦୁଇ ଜଣକୁ କାହିଁକି ହରାଇବି ?" (ଆଦି ୨୭:୪୧-୪୫)।

୪) ରିବିକାଙ୍କ ପାପ ଫଳରେ ସେ ଆପଣା ପ୍ରିୟ ପୁତ୍ରଙ୍କୁ ଅରଣ୍ୟ ମାର୍ଗରେ ପଠାଇ ଦେବାକୁ ପଡ଼ିଲା । ଯାକୁବ ତାହାଙ୍କ ପ୍ରିୟ ପୁତ୍ର ହେଲେ ହେଁ, ତାହାଙ୍କୁ ସେ ପୁନର୍ବାର ଦେଖି ପାରିଲେ ନାହିଁ । ଈଶ୍ୱରଙ୍କ ଇଚ୍ଛା ସାଧନ ନ କରି, ସ୍ୱଇଚ୍ଛା ସାଧନ କରିବା ଲୋକମାନେ ଏହିପରି ଦୁଃଖ, କଷ୍ଟ, ଅସନ୍ତୋଷର ଭାଗୀ ହୁଅନ୍ତି ।

ରିବିକା ଯାକୁବଙ୍କୁ ପାପ କରିବା ନିମନ୍ତେ ଉତ୍ସାହିତ କଲେ । ଯାକୁବ ଆପଣାର ସମସ୍ତ ନିର୍ଣ୍ଣୟ ନିମନ୍ତେ ଈଶ୍ୱରଙ୍କ ଉପରେ ନିର୍ଭର ନକରି ଆପଣା ମାତା ଉପରେ ନିର୍ଭର କଲେ । ରିବିକା ତାହାକୁ ସତ୍ୟ ଉପଦେଶ ନ ଦେଇ, ମିଥ୍ୟା ମାର୍ଗରେ ଚାଲିବା ନିମନ୍ତେ ପ୍ରେରଣା ଦେଲେ । ରିବିକା ସଦୃଶ୍ୟ ଆମ୍ଭେମାନେ ଆପଣା ସନ୍ତାନମାନଙ୍କୁ ମିଥ୍ୟା, ପ୍ରବଂଚନା ଶିକ୍ଷା ନ ଦେଇ, ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ନିମନ୍ତେ ଶିକ୍ଷା ଦେବା ଆବଶ୍ୟକ । ଯାକୁବ ଦୁଃଖ, ବେଦନା ସହିତ ଆପଣା ଗୃହ, ପିତାମାତା ପରିତ୍ୟାଗ କରି, ଏକାକୀ ଅଦେଖା ଅଜଣା ଦେଶକୁ ଯାତ୍ରା ଆରମ୍ଭ କଲେ । ବେଦନା ଗ୍ରସ୍ତ ଯାକୁବ ଏକାକୀ ଅରଣ୍ୟରେ ଈଶ୍ୱରଙ୍କ ସାନ୍ନିଧ୍ୟ ଲୋଡ଼ିଲେ, ତାହାଙ୍କ ଅନୁଗାମୀ ହେବା ନିମନ୍ତେ ଦୃଢ଼ ସଂକଳ୍ପ କଲେ । ସେହି ଅରଣ୍ୟରେ ଏକ ପ୍ରସ୍ତର ନେଇ ମସ୍ତକ ତଳେ ଦେଇ ଶୟନ କଲେ । ସେ ଈଶ୍ୱରଙ୍କ ଶରଣାପନ୍ନ ହୋଇ ମଙ୍ଗଳ ପାଇଲେ । ରିବିକାଙ୍କୁ ଦୁଃଖ, ବେଦନା ଓ ଅସନ୍ତୋଷ ମିଳିଲା । ଯାକୁବ ଈଶ୍ୱରଙ୍କୁ ଅନୁସରଣ କରିବା ଫଳରେ ସମସ୍ତ ଆଶୀର୍ବାଦର ଭାଗୀ ହୋଇ ଅନ୍ୟମାନଙ୍କ ଆଶୀର୍ବାଦର କାରଣ ହେଲେ ।

# ୫. ରାହେଲ ଓ ଲେୟା

**(Raehel and Leah entangled in unhappy circumstances)**

ଆପଣା ଭ୍ରାତା ଏଷୌଙ୍କର କ୍ରୋଧରୁ ଦୂରେଇ ଯିବା ନିମନ୍ତେ ଯାକୁବ ଆପଣା ମାତାମହ ବଥୂୟେଲଙ୍କ ନିକଟକୁ ହାରଣ ଯିବାପାଇଁ ଯାତ୍ରା ଆରମ୍ଭ କଲେ । ପଥ ମଧ୍ୟରେ ସୂର୍ଯ୍ୟାସ୍ତ ହେବାରୁ ସେ କୌଣସି ଏକ ସ୍ଥାନରେ ଖଣ୍ଡିଏ ପ୍ରସ୍ତର ନେଇ ମସ୍ତକ ତଳେ ଦେଇ ଶୟନ କଲେ । "ତହିଁରେ ସେ ସ୍ୱପ୍ନଯୋଗେ ପୃଥିବୀର ସ୍ଥାପିତ ଗୋଟିଏ ସୋପାନ ଦେଖିଲା, ତହିଁର ମସ୍ତକ ଗଗନସ୍ପର୍ଶୀ; ପୁଣି ଦେଖ, ତାହା ଦେଇ ପରମେଶ୍ୱରଙ୍କ ଦୂତଗଣ ଆରୋହଣ ଓ ଅବରୋହଣ କରୁ ଅଛନ୍ତି ! ଆଉ ଦେଖ, ସଦାପ୍ରଭୁ ତହିଁ ଉପରେ ଠିଆହୋଇ କହିଲେ; ଆମ୍ଭେ ସଦାପ୍ରଭୁ ତୁମ୍ଭ ପୁର୍ବପୁରୁଷ ଅବ୍ରାହାମର ପରମେଶ୍ୱର ଓ ଇସ୍‌ହାକ୍‌ର ପରମେଶ୍ୱର ଅଟୁ; ତୁମ୍ଭେ ଏହି ଯେଉଁ ଦେଶରେ ଶୟନ କରୁଅଛ, ତାହା ଆମ୍ଭେ ତୁମ୍ଭଙ୍କୁ ଓ ତୁମ୍ଭ ବଂଶକୁ ଦେବା । ତୁମ୍ଭର ବଂଶ ପୃଥିବୀର ଧୂଳିପରି (ଅସଂଖ୍ୟ) ହେବେ, ପୁଣି ତୁମ୍ଭେ ପୂର୍ବ ଓ ପଶ୍ଚିମ ଓ ଉତ୍ତର ଓ ଦକ୍ଷିଣ ଚାରିଆଡ଼େ ବୃଦ୍ଧି ପାଇବ; ପୁଣି ତୁମ୍ଭ ବଂଶଠାରୁ ପୃଥିବୀସ୍ଥ ଯାବତୀୟ ବଂଶ ଆଶୀର୍ବାଦ ପାଇବେ" (ଆଦି ୨୮:୧୨-୧୪) । ଅନନ୍ତର ଯାକୁବ ହାରଣ ନଗରକୁ ଯାଇ ଆପଣା ମାତାମହ ଲାବନଙ୍କ କନ୍ୟା ରାହେଲର ଦେଖାପାଇ, ତାହାକୁ ଚୁମ୍ବନ କରି ଉଚ୍ଚସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ । ତା'ପରେ ସେ ଲାବନଙ୍କ ଗୃହରେ ଏକ ମାସ ରହିଲେ । ତତ୍ପରେ ସେ ଯାକୁବଙ୍କ କନିଷ୍ଠା କନ୍ୟା ରାହେଲକୁ ପ୍ରେମ କରି, ତାହାଙ୍କୁ ବିବାହ କରିବା ନିମନ୍ତେ ସାତବର୍ଷ ଦାସ୍ୟକର୍ମ କରିବା ସର୍ତ୍ତରେ ରାଜି ହେଲେ ।

ରାହେଲ ପ୍ରତି ଯାକୁବଙ୍କ ପ୍ରେମ ଏ ରୂପ ଥିଲା ଯେ, ସେହି ସାତବର୍ଷ ତାହାଙ୍କ ପ୍ରତି କେବଳ ଅଳ୍ପଦିନ ପରି ବୋଧହେଲା । ସମୟ ସମ୍ପୂର୍ଣ୍ଣ ହେବା ପରେ, ଲାବନ ଆପଣା କନିଷ୍ଠା କନ୍ୟା ରାହେଲଙ୍କର ବଦଳେ, ଜ୍ୟେଷ୍ଠା କନ୍ୟା ଲେୟାଙ୍କୁ ଯାକୁବଙ୍କ ଭାର୍ଯ୍ୟାରୂପେ ଦେଲେ (ଆଦି ୨୯:୨୧-୩୦)। ଆଶୀର୍ବାଦ ନିମନ୍ତେ ଆପଣା ଭ୍ରାତାଙ୍କୁ ପ୍ରବଂଚନା କରିଥିବା ଯାକୁବ ଏବେ ଆପଣା ମାତାମହଙ୍କ ଦ୍ୱାରା ପ୍ରବଂଚିତ ହେଲେ । ରାହେଲଙ୍କ ନିମନ୍ତେ ପୁନର୍ବାର

ସାତବର୍ଷ ଦାସ୍ୟକର୍ମ କରିବା ନିମନ୍ତେ ରାଜି ହୋଇ ଯାକୁବ ତାହାକୁ ମଧ୍ୟ ବିବାହ କଲେ । ସେହି ଗୃହରେ ଶାନ୍ତି ଓ ସନ୍ତୋଷର ଅଭାବ ହେଲା ।

ରାହେଲ ଓ ଲେୟା ଏକକୁ ଆରକ ଈର୍ଷା କଲେ । ଯାକୁବ ରାହେଲଙ୍କୁ ଅଧିକ ପ୍ରେମ କରିବାରୁ ଲେୟା ଈର୍ଷା କଲେ ଏବଂ ଲେୟାଙ୍କର ସନ୍ତାନ ଜନ୍ମିବାରୁ ରାହେଲ ତାହାକୁ ଈର୍ଷା କଲେ । ତେଣୁକରି ସେହି ଗୃହରେ ଶାନ୍ତି ସନ୍ତୋଷ ରହିଲା ନାହିଁ । "ଶାନ୍ତ ଅନ୍ତଃକରଣ ଦେହର ଜୀବନ ସ୍ୱରୂପ; ପୁଣି, ଈର୍ଷା ହାଡ଼ର କ୍ଷୟ ସ୍ୱରୂପ" (ହିତୋ ୧୪:୩୦)। ଏହି ଈର୍ଷା ଆତ୍ମିକ ଅବନତିର କାରଣ । ସେହି ସମୟରେ ଦୂଦାଫଳ ଖାଇଲେ ପୁତ୍ରଲାଭ ହେବ ବୋଲି ଲୋକେ ବିଶ୍ୱାସ କରୁଥିଲେ । ଦିନେ ଲେୟାଙ୍କ ଜ୍ୟେଷ୍ଠପୁତ୍ର ରୁବେନ ସେହି ଦୂଦାଫଳ କ୍ଷେତରୁ ଆଣି ଆପଣା ମାତା ଲେୟାଙ୍କୁ ଦେଲା । ପୁତ୍ରଲାଭ ଆଶାରେ ରାହେଲ ସେହି ଫଳ ଲେୟାଙ୍କୁ ମାଗିଲେ । ତହିଁରେ ଲେୟା ଉତ୍ତର ଦେଲେ, "ତୁମ୍ଭେ ମୋ' ସ୍ୱାମୀକି ହରଣ କରିଅଛ, ଏକି ଅଳ୍ପ ବିଷୟ ? ତୁମ୍ଭେ ମୋ' ପୁତ୍ରର ଦୂଦାଫଳ ହିଁ କି ହରଣ କରିବ ?" ତା'ଫଳରେ ସେମାନେ ଏକ ସର୍ତ୍ତରେ ରାଜି ହେଲେ । ଏହିପରି ପରିସ୍ଥିତିର ଗୃହ ଅବସ୍ଥା କିପରି ଥିବ ଆମ୍ଭେମାନେ ଜାଣି ପାରିବା । ଏହିପରି ଈର୍ଷା, ଦ୍ୱେଷ ସହିତ ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହୋଇ ନ ପାରୁ (ଗାଲାତି ୫:୨୧)। "ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମ ବଡ଼ିମା କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ........." (୧ମ କରିନ୍ଥୀ ୧୩:୪-୫) । ଈଶ୍ୱରଙ୍କୁ ପ୍ରେମ କରିବା ପ୍ରଥମ ଆଜ୍ଞା ଓ ଆପଣା ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ଦ୍ୱିତୀୟ ଆଜ୍ଞା । ଏହି ଦୁଇ ଶ୍ରେଷ୍ଠ ଆଜ୍ଞାଗୁଡ଼ିକ ପାଳନକାରୀ ବ୍ୟକ୍ତି ଇହ ଜଗତରେ ଓ ପର ଲୋକରେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହେବ ।

ସୁନ୍ଦରୀ ଓ ରୂପବତୀ ରାହେଲଙ୍କୁ ଯାକୁବ ଅଧିକ ପ୍ରେମ କଲେ । ରାହେଲ ମଧ୍ୟ ଯାକୁବଙ୍କୁ ପ୍ରଗାଢ଼ ପ୍ରେମ କରୁଥିଲେ । କାରଣ ଯାକୁବ ତାହାଙ୍କ ନିମନ୍ତେ ଲାବନଙ୍କ ନିକଟରେ ୫,୧୧୦ ଦିନ ଦାସ୍ୟକର୍ମ କଲେ (ଆଦି ୨୯:୨୦) । ଯାକୁବଙ୍କ ଦ୍ୱାରା ପରମେଶ୍ୱର ଲାବନଙ୍କୁ ଆଶୀର୍ବାଦ କଲେ ।

ଯାକୁବ ଏକ ଧାର୍ମିକ, ନମ୍ର ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ଆପଣାଠାରୁ ଯାକୁବର ପୁତ୍ର ଜନ୍ମ ନ ହେବାର ଦେଖି ରାହେଲ ତାହାଙ୍କୁ କହିଲେ, ମୋତେ ସନ୍ତାନ ଦିଅ, ନୋହିଲେ ମୁଁ ମରିବି । "ତହିଁରେ ରାହେଲ ପ୍ରତି ଯାକୁବର କ୍ରୋଧ ପ୍ରଜ୍ୱଳିତ ହେଲା; ପୁଣି ସେ କହିଲେ, ମୁଁ କ'ଣ ପରମେଶ୍ୱରଙ୍କର ପ୍ରତିନିଧି, ସେ ସିନା ତୁମ୍ଭକୁ ଗର୍ଭଫଳ ଦେଇ ନାହାନ୍ତି" (ଆଦି ୩୧:୩୦-୩୪) । ରାହେଲ ଈଶ୍ୱରଙ୍କ ଠାରେ ଅବିଶ୍ୱାସୀ ହୋଇ ଆପଣା ପିତା ଲାବନଙ୍କ ନିକଟରୁ ଦେବତା ମୂର୍ତ୍ତି ଚୋରି କରିଥିଲେ (ଆଦି ୩୦-୩୪) । ତଦ୍ୱାରା ସେହି ଗୃହରେ ଅଶାନ୍ତି ଓ ବେଦନା ଲାଗି ରହିଲା । ଶେଷରେ ପରମେଶ୍ୱର ରାହେଲଙ୍କୁ ସ୍ମରଣ କଲେ ଓ ସେ ଯୀଶୁଖ୍ରୀଷ୍ଟଙ୍କ ସାଦୃଶ୍ୟର ପୁତ୍ର ଯୋଷେଫଙ୍କୁ ଜନ୍ମ ଦେଲେ (ଆଦି ୩୦:୨୨-୨୪) ।

ଲେୟା କ୍ଷୀଣାକ୍ଷୀ ଓ ରାହେଲଙ୍କ ସଦୃଶ୍ୟ ସୁନ୍ଦରୀ ନ ଥିଲେ । ତେଣୁ ସେ ଯାକୁବଙ୍କୁ ଠାରୁ ଅଧିକ ପ୍ରେମ ପାଇ ପାରି ନ ଥିଲେ । ତାହାଙ୍କ ଜୀବନ ବେଦନା ଓ ଅସନ୍ତୋଷରେ ଭରି ରହିଥିଲା । ସମସ୍ତଙ୍କ ଅନ୍ତଃକରଣ ବୁଝିବା ପରମେଶ୍ୱର ତାହାଙ୍କ ପ୍ରତି ଦୟାବହି ତାହାଙ୍କୁ ଛଅଟି ପୁତ୍ର ଏବଂ ଏକ କନ୍ୟା ଅନୁଗ୍ରହ କଲେ । ସେ ଆପଣା ସ୍ୱାମୀଙ୍କ ଦ୍ୱାରା ଅବହେଳିତ ହେଲେ ସୁଦ୍ଧା ପ୍ରେମ ଓ ଧୈର୍ଯ୍ୟ ସହ ତାହାଙ୍କ ପ୍ରେମର ଅପେକ୍ଷା କଲେ । ଏକ ଉତ୍ତମ ମାତା ରୂପେ ସେ ଆପଣା ସନ୍ତାନମାନଙ୍କୁ ସତ୍‌ଶିକ୍ଷା ଓ ଶୃଙ୍ଖଳାରେ ପ୍ରତି ପାଳନ କରିବା ଦ୍ୱାରା ତାହାଙ୍କ ପୁତ୍ର ଯିହୁଦାଙ୍କ ବଂଶରେ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଏ ଜଗତରେ ଜନ୍ମିଲେ ।

# ୬. ମରୀୟମ

**(Miriam - A woman to remember)**

ଲେବୀ ବଂଶୀୟ ଅମ୍ରମ୍ ଓ ଯାକବେତଙ୍କ ଏକମାତ୍ର ପୌତ୍ରୀଙ୍କ ନାମ ମରୀୟମ । ତାହାଙ୍କ ଦୁଇ ଭାଇଙ୍କ ନାମ ହାରୋଣ ଓ ମୋଶା । ଏମାନଙ୍କ ଜୀବନକାଳରେ ଇସ୍ରାୟେଲୀୟମାନେ ମିସ୍ରୀୟ ଦାସତ୍ୱରୁ ମୁକ୍ତ ହୋଇଥିଲେ । ଏହି ସମୟ ବାଇବଲ ଇତିହାସର ମୁଖ୍ୟ ଘଟଣାଗୁଡ଼ିକ ମଧ୍ୟରେ ଅନ୍ୟତମ । ମରିୟମଙ୍କ ବାଲ୍ୟକାଳଠାରୁ ଈଶ୍ୱରଙ୍କ ପ୍ରତି ଭକ୍ତି, ନମ୍ରତା, ଆଜ୍ଞାବହତା ଓ ଧୈର୍ଯ୍ୟ ପ୍ରଭୃତି ସୁଗୁଣ ଥିଲା ।

ଯୋଷେଫ ମିସରଦେଶର ଏକ ଦାସ ରୂପେ ଆପଣା ଭ୍ରାତାମାନଙ୍କ ଦ୍ୱାରା ବିକ୍ରୀତ ହୋଇଥିଲେ । କିନ୍ତୁ ପରମେଶ୍ୱର ଈଶ୍ୱର ଭକ୍ତ ଓ ବିଶ୍ୱସ୍ତ ଯୋଷେଫଙ୍କୁ ମିସରଦେଶର ଏକ ଉନ୍ନତ ଅଧିକାରର ଅଧିକାରୀ ହେବା ନିମନ୍ତେ ଆଶୀର୍ବାଦ କଲେ । କିଣାନଦେଶର ଭୟଙ୍କର ଦୂର୍ଭିକ୍ଷଠାରୁ ବଂଚାଇବା ନିମନ୍ତେ ଯୋଷେଫ ଆପଣା ପିତୃ ପରିବାର ସମସ୍ତଙ୍କୁ ମିସରକୁ ଅଣାଇଲେ । ଇସ୍ରାୟେଲୀୟ ବଂଶ ମିସରଦେଶରେ ଅତି ବେଗରେ ବୃଦ୍ଧି ପାଇଲେ । ଯୋଷେଫଙ୍କ ମୃତ୍ୟୁ ପରେ ତାହାଙ୍କୁ ଜାଣି ନ ଥିବା କେତେକ ଫାରୋମାନେ ଇସ୍ରାୟେଲୀୟଙ୍କ ଉପରେ ଅତ୍ୟାଚାର କଲେ । ତଥାପି ଇସ୍ରାୟେଲ ବଂଶ ବହୁପ୍ରଜ, ବର୍ଦ୍ଧିଷ୍ଣୁ ଓ ବହୁଗୋଷ୍ଠୀକ ହୋଇ ଅତିଶୟ ପ୍ରବଳ ହେଲେ, ପୁଣି ସେମାନଙ୍କ ଦ୍ୱାରା ଦେଶ ପରିପୂର୍ଣ୍ଣ ହେଲା । ତେଣୁକରି ଫାରୋ ରାଜା ଅତିଶୟ ଉଦ୍‌ବିଗ୍ନ ହୋଇ ନବଜାତ ସମସ୍ତ ପୁତ୍ର ସନ୍ତାନମାନଙ୍କୁ ବଧ କରିବା ପାଇଁ ଏବ୍ରୀୟ ଧାତ୍ରୀମାନଙ୍କୁ ଆଜ୍ଞା ଦେଲେ । ଏହି ସମୟରେ ମୋଶା ଜନ୍ମିଲେ । ତାହାଙ୍କ ମାତା ତାହାଙ୍କୁ ତିନି ମାସ ଯାଏ ଗୋପନରେ ରଖିଲେ । ଆଉ ଗୋପନ କରି ନ ପାରି ଗୋଟିଏ ନଳ ନିର୍ମିତ ପେଡ଼ି ଘେନି ମାଟିଆ ତେଲ ଓ ଝୁଣା ଲେପନ କରି ତହିଁ ମଧ୍ୟରେ ସେହି ବାଳକକୁ ଥୋଇ ନଦୀତୀରସ୍ଥ ନଳବନରେ ରଖିଲେ ଓ ତାହାର ନିକଟରେ ମରୀୟମକୁ ଜଗିଆ ରଖିଲେ । ଫାରୋଙ୍କ କନ୍ୟା ସ୍ନାନ ନିମନ୍ତେ ନଦୀକୁ ଆସନ୍ତେ । ସେ ନଳବନର ପେଡ଼ିର ଶିଶୁକୁ ଦେଖି ଦୟା ବହିଲେ । "ସେତେବେଳେ ମରୀୟମ ତାହାଙ୍କ ନିକଟକୁ ଯାଇ କହିଲେ, ମୁଁ ଯାଇ ଆପଣଙ୍କ ନିମନ୍ତେ ଏହି ବାଳକକୁ ସ୍ତନ୍ୟପାନ କରାଇବା

ପାଇଁ କି ଏବ୍ରୀୟା ସ୍ତ୍ରୀଗଣ ମଧ୍ୟରୁ ଜଣେ ଧାତ୍ରୀ କି ଆଣିବି ? ତହିଁରେ ଫାରୋଙ୍କର କନ୍ୟା କହିଲା, ଯାଅ; ତହୁଁ ସେ ବାଳକର ମାତାକୁ ଡ଼ାକି ଆଣିଲା" । ଏହିପରି ଭାବେ ମୋଶାଙ୍କୁ ଆପଣା ମାତାଙ୍କ ନିକଟରେ ପାଳିତ ହେବାର ସୁଯୋଗ ମିଳିଲା ଏବଂ ଯାକେବେଦଙ୍କୁ ଆପଣା ପୁତ୍ରଙ୍କୁ ଈଶ୍ୱରଙ୍କ ଭୟ ଭକ୍ତିରେ ପାଳନ କରିବାକୁ ସୁଯୋଗ ମିଳିଲା । ମୋଶାଙ୍କ ଜୀବନରେ ତାହାଙ୍କ ଭଗିନୀ ମରୀୟମର ସାହାଯ୍ୟ ପ୍ରଶଂସନୀୟ (ଯାତ୍ରା ୨:୧-୧୦) ।

## ଏକ ଅଧିନାୟିକା ରୂପେ ମରୀୟମ

୧) ପ୍ରତ୍ୟେକ ନବଜାତ ପୁତ୍ର ସନ୍ତାନମାନଙ୍କୁ ନଦୀରେ ନିକ୍ଷେପ କରିବା ଓ ପ୍ରତ୍ୟେକ କନ୍ୟାକୁ ଜୀବିତ ରଖିବା ନିମନ୍ତେ ଫାରୋ ଆଜ୍ଞା ଦେଲେ (ଯାତ୍ରା ୧:୨୨) । ଏହିପରି ରାଜାଙ୍କର ଆଜ୍ଞା ଥିବା ସତ୍ତ୍ୱେ, ଚଉଦ ବର୍ଷୀୟା ବାଳିକା ମରୀୟମ ଆପଣା ଭ୍ରାତା ମୋଶାଙ୍କୁ ଜଗିବାର ଭାର ନେଇଥିଲେ । ତାହାଙ୍କର ଏହି ଧୈର୍ଯ୍ୟର କାମ ତାହାଙ୍କ ଚରିତ୍ର ସ୍ପଷ୍ଟଭାବେ ପ୍ରକାଶ କରେ ।

୨) ବାଲ୍ୟକାଳଠାରୁ ମରୀୟମ ଏକ ବିଶ୍ୱସ୍ତା ବାଳିକା ଥିଲେ । ତେଣୁକରି ତାହାଙ୍କର ପିତାମାତା ଏପରି ଏକ ଗୁରୁତର ଭାର ତାହାଙ୍କ ସ୍କନ୍ଧ ଉପରେ ଥୋଇଥିଲେ ।

୩) ଆପଣା ଭ୍ରାତାଙ୍କ ଧାତ୍ରୀ ହେବା ନିମନ୍ତେ ଆପଣା ମାତାଙ୍କୁ ଆଣିବାରେ ତାହାଙ୍କ କ୍ଷୀପ୍ର ଓ ସୁକ୍ଷ୍ମ ବୁଦ୍ଧିର ପ୍ରକାଶ ପାଏ (ଯାତ୍ରା ୨:୭-୮) ।

ଏହିପରି ଅଧିନାୟିକା ଗୁଣ ବିଶିଷ୍ଟା ମରୀୟମଙ୍କ ବିବାହ ବିଷୟରେ ବାଇବଲରେ ଲେଖାଯାଏ ନାହିଁ । ସେ ଆପଣା ଜୀବନ ଓ ସମୟ ଈଶ୍ୱରଙ୍କ ନିମନ୍ତେ ଅର୍ପିତ କରି ଦେଇଥିଲେ । ତେଣୁକରି ସଦାପ୍ରଭୁ ପରମେଶ୍ୱର ତାହାଙ୍କୁ ଇସ୍ରାୟେଲର ଏକ ଅଧିନାୟିକା ରୂପେ ନିଯୁକ୍ତ କରିଥିଲେ । ଯେପରି ମୀଖା ୬:୪ରେ ଲେଖାଯାଏ "......ଆଉ ତୁମ୍ଭର ଅଗ୍ରସର ହେବା ପାଇଁ ମୋଶା, ହାରୋଣ ଓ ମରୀୟମଙ୍କୁ ପଠାଇଲୁ ।" ପ୍ରେରିତ ପାଉଲଙ୍କ ଅନୁଯାୟୀ "ଅବିବାହିତ ସ୍ତ୍ରୀ ଓ କୁମାରୀ ଶରୀର ଓ ଆତ୍ମାରେ ପବିତ୍ର ହେବା ନିମନ୍ତେ ପ୍ରଭୁଙ୍କ ବିଷୟ ଘେନି ଚିନ୍ତିତ ହୁଅନ୍ତି...." (୧ମ କରିନ୍ଥୀ ୭:୩୪) । ସେହିପରି ମରୀୟମ ମଧ୍ୟ ଆପଣା ସମସ୍ତ ଜୀବନ ଓ ସମୟ ଈଶ୍ୱରଙ୍କ ସେବାରେ ସମର୍ପିତ କରିଥିଲେ ।

ସଦାପ୍ରଭୁ ପରମେଶ୍ୱର ଇସ୍ରାୟେଲୀୟମାନଙ୍କୁ ଆଶ୍ଚର୍ଯ୍ୟ ଭାବେ ସୂଫ ସମୁଦ୍ର ମଧ୍ୟରୁ ଶୁଷ୍କ ପଥରେ ରକ୍ଷା କରିବା ପରେ, ମରୀୟମ ସେହି ଛଅ ଲକ୍ଷ ଜନତା ଆଗରେ ଦାରା ନେଇ ଈଶ୍ୱରଙ୍କ ସ୍ତୁତିଗାନ କଲେ । ତାହାଙ୍କ ପଛେ ପଛେ ଅନ୍ୟ ସ୍ତ୍ରୀ ସକଳ ଦାରା ନେଇ ନୃତ୍ୟ କଲେ (ଯାତ୍ରା ୧୫:୨୦-୨୧)।

ବର୍ତ୍ତମାନ ସମୟରେ ଅବିବାହିତା ତଥା ବିବାହିତା ପ୍ରତ୍ୟେକ ସ୍ତ୍ରୀ ଈଶ୍ୱରଙ୍କ ସେବା କରିବାର ଅନେକ ସୁଯୋଗ ଅଛି । ଲୁଦିଆ ନାମ୍ନୀ ଏକ ସ୍ତ୍ରୀ ବିଷୟରେ ମଧ୍ୟ ଆମ୍ଭେମାନେ ବାଇବଲରେ ପଢ଼ିପାରୁ । ସେ ଜଣେ ବ୍ୟବସାୟୀ ହେଲେ ସୁଦ୍ଧା, ଈଶ୍ୱରଙ୍କ ପ୍ରତି ତାହାଙ୍କ ଭୟ ଭକ୍ତି ଯୋଗୁଁ, ଫିଲିପି ନଗରରେ ଏକ ସୁଦୃଢ଼ ମଣ୍ଡଳୀସ୍ଥାପନର କାରକ ହେଲେ । ସେ ଓ ତାହାଙ୍କ ପରିବାର ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କୁ ଆତିଥ୍ୟ ଓ ଉତ୍ସାହ ଦେବାରେ ସର୍ବଦା ଉତ୍ସୁକ ଥିଲେ । ଲୁଦିଆ ଓ ମରୀୟମ ସଦୃଶ୍ୟ ଆମ୍ଭେମାନେ ମଧ୍ୟ ଈଶ୍ୱରଙ୍କ ସେବାରେ ଅଗ୍ରସର ହେଉ !

## ଈଶ୍ୱରଙ୍କ ଦୃଷ୍ଟିରେ ମରୀୟମ କରିଥିବା ପାପ

ଇସ୍ରାୟେଲୀୟମାନେ ପ୍ରାନ୍ତରରେ ରହିବା ସମୟରେ ମୋଶା ଏକ କୂଶୀୟା ସ୍ତ୍ରୀ କି ବିବାହ କରିଥିଲେ । ଏଣୁ ମରୀୟମ ଓ ହାରୋଣ ସେହି କୂଶୀୟା ସ୍ତ୍ରୀ ସକାଶୁଁ ମୋଶାଙ୍କ ବିରୁଦ୍ଧରେ କଥା କହିଲେ । "ସେମାନେ କହିଲେ, ସଦାପ୍ରଭୁ କି କେବଳ ମୋଶାଙ୍କ ସହିତ କଥା କହିଅଛନ୍ତି ? ସେ କି ଆମ୍ଭମାନଙ୍କ ସହିତ ମଧ୍ୟ କଥା କହି ନାହାନ୍ତି ? ମାତ୍ର ଏକଥା ସଦାପ୍ରଭୁ ଶୁଣିଲେ" (ଗଣନା ୧୨:୧-୨) । ପ୍ରକୃତରେ ମରୀୟମ ମୋଶାଙ୍କ ନେତୃତ୍ୱ ବିରୁଦ୍ଧରେ କହିଥିଲେ । ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ନେତା ରୂପେ ନିଯୁକ୍ତ କରିଥିଲେ । ତେଣୁକରି ତାହାଙ୍କ ନେତୃତ୍ୱର ଅବମାନ କରିବା ଅର୍ଥ ଈଶ୍ୱରଙ୍କ ଇଚ୍ଛାକୁ ଅବମାନ କରିବା । ଈଶ୍ୱର ସର୍ବ ଅନ୍ତର୍ଯ୍ୟାମୀ; ସେ ମରୀୟମଙ୍କର ହୃଦୟ ମଧ୍ୟ ବୁଝି ପାରିଲେ । ମୋଶାଙ୍କ ବିରୁଦ୍ଧାଚରଣ କରିବା ଲୋକମାନଙ୍କ ନେତା ମରୀୟମ ଥିଲେ, ତେଣୁକରି ଈଶ୍ୱରଙ୍କଠାରୁ ଦଣ୍ଡ ମଧ୍ୟ ତାହାଙ୍କ ଉପରେ ବର୍ତ୍ତିଲା (ଗଣନା ୧୨:୮-୧୦) । ଏହି ବିରୁଦ୍ଧାଚରଣ ଈର୍ଷାର ଏକ ପ୍ରତି ରୂପ । ତେବେ ଏ ବିଷୟରେ ମୋଶା କି ପ୍ରକୃତରେ ପାପ କରିଥିଲେ ? "ଏ

ଉତ୍ତାରେ ମୁଁ ଫେରି ସୂର୍ଯ୍ୟ ତଳେ କୃତ ଉପଦ୍ରବ ସବୁ ଦେଖିଲି, ଆଉ ଦେଖ, ଉପଦ୍ରବ ପ୍ରାପ୍ତ ଲୋକମାନଙ୍କର ଅଶ୍ରୁପାତ ହୁଏ ଓ ସେମାନଙ୍କର ସାନ୍ତ୍ୱନାକାରୀ କେହି ନାହିଁ; ପୁଣି ସେମାନଙ୍କ ଉପଦ୍ରବକାରୀମାନଙ୍କ ପକ୍ଷରେ ପରାକ୍ରମ ଅଛି, ମାତ୍ର ଉପଦ୍ରବ ପ୍ରାପ୍ତ ଲୋକମାନଙ୍କର ସାନ୍ତ୍ୱନାକାରୀ କେହି ନାହିଁ" (ଉପଦେଶକ ୪:୧) । ଏହି ପାପ ମରୀୟମଙ୍କ ହୃଦୟରେ ଥିଲା, ଯେହେତୁ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ । ଆପଣା ସମସ୍ତ ଜୀବନ ଈଶ୍ୱରଙ୍କ ସେବାରେ ସମର୍ପିତ କରିଥିବା ମରୀୟମ ଈଶ୍ୱରଙ୍କ ଦୃଷ୍ଟିରେ ଘୋର ପାପ କରି ଈଶ୍ୱରଙ୍କ ଦଣ୍ଡପାତ୍ର ହେଲେ । "ଶାନ୍ତ ଅନ୍ତଃକରଣ ଦେହର ଜୀବନ ସ୍ୱରୂପ, ପୁଣି ଈର୍ଷା ହାଡ଼ର କ୍ଷୟସ୍ୱରୂପ" (ହିତୋ ୧୪:୩୦) । ମୋଶା ଦଣ୍ଡିତ ନ ହୋଇ ଈର୍ଷାପୂର୍ଣ୍ଣ ମରୀୟମ ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ହେଲେ । ଈର୍ଷା ସମସ୍ତ ଅଧଃଗତିର ମୁଖ୍ୟ କାରଣ । ଏହାର ଅନେକ ଉଦାହରଣ ଆମ୍ଭେମାନେ ବାଇବଲରେ ପାଇ ପାରିବା । ସେମାନଙ୍କର ମଧ୍ୟରେ କୟିନ, ଯୋଷେଫଙ୍କ ଭାଇଗଣ, ରାହେଲ ଓ ଲେୟା, ଶାଉଲ, ଇଷେବଲ ଓ ଯୀଶୁଖ୍ରୀଷ୍ଟଙ୍କୁ ଈର୍ଷାରେ କ୍ରୁଶାର୍ପିତ କରିଥିବା ନେତାମାନେ ଅନ୍ୟତମ ।

ପରମେଶ୍ୱରଙ୍କ ନିଯୁକ୍ତ ନେତାଙ୍କ ବିରୁଦ୍ଧାଚରଣ କରିବା ଅର୍ଥ ତାହାଙ୍କ ବିରୁଦ୍ଧାଚରଣ କରିବା । ମୋଶାଙ୍କ ବିରୁଦ୍ଧରେ କଥା କହିବାରୁ ପରମେଶ୍ୱର ହାରୋଣ ଓ ମରୀୟମ ଉପରେ କ୍ରୁଦ୍ଧ ହେଲେ । ପରମେଶ୍ୱର କାହିଁକି ମରିୟମଙ୍କୁ ଏପରି କଠୋର ଦଣ୍ଡ ଦେଲେ ? [ପରମେଶ୍ୱରଙ୍କ ନିଯୁକ୍ତ ନେତାଙ୍କୁ ଅଗ୍ରାହ୍ୟ କରିବା, ପରମେଶ୍ୱରଙ୍କୁ ଅଗ୍ରାହ୍ୟ କରିବା ସହିତ ସମାନ ।] ଇସ୍ରାୟେଲୀୟମାନେ ଶାମୁୟେଲ ଭବିଷ୍ୟତ ବକ୍ତାଙ୍କୁ ଅଗ୍ରାହ୍ୟ କରିବା ବେଳେ, ସଦାପ୍ରଭୁ କହିଲେ, "...... କାରଣ ସେମାନେ କେବଳ ତୁମ୍ଭକୁ ଅଗ୍ରାହ୍ୟ କରି ନାହାନ୍ତି, ମାତ୍ର ଆମ୍ଭେ ଯେମନ୍ତ ସେମାନଙ୍କ ଉପରେ ରାଜା ନୋହିବା, ଏଥିପାଇଁ ସେମାନେ ଆମ୍ଭକୁ ଅଗ୍ରାହ୍ୟ କରି ଅଛନ୍ତି" (ପ୍ରଥମ ଶାମୁୟେଲ ୮:୭) । ସମସ୍ତ ଅଧିକାର ଓ ଆଧିପତ୍ୟ ପରମେଶ୍ୱରଙ୍କଠାରୁ ଆଗତ । ତାହାଙ୍କ ନିଯୁକ୍ତ ଅଧିକାରୀଙ୍କୁ ଅବମାନନା କରିବା, ତାହାଙ୍କୁ ଅବମାନନା କରିବା ସମାନ । ସମସ୍ତ ପ୍ରକାର ପରିଚାଳନା ସରଳ କରିବାକୁ ପୁଣି ଶାନ୍ତି ଓ ସନ୍ତୋଷ ବଜାୟ ରଖିବା ନିମନ୍ତେ ଈଶ୍ୱର ବିଭିନ୍ନ ଭାବରେ ଅଧିକାର ବିଭକ୍ତ କରିଅଛନ୍ତି (ରୋମୀୟ ୧୩:୧-

୫) । ମଣ୍ଡଳୀର ଅଧ୍ୟକ୍ଷମାନେ ମଣ୍ଡଳୀ ଉପରେ (ଏବ୍ରୀ ୧୩:୧୭), ସ୍ତ୍ରୀ ଉପରେ ସ୍ୱାମୀକୁ (୧ମ ପିତର ୩:୧), ସନ୍ତାନମାନଙ୍କ ଉପରେ ମାତାପିତାଙ୍କୁ (ଏଫିସୀ ୬:୧-୩) ଏବଂ ଦାସମାନଙ୍କ ଉପରେ କର୍ତ୍ତାମାନଙ୍କୁ (ଏଫିସୀ ୬:୫) ଅଧିକାରୀ ରୂପେ ନିଯୁକ୍ତ କରିଅଛନ୍ତି । ଅଧିକାର ପ୍ରାପ୍ତ ବ୍ୟକ୍ତିମାନେ ଈଶ୍ୱରଙ୍କ ଆଜ୍ଞାନୁଯାୟୀ ଚଳିବା ଆବଶ୍ୟକ । ଆପଣା ଇଚ୍ଛାନୁସାରେ ଚଳିବା ଅର୍ଥ ଈଶ୍ୱରଙ୍କ ବିରୁଦ୍ଧାଚରଣ କରିବା । ଅବିଶ୍ୱସ୍ତ ଅଧିକାରୀମାନଙ୍କ ଅଧିନ ହେବା ଅପେକ୍ଷା ଈଶ୍ୱରଙ୍କ ଅଧିନ ହେବା ଶ୍ରେୟସ୍କର ।

ବିଶ୍ୱସ୍ତ ମୋଶା ବିନୟ ହୋଇ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବାରୁ, ପରମେଶ୍ୱର ମରୀୟମଙ୍କୁ ସୁସ୍ଥ କଲେ (ଗଣନା ୧୨:୧୩) । ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବା ନିମନ୍ତେ ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମକର ଓ ଯେଉଁମାନେ ତାଡ଼ନ କରନ୍ତି ସେମାନଙ୍କ ନିମନ୍ତେ ପ୍ରାର୍ଥନା କର (ମାଥିଉ ୫:୪୪-୪୬)। ମୋଶାଙ୍କର ଏହିପରି ମନ ଥିବାରୁ ସେ ମରୀୟମଙ୍କ ସୁସ୍ଥତା ନିମନ୍ତେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ।

ସାତଦିନ ପର୍ଯ୍ୟନ୍ତ ମରିୟମ ଛାଉଣୀ ବାହାରେ ରହିଲେ । ସାତଦିନ ପରେ ସେ ସୁସ୍ଥ ହୋଇ ଇସ୍ରାୟେଲ ଛାଉଣୀରେ ପ୍ରବେଶ କଲେ । ପାପ ଦ୍ୱାରା ବିନଷ୍ଟ ହୋଇ ଯାଇଥିବା ତାହାଙ୍କ ସନ୍ତାନମାନେ ପରିତ୍ରାଣ ପାଇ ତାହାଙ୍କ ନିକଟବର୍ତ୍ତୀ ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । "ବିଳମ୍ବ ବୋଲି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ; କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି" (୨ୟ ପିତର ୩:୯) । "ହେ ବିପଥଗାମୀ ସନ୍ତାନଗଣ ଫେର, ଆମ୍ଭେ ତୁମ୍ଭମାନଙ୍କର ବିପଥଗମନ ରୂପ ରୋଗ ସୁସ୍ଥ କରିବା" (ଯିରିମୀୟ ୩:୨୦-୨୨) । ହଜିଯାଇଥିବା ପୁତ୍ରର କାହାଣୀରୁ, ଆପଣା ପୁତ୍ର ଫେରି ଆସିବାରେ ପିତା କିପରି ଆନନ୍ଦିତ ହୁଅନ୍ତି ଜାଣି ପାରିଥାଉଁ ।

## ୭. ଦବୋରା

**(Deborah - A wise and courageous mother)**

ଇସ୍ରାୟେଲ ସନ୍ତାନଗଣ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ ତାହା କରିବାରୁ ସଦାପ୍ରଭୁ ହାତ୍ସୋରରେ ରାଜତ୍ୱକାରୀ କିଣାନୀୟ ରାଜା ଯାବୀନର ହସ୍ତରେ ସେମାନଙ୍କୁ ସମର୍ପଣ କଲେ । ସେହି ରାଜା ଇସ୍ରାୟେଲ-ସନ୍ତାନଗଣ ପ୍ରତି କଠୋର ଦୌରାତ୍ମ୍ୟ କରିବାରୁ, ଇସ୍ରାୟେଲ-ସନ୍ତାନଗଣ ସଦାପ୍ରଭୁଙ୍କ ଠାରେ କ୍ରନ୍ଦନ କଲେ । ଏହି ସମୟରେ ସଦାପ୍ରଭୁ ପରମେଶ୍ୱର ଭବିଷ୍ୟତ ବକ୍ତ୍ରି ଦବୋରାଙ୍କୁ ଇସ୍ରାୟେଲର ବିଚାରକର୍ତ୍ତ୍ରୀ ରୂପେ ନିଯୁକ୍ତ କଲେ । ସେ ଲପ୍ପୀଦୋତରର ଭାର୍ଯ୍ୟା ଥିଲେ । ସେ ଏକ ଉତ୍ତମ ଭାର୍ଯ୍ୟା, ମାତା, ଭବିଷ୍ୟତ ବକ୍ତ୍ରୀ, ବିଚାରକର୍ତ୍ତ୍ରୀ ଓ ଗାୟୀକା ଓ ଅଧିନାୟୀକା ରୂପେ ସୁପରିଚିତା ।

### ଦବୋରା ସମୟରେ ଇସ୍ରାୟେଲର ପରିସ୍ଥିତି

୧) ଇସ୍ରାୟେଲ ସନ୍ତାନଗଣ ସଦାପ୍ରଭୁଙ୍କ ଦୃଷ୍ଟିରେ ପାପ କରିବାରୁ ସେ ସେମାନଙ୍କୁ କିଣାନୀୟ ରାଜା ଯାବୀନର ହସ୍ତରେ ସମର୍ପଣ କଲେ । (ବିଚାରକର୍ତ୍ତା ୪:୧) । ଇସ୍ରାୟେଲ-ସନ୍ତାନମାନଙ୍କ ନୈତିକ ଦୁଃସ୍ଥିତି 'ବିଚାରକର୍ତ୍ତା' ପୁସ୍ତକର ବିଶେଷ ଅଂଶ । ଦବୋରାଙ୍କ ପୂର୍ବେ ଦୁଇଥର ଇସ୍ରାୟେଲ ସନ୍ତାନ ଈଶ୍ୱରଙ୍କ ଦୃଷ୍ଟିରେ ପାପ କରିଥିଲେ । ଦବୋରା ସମୟରେ ସେମାନେ ତୃତୀୟଥର ଈଶ୍ୱରଙ୍କ ବିରୁଦ୍ଧାଚରଣ କଲେ । ଦାଉଦ ଲେଖନ୍ତି, "ସଦାପ୍ରଭୁ ଯେଉଁ ଗୋଷ୍ଠୀର ପରମେଶ୍ୱର, ସେ ଧନ୍ୟ; ସେ ଯେଉଁ ଲୋକମାନଙ୍କୁ ଆପଣା ଅଧିକାରାର୍ଥେ ମନୋନୀତ କରିଅଛନ୍ତି, ସେମାନେ ଧନ୍ୟ" (ଗୀତ ୩୩:୧୨)। ଏହି ନୈତିକ ସ୍ଥିତିର ଅବନତିର କାରଣ କଅଣ ? ସେମାନେ ବିଜାତୀୟମାନଙ୍କ ସହିତ ଆପଣାକୁ ପୃଥକ୍ କଲେ ନାହିଁ । ଯେପରି ଲେଖାଯାଏ, "କୁ ସଂସର୍ଗ ଶିଷ୍ଟାଚାର ନଷ୍ଟକରେ" (୧ମ କରିନ୍ଥୀ ୧୫:୩୩) । ଈଶରଙ୍କ ଏହି ଆଜ୍ଞା ସେମାନେ ପାଳନ ନ କରି, ପାପକରି ଦୋଷୀ ହେଲେ ।

୨) ଇସ୍ରାୟେଲୀୟମାନେ ଆପଣା ଆପଣା ସ୍ୱଇଚ୍ଛାରେ କାର୍ଯ୍ୟ କରିବାକୁ ଲାଗିଲେ । ତେଣୁ ସେହି ଦେଶରେ ଶାନ୍ତି, ସନ୍ତୋଷର ଅଭାବ ହେଲା । "ସେ ସମୟରେ ଇସ୍ରାୟେଲ ମଧ୍ୟରେ କୌଣସି ରାଜା ନ ଥିଲା ଓ ଯାହା ଦୃଷ୍ଟିରେ

ଯାହା ଭଲ ଦିଶିଲା, ସେ ତାହା କଲା" (ବିଚାର ୧୭:୬; ୨୧:୨୫)। ଏହି ଦୁଇ ଦୋଷରେ ଇସ୍ରାୟେଲ-ସନ୍ତାନଗଣ ଦୋଷୀ ହୋଇ, ବିଜାତୀୟ ରାଜା ଯାବୀନ ହସ୍ତରେ ସମର୍ପିତ ହେଲେ। ସେହି ରାଜା ସେମାନଙ୍କ ଉପରେ କଠୋର ଦୌରାତ୍ମ୍ୟ କଲେ। ଇସ୍ରାୟେଲ ସନ୍ତାନମାନେ କୋଡ଼ିଏ ବର୍ଷ ତାହାଙ୍କ ଅଧିନରେ ଥିବା ପରେ ସଦାପ୍ରଭୁଙ୍କ ଠାରେ କ୍ରନ୍ଦନ କଲେ (ବିଚାର ୪:୩)। ସେମାନଙ୍କ କ୍ରନ୍ଦନ ଶୁଣି ସଦାପ୍ରଭୁ ପରମେଶ୍ୱର ଭବିଷ୍ୟତବକ୍ତ୍ରୀ ଦବୋରାଙ୍କୁ ସେମାନଙ୍କ ଉପରେ ବିଚାରକର୍ତ୍ତ୍ରୀ ରୂପେ ନିଯୁକ୍ତ କଲେ । ଅଧିନାୟିକା ବିଚାରକର୍ତ୍ତ୍ରୀ ଦବୋରାଙ୍କ କେତୋଟି ସୁଗୁଣ:-

ଯେଉଁ ସଦାପ୍ରଭୁ ଆପଣା ପରାକ୍ରମ ଓ ବାହୁବଳ ଦ୍ୱାରା ଇସ୍ରାୟେଲ ସନ୍ତାନଗଣଙ୍କୁ ଫାରୋର ଦାସତ୍ୱରୁ ମୁକ୍ତ କରି ଚାଳିଶି ବର୍ଷ ମାନ୍ନା ଦ୍ୱାରା ପ୍ରାନ୍ତରରେ ସେମାନଙ୍କୁ ପାଳନ କରି, ସୁଦୃଢ଼ ଯିରିହୋ ପ୍ରାଚୀର ଭାଙ୍ଗି 'ବଳବାନ ଓ ସାହାସିକ ହୁଅ' ବୋଲି ଯିହୋଶୂୟଙ୍କୁ ଆଜ୍ଞା ଦେଇଥିଲେ, ଦବୋରା ସେହି ସଦାପ୍ରଭୁଙ୍କର ଆଶ୍ରୟ ନେଇଥିଲେ । ସେହି ସଦାପ୍ରଭୁଙ୍କୁଠାରୁ ସେ ଜ୍ଞାନ, ସାହସ ଓ ଧୈର୍ଯ୍ୟ ପାଇ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଇସ୍ରାୟେଲ-ସନ୍ତାନମାନଙ୍କୁ କଢ଼ାଇଲେ । ସେ ଇଫ୍ରୟିମର ପର୍ବତମୟ ଦେଶସ୍ଥିତ ରାମତ୍ ଓ ବୈଥେଲ ମଧ୍ୟରେ ଥିବା ଦବୋରା ନାମକ ଖର୍ଜ୍ଜୁର ବୃକ୍ଷମୂଳେ ବାସକରି ଇସ୍ରାୟେଲ ସନ୍ତାନଗଣର ବିଚାର କଲେ। ସଦାପ୍ରଭୁଙ୍କ ଦତ୍ତ ଜ୍ଞାନ ଦ୍ୱାରା ସେ ନିଃସନ୍ଦେହରେ ସାହସ ସହିତ ଅଗ୍ରସର ହେଲେ। ଆଉ ସେ ଲୋକ ପଠାଇ ବାରକ୍‌କୁ ଡ଼କାଇ ନପ୍ତାଲି-ସନ୍ତାନ ଓ ସବୂଲୂନ୍ ସନ୍ତାନଗଣର ଦଶହଜାର ଲୋକଙ୍କୁ କଢ଼ାଇ ଆଣିବାକୁ କହିଲେ। ଯେହେତୁ ଯାବୀନର ସେନାପତି ସୀଷରାକୁ ଓ ତାହାର ରଥ ଓ ଜନତାକୁ ସଦାପ୍ରଭୁ ପରମେଶ୍ୱର ତାହାଙ୍କ ହସ୍ତରେ ସମର୍ପଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ। କିନ୍ତୁ ବାରକ କହିଲେ, "ତୁମ୍ଭେ ଯେବେ ମୋ' ସଙ୍ଗେ ଯିବ, ତେବେ ମୁଁ ଯିବି; ମାତ୍ର ତୁମ୍ଭେ ମୋ' ସଙ୍ଗେ ନ ଗଲେ, ମୁଁ ଯିବି ନାହିଁ" (ବିଚାର ୪:୮)। ତେଣୁକରି ଦବୋରା ସେହି ଦଶହଜାର ସୈନ୍ୟ ଓ ବାରକ୍‌ଙ୍କ ସହିତ ଯୁଦ୍ଧଭୂମିକୁ ସାହସ ସହିତ ଗଲେ। କିଣାନୀୟ ବଳବାନ ସୈନ୍ୟଦଳ ସେମାନଙ୍କ ନଅଶହ ରଥ ସହିତ ପରାଜୟ ପାଇଲେ। ଏହି ସବୁ ଘଟଣାର ବିବରଣ ଆମ୍ଭେମାନେ ବିଚାରକର୍ତ୍ତା ପୁସ୍ତକର ପଞ୍ଚମ ଅଧ୍ୟାୟରେ ପଢ଼ିପାରୁ।

ଏହି ରୂପେ ପରମେଶ୍ୱର ସେହି ଦିନ କିଣାନୀୟ ରାଜା ଯାବୀନକୁ ଇସ୍ରାୟେଲ-ସନ୍ତାନଗଣ ସମ୍ମୁଖରେ ନତ କଲେ (ବିଚାର ୪:୨୩) । ଦବୋରା ଓ ବାରକଙ୍କ ସ୍ତୁତିଗାନରୁ ଈଶ୍ୱର କିପରି ସେମାନଙ୍କୁ କଢ଼ାଇ ଥିଲେ ଜାଣିପାରୁ । ଈଶ୍ୱରଙ୍କ ସହିତ ଆମ୍ଭେମାନେ କାମ କଲେ, ପ୍ରତ୍ୟେକ କାର୍ଯ୍ୟରେ ବିଜୟ ଓ ସଫଳତା ଲାଭ କରି ପାରିବା । "ଇସ୍ରାୟେଲ ମଧ୍ୟରେ ଶାସନକର୍ତ୍ତୃଗଣ ଶୂନ୍ୟ ଥିଲେ, ମୁଁ ଦବୋରା ଉତ୍ପନ୍ନ ହେବା ପର୍ଯ୍ୟନ୍ତ, ମୁଁ ଇସ୍ରାୟେଲ ମଧ୍ୟରେ ମାତୃତୁଲ୍ୟ ଉତ୍ପନ୍ନ ହେବା ପର୍ଯ୍ୟନ୍ତ ସେମାନେ ଶୂନ୍ୟଥିଲେ" (ବିଚାର ୫:୭)। ପ୍ରାପ୍ତ ବିଜୟରେ ତାହାଙ୍କ ଅଂଶ ଗୁରୁତର ବୋଲି ସେ ଗ୍ରହଣ କରିଥିଲେ । ବିଜୟ ଲାଭ କରି ସେ ଗର୍ବୀ ନ ହୋଇ ଈଶ୍ୱରଙ୍କ ନିକଟରେ ଆପଣାକୁ ନତ କଲେ । ସମସ୍ତ ମଙ୍ଗଳ ଓ ଆଶୀର୍ବାଦର ଆକାର ସଦାପ୍ରଭୁ ପରମେଶ୍ୱରଙ୍କର ସ୍ତୁତି ମହିମା ଗାନ କରିବା ବିଷୟ ଆମ୍ଭେମାନେ ବାକ୍ୟ ଦ୍ୱାରା ଜାଣିପାରୁ । ତାହାଙ୍କ ଦ୍ୱାରା ଉତ୍ସାହିତ ହୋଇ "ସବୂଲୂନ ମରଣ ପର୍ଯ୍ୟନ୍ତ ପ୍ରାଣପଣକାରୀ ଲୋକ ହେଲା । ଆଉ ନପ୍ତାଲି (ଯୁଦ୍ଧ) କ୍ଷେତ୍ରର ଉଚ୍ଚସ୍ଥାନ ଉପରେ (ପ୍ରାଣପଣ କଲା)" (ବିଚାର ୫:୧୮)। ଦବୋରା ଈଶ୍ୱରଙ୍କ ଇଚ୍ଛା ଓ ଆଜ୍ଞାନୁସାରେ ଚାଲିବା ନିମନ୍ତେ ଆପଣାକୁ ଓ ଇସ୍ରାୟେଲୀୟ ସନ୍ତାନଗଣକୁ ଈଶ୍ୱରଙ୍କ ନିକଟରେ ସମର୍ପିତ କଲେ ।

ଦବୋରାଙ୍କର ଈଶ୍ୱର ଭକ୍ତି ଓ ବିଶ୍ୱାସ ଦ୍ୱାରା ପଥଭ୍ରଷ୍ଟ ଇସ୍ରାୟେଲ ସନ୍ତାନଗଣ କୁପଥ ବର୍ଜନ କରି ଈଶ୍ୱରଙ୍କ ସେବାରେ ପୁନର୍ବାର ଫେରିଆସି ପାରିଥିଲେ । ତାହାଙ୍କ ନେତୃତ୍ୱରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଦେଶ ବିଶ୍ରାମ ପାଇଲା (ବିଚାର ୫:୩୧) । ଇସ୍ରାୟେଲର ସୈନ୍ୟବଳ ଅତି ବଳହୀନ ହେଲେ ହେଁ ପରାକ୍ରମୀ ସଦାପ୍ରଭୁ ପରମେଶ୍ୱର ଆପଣା ବାହୁବଳ ଦ୍ୱାରା ଇସ୍ରାୟେଲ-ସନ୍ତାନଗଣକୁ ବିଜୟୀ କରିଥିଲେ ।

ଆମ୍ଭେମାନେ ମଧ୍ୟ ସମସ୍ତ ବିଷୟରେ ବିଜୟୀ ହେବା ନିମନ୍ତେ ଜାଗି ରହି ଈଶ୍ୱରଙ୍କ ଆଜ୍ଞାବହ ହେବା ଆବଶ୍ୟକ । "ହେ ଦବୋରେ, ଜାଗ, ଜାଗ; ଜାଗ, ଜାଗ, ଗୀତ ଗାନ କର...." (ବିଚାର ୫:୧୨) । ହେ ଖ୍ରୀଷ୍ଟିୟାନ, ଜାଗ; ତୁମକୁ ବିନାଶ କରୁଥିବା ପାପମୟ ନିଦରୁ ଜାଗ, ରକ୍ଷାକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ

ପ୍ରତି ଫେର । ଆପଣା ସମସ୍ତ ହୃଦୟ ମନ ଈଶ୍ୱରଙ୍କୁ ଅର୍ପଣ କରି ଶୟତାନର ସମସ୍ତ ଚତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହୁଅ । "ଖ୍ରୀଷ୍ଟଙ୍କର ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ" (କଲସୀୟ ୩:୧୬)। ଦାବୋରା ସଦୃଶ୍ୟ ବିଶ୍ୱସ୍ତ ଓ ଆଦର୍ଶ ବ୍ୟକ୍ତିମାନଙ୍କ ଦ୍ୱାରା ସଦାପ୍ରଭୁ ପରମେଶ୍ୱର ଆପଣା କାର୍ଯ୍ୟ କରିଥାନ୍ତି ।

# ୮. ଦଲୀଲା

**(Deliah - Who had to have her way)**

ଇସ୍ରାୟେଲ ସନ୍ତାନଗଣ ଉପରେ ବିଚାର କରିଥିବା ବିଚାର କର୍ତ୍ତାମାନଙ୍କ ମଧ୍ୟରେ ଶାମଶୋନ୍ ଅନ୍ୟତମ ବ୍ୟକ୍ତି ଥିଲେ । ତାହାଙ୍କର ଦଲୀଲା ନାମ୍ନୀ ଏକ ବେଶ୍ୟା ସହିତ ସ୍ନେହଭାବ ଥିବାରୁ ସେହି ସ୍ତ୍ରୀର ନାମ ବାଇବଲ ଇତିହାସରେ ସ୍ଥାନ ପାଇଅଛି । ଇସ୍ରାୟେଲ ସନ୍ତାନଗଣ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ ତାହା କରିବାରୁ ସେ ଚାଳିଶ ବର୍ଷ ଯାଏଁ ସେମାନଙ୍କୁ ପଲେଷ୍ଟୀୟମାନଙ୍କ ହସ୍ତରେ ସମର୍ପଣ କଲେ (ବିଚାର ୧୩:୧) । ଶାମଶୋନଙ୍କ ବିଷୟରେ ନ ଜାଣିଲେ, ଆମ୍ଭେମାନେ ଦଲୀଲା ବିଷୟରେ ଜାଣିପାରିବା ନାହିଁ ।

ଶାମଶୋନ ଦାନୀୟ ଗୋଷ୍ଠୀ ମାନୋହଙ୍କ ପୁତ୍ର । ସେ ଜନ୍ମ ହେବା ପୂର୍ବେ ସଦାପ୍ରଭୁଙ୍କ ଆଜ୍ଞା ଏପରି ଥିଲା, "କାରଣ ଦେଖ ତୁମ୍ଭେ ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବ, ଆଉ ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ; ଯେହେତୁ ସେ ବାଳକ ଗର୍ଭାବଧି ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ନାସରୀୟ ହେବ ଓ ସେ ପଲେଷ୍ଟୀୟମାନଙ୍କ ହସ୍ତରୁ ଇସ୍ରାୟେଲକୁ ଉଦ୍ଧାର କରିବାକୁ ଆରମ୍ଭ କରିବ" (ବିଚାର ୧୩:୫) । ଶାମଶୋନ କୋଡ଼ିଏ ବର୍ଷ ଇସ୍ରାୟେଲର ବିଚାରକର୍ତ୍ତା ଥିଲେ । ସେ ଶାରିରୀକ ଭାବେ ବଳିଷ୍ଠ ହେଲେ ହେଁ ନୈତିକ ଭାବେ ବଳହୀନ ହେଲେ । ସେ ବିଜାତୀୟା ସ୍ତ୍ରୀମାନଙ୍କ ସହିତ ସମ୍ବନ୍ଧ ରଖିଲେ, ସେମାନଙ୍କ ମଧ୍ୟରୁ ଦଲୀଲା ଜଣେ ।

ଏହି ଦଲୀଲା ଶାରିରୀକ ଭାବେ ପ୍ରଲୋଭିତ କରିବାରେ ପ୍ରବୀଣା ସ୍ତ୍ରୀ । ଶାମଶୋନଙ୍କର ମହାବଳ କେଉଁଠି ଅଛି ଜାଣି ପଲେଷ୍ଟୀୟମାନଙ୍କ ହସ୍ତରେ ତାହାଙ୍କୁ ସମର୍ପଣ କରିବା ନିମନ୍ତେ ଦଲୀଲା ତାହାଙ୍କୁ ମିଥ୍ୟା ପ୍ରେମରେ ବାନ୍ଧିଲା (ବିଚାର ୧୬:୫) । ଏହିପରି ସ୍ତ୍ରୀ ବିଷୟରେ ଜ୍ଞାନୀ ଶଲୋମନ ହିତୋପଦେଶ ୫:୧-୧୩ ପଦଗୁଡ଼ିକରେ ବିସ୍ତୃତ ଭାବେ ବର୍ଣ୍ଣନା କରି ଅଛନ୍ତି । ପଲେଷ୍ଟୀୟ ସୈନ୍ୟବଳକୁ ପରାସ୍ତ କରି ପାରୁଥିବା ବଳବାନ ଶାମଶୋନ ଏକ ବିଜାତୀୟା ବେଶ୍ୟାର ପ୍ରେମଜାଲରେ ପଡ଼ି ବଳଶୂନ୍ୟ ହେଲେ ।

ଶାମଶୋନଙ୍କର ମହାବଳ କେଉଁଠି ଅଛି ଜାଣି ତାହାଙ୍କୁ ପଲେଷ୍ଟୀୟମାନଙ୍କ ହସ୍ତରେ ସମର୍ପଣ କରିବା ଦଲୀଲାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତେଣୁକରି ସେ ଶାମଶୋନଙ୍କୁ ବିନୟ କରି କହିଲା, "କାହିଁରେ ତୁମ୍ଭର ମହାବଳ ଥାଏ ଓ ତୁମ୍ଭର କ୍ଳେଶାର୍ଥେ ତୁମ୍ଭେ ବନ୍ଧା ଯାଇପାର, ଏହା ମୋତେ କୁହ ।" କିନ୍ତୁ ଶାମଶୋନ ତିନି ଥର ଦଲୀଲାକୁ ମିଥ୍ୟା କହି, ଆପଣାକୁ ରକ୍ଷା କଲେ । କିନ୍ତୁ ଦଲୀଲା "ନିତି ନିତି କଥାରେ ତାହାଙ୍କୁ ଅନୁରୋଧ କରି ଏମନ୍ତ ବ୍ୟସ୍ତ କଲା ଯେ, ତାହାର ଆତ୍ମା ମରଣ ପାଇଁ ଅସ୍ଥିର ହେଲା । ତହିଁରେ ସେ ତାହାକୁ ଆପଣା ମନର ସମସ୍ତ କଥା ଜଣାଇ କହିଲା, ମୋହର ମସ୍ତକରେ କେବେ କ୍ଷୁର ଲାଗି ନାହିଁ; କାରଣ ମୁଁ ଆପଣା ମାତାର ଗର୍ଭରୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ନାସରୀୟ ଲୋକ ହୋଇଅଛି, ଯେବେ ମୁଁ କ୍ଷୌର ହେବି, ତେବେ ମୋର ବଳ ମୋଠୁଁ ଯିବ ଓ ମୁଁ ଦୁର୍ବଳ ହୋଇ ଅନ୍ୟ ସକଳ ଲୋକର ସମାନ ହୋଇଯିବି । ସେତେବେଳେ ସେ ଯେ ତାହାକୁ ଆପଣା ମନର ସମସ୍ତ କଥା କହିଅଛି, ଏହା ଦଲୀଲା ଦେଖି ପଲେଷ୍ଟୀୟ ଅଧିପତିମାନଙ୍କ ନିକଟକୁ ଲୋକ ପଠାଇଲା ଓ ତୁମ୍ଭେମାନେ ଏହି ଥରକ ଆସ, କାରଣ ସେ ମୋତେ ଆପଣା ମନର ସମସ୍ତ କଥା କହିଅଛି, ଏହା କହି ସେମାନଙ୍କୁ ଡ଼ାକିଲା । ତହିଁରେ ପଲେଷ୍ଟୀୟ ଅଧିପତିମାନେ ହସ୍ତରେ ରୂପା ନେଇ ତାହା ପାଖକୁ ଆସିଲେ । ତହୁଁ ସେ ତାହାକୁ ଆପଣା ଆଣ୍ଠୁରେ ଶୁଆଇଲା; ଆଉ ମନୁଷ୍ୟ ଡ଼କାଇ ତାହାର ମସ୍ତକର ସାତ ବେଣୀ କ୍ଷୌର କଲା; ଏହି ରୂପେ ସେ ତାହାକୁ କ୍ଳେଶ ଦେବାକୁ ଲାଗିଲା ଓ ତାହାର ବଳ ତାହାଠାରୁ ଗଲା" (ବିଚାରକର୍ତ୍ତା ୧୬:୧୬-୨୦) । "………ସ୍ତ୍ରୀର କଳି ଅବିରତ ବିନ୍ଦୁପାତ ପରି" (ହିତୋ ୧୯:୧୩) । "ଭାରୀ ବୃଷ୍ଟି ଦିନରେ ଅବିରତ ବିନ୍ଦୁପାତ ଓ କଳିହୁଡ଼ୀ ସ୍ତ୍ରୀ, ଏ ଦୁଇ ଏକ ସମାନ ଅଟନ୍ତି" (ହିତୋ ୨୭:୧୫) । ଦଲୀଲା କଳିହୁଡ଼ି ସ୍ତ୍ରୀ, ତେଣୁକରି ଶାମଶୋନ ମନରେ ବିରକ୍ତ ହୋଇ, ଆପଣା ଗୁପ୍ତ ରହସ୍ୟ ତାହାକୁ ଜଣାଇ ଆପଣା ବଳ ହରାଇଲେ ।

ଦଲୀଲା ଆପଣାର କାର୍ଯ୍ୟ ଦ୍ୱାରା ଶାମଶୋନଙ୍କର, ପଲେଷ୍ଟୀୟ ଯୋଦ୍ଧାମାନଙ୍କର ଓ ଆପଣା ମୃତ୍ୟୁର କାରଣ ହେଲେ । ପଲେଷ୍ଟୀୟ ଯୋଦ୍ଧାମାନେ ତିନି ହଜାର ସ୍ତ୍ରୀ ପୁରୁଷ ଏବଂ ଦଲୀଲା ଏକ ଗୃହରେ ଦାଗୋନ

ଉଦ୍ଦେଶ୍ୟରେ ମହାଯଜ୍ଞ କରି ଆନନ୍ଦ କରିବାକୁ ଏକତ୍ରୀତ ହେଲେ । ଶାମଶୋନଙ୍କୁ କାରାଗାରରୁ ଡ଼ାକି ଆଣି କୌତୁକ କରାଇଲେ । ତହିଁରେ ଶାମଶୋନ ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କରନ୍ତେ, ସେ ବଳ ପ୍ରାପ୍ତ ହୋଇ ସେହି ଗୃହର ଭାର ଯେଉଁ ଦୁଇ ସ୍ତମ୍ଭ ଉପରେ ଥିଲା, ତାହାକୁ ଉପାଡ଼ି ଦେବାରୁ, ଗୃହର ଛାତ ସେମାନଙ୍କ ଉପରେ ପଡ଼ିଲା । ପଲେଷ୍ଟୀୟ ଯୋଦ୍ଧା, ପ୍ରାୟ ତିନି ହଜାର ସ୍ତ୍ରୀ ପୁରୁଷ, ଦଲୀଲା ଓ ଶାମଶୋନ ମଧ୍ୟ ମୃତ୍ୟୁ ଭୋଗିଲେ ।

"କେହି ଯେବେ ଆପଣା ବକ୍ଷସ୍ଥଳରେ ନିଆଁ ରଖେ, ତେବେ ତାହାର ବସ୍ତ୍ର କ'ଣ ପୋଡ଼ିଯିବ ନାହିଁ?" (ହିତୋ ୬:୨୭) । ଦଲୀଲା ପ୍ରତି ଶାମଶୋନଙ୍କ ଆସକ୍ତି ଶାମଶୋନଙ୍କୁ ଈଶ୍ୱରଙ୍କଠାରୁ ଦୂରେଇ ନେଲା । ସେ ଗର୍ଭାବଧି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନାସରୀୟ ଥିଲେ, କିନ୍ତୁ ଦଲୀଲାର ପ୍ରବଂଚନା ଦ୍ୱାରା ସେ ଆଜ୍ଞା ଲଙ୍ଘନ କଲେ । ଅବାଧ୍ୟତା ସମସ୍ତ ବିନାଶର ମୂଳ କାରଣ । ଏହି ପାପ ଶାମଶୋନଙ୍କ ଜୀବନରେ ପ୍ରବେଶ କରିଥିଲେ । ହବା, ମୋଶା, ଲୋଟଙ୍କ ଭାର୍ଯ୍ୟା, ମରୀୟମ ପ୍ରଭୃତି ବାଇବଲର ବ୍ୟକ୍ତିମାନେ ଅବାଧ୍ୟତାର ଫଳ ଭୋଗି ଥିବାର ବିବରଣ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ଶାମଶୋନ ସଦାପ୍ରଭୁଙ୍କ ଆଜ୍ଞା ପାଳନ କରୁଥିବା ପର୍ଯ୍ୟନ୍ତ ସଦାପ୍ରଭୁ ତାହାଙ୍କ ସହବର୍ତ୍ତୀ ହୋଇଥିଲେ, କିନ୍ତୁ ଅବାଧ୍ୟ ହେବା ପରେ ପରମେଶ୍ୱର ତାହାକୁ ତ୍ୟାଗ କଲେ । ଶାମଶୋନଙ୍କ ଅବାଧ୍ୟତାର କାରଣ ହେଉଛି ବିଜାତୀୟା ସ୍ତ୍ରୀମାନଙ୍କ ସହିତ ଥିବା ତାହାଙ୍କ କୁସଂସର୍ଗ (୧ମ କରିନ୍ଥୀ ୧୫:୩୩) ।

ପଲେଷ୍ଟୀୟମାନେ ଶାମଶୋନଙ୍କୁ ବନ୍ଦୀ କରି ତାହାଙ୍କ ଆଖି ଉପାଡ଼ି ପକାଇଲେ; ପୁଣି ତାହାକୁ ଘୁଷାଡ଼ି ଆଣି ଦୁଇ ପିତଳ ବେଡ଼ିରେ ତାହାକୁ ବାନ୍ଧିଲେ; ଆଉ ସେ କାରାଗରରେ ଚକି ପେଷିଲା (ବିଚାର ୧୬:୨୧-୨୨) । ଦଲୀଲାର ପ୍ରଭାବରେ ଈଶ୍ୱରଙ୍କ ନିଯୁକ୍ତ ବିଚାରକର୍ତ୍ତା ଶାମଶୋନଙ୍କ ପରିସ୍ଥିତି କେତେ ଭୟଙ୍କର ରୂପେ ବଦଳି ଗଲା ! ଏହା ବିଜାତୀୟା ସ୍ତ୍ରୀ ସଂସର୍ଗର ପ୍ରତିଫଳ । ଦବୋରା ଆପଣା ଈଶ୍ୱର ଭକ୍ତି ଦ୍ୱାରା କିଣାନୀୟ ମହା ସୈନ୍ୟବଳକୁ ପରାସ୍ତ କରି ବିଜୟ ଲାଭ କରି ଥିଲେ । ଅନ୍ୟ ପକ୍ଷରେ ଦଲୀଲା ଏକ ଈଶ୍ୱରଙ୍କ ସେବକ ତଥା ତାହାର ସ୍ୱଜନ ପଲେଷ୍ଟୀୟମାନଙ୍କ ବିନାଶର କାରଣ

ହେଲା । ନାରୀ, ପୁରୁଷ ଉପରେ ଆଧିପତ୍ୟ କିମ୍ବା ବିନାଶ କରିବା ନିମନ୍ତେ ସୃଷ୍ଟି ନ ହୋଇ ତାହାର ସହକାରିଣୀ ରୂପେ ସୃଷ୍ଟ ହୋଇଅଛି । ଦଲୀଲା ଏହି ରୂପେ ଈଶ୍ୱରଙ୍କ ସେବକ ଶାମଶୋନଙ୍କ ପତନର କାରଣ ହେଲା ।

# ୯. ରତ

**(Ruth - Who was loved because she was loved)**

**ସୁ**ଗୁଣ ସମ୍ପନ୍ନା ତଥା ପରମସୁନ୍ଦରୀ ରତଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ତାହାଙ୍କୁ ବାଇବଲ ଇତିହାସରେ ଏକ ଉନ୍ନତ ସ୍ଥାନ ମିଳିଅଛି । ରତର ବିବରଣ ପୁସ୍ତକର ଚାରୋଟି ଅଧ୍ୟାୟରେ ଆମ୍ଭେମାନେ ତାହାଙ୍କ ସୁନ୍ଦର କାହାଣୀ ପଢ଼ିପାରିବା । ଏହି ଜଗତରେ ଯେକେହି ଈଶ୍ୱରଙ୍କୁ ଓ ଆପଣା ପ୍ରତିବାସୀକୁ ପ୍ରେମକରେ, ସେ କିପରି ଆଶୀର୍ବାଦ ପ୍ରାପ୍ତହୁଏ ତାହା ବୁଝିପାରିବା । ଏହି ପୁସ୍ତକରେ ବର୍ଣ୍ଣିତ ଘଟଣା ବିଚାରକର୍ତ୍ତାମାନଙ୍କ ରାଜତ୍ୱ ସମୟର ଏକ ସୁନ୍ଦର ପ୍ରେମ କାହାଣୀ ।

ଦାଉଦଙ୍କ ଜନ୍ମର ଚାରି ପୁରୁଷ ପୂର୍ବେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମିତ ବେଥଲିହିମ୍ ନଗରରେ ଏଲିମେଲକ, ତାହାଙ୍କ ଭାର୍ଯ୍ୟା ନୟମୀ ଓ ତାହାଙ୍କର ଦୁଇ ପୁତ୍ର ବାସ କରୁଥିଲେ । ସେହି ଦୁଇ ପୁତ୍ରଙ୍କ ନାମ ମହଲୋନ ଓ  କିଲିୟୋନ । ଇଶ୍ରାୟେଲ ଦେଶରେ ଦୁର୍ଭିକ୍ଷ ପଡ଼ିବାରୁ, ଏହି ପରିବାର ଜୀବନ ନିର୍ବାହ ନିମନ୍ତେ ଆପଣା ସ୍ୱଦେଶ ତ୍ୟାଗ କରି ମୋୟାବ ଦେଶରେ ପ୍ରବାସ କରିବାକୁ ଗଲେ । ତାହାଙ୍କର ଦୁଇ ପୁତ୍ର ମୋୟାବୀୟ ସ୍ତ୍ରୀ ମାନଙ୍କୁ ବିବାହ କରିଥିଲେ । ଜଣକର ନାମ ଅର୍ପା ଓ ଅନ୍ୟର ନାମ ରତ । କିଛି କାଳ ପରେ ଏଲିମେଲକ, ମହଲୋନ ଓ କିଲିୟାନଙ୍କର ମୃତ୍ୟୁ ହୁଅନ୍ତେ ସେ ସ୍ତ୍ରୀ ଓ ଦୁଇ ପୁତ୍ରବଧୂ ସ୍ୱାମୀ ବିହିନା ହୋଇ ରହିଲେ । ସେମାନଙ୍କ ଜୀବନ ସେଠାରେ କଷ୍ଟକର ହେଲା । ତହିଁରେ ନୟମୀ ଆପଣା ପୁତ୍ରବଧୂ ମାନଙ୍କୁ ଆପଣା ଆପଣା ମାତାର ଗୃହକୁ ଫେରିଯିବାକୁ କହି ଆପେ ଆପଣା ଦେଶକୁ ଫେରି ଆସିବା ନିମନ୍ତେ ନିର୍ଣ୍ଣୟ କଲେ । ନୟମୀଙ୍କର ଆଦେଶନୁଯାୟୀ ବଡ଼ ବୋହୁ ଅର୍ପା ଆପଣା ସ୍ୱଜନମାନଙ୍କ ନିକଟକୁ ଫେରିଗଲା । କିନ୍ତୁ ସାନବୋହୁ ରତ କହିଲା, "ତୁମ୍ଭକୁ ତ୍ୟାଗ କରି ତୁମ୍ଭର ପଶ୍ଚାଦ୍‌ଗମନ କରିବାରୁ ଫେରି ଯିବାକୁ ମୋତେ ବିନୟ ନ କର, ଯେହେତୁ ତୁମ୍ଭେ ଯେଉଁଠାକୁ ଯିବ, ମୁଁ ମଧ୍ୟ ସେହିଠାକୁ ଯିବି, ତୁମ୍ଭେ ଯେଉଁଠାରେ ରହିବ, ମୁଁ ମଧ୍ୟ ସେହିଠାରେ ରହିବି; ତୁମ୍ଭର ଲୋକହିଁ ମୋହର ଲୋକ ଓ ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ" (ରତ୍ ୧:୧୬) । ରତଙ୍କର ନିଷ୍ପତ୍ତି ତାହାଙ୍କ ଜୀବନ ବଦଳାଇ ଦେଇଥିଲା । ସେ ଜଣେ ବିଜାତୀୟା

ସ୍ତ୍ରୀ ହେଲେହେଁ ତାହାଙ୍କର ଦୃଢ଼ ନିଷ୍ପତ୍ତି ଦ୍ୱାରା ସେ ସମସ୍ତଙ୍କ ନିମନ୍ତେ ଆଶିର୍ବାଦର କାରଣ ହୋଇ ପାରିଥିଲେ । ଆମ୍ଭମାନଙ୍କ ଜୀବନରେ ମଧ୍ୟ ଆମ୍ଭମାନଙ୍କୁ ଅନେକ ନିଷ୍ପତ୍ତି ନେବାକୁ   ପଡ଼ିଥାଏ । ଠିକ୍ ସମୟରେ ନିଷ୍ପତ୍ତି ନେଲେ ଆମ୍ଭମାନଙ୍କ ଜୀବନ ସୁଖଦାୟକ ହୋଇଥାଏ ।

ରତଙ୍କର ଅସାଧାରଣ ଚରିତ୍ର ଏବଂ ତାହାଙ୍କର ସୁଗୁଣ ଓ ସୁବୁଦ୍ଧି ଦ୍ୱାରା ସେ ଅନ୍ୟମାନଙ୍କୁ ଆକର୍ଷିତ କରିଥିଲେ । ତାହାଙ୍କର କେତୋଟି ସୁଗୁଣ – [୧] ସେ କଠିନ ପରିଶ୍ରମୀ ଥିଲେ – ସେ ନୟମୀକୁ କହିଲେ, ମୋତେ କ୍ଷେତ୍ରରେ ଯିବାକୁ ଦିଅ, ମୁଁ ଯାହାର ଦୃଷ୍ଟିରେ ଅନୁଗ୍ରହ ପାଇବି, ତାହାର ପଶ୍ଚାତ୍ ପଶ୍ଚାତ୍ ଶସ୍ୟ ଶିଁଷା ସାଉଁଟିବି (ରତ୍ ୨:୨) । "ତୁମ୍ଭ ହସ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପାଏ, ତାହା ଆପଣା ଶକ୍ତିରେ କର" (ଉପଦେଶକ ୯:୧୦) । ପ୍ରେରିତ ପାଉଲ ୨ୟ ଥେସଲନୀକି ୩:୧୦ରେ ଲେଖନ୍ତି, "ଯେ କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ସେ ଭୋଜନ ମଧ୍ୟ ନ କରୁ" । ରତ୍ ଆଳସ୍ୟପ୍ରିୟ ହୋଇଥିଲେ, ସେହି ଗୃହ ଅସନ୍ତୋଷରେ ଭରି ରହିଥାନ୍ତା । [୨] ସେ କୃତଜ୍ଞତାପୂର୍ଣ୍ଣ ସ୍ତ୍ରୀ ଥିଲେ – ରତ ଘଟଣାକ୍ରମେ ଏଲିମେଲକ ବଂଶୀୟ ବୋୟୋଜଙ୍କ କ୍ଷେତ୍ରରେ ଶିଁଷା ସାଉଁଟିବା ନିମନ୍ତେ ପହଂଚିଲେ । ସେ ବୟୋଜ ଦୃଷ୍ଟିରେ ଅନୁଗ୍ରହ ପାତ୍ରୀ ହେଲେ । ବୟୋଜଙ୍କ ଦୟାର କଥା ଶୁଣି ସେ କୃତଜ୍ଞତା ସହ ତାହାକୁ ଭୂମିଷ୍ଠ ପ୍ରଣାମ କଲେ (ରତ୍ ୨:୧୦) । "କାରଣ ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ, ପିତାମାତାଙ୍କର ଅବାଧ୍ୟ, ଅକୃତଜ୍ଞ.......ଈଶ୍ୱର ପ୍ରିୟ ନ ହୋଇ ବିଳାସପ୍ରିୟ ହେବେ ...... ଏପରି ଲୋକମାନଙ୍କଠାରୁ ଅନ୍ତର ହୁଅ" (୨ ତିମଥି – ୩:୨)। [୩] ସେ ଦୟାଳୁ ଥିଲେ – ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ କହିଲେ, "ଦୟାଳୁ ଲୋକେ ଧନ୍ୟ କାରଣ ସେମାନେ ଦୟାପ୍ରାପ୍ତ ହେବେ" । ଦୟାଳୁ ରତ୍ ସଦାପ୍ରଭୁ, ଆପଣା ଶାଶୁ ନୟମୀ ଓ ବୋୟଜଙ୍କ ଦୃଷ୍ଟିରେ ଅନୁଗ୍ରହ ପାତ୍ରୀ ହୋଇଥିଲେ । ନୟମୀ ତାହାଙ୍କୁ କହିଲେ, "...ପୁଣି ମୃତମାନଙ୍କ ପ୍ରତି ଓ ଆମ୍ଭ ପ୍ରତି ତୁମ୍ଭେମାନେ ଯେ ରୂପ ଦୟା କରିଅଛ, ସଦାପ୍ରଭୁ ତୁମ୍ଭମାନଙ୍କ ପ୍ରତି ତଦ୍ରୂପ ଦୟା କରନ୍ତୁ" (ରତ ୧:୮)। ବୋୟଜ ତାହାଙ୍କୁ ଏ ରୂପ ଆଶୀର୍ବାଦ କଲେ, "ସଦାପ୍ରଭୁ ତୁମ୍ଭ କର୍ମର ଫଳ ଦେଉନ୍ତୁ; ଈଶ୍ରାୟେଲର ଯେଉଁ ସଦାପ୍ରଭୁଙ୍କ ପକ୍ଷ

ତଳେ ତୁମ୍ଭେ ଆଶ୍ରୟ ନେବାକୁ ଆସିଅଛ, ସେ ତୁମ୍ଭକୁ ସମ୍ପୂର୍ଣ୍ଣ ପୁରସ୍କାର ଦେଉନ୍ତୁ" (ରତ୍ ୨:୧୨) । "ଆଉ ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର" (ଏଫିସୀ ୪:୩୨)। [୪] ସେ ଈଶ୍ୱର ବିଶ୍ୱାସିନୀ ସ୍ତ୍ରୀ ଥିଲେ - ପରମେଶ୍ୱରଙ୍କ ଠାରେ ରତଙ୍କ ବିଶ୍ୱାସ ତାହାଙ୍କୁ ପ୍ରଶଂସାପାତ୍ରୀ କରିଅଛି । "ତୁମ୍ଭର ଲୋକହିଁ ମୋହର ଲୋକ ଓ ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ" ବୋଲି ସେ ଯେଉଁ ଦୃଢ଼ ନିଷ୍ପତ୍ତି କରିଥିଲେ, ତାହା ଦ୍ୱାରା ତାହାଙ୍କର ପ୍ରଗାଢ଼ ଈଶ୍ୱରଭକ୍ତି ପ୍ରକାଶ ପାଏ । ମୋଶାଙ୍କ ବ୍ୟବସ୍ଥାନୁଯାୟୀ, ତାହାଙ୍କ ମୃତ ସ୍ୱାମୀଙ୍କ ନିକଟସ୍ଥ ଜ୍ଞାତି ବୋୟଜ, ତାହାଙ୍କୁ ବିବାହ କରିବାରେ ଯୋଗ୍ୟ ବ୍ୟକ୍ତି ବୋଲି ସେ ବୁଝି ପାରିଥିଲେ (ଦ୍ୱିତୀୟ ବିବରଣ ୨୫:୫-୧୦) । ବୋୟଜ ତାହାଙ୍କୁ କହିଲେ, "ଯେହେତୁ ତୁମ୍ଭେ ଯେ ସାଧ୍ୱୀ, ଏହା ନଗର ଦ୍ୱାରସ୍ଥ ସମସ୍ତ ଲୋକ ଜାଣନ୍ତି" (ରତ ୩:୧୨)। କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ବୋଲି ଆତ୍ମା କହିଅଛନ୍ତି (ପ୍ରକା ୧୪:୧୩) । ଆମ୍ଭମାନଙ୍କ କୃତ ପ୍ରତ୍ୟେକ କର୍ମ, ଭଲ ହେଉ ବା ମନ୍ଦ ହେଉ ଆମ୍ଭମାନଙ୍କ ଅନୁବର୍ତ୍ତୀ ହେବ । [୫] ସେ ଶାଶୁ ପ୍ରେମୀ ଥିଲେ - ପ୍ରେମ ଚିରସ୍ଥାୟୀ ଅଟେ । ରତଙ୍କ ଶାଶୁ ନୟମୀଙ୍କ ପ୍ରତି ତାହାଙ୍କ ପ୍ରେମ ନିଃସ୍ୱାର୍ଥପର ସେବା ଯୋଗୁଁ ବୋୟଜ ତାହାଙ୍କୁ ଆହୁରି ଅଧିକ ଭାବେ ପ୍ରେମ କଲେ । ଆମ୍ଭମାନଙ୍କର କୃତ ସେବା, ବିନୟ ବ୍ୟବହାର ଆମ୍ଭମାନଙ୍କର ପ୍ରେମମୟ ହୃଦୟର ନିଦର୍ଶନ । କଷ୍ଟ ଓ କଠୋର ହୃଦୟ ଆମ୍ଭମାନଙ୍କୁ ବିନାଶ କରେ । ରତଙ୍କ ଆଚରେ ବ୍ୟବହାର ତାହାଙ୍କ ପ୍ରେମମୟ ହୃଦୟର ପ୍ରତି ରୂପ ।

## ରତଙ୍କର ସତ୍‌ଗୁଣର ପ୍ରତିଫଳ

ଜୀବନ୍ତ ପରମେଶ୍ୱରଙ୍କ ଆରାଧନା କରିବାରେ ନିଶ୍ଚିତ କରିଥିବା ରତଙ୍କୁ ବୋୟଜ କହିଲେ, "ସଦାପ୍ରଭୁ ତୁମ୍ଭ କର୍ମର ଫଳ ଦେଉନ୍ତୁ, ଇଶ୍ରାୟେଲର ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କ ପକ୍ଷତଳେ ତୁମ୍ଭେ ଆଶ୍ରୟ ନେବାକୁ ଆସିଅଛ, ସଦାପ୍ରଭୁ ପରମେଶ୍ୱରଙ୍କ ପକ୍ଷତଳେ ସେ ତୁମ୍ଭକୁ ସମ୍ପୂର୍ଣ୍ଣ ପୁରସ୍କାର ଦେଉନ୍ତୁ" (ରତ ୨:୧୨) । ସଦାପ୍ରଭୁ ପରମେଶ୍ୱରଙ୍କ ପକ୍ଷତଳେ ସେ ଆଶ୍ରୟ

ନେଲେ । "କାରଣ ତୁମ୍ଭେ ମୋହର ସହାୟ ହୋଇଅଛ, ଆଉ ତୁମ୍ଭ ପକ୍ଷର ଛାୟାରେ ମୁଁ ଉଲ୍ଲାସ କରିବି" (ଗୀତ ୬୩:୭) ।

୧) ଈଶ୍ୱର ରତଙ୍କୁ ଏକ ଉତ୍ତମ ସ୍ୱାମୀ ପ୍ରଦାନ କଲେ । ବୋୟଜ ଜଣେ ବିଶ୍ୱସ୍ତ, ଦୟାଳୁ ଓ ଈଶ୍ୱରଙ୍କ ଆଜ୍ଞାବହ ବ୍ୟକ୍ତି ଥିଲେ । ଜାଗତିକ ଭାବେ ଧନୀ, ଶାରୀରିକ ଭାବେ ବଳବାନ ବ୍ୟକ୍ତିଙ୍କଠାରୁ ଈଶ୍ୱର ଭକ୍ତ ଓ ଦୟାଳୁ ଲୋକେ ଧନ୍ୟ । ସମସ୍ତ ସୁଗୁଣର ଅଧିକାରୀ ବୋୟଜଙ୍କୁ ରତ ସ୍ୱାମୀ ରୂପେ ପାଇବା କେତେ ସୌଭାଗ୍ୟର ବିଷୟ ।

୨) ରତ ଏକ ମାତା ହେବାର ସୁଯୋଗ ପାଇଲେ । ସ୍ୱାମୀ ଏବଂ ସନ୍ତାନ ବିହୀନା ପୁଣି ଦୂର୍ଭିକ୍ଷଗ୍ରସ୍ତା ରତ ଅନେକ କଷ୍ଟ ଭୋଗିଲେ ହେଁ ବୟୋଜଙ୍କୁ ବିବାହ କରି ଏକ ସନ୍ତାନ ପ୍ରସବ କଲେ । ତାହାଙ୍କ ନାମ ଓବେଦ । ସେ ଦାଉଦଙ୍କ ପିତାମହ ଯିଶୟର ପିତା । ଓବେଦଙ୍କ ଜନ୍ମରେ ସେହି ଗୃହରେ ଆଉ ଥରେ ଆନନ୍ଦ, ସନ୍ତୋଷ ଫେରି ଆସିଲା । ଈଶ୍ୱର ଭକ୍ତ ବୋୟଜ ଓ ରତଙ୍କୁ ପିତା ଓ ମାତା ରୂପେ ପାଇ ଓବେଦ ସୌଭାଗ୍ୟବାନ୍ ହେଲେ !

୩) ତ୍ରାଣକର୍ତ୍ତା ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବଂଶାବଳୀରେ ରତଙ୍କୁ ସ୍ଥାନ ମିଳିଲା । ବିଜାତୀୟା ସ୍ତ୍ରୀ ରତଙ୍କର ଗର୍ଭରୁ ରାଜା ମହାରାଜା ଜନ୍ମିଲେ । ଦାଉଦ, ଶଲୋମନ ତଥା ରାଜାଧିରାଜ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହାଙ୍କ ଗର୍ଭରୁ ଜନ୍ମିଲେ । ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ ଯାପନ କଲେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବଂଶଧାରୀ ରତଙ୍କ ଆଶୀର୍ବାଦର ଉତ୍ତରାଧିକାରୀ ହୋଇ ପାରିବା ।

# ୧୦. ନୟମୀ

**(Naomi - The pleasant mother-in-law)**

ଦାଉଦ ଓ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳୀ ଜାଣିବା ନିମନ୍ତେ ରତଙ୍କ ସୁନ୍ଦର ପ୍ରେମ କାହାଣୀ ବାଇବଲରେ ଲିଖିତ ହୋଇ ଅଛି । ନୟମୀଙ୍କୁ ନ ଜାଣିଲେ ଆମ୍ଭେମାନେ ରତକୁ ଜାଣି ପାରିବା ନାହିଁ । ବାଇବଲ ଇତିହାସର ସମୟରେ ବେଳେ ବେଳେ ଇସ୍ରାୟେଲରେ ଦୂର୍ଭିକ୍ଷ ପଡୁଥିଲା । ବେଥଲିହିମ ନଗରବାସୀ ଏଲିମେଲକ, ତାହାଙ୍କ ଭାର୍ଯ୍ୟା ନୟମୀ ଓ ତାହାଙ୍କ ଦୁଇ ପୁତ୍ର ମହଲୋନ ଓ କିଲିୟୋନ ଦୂର୍ଭିକ୍ଷ ଯୋଗୁଁ ମୋୟବଦେଶରେ ପ୍ରବାସ କରିବାକୁ ଗଲେ । ତାହାଙ୍କ ସର୍ବସ୍ୱ ନେଇ ଅନ୍ୟ ଦେଶକୁ ପ୍ରସ୍ଥାନ କଲେ । ଅନେକ ଶତାବ୍ଦୀ ପରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, "ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୂର୍ଯ୍ୟ ଉପରେ ନିର୍ଭର କରେ ନାହିଁ" (ଲୂକ ୧୨:୧୫)। ସେହି ପ୍ରକାରେ ଏଲିମେଲକ ଓ ତାହାଙ୍କ ପୁତ୍ରମାନେ ଜୀବିତ ଥିବା ପର୍ଯ୍ୟନ୍ତ ସେମାନଙ୍କ ଜୀବନ ସୁଖ, ସନ୍ତୋଷରେ ବିତିଲା । ଏଲିମେଲକଙ୍କର ମୃତ୍ୟୁ ହୁଅନ୍ତେ ସେ ଓ ତାହାର ଦୁଇ ପୁତ୍ର ଅବଶିଷ୍ଟ ରହିଲେ । ଏହି ପୁତ୍ରମାନେ ମୋୟାବ ଦେଶୀୟା ସ୍ତ୍ରୀମାନଙ୍କ ମଧ୍ୟରୁ ଭାର୍ଯ୍ୟା ଗ୍ରହଣ କରିଥିଲେ । ଦଶ ବର୍ଷ ପରେ ନୟମୀଙ୍କ ଦୁଇ ପୁତ୍ର ମୃତ୍ୟୁ ଭୋଗନ୍ତେ, ନୟମୀ ସ୍ୱାମୀ ଓ ପୁତ୍ର ବିହୀନା ହେଲେ ।

ନୟମୀଙ୍କର ବୈଧବ୍ୟ ଜୀବନ ଅତି କଷ୍ଟକର ଥିଲା । ଦୁଃଖ ଓ କଷ୍ଟ ଭାରରେ ତାହାଙ୍କ ମୁଖ ବିଷର୍ଣ୍ଣ ହେଲା । ସେ ତାହାଙ୍କ ସାନବୋହୁ ରତ୍‌କୁ ନେଇ ପୁନର୍ବାର ବେଥଲିହିମକୁ ଫେରି ଆସିଲେ । "....ପୁଣି ଯେତେବେଳେ ସେମାନେ ବେଥଲିହିମରେ ଉପସ୍ଥିତ ହେଲେ, ସେତେବେଳେ ସେମାନଙ୍କ ବିଷୟରେ ନଗରଯାକ ଜନରବ ହୁଅନ୍ତେ, ସ୍ତ୍ରୀ ଲୋକମାନେ କହିଲେ, ଏ କି ନୟମୀ ? ତେଣୁ ସେ ସେମାନଙ୍କୁ କହିଲା, ମୋତେ ନୟମୀ (ମଧୁର) ବୋଲି ନ ଡ଼ାକ, ପୁଣି ମାରା (ତିକ୍ତ) ବୋଲି ଡ଼ାକ; ଯେହେତୁ ସର୍ବଶକ୍ତିମାନ ମୋ' ପ୍ରତି ଅତି ତିକ୍ତ ବ୍ୟବହାର କରିଅଛନ୍ତି । ମୁଁ ପରିପୂର୍ଣ୍ଣ ହୋଇ ଯାତ୍ରା କରିଥିଲି, ମାତ୍ର ସଦାପ୍ରଭୁ ମୋତେ ଶୂନ୍ୟ କରି ଫେରାଇ ଆଣି ଅଛନ୍ତି" (ରତ ୧:୨୦-୨୧) । ନୟମୀ ଏକ ଧାର୍ମିକା ଓ ବିଶ୍ୱାସିନୀ ସ୍ତ୍ରୀ । ଶଲୋମନଙ୍କ ଅନୁଯାୟୀ,

"ହାସ୍ୟ ଠାରୁ ଖେଦ ଭଲ; କାରଣ ମୁଖର ବିଷର୍ଣ୍ଣତା ଦ୍ୱାରା ହୃଦୟ ପ୍ରସନ୍ନ ହୁଏ" (ଉପଦେଶକ ୭:୩) । ମହାରାଜା ଦାଉଦ ଏପରି ଗାଇଲେ, "ମୁଁ ଯେମନ୍ତ ତୁମ୍ଭର ବିଧି ସବୁ ଶିଖିବି, ଏଥିପାଇଁ ମୁଁ ଯେ ଦୁଃଖ ଗ୍ରସ୍ତ ହେଲି, ଏହା ମୋ' ପକ୍ଷରେ ଭଲ ହେଲା" (ଗୀତ ୧୧୯:୭୧) । ନୟମୀଙ୍କର ଦୁଃଖ, ବେଦନା ତାହାଙ୍କୁ ଆହୁରି ଅଧିକ ଭାବେ ଈଶ୍ୱରଙ୍କ ନିକଟବର୍ତ୍ତୀ କରିଥିଲା । "ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିର ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି" (ଗୀତ୩୭:୨୩) । ପ୍ରେରିତ ପାଉଲ ରୋମୀୟମାନଙ୍କୁ ଲେଖନ୍ତି, "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୁତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ" (ରୋମୀ ୮:୨୮) । ଏହି ପ୍ରତିଜ୍ଞା ନୟମୀଙ୍କ ଜୀବନରେ ସଫଳ ହୋଇଥିବାର ଆମ୍ଭେମାନେ ପଢ଼ିପାରୁ ଅଛୁଁ । ସେ ବିଜାତୀୟମାନଙ୍କ ମଧ୍ୟରୁ ଫେରି ଆସି ଆପଣା ସ୍ୱଜନ ମଧ୍ୟରେ ବାସ କରିବାକୁ ସୁଯୋଗ ପାଇଲେ । ସ୍ମରଣ ରଖିବା ଈଶ୍ୱରଦତ୍ତ ଅନୁଗ୍ରହ ଗୁଡ଼ିକରୁ ଗୋଟିଏ । ନୟମୀ ଆପଣା ସ୍ୱଜନ, ବନ୍ଧୁମିତ୍ରଙ୍କୁ ସ୍ମରଣରେ ରଖିଥିଲେ । ତାହା ନୟମୀଙ୍କୁ ଆଶୀର୍ବାଦ ପ୍ରଦାନ ହେଲା । ଦ୍ୱିତୀୟରେ ଆମ୍ଭମାନଙ୍କ ଜୀବନକାଳରେ ଘଟିଥିବା କଷ୍ଟକର ଘଟଣାଗୁଡ଼ିକ ଭୁଲି ଯିବା ଆବଶ୍ୟକ । ଭୁଲି ନ ପାରିଲେ ଆମ୍ଭେମାନେ ସୁଖ, ସନ୍ତୋଷରେ ଜୀବନ କଟାଇ ପାରିବା ନାହିଁ । ନୟମୀ ମଧ୍ୟ ମୋୟାବ ଦେଶରେ ପାଉଥିବା କଷ୍ଟ ଭୁଲିଯାଇ ବେଥଲିହିମକୁ ଫେରି ଆସି ପୁନର୍ବାର ନୂତନ ଜୀବନ ଆରମ୍ଭ କଲେ । ତେଣୁକରି ସେ ଆପଣା ପୁତ୍ର ବଧୂମାନଙ୍କୁ ଆପଣା ଆପଣା ମାତୃ ଗୃହକୁ ଫେରି ଯିବା ନିମନ୍ତେ କହିଲେ । ପ୍ରେରିତ ପାଉଲଙ୍କର ୧ମ ତୀମଥି ୫:୪-୧୬ରେ ଲିଖିତ ବାକ୍ୟ ଅନୁଯାୟୀ, ନୟମୀଙ୍କ ସାନ ବହୂ ରୂତ ତାହାକୁ ବୃଦ୍ଧାବସ୍ଥାରେ ପରିତ୍ୟାଗ ନ କରି ତାହାଙ୍କ ସହିତ ବେଥଲିହିମକୁ ଆସିଲେ । ରୂତ ଏକାକୀ ଓ ନିଃସହାୟ ନୟମୀର ସହାୟ ହେଲେ ।

## ଶାଶୁ ନୟମୀର କେତୋଟି ସୁଗୁଣ

ଧାର୍ମିକା ନୟମୀର କୋମଳ ଆଚରଣ ବ୍ୟବହାର ଦ୍ୱାରା ବିଜାତୀୟା ରୂତ ଜୀବନ୍ତ ପରମେଶ୍ୱରଙ୍କୁ ଆରାଧନା କରିବାରେ ଉତ୍ସାହିତ ହେଲେ । ତେଣୁକରି

ରତ ନୟମୀଙ୍କୁ ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ ବୋଲି କହି ପାରିଲେ । ଆମ୍ଭମାନଙ୍କ ଆଚ୍ଛର ବ୍ୟବହାର ଦ୍ୱାରା ଆମ୍ଭେମାନେ ପରିବାରର ଲୋକଙ୍କୁ ପ୍ରଭାବିତ କରୁଁ । ଆମ୍ଭମାନଙ୍କ ଦୁଃଖ ବ୍ୟବହାର, ସେମାନଙ୍କୁ ପ୍ରଭୁଙ୍କ ଆଡେ ଫେରାଇ ଆଣି ନ ପାରେ । ଲୋଟ୍ ଆପଣା ଜ୍ୱାଇଁମାନଙ୍କୁ ସେ ନଗର ପରିତ୍ୟାଗ କରି ପଳାଇ ଯିବାକୁ କହିବାରୁ ସେମାନେ ତାହାକୁ ପରିହାସକ ପରି ମଣିଲେ (ଆଦି ୧୯:୧୪) । ମହାଯାଜକ ଏଲିଙ୍କର ପୁତ୍ରମାନେ ପାପ ଧାମ ସନ୍ତାନ ଥିଲେ, ସେମାନେ ସଦାପ୍ରଭୁଙ୍କୁ ଜାଣିଲେ ନାହିଁ (୧ମ ଶାମୁୟେଲ ୨:୧୨) । ନୟମୀ ଓ ରତ ଦୁହେଁ ଧର୍ମପରାୟଣା ସ୍ତ୍ରୀ ହୋଇଥିବାରୁ ଏକକୁ ଆରକେ ସହାୟ ହୋଇ ରହିବାରେ ସୁଯୋଗ ପାଇଲେ । ନୟମୀ ଆପଣା ବିଷୟଠାରୁ ରତ ବିଷୟରେ ଅଧିକ ଭାବେ ଚିନ୍ତିତ ଥିଲେ (ରତ ୧:୮-୧୩) । ରତଙ୍କର ସୁଖ, ଶାନ୍ତି, ସନ୍ତୋଷ ବିଷୟରେ ନୟମୀ ସବୁବେଳେ ଯତ୍ନ ନେଲେ । ଶାଶୁ ଓ ବୋହୁର ବନ୍ଧନ ଏତେ ସୁନ୍ଦର ଥିଲେ ସେ ଗୃହ କେତେ ସୁନ୍ଦର ନ ଥିବ ! ବିଶେଷତଃ ସେହି ଗୃହ ଈଶ୍ୱରଙ୍କ ଅନୁଗ୍ରହରେ ପରିପୂର୍ଣ୍ଣ ହୋଇ ରହିବ । ରତ୍ଙ୍କ ବିବାହ ବିଷୟରେ ନୟମୀ ସବୁବେଳେ ଚିନ୍ତିତ ଥିଲେ । ସେ ରତ୍‌କୁ କହିଲେ, "ଆଗୋ ମୋହର କନ୍ୟେ ଯହିଁରେ ତୁମ୍ଭର ମଙ୍ଗଳ ହେବ, ଏପରି ଆଶ୍ରୟ ସ୍ଥାନ ମୁଁ କି ତୁମ୍ଭ ପାଇଁ ଚେଷ୍ଟା କରିବି ନାହିଁ ?" (ରତ ୩:୧) । ବୟୋଜର ମନ ସେ ବୁଝିପାରି ରତଙ୍କୁ କହିଲେ, "ଆଗୋ ଆମ୍ଭର କନ୍ୟେ, ଏ ବିଷୟ କଅଣ ହେବ, ଏହା ତୁମ୍ଭକୁ ଜଣାଯିବା ପର୍ଯ୍ୟନ୍ତ ବସିଥାଅ, କାରଣ ସେ ମନୁଷ୍ୟ ଆଜି ଏ କର୍ମ ସାଙ୍ଗ ନ କରି ବିଶ୍ରାମ କରିବ ନାହିଁ" (ରତ୍ ୩:୧୮) । ଏହି ସମ୍ଭାଷଣ ଗୁଡ଼ିକରୁ ନୟମୀଙ୍କର ତାହାଙ୍କ ବୋହୁ ରତଙ୍କ ପ୍ରତି ଥିବା ପ୍ରେମ ପ୍ରକାଶ ପାଏ । ଜ୍ଞାନୀ ଶଲୋମନ କହନ୍ତି, "....କାରଣ ପ୍ରେମ ମୃତ୍ୟୁ ପରି ବଳବାନ; ଅନ୍ତର୍ଜ୍ୱାଳା ପାତାଳ ପରି ଦୃଢ଼; ତହିଁର ଶିଖା ଅଗ୍ନିଶିଖା, ଅତିଭୟଙ୍କର ଅଗ୍ନିଶିଖା" (ପରମ ଗୀତ ୮:୬) । ନୟମୀଙ୍କ ପ୍ରେମ ଦ୍ୱାରା ସେ ଶିଶୁ ଓବେଦଙ୍କୁ ନାତି ରୂପେ ପାଇଲେ । ୨ ତୀମଥି ୧:୫ରେ ଅନ୍ୟ ଏକ ଈଶ୍ୱର ଭକ୍ତ ମାତାମହଙ୍କର ବିଷୟରେ ପଢ଼ିପାରୁ । "ସନ୍ତାନଗଣର ସନ୍ତାନମାନେ ବୃଦ୍ଧ ଲୋକମାନଙ୍କର ମୁକୁଟ; ସେମାନଙ୍କ ପିତୃଗଣ" (ହିତୋ ୧୭:୬) । ଓବେଦଙ୍କ ଜନ୍ମରେ ନୟମୀଙ୍କ ଜୀବନ ଧନ୍ୟ ହେଲା । ସେ ପ୍ରତିବାସିନୀ ସ୍ତ୍ରୀ ମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ରଖିଥିଲେ (ରତ ୪:୧୭) ।

ମୋୟାବ ଦେଶରେ ନୟମୀଙ୍କ ଜୀବନ ମାରା (ତିକ୍ତ) ରୂପେ ବଦଳି ଥିଲେ ସୁଦ୍ଧା ଶେଷ ଜୀବନରେ ସେ ଅନ୍ୟମାନଙ୍କର ଆଶୀର୍ବାଦର କାରଣ ହେଲେ । ଦାଉଦଙ୍କ ପିତାମହ ଓବେଦଙ୍କୁ କୋଳରେ ଘେନି ପ୍ରତିପାଳନ କଲେ । ସେ ସେହି ଗୃହରେ ଏକ ଆଦରଣୀୟା ବ୍ୟକ୍ତି ରୂପେ ସମ୍ମାନ ପାଇଲେ । ନୟମୀ ନାମର ଅର୍ଥ ମଧୁର । ତାହାଙ୍କ ସୁବୁଦ୍ଧି, ସୁକର୍ମ ଫଳରେ ତାହାଙ୍କ ନାମ ସାର୍ଥକ ହେଲା । ଜ୍ଞାନୀ ଶଲୋମନଙ୍କ ଅନୁଯାୟୀ, "ପକ୍ୱକେଶ ଶୋଭାଜନକ ମୁକୁଟ, ତାହା ଧର୍ମ ପଥରେ ପ୍ରାପ୍ତ ହୁଏ" (ହିତୋ ୧୬:୩୧)। ଏହି ବାକ୍ୟ ନୟମୀଙ୍କ ଜୀବନରେ କେତେ ସତ୍ୟ !

# ୧୧. ହାନ୍ନା

**(Hannah - Whose prayer will live forever)**

ଇଫ୍ରୟିମୀୟ ଇଲ୍‌କାନାଙ୍କର ଦୁଇ ଭାର୍ଯ୍ୟା ଥିଲେ । ଜଣକର ନାମ ହାନ୍ନା, ଅନ୍ୟର ନାମ ପନିନ୍ନା । ପନିନ୍ନାର ସନ୍ତାନ ସନ୍ତତି ଥିଲେ, କିନ୍ତୁ ହାନ୍ନା ବନ୍ଧ୍ୟା ଥିଲେ । ସଦାପ୍ରଭୁ ହାନ୍ନାର ଗର୍ଭାଶୟ ରୁଦ୍ଧ କରିବାରୁ ତାହାର ସପତ୍ନୀ ତାହାର ରୋଷ ଜନ୍ମାଇବା ନିମନ୍ତେ ତାହାକୁ ଅତିଶୟ ବିରକ୍ତ କରେ । ସେମାନେ ସପରିବାର ଶିଲୋରେ ସଦାପ୍ରଭୁଙ୍କ ଗୃହକୁ ଗଲାବେଳେ, ହାନ୍ନା ସଦାପ୍ରଭୁଙ୍କଠାରେ ଏକ ମାନତ କଲେ । "ପୁଣି ସେ ଏକ ମାନତ ମନାସି କହିଲା, ହେ ସୈନାଧିପତି ସଦାପ୍ରଭୋ, ଯେବେ ତୁମ୍ଭେ ଆପଣା ଦାସୀର ଦୁଃଖ ପ୍ରତି ନିତାନ୍ତ ଦୃଷ୍ଟିପାତ କରିବ ଓ ମୋତେ ସ୍ମରଣ କରି ଆପଣା ଦାସୀକି ପାସୋରିବ ନାହିଁ, ମାତ୍ର ଆପଣା ଦାସୀକି ଗୋଟିଏ ପୁରୁଷ ସନ୍ତାନ ଦେବ, ତେବେ ମୁଁ ତାହାର ଯାବଜ୍ଜୀବନ ତାହାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି ଓ ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ" (୧ମ ଶାମୁୟେଲ ୧:୧୧)। ତାହାଙ୍କ ପ୍ରାର୍ଥନାର ପ୍ରତିଫଳେ ସେ ଶାମୁୟେଲଙ୍କୁ ଜନ୍ମ ଦେଲେ । ଶାମୁୟେଲ ସ୍ତନପାନ ତ୍ୟାଗ କରିବା ପରେ ହାନ୍ନା ତାହାକୁ ସଦାପ୍ରଭୁଙ୍କ ମନ୍ଦିରରେ ନେଇଯାଇ ତାହାଙ୍କୁ ସଦାପ୍ରଭୁଙ୍କ ସେବାରେ ଅର୍ପଣ କଲେ ।

ଆମ୍ଭେମାନେ ଦୁଃଖ ବେଦନାରେ ଭାରଗ୍ରସ୍ତ ହେଲେ ସଦାପ୍ରଭୁଙ୍କ ନିକଟବର୍ତ୍ତୀ ହୋଇଥାଉଁ । ହାନ୍ନାଙ୍କର ସପତ୍ନୀ ପନିନ୍ନା ତାହାକୁ ଅତିଶୟ ବିରକ୍ତ କରିବାରୁ ସେ ସଦାପ୍ରଭୁଙ୍କଠାରେ ଏକ ପୁରୁଷ ସନ୍ତାନ ନିମନ୍ତେ ବିନତି କଲେ । ଲେଖାଯାଏ, "ମୋ ମଧ୍ୟରେ ମୋ' ପ୍ରାଣ ମୂର୍ଚ୍ଛିତ ହେବାବେଳେ ମୁଁ ସଦାପ୍ରଭୁଙ୍କୁ ସ୍ମରଣ କଲି; ପୁଣି ମୋ' ପ୍ରାର୍ଥନା ତୁମ୍ଭ ନିକଟରେ ତୁମ୍ଭ ପବିତ୍ର ମନ୍ଦିରରେ ଉପସ୍ଥିତ ହେଲା" (ଯୁନସ ୨:୭) । ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗିବା ପୂର୍ବେ ମର୍ମାନ୍ତିକ ଦୁଃଖରେ ମଗ୍ନ ହୋଇ ଆହୁରି ଏକାଗ୍ର ଭାବରେ ଗେଥ୍‌ଶିମୋନୀ ଉଦ୍ୟାନରେ ପ୍ରାର୍ଥନା କରିଥିଲେ । ସେହିପରି ଦୁଃଖ, ବେଦନାଗ୍ରସ୍ତ ଲୋକେ ଅଧିକ ଭାବେ ସଦାପ୍ରଭୁଙ୍କ ନିକଟବର୍ତ୍ତୀ ହୋଇଥାନ୍ତି । ପ୍ରେରିତ ପାଉଲ କହନ୍ତି, "ଖ୍ରୀଷ୍ଟଙ୍କ ନିମନ୍ତେ ଦୁର୍ବଳତାରେ, ଅପମାନରେ, ଦୁର୍ଦ୍ଦଶାରେ, ତାଡ଼ନାରେ ସଙ୍କଟରେ ମୁଁ ସନ୍ତୁଷ୍ଟ ହୁଏ; କାରଣ

ଯେତେବେଳେ ମୁଁ ଦୁର୍ବଳ, ସେତେବେଳେ ମୁଁ ବଳବାନ" (୨ୟ କରିନ୍ଥୀ ୧୨:୧୦)। ରାଜା ଦାଉଦ କହିଲେ, "ମୁଁ ଯେମନ୍ତ ତୁମ୍ଭର ବିଧି ସବୁ ଶିଖିବି, ଏଥିପାଇଁ ମୁଁ ଯେ ଦୁଃଖଗ୍ରସ୍ତ ହେଲି, ଏହା ମୋ' ପକ୍ଷରେ ଭଲ ହେଲା" (ଗୀତ ୧୧୯:୭୧)। ଉପର ଲିଖିତ ବାକ୍ୟ ଗୁଡ଼ିକରୁ ହାନ୍ନାଙ୍କର ଦୁଃଖ ଓ ତାହାଙ୍କ ପୁତ୍ର ପ୍ରାପ୍ତିର ଆଶା ତାହାଙ୍କୁ ସଦାପ୍ରଭୁଙ୍କଠାରେ ଆଶ୍ରୟ ନେବାରେ ସାହାଯ୍ୟ କରିଥିଲା ବୋଲି ଜାଣିପାରୁ।

ପ୍ରାର୍ଥନାର ଶକ୍ତି, ବଳ ଓ ପ୍ରତିଫଳ ଭଲ ରୂପେ ହାନ୍ନା ଜାଣିଥିଲେ। ଏକ ଉତ୍କୃଷ୍ଟ ବରଦାନ ପ୍ରାପ୍ତ ହେବା ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ସଦାପ୍ରଭୁଙ୍କ ଆଜ୍ଞା ଅଟେ। "ନିରନ୍ତର ପ୍ରାର୍ଥନା କର" ବୋଲି ପ୍ରେରିତ ପାଉଲ ୧ମ ଥେସଲନୀକି ୫:୧୭ରେ ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତି। "ଅତଏବ ଆସ, କୃପା ପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉଁ" (ଏବ୍ରୀ ୪:୧୬)। "ପୁଣି ହାନ୍ନା ତିକ୍ତମନା ହୋଇ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁ କରୁ ଅତିଶୟ ରୋଦନ କଲା.............. କେବଳ ତାହାର ଓଷ୍ଠ ହଲୁଥିଲା, ମାତ୍ର ତାହାର ରବ ଶୁଣାଯାଉ ନ ଥିଲା.........." (୧ମ ଶାମୁୟେଲ ୧:୧୦-୧୨)। ହାନ୍ନାଙ୍କର ଏହି ମୌନ ପ୍ରାର୍ଥନା ଆମ୍ଭମାନଙ୍କ ନିମନ୍ତେ ଏକ ଆଦର୍ଶ ହୋଇଅଛି। ଆମ୍ଭେମାନେ ଆପଣା ଆପଣା କାମ କରୁଥିବା ସମୟରେ ମୌନ ଭାବେ ପ୍ରାର୍ଥନା କରି ସର୍ବଦା ତାହାଙ୍କ ସାନ୍ନିଧ୍ୟରେ ରହିପାରିବା।

"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ.....ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ବିଷୟ ନ ଦେବେ!" (ମାଥିଉ ୭:୭-୧୧)। ତେଣୁ ଆମ୍ଭେମାନେ ମାଗିବା କିନ୍ତୁ ଈଶ୍ୱର ପ୍ରତ୍ୟେକ ପ୍ରାର୍ଥନାର ପ୍ରତିଫଳ ଦିଅନ୍ତି ନାହିଁ। ଈଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିବାରେ କେତୋଟି ସର୍ତ୍ତ ରଖିଛନ୍ତି:-

[୧] ପ୍ରଭୁ ଯୀଶୁଖ୍ରୀଷ୍ଟ କହିଲେ - "ଯଦି ତୁମ୍ଭେମାନେ ମୋ'ଠାରେ ରୁହ,

ଆଉ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହାହେଲେ ଯେ କୌଣସି ବିଷୟ ଇଚ୍ଛା କର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ" (ଯୋହନ ୧୫:୭)।

[୨] "ଯେଉଁ ଲୋକ ବ୍ୟବସ୍ଥା ଶୁଣିବାରୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ" (ହିତୋ ୨୮:୯)। "ଈଶ୍ୱର ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହାହେଲେ ସେ ତାହାର କଥା ଶୁଣନ୍ତି" (ଯୋହନ ୯:୩୧)। ତେଣୁକରି ଆମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା ପାଳନକାରୀ ହେବା ଆବଶ୍ୟକ।

[୩] ଆମ୍ଭମାନଙ୍କୁ କେବଳ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରିବା ଆବଶ୍ୟକ। ଯେପରି ସେ କହିଅଛନ୍ତି, "ପୁଣି, ପିତା ଯେପରି ପୁତ୍ରଙ୍କଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ' ନାମରେ ଯାହାକିଛି ମାଗିବ, ତାହା ମୁଁ କରିବି। ଯଦି ତୁମ୍ଭେମାନେ ମୋ' ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି" (ଯୋହନ ୧୪:୧୩-୧୪)।

[୪] ବିଶ୍ୱାସରେ ପୁଣି ନିଃସନ୍ଦେହରେ ଆମ୍ଭେମାନେ ପ୍ରାର୍ଥନା କରିବା ଆବଶ୍ୟକ (ଯାକୁବ ୧:୬)।

[୫] ଆମ୍ଭମାନଙ୍କ ପ୍ରାର୍ଥନା ଉତ୍ତମ ଅଭିପ୍ରାୟଯୁକ୍ତ ହେବା ଆବଶ୍ୟକ। "........ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ" (ଯାକୁବ ୪:୩)।

[୬] "ପୁଣି ତୁମ୍ଭେମାନେ ଯେ କୌଣସି ସମୟରେ ପ୍ରାର୍ଥନା କରିବାକୁ ଠିଆ ହୁଅ, ଯଦି କାହାରି ବିରୁଦ୍ଧରେ ତୁମ୍ଭମାନଙ୍କର କିଛି କଥା ଥାଏ, ତାହାହେଲେ କ୍ଷମା କର, ଯେପରି ତୁମ୍ଭମାନଙ୍କର ଅପରାଧ ସବୁ କ୍ଷମା  କରିବେ। କିନ୍ତୁ ତୁମ୍ଭେମାନେ ଯେବେ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ" (ମାର୍କ ୧୧:୨୫-୨୬)।

ଉପର ଲିଖିତ ସମସ୍ତ ସର୍ତ୍ତାଧିନ ହାନ୍ନାଙ୍କର ମୌନ ପ୍ରାର୍ଥନା ଈଶ୍ୱର ଶୁଣିଥିଲେ ବୋଲି ଆମ୍ଭେ ଜାଣିପାରୁ । ସେ ଆପଣା ସମସ୍ତ ଦୁଃଖ, ବେଦନାର ଭାର ଈଶ୍ୱରଙ୍କ ଉପରେ ପକାଇଥିଲେ । ଯେପରି ପ୍ରେରିତ ପିତର କହନ୍ତି, "ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି" (୧ମ ପିତର ୫:୭) । ଈଶ୍ୱରଙ୍କ ଉପରେ ଆପଣା ସମସ୍ତ ଭାର ଥୋଇ ହାନ୍ନା ଆପଣା ଗୃହକୁ ଫେରିଗଲେ । ସେ ସନ୍ତୋଷରେ ଭୋଜନ କଲେ ଆଉ ତାହାଙ୍କ ମୁଖ ବିଷର୍ଣ୍ଣ ନୋହିଲା ।

"ଯେବେ ତୁମ୍ଭେ ଆପଣା ଦାସୀର ଦୁଃଖ ପ୍ରତି ନିତାନ୍ତ ଦୃଷ୍ଟିପାତ କରିବ ଓ ମୋତେ ସ୍ମରଣ କରି ଆପଣା ଦାସୀକି ପାସୋରିବ ନାହିଁ, ମାତ୍ର ଆପଣା ଦାସୀକି ଗୋଟିଏ ପୁରୁଷ ସନ୍ତାନ ଦେବ, ତେବେ ମୁଁ ତାହାର ଯାବଜ୍ଜୀବନ ତାହାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି" (୧ମ ଶାମୁୟେଲ ୧:୧୧) ବୋଲି ହାନ୍ନା ସଦାପ୍ରଭୁଙ୍କଠାରେ ଏକ ମାନତ ମନାସି ଥିଲେ । ଶାମୁୟେଲ ସ୍ତନ୍ୟପାନ ତ୍ୟାଗ କଲା ପରେ, ସେ ଆପଣା ମାନତ ଅନୁସାରେ ସଦାପ୍ରଭୁଙ୍କ ସେବାରେ ତାହାଙ୍କୁ ଅର୍ପଣ କଲେ । ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିବା ଲୋକେ କେବଳ ଏପରି ତ୍ୟାଗ କରି ପାରନ୍ତି । ଦୁଃଖ କଷ୍ଟରେ ଥିବାବେଳେ ଅନେକେ ଅନେକ ପ୍ରକାରର ମାନତ ମନାସିଥାନ୍ତି । କିନ୍ତୁ ସେହି ଦୁଃଖ କଷ୍ଟ ଅପସାରିତ ହେବାପରେ, ଆପଣା ମାନତ ଭୁଲି ଯାଆନ୍ତି । କିନ୍ତୁ ହାନ୍ନା ଆପଣା ମାନତ ଭୂଲି ଯାଇ ନ ଥିଲେ । ବାଳକ ଶାମୁୟେଲ ସ୍ତନ୍ୟପାନ ତ୍ୟାଗ କରିବା ପରେ, ହାନ୍ନା ତାହାଙ୍କୁ ସଦାପ୍ରଭୁଙ୍କ ଗୃହର ମହାଯାଜକ ଏଲିଙ୍କ ହସ୍ତରେ ସମର୍ପଣ କଲେ ।

ହାନ୍ନା ମୌନଭାବେ ପ୍ରାର୍ଥନା କରିବା ବେଳେ ତାହାଙ୍କ ଓଷ୍ଠ କେବଳ ହଲୁଥିଲା । ତାହାଙ୍କ ରବ ଶୁଣା ଯାଉ ନ ଥିବାରୁ, ସେ ମତ୍ତ ହୋଇଥିବେ ବୋଲି ଏଲି ମନେକରି ତାହାଙ୍କୁ କହିଲେ, "ତୁମ୍ଭେ କେତେକାଳ ମତ୍ତ ହୋଇଥିବ ? ତୁମ୍ଭ ଦ୍ରାକ୍ଷାରସ ତୁମ୍ଭଠାରୁ ଦୂର କର ।" କିନ୍ତୁ ହାନ୍ନା ଅତି ବିନୟ ଭାବେ ତାହାକୁ ଉତ୍ତର ଦେଇ କହିଲେ, "ନା, ମୋହର ପ୍ରଭୋ, ମୁଁ ଦୁଃଖିନୀ ସ୍ତ୍ରୀ, ମୁଁ ଦ୍ରାକ୍ଷାରସ କି ମଦ୍ୟପାନ କରିନାହିଁ, ମାତ୍ର ସଦାପ୍ରଭୁଙ୍କ

ସମ୍ମୁଖରେ ମୁଁ ଆପଣା ପ୍ରାଣ (ବେଦନା) ଢ଼ାଳୁଥିଲି” (୧ମ ଶାମୁୟେଲ ୧:୧୫-୧୭)। ହାନ୍ନାଙ୍କ ବିଷୟରେ ଯାଜକ ଏଲିଙ୍କ ମନ୍ଦ ମନୋଭାବ ଦୂର ହେଲା।

ମୁଖ୍ୟତଃ, ହାନ୍ନାଙ୍କୁ ଆମ୍ଭେମାନେ ଭବିଷ୍ୟତ୍‌ବକ୍ତା ଶାମୁୟେଲଙ୍କ ମାତା ରୂପେ ମନେ ରଖିବା ଆବଶ୍ୟକ। ଶାମୁୟେଲ ଇଶ୍ରାୟେଲ ଗୋଷ୍ଠୀର ଏକ ସୁପରିଚିତ ଯାଜକ, ଭାବବାଦୀ ଓ ବିଚାରକର୍ତ୍ତା ଥିଲେ। ବିଚାର କର୍ତ୍ତାମାନଙ୍କ ଆଧିପତ୍ୟରୁ ରାଜାମାନଙ୍କ ଆଧିପତ୍ୟକୁ ସେ ଇଶ୍ରାୟେଲ ଗୋଷ୍ଠୀକୁ କଢ଼ାଇ ନେଇଥିଲେ। ତାହାଙ୍କ ଦ୍ୱାରା ଇଶ୍ରାୟେଲର ପ୍ରଥମ ରାଜା ଶାଉଲ ତଥା ଦାଉଦ ରାଜା ଅଭିଷିକ୍ତ ହୋଇଥିଲେ। ଶାମୁୟେଲ ଆପଣା ଯାବଜ୍ଜୀବନ ଈଶ୍ୱରଙ୍କ ସେବାରେ ଅର୍ପିତ କରିଥିବାରୁ ଈଶ୍ୱର ତାହାଙ୍କୁ ଅତି ଉନ୍ନତ ଗୌରବର ଅଧିକାରୀ କରିଥିଲେ। ସଦାପ୍ରଭୁ ତାହାକୁ ଡ଼ାକିଲା ବେଳେ ସେ ଉତ୍ତର ଦେଇ କହିଲେ, “କହନ୍ତୁ, ଆପଣଙ୍କ ଦାସ ଶୁଣୁଅଛି” (୧ମ ଶାମୁୟେଲ ୩:୧୦)। ଆପଣା ପ୍ରତିଜ୍ଞାନୁସାରେ ସେ ଯାବଜ୍ଜୀବନ ଈଶ୍ୱରଙ୍କର ଆଜ୍ଞାକାରୀ ହୋଇ ରହିଲେ। ହାନ୍ନାଙ୍କ ଗଭୀର ବିଶ୍ୱାସ ଓ ଈଶ୍ୱର ଭକ୍ତିର ପ୍ରଭାବ ଦ୍ୱାରା ସେ ଅଧିକ ଭାବେ ଈଶ୍ୱରଙ୍କ ସେବାରେ ଆପଣାକୁ ସମର୍ପିତ କରି ପାରିଥିଲେ।

ହାନ୍ନା ଈଶ୍ୱରଙ୍କ ସେବାରେ ସହଭାଗୀ ହେବା ଭାଗ୍ୟବାନ ମଣିଲେ। ସେ ଆପଣା ସନ୍ତାନ ଶାମୁୟେଲଙ୍କୁ ଈଶ୍ୱରଙ୍କ ଗୃହରେ ଛାଡ଼ି ଘରକୁ ଫେରିବା ପରେ ମହା ଆନନ୍ଦରେ ଈଶ୍ୱରଙ୍କ ସ୍ତୁତିଗାନ କଲେ (୧ମ ଶାମୁୟେଲ ୨:୧୦)। ସନ୍ତାନମାନଙ୍କ ପ୍ରଥମ ଶିକ୍ଷକ ସେମାନଙ୍କ ମାତା। ହାନ୍ନାଙ୍କ ସଦୃଶ୍ୟ କେତେ ଜଣ ସ୍ତ୍ରୀମାନେ ଆପଣା ଆପଣା ସନ୍ତାନମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ଚାଲିବାର ଶିକ୍ଷା ଦିଅନ୍ତି ? ହାନ୍ନା ଆପଣା ସନ୍ତାନର ଭବିଷ୍ୟତ ଆତ୍ମିକ ଜୀବନ ବିଷୟରେ ବାଲ୍ୟକାଳରୁ ଯତ୍ନ ନେଇଥିଲେ। ମାତା ଓ ମାତାମହମାନଙ୍କ ଜୀବନ ପ୍ରଭାବ କିପରି ବାଳକ ତୀମଥି ଉପରେ ପଡ଼ିଥିଲା ଆମ୍ଭେମାନେ ୨ତୀମଥି ୧:୫ରେ ପଢ଼ିପାରୁ।

ଭକ୍ତିହୀନ ପିତାମାତାଙ୍କର ସନ୍ତାନ ରୂପେ ଜନ୍ମ ହେବା ଦୁର୍ଭାଗ୍ୟର ବିଷୟ। ପଥଭ୍ରଷ୍ଟ କନିଷ୍ଠ ପୁତ୍ରର କାହାଣୀରେ ଆପଣା ପିତାକୁ ମନେ ପକାଇବା ବେଳେ ତାହାର ମନ ପରିବର୍ତ୍ତନ ହେଲା। ସେ ତାହାର ଦୁଃସ୍ଥିତି ତ୍ୟାଗ କରି

ଆପଣା ପିତା ନିକଟରେ ଯାଇ କ୍ଷମା ପ୍ରାର୍ଥନା କରିବା ନିମନ୍ତେ ଇଚ୍ଛୁକ ହେଲା । ସେପରି ଭାବେ ସେ ଆପଣା ଗୃହରୁ ଫେରି ଆସିଲା । ପିତା ମାତାଙ୍କ ପ୍ରେମରେ ପରିବାର ସୁଖ ଶାନ୍ତିରେ ଭରି ହୋଇଥାଏ । ପରିବାରର ଆନନ୍ଦ ଅଧିକ ଭାବେ ମାତା ଉପରେ ନିର୍ଭର କରେ । ଶାମୁୟେଲ ସେହିପରି ପରିବାରର ସଭ୍ୟ ଥିଲେ । କେତେକ ଖ୍ରୀଷ୍ଟିୟାନ ସ୍ତ୍ରୀ ହାନ୍ନାଙ୍କ ସଦୃଶ୍ୟ ଆପଣା ଗୃହ ସଜାଡ଼ି ଥାନ୍ତି ? ମାତାଙ୍କର ପ୍ରାର୍ଥନା ଜୀବନର ପ୍ରତିଫଳ ସନ୍ତାନମାନେ ପାଇ ପାରୁଛନ୍ତି କି ? ଶାମୁୟେଲ ହାନ୍ନାଙ୍କ ପ୍ରାର୍ଥନାମୟ ଜୀବନର ଉତ୍କୃଷ୍ଟ ଫଳ । ଆମ୍ଭେମାନେ ଆପଣା ସନ୍ତାନମାନଙ୍କୁ ହାନ୍ନାଙ୍କ ସଦୃଶ୍ୟ ଲାଳନ ପାଳନ କରିବା ଆବଶ୍ୟକ ।

···· ❖ ····

# ୧୨. ଅବୀଗଲ

**(Abigail - Queen of the art of persuation)**

ଈଶ୍ରାୟେଲର ପ୍ରଥମ ରାଜା ଶାଉଲ ଈଶ୍ୱରଙ୍କ ଦୃଷ୍ଟିରେ ପାପ କରିବାରୁ ଈଶ୍ରାୟେଲ ରାଜ୍ୟ ଦାଉଦ ହସ୍ତରେ ସମର୍ପଣ କରିବାକୁ ଈଶ୍ୱର ନିର୍ଣ୍ଣୟ କରି ଦାଉଦଙ୍କୁ ଶାମୁୟେଲଙ୍କ ଦ୍ୱାରା ଅଭିଷିକ୍ତ କରାଇଲେ । ଏହା ଶାଉଲ ଜ୍ଞାତ ହୋଇ ଦାଉଦଙ୍କୁ ବଧ କରିବାକୁ ଚେଷ୍ଟା କରିବାରୁ ଦାଉଦ ଆପଣା ଛଅ ଶହ ଅନୁଚରୀମାନଙ୍କ ସହିତ ପାରଣ ପ୍ରାନ୍ତରକୁ ଯାଇ ସେଠାରେ ବାସ କଲେ । ଧନବାନ ନାବଲର ମେଷ ପାଳକମାନେ ସେହି ପ୍ରାନ୍ତରରେ ମେଷ ଚରାଇବାବେଳେ ଦାଉଦଙ୍କ ସଙ୍ଗୀମାନେ ସେମାନଙ୍କୁ ସାହାଯ୍ୟ କରୁଥିଲେ । ନାବଲ ଆପଣା ମେଷ ଲୋମଛେଦନ କରୁଥିବା ସମୟରେ ଦାଉଦ ତାହାଙ୍କ ନିକଟକୁ ଆପଣା ଲୋକ ପଠାଇ କହିଲେ, "………ତୁମ୍ଭର ମେଷପାଳକମାନେ ଏବେ ଆମ୍ଭମାନଙ୍କ ସଙ୍ଗରେ ଅଛନ୍ତି, ଆମ୍ଭେମାନେ ସେମାନଙ୍କର କୌଣସି ଅପକାର କରିନାହୁଁ, କିଅବା କର୍ମିଲରେ ଥିବା ସମୟଯାକ ସେମାନଙ୍କର କିଛି ହଜିନାହିଁ……… ବିନୟ କରୁଅଛୁଁ, ତୁମ୍ଭ ହସ୍ତରେ ଯାହା ଆସେ, ତାହା ତୁମ୍ଭେ ଆପଣା ଦାସମାନଙ୍କୁ ଓ ଆପଣା ପୁତ୍ର ଦାଉଦଙ୍କୁ ଦିଅ" (୧ମ ଶାମୁୟେଲ ୨୫:୭-୮) । ଏହି କଥା ଶୁଣି ନାବଲ କଟୁ କଥା କହି ଦାଉଦଙ୍କ ଦାସମାନଙ୍କୁ ପଠାଇ ଦେଲେ । ଏଥିରେ ଦାଉଦ କ୍ରୁଦ୍ଧ ହୋଇ ଚାରି ଶହ ସଙ୍ଗୀମାନଙ୍କ ସହିତ ନାବଲକୁ ଆକ୍ରମଣ କରିବା ନିମନ୍ତେ ବାହାରିଲେ । ଏହି ସମସ୍ତ ବିଷୟ ନାବଲଙ୍କ ଭାର୍ଯ୍ୟା ଅବୀଗଲ ଶୁଣି ପ୍ରଚୁର ଖାଦ୍ୟ ସାମଗ୍ରୀ ସହିତ ଦାଉଦଙ୍କୁ ଭେଟିବା ନିମନ୍ତେ ବାହାରି ପଡ଼ିଲେ । ଦାଉଦ ଓ ଅବୀଗଲ ଦୁହେଁ ପଥ ମଧ୍ୟରେ ମୁଖାମୁଖୀ ହେଲେ !

ଅବୀଗଲ ଜାଗତିକ ଭାବେ ରୂପବତୀ, ଗୁଣବତୀ ଓ ଧନବତୀ ସ୍ତ୍ରୀ ଥିଲେ । ସେ ବୁଦ୍ଧିମତୀ, ସୁବିବେକୀ ଓ କୋମଳ ହୃଦୟୀ ଭାର୍ଯ୍ୟା ଥିଲେ । ସର୍ବ ପ୍ରଥମେ ସେ ଜଣେ ଈଶ୍ୱର ପରାୟଣା ସ୍ତ୍ରୀ ଥିଲେ । କିନ୍ତୁ ତାହାଙ୍କ ସ୍ୱାମୀ ନାବଲ ଏକ କଟୁଭାଷୀ ଓ କୁକର୍ମକାରୀ ପୁରୁଷ ଥିଲେ । ଦୁର୍ବ୍ୟବହାର ହେତୁ ନାବଲ ସମ୍ମୁଖୀନ ହୋଇଥିବା ବିପଦରୁ, ଅବୀଗଲ ତାହାକୁ କିପରି ରକ୍ଷା କରିଥିଲେ ତାହା ଆମ୍ଭେମାନେ ୧ମ ଶାମୁୟେଲ ୨୫ ପର୍ବରେ ପଢ଼ିପାରୁ । ଆପଣା ନମ୍ର,

କୋମଳ ଓ ଜ୍ଞାନଯୁକ୍ତ ବ୍ୟବହାର ଦ୍ୱାରା ସେ ଆପଣା ସମସ୍ତ ପରିବାରକୁ ଦାଉଦଙ୍କ ଆକ୍ରମଣରୁ ରକ୍ଷା କରି ପାରିଥିଲେ (୧ମ ଶାମୁୟେଲ ୨୫:୨୩-୩୧)। ଅବୀଗଲଙ୍କ ସଦୃଶ୍ୟ ଆମ୍ଭେମାନେ ଆମ୍ଭମାନଙ୍କ କୋମଳ ଓ ନମ୍ର ବ୍ୟବହାର ଦ୍ୱାରା ଅନେକ ବିଷୟରେ ବିଜୟୀ ହୋଇ ପାରିବା।

ଅବୀଗଲ ଦାଉଦଙ୍କୁ ଦେଖି ଶୀଘ୍ର ଗର୍ଦ୍ଦଭରୁ ଓହ୍ଲାଇ ଦାଉଦଙ୍କ ସମ୍ମୁଖରେ ମୁହଁମାଡ଼ି ଭୂମିଷ୍ଠ ପ୍ରଣାମ କଲେ। ଏଥିରୁ ତାହାଙ୍କ ବିନୟ ଭାବ ପ୍ରକାଶ ପାଏ। ପ୍ରତିବାସୀ ସହିତ ଆମ୍ଭେମାନେ ବିନୟ ଓ ଗୌରବ ସହିତ ବ୍ୟବହାର କଲେ ସେମାନେ ଆମ୍ଭମାନଙ୍କୁ କୌଣସି ଅପକାର କରିବେ ନାହିଁ। ସେହିପରି ଭାବେ ଅବୀଗଲ ବିନୟ ଓ ଗୌରବ ସହିତ ଦାଉଦଙ୍କ ସହିତ କଥା କହି ମହା ବିପଦ ଠାରୁ ଆପଣା ପରିବାରକୁ ରକ୍ଷା କଲେ। ସେ ଆପଣା ସ୍ୱାମୀ ନାବଲଙ୍କ ସମସ୍ତ ଦୁର୍ଗୁଣ ଓ ଦୁର୍ବ୍ୟବହାର ନିମନ୍ତେ ଦାଉଦ ନିକଟରେ ଦୁଃଖ ପ୍ରକାଶ କଲେ। ଜ୍ଞାନୀ ଶଲୋମନ କହନ୍ତି, "ଛୁଆହରା ଭଲ୍ଲୁକୀ ପଛେ ମନୁଷ୍ୟକୁ ଭେଟୁ, ନିଜ ଅଜ୍ଞାନତାରେ ମଗ୍ନ ମୂର୍ଖ ନ ଭେଟୁ" (ହିତୋ ୧୭:୧୨)। "ମୁର୍ଖଲୋକ ବୁଦ୍ଧିରେ ସନ୍ତୋଷ ପାଏ ନାହିଁ, କେବଳ ଆପଣା ମନର କଥା ପ୍ରକାଶ କରିବାରେ ସନ୍ତୋଷ ପାଏ....ମୁର୍ଖର ମୁଖ ତାହାର ବିନାଶର କାରଣ ପୁଣି ତାହାର ଓଷ୍ଠ ଆପଣା ପ୍ରାଣର ଫାନ୍ଦସ୍ୱରୂପ" (ହିତୋ ୧୮:୨,୭)। ନାବଲ ଆପଣା ବିନାଶ ଆପେ ଆଣିଲେ। "ସଦାପ୍ରଭୁ ଆପଣଙ୍କ ବିଷୟରେ ଯେ ସମସ୍ତ ମଙ୍ଗଳର କଥା କହିଅଛନ୍ତି, ତାହା ଯେତେବେଳେ ସେ ମୋର ପ୍ରଭୁ ପ୍ରତି ସଫଳ କରି ଆପଣଙ୍କୁ ଈଶ୍ରାୟେଲର ଅଗ୍ରଣୀ ରୂପେ ନିଯୁକ୍ତ କରିବେ........." (୧ମ ଶାମୁୟେଲ ୨୫:୩୦) ବୋଲି ଅବୀଗଲଙ୍କ ଦାଉଦ ପ୍ରତି ବାକ୍ୟରେ ତାହାଙ୍କ ପ୍ରଗାଢ଼ ଈଶ୍ୱର ଭକ୍ତି ପ୍ରକାଶ ପାଏ। ବାକ୍ୟ କହେ, "ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ି ଦିଅ; କାରଣ ଲେଖାଅଛି, 'ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା" (ରୋମୀୟ ୧୨:୧୯)। ଦାଉଦ ଭୁଲି ଯାଇଥିବା ଏହି ଈଶ୍ୱରଙ୍କ ବାକ୍ୟକୁ ଅବୀଗଲ ତାହାଙ୍କୁ ମନେ ପକାଇ ଦେଲେ। ଈଶ୍ୱରଙ୍କ କୃପାକୁ ଅବୀଗଲ ଏକ ଅସ୍ତ୍ର ରୂପେ ଦାଉଦ ଉପରେ ପ୍ରୟୋଗ କରିଥିଲେ। "ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତ୍ତନ

ଆଡ଼କୁ ଘେନି ଯିବାକୁ ଚେଷ୍ଟା କରେ, ଏହା ନ ଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତା ରୂପ ଧନ ସବୁ ତୁଚ୍ଛ କରୁଅଛ ?" (ରୋମୀ ୨:୪) । "ଆଉ ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର" (ଏଫିସୀ ୪:୩୨) । "ଦୟା ଓ ସତ୍ୟତାରେ ପାପର ପ୍ରାୟଶ୍ଚିତ ହୁଏ, ପୁଣି ସଦାପ୍ରଭୁ ବିଷୟକ ଭୟ ଦ୍ୱାରା ମନୁଷ୍ୟମାନେ କୁକ୍ରିୟା ତ୍ୟାଗ କରନ୍ତି" (ହିତୋ ୧୬:୬) । ମନୋନୀତ ଓ ଅଭିଷିକ୍ତ ଦାଉଦଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା କଅଣ, ତାହା ଅବୀଗଲ ଆପଣା ବିନତି ଦ୍ୱାରା ଦାଉଦଙ୍କୁ ବୁଝାଇ ଦେଇଥିଲେ ।

ଅବୀଗଲଙ୍କ ବିନତି ତାହାଙ୍କ ପରିବାରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଦାଉଦଙ୍କ ଉପରେ ଅମଙ୍ଗଳ ନ ଆଣିବାରେ ସାହାଯ୍ୟ କରିଥିଲା । ଦାଉଦ ଅବୀଗଲକୁ କହିଲେ, "ତୁମ୍ଭର ସୁବିଚାର ଧନ୍ୟ ହେଉ ଓ ଆଜି ମୋତେ ରକ୍ତପାତ ଦୋଷରୁ ଓ ମୋର ନିଜ ହସ୍ତରେ ଆତ୍ମପ୍ରତିକାରରୁ ନିବୃତ୍ତ କଲ ଯେ ତୁମ୍ଭେ, ତୁମ୍ଭେ ଧନ୍ୟ ହୁଅ" (୧ମ ଶାମୁୟେଲ ୨୫:୩୩) । ଦାଉଦ ଈଶ୍ୱରଙ୍କ ମନର ମତ ବ୍ୟକ୍ତି ଥିଲେ । ଅବୀଗଲଙ୍କ ସମସ୍ତ ଆଲୋଚନାରେ ସେ ସହମତ ହେଲେ । ଦାଉଦ ଈଶ୍ୱରଙ୍କ ମନୋନୀତ ଓ ଅଭିଷିକ୍ତ ବ୍ୟକ୍ତି ହୋଇଥିବାରୁ ସେ ଅପକାର କରି ଆପଣା ଉପରେ ଅମଙ୍ଗଳ ଆଣିବାଠାରୁ ଈଶ୍ୱର ତାହାଙ୍କୁ ରକ୍ଷା କଲେ । ନାବଲଙ୍କ ମୃତ୍ୟୁ ଖବର ଶୁଣି ସେ ଅବୀଲଗଲଙ୍କୁ ଭାର୍ଯ୍ୟା ରୂପେ ଗ୍ରହଣ କରିବା ନିମନ୍ତେ କର୍ମିଲକୁ ଆପଣା ଦାସମାନଙ୍କୁ ପଠାଇଲେ । ସିଦ୍ଧ, କୋମଳ ଓ ଈଶ୍ୱର ଭକ୍ତ ବ୍ୟକ୍ତି ହିଁ କେବଳ ଅବୀଗଲ ସଦୃଶ୍ୟ ସ୍ତ୍ରୀଙ୍କୁ ଗୌରବ ଦେଇ ପାରନ୍ତି ।

ନାବଲ କାଲେବ ବଂଶଜ ଏକ ଉତ୍ତମ ପରିବାରର ବ୍ୟକ୍ତି ଥିଲେ । ସେ ଈଶ୍ୱରଙ୍କୁ ଜ୍ଞାତ ଥିବା ଗୁଣବତୀ ଓ ରୂପବତୀ ସ୍ତ୍ରୀଙ୍କ ସ୍ୱାମୀ ଥିଲେ । ଦାଉଦ ଈଶ୍ୱରଙ୍କ ଅଭିଷିକ୍ତ ବ୍ୟକ୍ତି ବୋଲି ଜାଣି ସୁଦ୍ଧା ତାହାଙ୍କୁ ଅପମାନିତ କଲେ । ତାହାଙ୍କ କଥାରୁ ତାହାଙ୍କ ମୂର୍ଖତା ପ୍ରକାଶ ପାଏ । ଅବୀଗଲଙ୍କ ସଦାଚରଣ ମଧ୍ୟ ତାହାଙ୍କ ଆଚରଣ ପରିବର୍ତ୍ତିତ କରି ପାରି ନ ଥିଲା (୧ମ

ପିତର ୩:୧ – ୨ ) । ନାବଲ ଆପଣା ଭାର୍ଯ୍ୟା ତଥା ଦାସୀମାନଙ୍କ ନିକଟରେ ସମ୍ମାନ ହରାଇ ତାହାଙ୍କ ସମସ୍ତ ପରିବାର ଦ୍ୱାରା ଘୃଣାର ପାତ୍ର ହେଲେ ।

ପ୍ରାତଃକାଳରେ ନାବଲର ମତ୍ତତା ତୁଟନ୍ତେ ତାହାର ଭାର୍ଯ୍ୟା ତାହାକୁ ସେହି ସବୁ କଥା ଜଣାଇଲା, ତହିଁରେ ତାହାର ହୃଦୟ ତାହା ଅନ୍ତରରେ ମରିଗଲା ଓ ସେ ପଥର ପରି ହୋଇଗଲା । ଦଶଦିନ ଉତ୍ତାରେ ସଦାପ୍ରଭୁ ତାହାକୁ ଆଘାତ କରନ୍ତେ ସେ ମଲା ଓ ଅବୀଗଲ ଦାଉଦଙ୍କ ଭାର୍ଯ୍ୟା ହେଲେ ।

# ୧୩. ଶିବାଦେଶର ରାଣୀ

**(The Queen of Sheba- Wisdom-seeker commended by Christ)**

ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିଲା ବେଳେ ଲୋକ ସମୂହ ଦଳ ଦଳ ହୋଇ ତାହାଙ୍କ ନିକଟରେ ଏକତ୍ରିତ ହେଉଥିଲେ କିନ୍ତୁ ସମସ୍ତେ ତାହାଙ୍କଠାରେ ବିଶ୍ୱାସ କରୁ ନ ଥିଲେ । ଯୀଶୁଖ୍ରୀଷ୍ଟ ସେମାନଙ୍କ ହୃଦୟର ଜଡ଼ତା ଦେଖି କହିଲେ, "ଦକ୍ଷିଣ ଦେଶର ରାଣୀ ବିଚାରରେ ଏହି ବର୍ତ୍ତମାନ ପୁରୁଷର ଲୋକଙ୍କ ସହିତ ଉଠି ଏମାନଙ୍କୁ ଦୋଷୀ କରିବେ, କାରଣ ସେ ଶଲୋମନଙ୍କ ଜ୍ଞାନର କଥା ଶୁଣିବାକୁ ପୃଥିବୀର ପ୍ରାନ୍ତରୁ ଆସିଥିଲେ, ଆଉ ଦେଖ, ଶଲୋମନଙ୍କ ଅପେକ୍ଷା ମହତ୍ ବିଷୟ ଏ ସ୍ଥାନରେ ଅଛି" (ଲୂକ ୧୧:୩୧) । ଏହି ଶିବା ଦେଶର ରାଣୀ ପୁରାକାଳର ରାଜାମାନଙ୍କ ମଧ୍ୟରେ ଜଣେ ମର୍ଯ୍ୟାଦାସମ୍ପନ୍ନା ସମ୍ମାନୀୟା ରାଣୀ ଥିଲେ । ସେ ସଦାପ୍ରଭୁଙ୍କ ନାମ ସମ୍ବନ୍ଧରେ ଶଲୋମନଙ୍କର ସୁଖ୍ୟାତି ଶୁଣି ନିଗୂଢ଼ ପ୍ରଶ୍ନ ଦ୍ୱାରା ତାହାଙ୍କୁ ପରୀକ୍ଷା କରିବା ନିମନ୍ତେ ଇଶ୍ରାୟେଲ ରାଜ୍ୟକୁ ଆସିଥିଲେ (୧ମ ରାଜାବଳି ୧୦:୧-୧୩) ।

ଶିବାଦେଶସ୍ଥ ରାଣୀ ଶଲୋମନଙ୍କ ସୁଖ୍ୟାତି ଶୁଣି ତାହାଙ୍କ ସହିତ ବ୍ୟବସାୟ କରିବା ନିମନ୍ତେ ଇଶ୍ରାୟେଲ ରାଜ୍ୟକୁ ଆସିଥିଲେ ବୋଲି ଅନେକ ମନେ କରନ୍ତି । କିନ୍ତୁ ସେ ଶଲୋମନଙ୍କର ଜ୍ଞାନର କଥା ଶୁଣିବା ନିମନ୍ତେ ଆସିଥିଲେ ବୋଲି ପ୍ରଭୁ ଯୀଶୁଖ୍ରୀଷ୍ଟ ସ୍ପଷ୍ଟ ଭାବେ କହିଅଛନ୍ତି । ସେ ପ୍ରାୟ ୧୨୦୦-୨୦୦୦ ମାଇଲ ପଥ ଯାତ୍ରା କରିଥିଲେ । ସେ କାଳର ପ୍ରଥାନୁଯାୟୀ ସେ ଶଲୋମନଙ୍କ ନିମନ୍ତେ ସୁଗନ୍ଧି ଦ୍ରବ୍ୟ ଓ ଅତି ପ୍ରଚୁର ସ୍ୱର୍ଣ୍ଣ ଓ ମଣିବାହକ ଉଷ୍ଟ୍ରଗଣ ଭେଟୀ ସ୍ୱରୂପେ ଆଣିଥିଲେ । ଶଲୋମନଙ୍କ ନିକଟକୁ ଆସି ଆପଣା ମନରେ ଯାହା ଯାହା ଥିଲା, ସେ ସବୁ ପ୍ରଶ୍ନର ଉତ୍ତର ତାହାଙ୍କ ନିକଟରୁ ପାଇ ପାରିଥିଲେ । "ତହୁଁ ସେ ରାଜାଙ୍କୁ କହିଲା, ମୁଁ ଆପଣା ଦେଶରେ ଥାଇ ଆପଣଙ୍କ କାର୍ଯ୍ୟ ଓ ଆପଣଙ୍କ ଜ୍ଞାନ ବିଷୟରେ ଯେଉଁ ସମ୍ବାଦ ପାଇଥିଲି, ତାହା ସତ୍ୟ । ତଥାପି ମୁଁ ଆସି ଆପଣା ଚକ୍ଷୁରେ ନ ଦେଖିବା ଯାଏ ସେ କଥା ବିଶ୍ୱାସ ନ କଲି; ଆଉ ଦେଖନ୍ତୁ ଅର୍ଦ୍ଧେକ ମୋତେ କୁହାଯାଇ ନ ଥିଲା; ମୁଁ

ଯେଉଁ ସୁଖ୍ୟାତି ଶୁଣିଲି, ତଦ୍‌ପେକ୍ଷା ଆପଣଙ୍କ ଜ୍ଞାନ ଓ ଐଶ୍ୱର୍ଯ୍ୟ ଅଧିକ .....ସଦାପ୍ରଭୁ ଇସ୍ରାୟେଲକୁ ସଦାକାଳ ପ୍ରେମ କରନ୍ତି, ଏହେତୁ ବିଚାର ଓ ନ୍ୟାୟ କରିବାକୁ ଆପଣଙ୍କୁ ରାଜା କଲେ" (୧ମ ରାଜାବଳି ୧୦:୬-୯) ବୋଲି ସେ ଶଲୋମନଙ୍କୁ କହିଲେ ।

ରାଜ ପଦ ନିମନ୍ତେ ମନୋନୀତ ବାଳକ ଶଲୋମନଙ୍କୁ ସଦାପ୍ରଭୁ କହିଲେ, "ତୁମ୍ଭଙ୍କୁ କଅଣ ଦେବା, ତାହା ମାଗ ।" ତହିଁରେ ଶଲୋମନ କହିଲେ, "ଯେମନ୍ତ ଭଲ ଓ ମନ୍ଦର ପ୍ରଭେଦ ଜାଣି ପାରିବୁ, ଏଥିପାଇଁ ତୁମ୍ଭ ଲୋକମାନଙ୍କର ବିଚାର କରିବା ନିମନ୍ତେ ତୁମ୍ଭର ଏହି ଦାସକୁ ଜ୍ଞାନୀ ମନ ଦିଅ, କାରଣ ତୁମ୍ଭର ଏହି ମହାଗୋଷ୍ଠୀର ବିଚାର କରିବାକୁ କିଏ ସମର୍ଥ ? ଶଲୋମନ ଯେ ଏହି ବିଷୟ ମାଗିଲେ, ଏହି କଥାରେ ପ୍ରଭୁ ସନ୍ତୁଷ୍ଟ ହେଲେ" (୧ମ ରାଜାବଳି - ୩:୯-୧୦) । ସେ ଐଶ୍ୱର୍ଯ୍ୟ, ପ୍ରତାପ ବା ଦୀର୍ଘାୟୁ ମାଗି ନ ଥିଲେ ମଧ୍ୟ ସଦାପ୍ରଭୁ ତାହାଙ୍କ ଠାରେ ସନ୍ତୁଷ୍ଟ ହୋଇ; ତାହା ସବୁ ତାହାଙ୍କୁ ଦେଇଥିଲେ । "ସଦାପ୍ରଭୁଙ୍କ ବିରୁଦ୍ଧରେ କୌଣସି ଜ୍ଞାନ କି ବୁଦ୍ଧି କି ମନ୍ତ୍ରଣା ନାହିଁ" (ହିତୋ ୨୧:୩୦) । ସଦାପ୍ରଭୁଙ୍କ ଦତ୍ତ ସେହି ଅପାର ଜ୍ଞାନ ଓ ବୁଦ୍ଧିର ପରଖ ପାଇବା ନିମନ୍ତେ ଶିବାଦେଶସ୍ଥ ରାଣୀ ଶଲୋମନଙ୍କ ନିକଟକୁ ଆସିଥିଲେ ।

ତେବେ କେଉଁମାନେ ଜ୍ଞାନୀ ? ଇହଲୋକ ଜ୍ଞାନ ଈଶ୍ୱରଙ୍କ ଦୃଷ୍ଟିରେ ମୂର୍ଖତା । ଇହଲୋକ ବିଦ୍ୟାରେ ପ୍ରବୀଣ ଓ ଉନ୍ନତ ପଦବୀର ଅଧିକାରୀ ହେଲେ ହେଁ, ଈଶ୍ୱରଙ୍କ ବିଷୟକ ଭୟ ନ ଥିଲେ ସେମାନେ ଅଜ୍ଞାନୀ । ଶଲୋମନଙ୍କ ଅନୁଯାୟୀ ଜ୍ଞାନୀମାନଙ୍କ ଲକ୍ଷଣ:-

୧) ଯେ ପରାମର୍ଶ ଗ୍ରହଣ କରେ (ହିତୋ ୧୦:୮; ୧୨:୧୫)।

୨) ଜ୍ଞାନୀମାନଙ୍କ ଜିହ୍ୱା ପ୍ରକୃତ ରୂପେ ଜ୍ଞାନ ବ୍ୟକ୍ତ କରେ (ହିତୋ ୧୫:୨) ।

୩) ଜ୍ଞାନବାନ ପୁତ୍ର ଆପଣା ପିତାର ଉପଦେଶ ଶୁଣେ (ହିତୋ ୧୩:୧)।

୪) ଯେ ଆପଣା ଓଷ୍ଠାଧରକୁ ଦମନ କରେ (ହିତୋ ୧୦:୧୯) ।

୫) "ଗ୍ରୀଷ୍ମକାଳରେ ଯେ ସଞ୍ଚୟ କରଇ, ସେ ବୁଦ୍ଧିମାନ ପୁତ୍ର; ମାତ୍ର

ଫସଲ ସମୟରେ ଯେ ନିଦ୍ରିତ ଥାଏ, ସେହି ପୁତ୍ର ଲଜ୍ଜା ଜନକ” (ହିତୋ ୧୦:୫)। ମୋଶା ମଧ୍ୟ ଇସ୍ରାୟେଲ ଗୋଷ୍ଠୀଙ୍କୁ ଏହି ଉପଦେଶ ଦ୍ୱିତୀୟ ବିବରଣ ୩୨:୨୯ରେ ଦିଅନ୍ତି ।

୬) ଯେ ଜ୍ଞାନବାନ ସେ ଅନ୍ୟମାନଙ୍କ ଆତ୍ମା ଲାଭ କରେ (ହିତୋ ୧୧:୩୦) ।

୭) ଦ୍ରାକ୍ଷାରସ ନିନ୍ଦକ, ମଦ୍ୟ କଳହକାରୀ; ଯେ କେହି ତ'ଦ୍ୱାରା ଭ୍ରାନ୍ତ ହୁଏ, ସେ ଜ୍ଞାନବାନ ନୁହେଁ (ହିତୋ ୨୦:୧) ।

୮) ଯେଉଁ ବ୍ୟକ୍ତି, ଆପଣାକୁ ବ୍ୟଭିଚାରରୁ ପୃଥକ କରେ ସେ ଜ୍ଞାନବାନ ଅଟେ (ହିତୋ ୫:୧୫; ୭:୬-୨୭) ।

୯) “ଜ୍ଞାନୀ ଲୋକ ଭୟ କରେ ଓ ମନ୍ଦକୁ ଛାଡେ, ମାତ୍ର ମୁର୍ଖ ଲୋକ ଦାମ୍ଭିକ ଭାବବହି ଦୁଃସାହସୀ ହୁଏ” (ହିତୋ ୧୪:୧୬) । ଶଲୋମନ ଠାରୁ ଶ୍ରେଷ୍ଠ ପ୍ରଭୁ ଯୀଶୁଖ୍ରୀଷ୍ଟ :-

ଶଲୋମନ ଏକ ଜ୍ଞାନୀ ଓ ବିଖ୍ୟାତ ରାଜା ରୂପେ ସୁପରିଚିତ । ହେଲେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କଠାରୁ ମହାନ ଅଟନ୍ତି । ପ୍ରେରିତ ପାଉଲ କହନ୍ତି, “ସେହି ଖ୍ରୀଷ୍ଟଙ୍କଠାରେ ଜ୍ଞାନ ଓ ବୁଦ୍ଧି ରୂପ ସମସ୍ତ ଧନ ନିହିତ ଅଛି” (କଲସୀ ୨:୩) । ତାହାଙ୍କ ବାକ୍ୟ ଅବଜ୍ଞା କରିବା ଲୋକମାନଙ୍କୁ ବିଚାର ଦିନରେ ଶିବା ଦେଶସ୍ଥ ରାଣୀ ଦୋଷୀ କରିବେ । ଶିବା ଦେଶସ୍ଥ ରାଣୀ ସଦାପ୍ରଭୁ ପରମେଶ୍ୱରଙ୍କ ଜ୍ଞାନ ଓ ଧାର୍ମିକତାର ଅନ୍ୱେଷଣ କରିବା ନିମନ୍ତେ ସୁଦୂର ଦେଶରୁ ଶଲୋମନ ନିକଟକୁ ଯାତ୍ରା କରିଥିଲେ । ବାକ୍ୟ ଶୁଣି, ଗ୍ରହଣ କରି ଆଜ୍ଞାବହ ହେବା ଲୋକେ, ପଥର ଉପରେ ଆପଣା ଗୃହ ନିର୍ମାଣ କରିବା ବ୍ୟକ୍ତି ସଦୃଶ୍ୟ (ମାଥିଉ ୭:୨୩-୨୫) । ରାଜା ଶଲୋମନ ଲେଖନ୍ତି, “ସାର କଥା ଏହି; ସବୁ ଶୁଣା ଯାଇଅଛି; ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞା ସବୁ ପାଳନ କର; କାରଣ ଏହାହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ” (ଉପଦେଶକ ୧୨:୧୩) । ତାହାଙ୍କ ଆଜ୍ଞାବହ ହେବା ହିଁ ଜ୍ଞାନୀର ଲକ୍ଷଣ ବୋଲି ଯୀଶୁଖ୍ରୀଷ୍ଟ କହନ୍ତି । ଯୀଶୁଖ୍ରୀଷ୍ଟ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ (ଏବ୍ରୀ ୫:୯) । ଦୈବିକ ଜ୍ଞାନର ମୂଲ୍ୟ:-

କ) ଦୈବିକ ଜ୍ଞାନ ସୁଦ୍ଧ ସୁବର୍ଣ୍ଣ, ରୂପା ଓ ମୁକ୍ତା ଠାରୁ ମୂଲ୍ୟବାନ (ହିତୋ ୩:୧୪-୧୫) ।

ଖ) ତାହା ଜୀବନ (ହିତୋ ୮:୩୫) ।

ଗ) ତାହା ସୁଖ ଓ ସନ୍ତୋଷ ଦିଏ (ହିତୋ ୩:୧୩) ।

ଘ) ତାହା ପ୍ରାଣର ଜୀବନ ଓ କଣ୍ଠର ଭୂଷଣ ସ୍ୱରୂପ (ହିତୋ ୩:୨୧-୨୪:୪:୧୩) ।

ଧର୍ମଶାସ୍ତ୍ରରେ ଆହୁରି ଲେଖାଅଛି:

୧)ସଦାପ୍ରଭୁ ଜ୍ଞାନ ଦିଅନ୍ତି (ହିତୋ ୨:୬) ।

୨)ସଦାପ୍ରଭୁଙ୍କ ବିଷୟକ ଭୟ ଜ୍ଞାନର ଆରମ୍ଭ (ହିତୋ ୧:୭) ।

୩)"କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ" (ଯାକୁବ ୧:୫) ।

୪)ଆମ୍ଭେମାନେ ଜ୍ଞାନ ନିମନ୍ତେ ପ୍ରାର୍ଥନା କଲେ ହେଁ, ତାହାଙ୍କ ଆଜ୍ଞାବହ ନ ହେଲେ ତାହା ପାଇ ପାରିବା ନାହିଁ ।

୫)"ଜ୍ଞାନୀ ସଙ୍ଗରେ ଗମନା ଗମନ କର, ତହିଁରେ ତୁମ୍ଭେ ଜ୍ଞାନୀ ହେବ" (ହିତୋ ୧୩:୨୦) ।

ଶିବାଦେଶର ରାଣୀ ସଦାପ୍ରଭୁଙ୍କ ନାମ ସମ୍ବନ୍ଧରେ ଶଲୋମନଙ୍କର ସୁଖ୍ୟାତି ଶୁଣି ଅନେକ ଦୂର ଯାତ୍ରା କରି ତାହାଙ୍କ ଜ୍ଞାନର ପରିଚୟ ପାଇବା ନିମନ୍ତେ ଅନେକ ସମୟ ଓ ଧନ ବ୍ୟୟ କରି ତାହାଙ୍କ ନିକଟକୁ ଆସିଥିବାରୁ ବାଇବଲ ଇତିହାସରେ ସେ ଏକ ସମ୍ମାନୀୟା ମହିଳାର ସ୍ଥାନ ଅଧିକାର କରିଅଛନ୍ତି ।

# ୧୪. ଯାରବିୟାମଙ୍କ ଭାର୍ଯ୍ୟା

**(Jeroboam's wife - Who wanted blessing the easy way)**

ଯାରବିୟାମଙ୍କ ଭାର୍ଯ୍ୟା ଏକ ଦୁଃଖିନୀ ସ୍ତ୍ରୀ । ପାପମୟ ଜୀବନର ପ୍ରତିଫଳ କେବଳ ଅଶାନ୍ତି ଓ ଅସନ୍ତୋଷ ବୋଲି ତାହାଙ୍କ ଜୀବନରୁ ଆମ୍ଭେମାନେ ଜାଣି ପାରିବା । ତାହାଙ୍କ ବିଷୟ ଜାଣିବା ପୂର୍ବେ, ଆସନ୍ତୁ ଆମେ ପ୍ରଥମେ ତାହାଙ୍କ ସ୍ୱାମୀ ଯାରବିୟାଙ୍କ କାହାଣୀ ପଢ଼ିବା ।

ଶଲୋମନ ରାଜାଙ୍କ ରାଜୁତି ସମୟରେ ଯୁବକ ଯାରବିୟାମ ଏକ ମହାବିକ୍ରମଶାଳୀ ପୁରୁଷ ଥିଲେ । ତେଣୁକରି ଶଲୋମନ ସେହି ଯୁବାକୁ ପରିଶ୍ରମୀ ଦେଖି ଯାଷେଫ ବଂଶୀୟ କର୍ମଭାର ତାହାଙ୍କ ଉପରେ ଅର୍ପଣ କଲେ (୧ମ ରାଜାବଳି ୧୧:୨୮) । ସେ ଇଫ୍ରୟିମୀୟ ଲୋକ ଥିଲେ । ଯେ ଯିରୁଶାଲମରୁ ବାହାରକୁ ଯାଆନ୍ତେ ଭବିଷ୍ୟତବକ୍ତା ଅହିୟ ତାହାଙ୍କୁ ଦୁଇ ଭାଗରେ ବିଭକ୍ତ ଇସ୍ରାୟେଲ ଗୋଷ୍ଠୀର ଦଶ ଗୋଷ୍ଠୀର ରାଜା ହେବେ ବୋଲି ଭାବବାଣୀ ପ୍ରକଟ କରିଥିଲେ (୧ମ ରାଜାବଳି ୧୧:୨୯-୪୦) । ଏହି ଭାବବାଣୀ ବିଷୟରେ ଶଲୋମନ ଜ୍ଞାତ ହୋଇ ତାହାଙ୍କୁ ବଧ କରିବାକୁ ଚେଷ୍ଟା କରିବା ବେଳେ ଯାରବିୟାମ ତାହାଙ୍କ ହସ୍ତରୁ ବଞ୍ଚିବା ନିମନ୍ତେ ମିସର ଦେଶକୁ ଯାଇ ବାସ କଲେ । ଶଲୋମନଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ରିହବିୟାମ ତାହାଙ୍କ ପଦରେ ନିଯୁକ୍ତ ହେଲେ । ସେହି ସମୟରେ ଯାରବିୟାମ ମିସର ଦେଶରୁ ଫେରି ଆସି ଇସ୍ରାୟେଲ ଦେଶରେ ବିଦ୍ରୋହ ଆରମ୍ଭ କଲେ । ତହୁଁ ଇସ୍ରାୟେଲ ଗୋଷ୍ଠୀ ବିଭକ୍ତ ହେଲା ଓ ଯାରବିୟାମ ଦଶ ଗୋଷ୍ଠୀର ରାଜା ରୂପେ ନିଯୁକ୍ତ ହେଲେ । ସେତେବେଳେ ଉତ୍ତର ଭାଗ ଲୋକେ ଇସ୍ରାୟେଲୀୟ ଓ ଦକ୍ଷିଣ ଭାଗର ଲୋକେ ଯିହୁଦୀୟ ବୋଲି ପରିଚିତ ହେଲେ । ବାକ୍ୟ କହେ ଯାରବିୟାମ ଆପଣା ମନେ ମନେ କହିଲେ, "ଯେବେ ଏହି ଲୋକମାନେ ଯିରୁଶାଲମରେ ସଦାପ୍ରଭୁଙ୍କ ଗୃହରେ ବଳିଦାନ କରିବାକୁ ଯିବେ, ତେବେ ଏହି ଲୋକମାନଙ୍କର ଅନ୍ତଃକରଣ ଆପଣମାନଙ୍କ ପ୍ରଭୁ ଯିହୁଦାର ରାଜା ରିହବିୟାମ ପ୍ରତି ଫେରିବ, ତହିଁରେ ସେମାନେ ମୋତେ ବଧ କରି ଯିହୁଦାର ରାଜା ରିହବିୟାମ ନିକଟକୁ ଫେରିଯିବେ । "ଏହେତୁ ରାଜା ମନ୍ତ୍ରଣା କରି ସୁବର୍ଣ୍ଣର ଦୁଇ ଗୋବତ୍ସ ନିର୍ମାଣ

କଲେ........ ସେ ଗୋଟିକୁ ବୈଥଲରେ ଓ ଅନ୍ୟଟିକି ଦାନ୍‌ରେ ସ୍ଥାପନ କଲେ” (୧ମ ରାଜାବଳି ୧ ୨ : ୨୬-୩୦) । ଈଶ୍ୱର ମନୋନୀତ ଇସ୍ରାୟେଲ ଗୋଷ୍ଠିକୁ ମୂର୍ତ୍ତି ପୂଜା ଆଡ଼େ ଘେନି ଯିବା ରାଜାମାନଙ୍କ ମଧ୍ୟରେ ପ୍ରଥମ ରାଜା ଯାରବିୟାମ । ଏହା ସଦାପ୍ରଭୁଙ୍କ ଦୃଷ୍ଟିରେ ଘୋର ପାପ । ଭବିଷ୍ୟତବକ୍ତା ଅହିୟଙ୍କ ସତର୍କ ସତ୍ତ୍ୱେ ସେ ଆପଣା କୁପଥରୁ ନ ଫେରିବାରୁ ଆପଣା ଓ ଆପଣା ବଂଶର ଉଚ୍ଛିନ୍ନ ହେବାର କାରଣ ହେଲେ (୧ମ ରାଜାବଳି ୧୩:୩୩, ୩୪) ।

ଯାରବିୟାମ ଦମ୍ପତ୍ତିଙ୍କ ଦୁଇ ପୁତ୍ର ଥିଲେ । ଜଣଙ୍କ ନାମ ନାଦବ ଓ ଅନ୍ୟର ନାମ ଅବିୟ । ଅବିୟ ଈଶ୍ୱରଙ୍କ ଦୃଷ୍ଟିରେ ସୁକର୍ମକାରୀ ଥିଲେ, କିନ୍ତୁ ନାଦବ ଦୁରାଚାରୀ ଥିଲେ । ଅବିୟ ଅତି ଭୟଙ୍କର ଭାବେ ପୀଡ଼ିତ ହେବାରୁ ସଦାପ୍ରଭୁଙ୍କ ବ୍ୟତୀତ କେହି ତାହାଙ୍କୁ ସୁସ୍ଥ କରି ପାରିବେ ନାହିଁ ବୋଲି ଯାରବିୟାମ ଜାଣି ପାରିଲେ । ତାହାଙ୍କ ପାପମୟ ଜୀବନ ଯୋଗୁଁ ଈଶ୍ୱର ଯେ ତାହାଙ୍କ ପ୍ରାର୍ଥନା ଶୁଣିବେ ନାହିଁ ବୋଲି ଭାବି ତାହାଙ୍କ ଭାର୍ଯ୍ୟାଙ୍କୁ ଛଦ୍ମବେଷରେ ଭବିଷ୍ୟତବକ୍ତା ଅହିୟଙ୍କ ନିକଟକୁ ଆପଣା ପୁତ୍ରର ସୁସ୍ଥତା ନିମନ୍ତେ ପଠାଇଲେ । ବୃଦ୍ଧ ଭବିଷ୍ୟତବକ୍ତା ଅହିୟଙ୍କ ଚକ୍ଷୁ ସ୍ତବ୍ଧ ହୋଇଥିଲା, ତେଣୁକରି ପରମେଶ୍ୱର ଯାରବିୟାମଙ୍କ ଭାର୍ଯ୍ୟା ଅହିୟ ନିକଟରେ ପହଞ୍ଚିବା ପୂର୍ବେ ତାହାଙ୍କୁ ସବୁ ବିଷୟ ଜଣାଇ ଦେଇଥିଲେ । ଆଉ ଅହିୟ ତାହାର ପାଦଶବ୍ଦ ଶୁଣି ତାହାଙ୍କୁ କହିଲେ ଯେ, ସେ ଫେରି ଗୃହର ଦ୍ୱାରବନ୍ଧ ପ୍ରବେଶ କରିବା ମାତ୍ରେ ତାହାଙ୍କ ପୁତ୍ର ମୃତ୍ୟୁ ଭୋଗିବ । ଭବିଷ୍ୟତବକ୍ତାଙ୍କର ଭାବବାଣୀନୁଯାୟୀ ଯାରବିୟାମଙ୍କ ଭାର୍ଯ୍ୟା ଫେରି ଗୃହର ଦ୍ୱାରବନ୍ଧରେ ପହଞ୍ଚିବା ମାତ୍ରେ ତାହାଙ୍କ ପୁତ୍ର ଅବିୟ ମୃତ୍ୟୁ ଭୋଗିଲେ । ସମସ୍ତ ଇସ୍ରାୟେଲ ତାହାଙ୍କୁ କବର ଦେଲେ ଓ ତାହା ପାଇଁ ଶୋକ କଲେ । ଏହି ଯାରବିୟାମଙ୍କ ଭାର୍ଯ୍ୟା ବିଷୟରେ ଆମ୍ଭେମାନେ କେତୋଟି ସତ୍ୟ ଜାଣିବା:-

୧) ଈଶ୍ୱରଙ୍କ ନିଯୁକ୍ତ ଭବିଷ୍ୟତବକ୍ତାଙ୍କୁ ଠକିବା ନିମନ୍ତେ ଛଦ୍ମ ବେଶରେ ଯିବା କେତେ ଭୟଙ୍କର ବିଷୟ ! ବୃଦ୍ଧ ଭବିଷ୍ୟତବକ୍ତାଙ୍କ ଚକ୍ଷୁ ସ୍ତବ୍ଧ ହେଲେହେଁ, ତାହାଙ୍କ ପରମେଶ୍ୱର ସର୍ବଶକ୍ତିମାନ । ଈଶ୍ୱରଙ୍କ ନିଯୁକ୍ତ ଭବିଷ୍ୟତବକ୍ତାଙ୍କୁ ପ୍ରବଞ୍ଚନା କରିବା ଈଶ୍ୱରଙ୍କୁ ପ୍ରବଞ୍ଚନା କରିବା ସଦୃଶ୍ୟ ।

ଆଜିର ସମାଜରେ ମଧ୍ୟ ଲୋକେ ଈଶ୍ୱରଙ୍କୁ ପ୍ରବଞ୍ଚନା କରିବାକୁ ଚେଷ୍ଟା କରନ୍ତି । ତାହା କିପରି ? ପ୍ରତି ରବିବାରରେ ଆରାଧନାରେ ଉପସ୍ଥିତ ନ ହେବାରେ, କିଅବା ଈଶ୍ୱରଙ୍କ ଦତ୍ତ ଅନୁଗ୍ରହରୁ କୃତଜ୍ଞଭାବେ କିଛି ତାହାଙ୍କୁ ଚାନ୍ଦା ରୂପେ ନ ଦେବାରେ ସେମାନେ ଈଶ୍ୱରଙ୍କୁ ପ୍ରବଞ୍ଚନା କରିବାରେ ଚେଷ୍ଟା କରନ୍ତି । ନିୟମିତ ଭାବେ ଆରାଧନାରେ ଉପସ୍ଥିତ ହେଲେ ହେଁ ଆମ୍ଭମାନଙ୍କ ହୃଦୟରେ ହିଂସା, ଈର୍ଷା, କ୍ରୋଧ, ପ୍ରବଞ୍ଚନା ପ୍ରଭୃତି ଦୁର୍ଗୁଣ ରହିଯାଇଥାଏ । ପ୍ରଭୁ ଯୀଶୁଖ୍ରୀଷ୍ଟ କହିଲେ, "ଏହି ଜାତି ମୁଖରେ ଆମ୍ଭକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମ୍ଭଠାରୁ ଦୂରରେ ଥାଏ" (ମାଥିଉ ୧୫:୮) ।

୨) ପରମେଶ୍ୱର ଅନ୍ଧକାରର ରହସ୍ୟ ବିଷୟ ସବୁ ଆଲୋକରେ ପ୍ରକାଶ କରନ୍ତି, ଆପଣା ଆପଣା ହୃଦୟାଲୋଚନା ଅନୁଯାୟୀ ପ୍ରତ୍ୟେକଙ୍କୁ ପ୍ରତିଫଳ ଦିଅନ୍ତି । ଯାରବିୟାମଙ୍କ ଭାର୍ଯ୍ୟାଙ୍କ ଛଦ୍ମବେଶ ତାହାଙ୍କ ହୃଦୟର କୁଚିନ୍ତା ପ୍ରକାଶ କରିଥିଲା । ସେ ପରମେଶ୍ୱରଙ୍କୁ ପ୍ରବଞ୍ଚନା କରିବାକୁ ଚେଷ୍ଟା କରିଥିଲେ ।

୩) ଆମ୍ଭେମାନେ ଆପଣାର ସମସ୍ତ ମନ ଓ ହୃଦୟ ଦେଇ ସେବା କରିବା ଆବଶ୍ୟକ ବୋଲି ସଦାପ୍ରଭୁ ଚାହାନ୍ତି । ଯାରବିୟାମ ଦାନ ଓ ବୈଥେଲ୍‌ରେ ଅନ୍ୟ ଦେବମାନଙ୍କ ନିମନ୍ତେ ବଳିପୀଠ ଗଢ଼ିଥିଲେ, କିନ୍ତୁ ଆପଦ ସମୟରେ ସେ ସେମାନଙ୍କ ଆଶ୍ରୟ ନ ଖୋଜି ପରମେଶ୍ୱରଙ୍କ ଆଶ୍ରୟ ଆଶା କଲେ । ଏହିପରି ହୃଦୟ ଈଶ୍ୱର ଚାହାନ୍ତି ନାହିଁ ।

୪) ମାନବ ଜାତିକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ନୋହଙ୍କ ସମୟରେ ଧାର୍ମିକ ଓ ଅଧାର୍ମିକ ଦୁଇ ପ୍ରକାର ଲୋକ ଥିଲେ । ସଂକୀର୍ଣ୍ଣ ଦ୍ୱାରରେ ପ୍ରବେଶିବା ଲୋକେ ଅଳ୍ପ ଓ ପ୍ରଶସ୍ତ ମାର୍ଗରେ ଲୋକେ ପ୍ରବେଶିବା ଲୋକେ ଅନେକ (ମାଥିଉ ୭:୧୩, ୧୪) । ପ୍ରସ୍ତର ଉପରେ ଆପଣା ଗୃହ ନିର୍ମାଣ କରିବା ଲୋକେ ବୁଦ୍ଧିମାନ କିନ୍ତୁ ବାଲି ଉପରେ ଆପଣା ଗୃହ ନିର୍ମାଣ କରିବା ଲୋକେ ବୁଦ୍ଧିହୀନ (ମାଥିଉ ୭:୨୪-୨୭) । ବିଚାର ଦିନରେ ମନୁଷ୍ୟ ପୁତ୍ର ତାହାଙ୍କ ଛାମୁସ୍ଥ ସମସ୍ତ ଜାତିକୁ ଆପଣା ବାମ ଓ ଦକ୍ଷିଣ ପାର୍ଶ୍ୱରେ ବିଭକ୍ତ କରିବେ (ମାଥିଉ ୭:୩୧-୪୬) । ଈଶ୍ୱର ଶୀତଳ ବା ଉଷ୍ଣ ନ ହୋଇ ଈଷଦୁଷ୍ଣ ହୋଇଥିବା ଲୋକଙ୍କୁ ଆପଣା ମୁଖରୁ ଉଦ୍‌ଗାର କରିବେ ।

୫) "କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇପାରେ ନାହିଁ । କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣକୁ ପ୍ରେମ କରିବ ଅଥବା ଜଣଙ୍କ ପ୍ରତି

ଅନୁରକ୍ତ ହେବ ଓ ଅନ୍ୟ ଜଣଙ୍କୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇପାର ନାହିଁ” (ମାଥିଉ ୬:୨୪) । “ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ” (୧ମ ଯୋହନ ୨:୧୫)। ସଂସାରକୁ ପ୍ରେମ କରିବା ଲୋକେ ସଂପୂର୍ଣ୍ଣଭାବେ ଈଶ୍ୱରଙ୍କ ଆଜ୍ଞାବହ ହୋଇ ପାରନ୍ତି ନାହିଁ । ଈଶ୍ୱରଙ୍କୁ ପ୍ରେମ କରିବା ଲୋକେ ସଂସାରକୁ ପ୍ରେମ କରନ୍ତି ନାହିଁ ।

୬) ଯାରବିୟାମ ଓ ତାହାଙ୍କ ଭାର୍ଯ୍ୟା ଅତି ସହଜ ଉପାୟରେ ଈଶ୍ୱରଙ୍କ ଠାରୁ ଆଶୀର୍ବାଦ ପାଇବାକୁ ଚେଷ୍ଟା କଲେ । ଆପଣା ପାପରୁ ମନ ପରିବର୍ତ୍ତନ ନ କରି ଈଶ୍ୱରଙ୍କଠାରୁ ପାପକ୍ଷମା ପ୍ରାର୍ଥନା ନ କରି ତାହାଙ୍କ ଇଚ୍ଛାର ଆଜ୍ଞାବହ ନ ହୋଇ ଈଶ୍ୱରଙ୍କଠାରୁ ଆଶୀର୍ବାଦ ଆଶା କରିବା ବୃଥା । “ମୋତେ ପ୍ରଭୁ, ପ୍ରଭୁ ବୋଲି ଡ଼ାକନ୍ତି, ଏପରି ପ୍ରତ୍ୟେକ ଲୋକ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ” (ମାଥିଉ ୭:୨୧)। ଜ୍ଞାନୀ ଶଲୋମନ କହନ୍ତି, “ଯେଉଁ ଲୋକ ବ୍ୟବସ୍ଥା ଶୁଣିବାରୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ” (ହିତୋ ୨୮:୯) ।

୭) ମନ ପରିବର୍ତ୍ତନ ବିନା ପ୍ରାର୍ଥନା କଲେ, ସେ ପ୍ରାର୍ଥନା ସଦାପ୍ରଭୁ ଶୁଣନ୍ତି ନାହିଁ । ଯାରବିୟାମ ଓ ତାହାଙ୍କ ଭାର୍ଯ୍ୟା ବିନା ମନ ପରିବର୍ତ୍ତନ କରି ତାହାଙ୍କ ପୁତ୍ରଙ୍କ ସୁସ୍ଥତା ନିମନ୍ତେ ସଦାପ୍ରଭୁଙ୍କ ଠାରୁ ଆଶିଷ ଲୋଡ଼ିଥିଲେ । ମନ ପରିବର୍ତ୍ତନ ନ କଲେ ପାପ କ୍ଷମା ମିଳେ ନାହିଁ । ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଉପସ୍ଥିତ ଜନତାକୁ କହିଲେ, “ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ” (ପ୍ରେରିତ ୨:୩୮) । ମନ ପରିବର୍ତ୍ତନର ଅର୍ଥ କଅଣ ? ପାପମୟ ଜୀବନ ପରିତ୍ୟାଗ କରି ଈଶ୍ୱରଙ୍କ ଆଜ୍ଞାବହ ହୋଇ ଜୀବନଯାପନ କରିବା । ଏହିପରି ଭାବେ କେବଳ ଆମ୍ଭେମାନେ ଈଶ୍ୱରଙ୍କ ଆଶୀର୍ବାଦର ପାତ୍ର ହୋଇ ପାରିବା ।

୮) ଈଶ୍ୱରଙ୍କର ପ୍ରତ୍ୟେକ କଥା ସଫଳ ହୁଏ – ଭାବବାଦୀ ଅହିୟଙ୍କ ଭାବବାଣୀନୁଯାୟୀ, ଯାରବିୟାମଙ୍କ ଭାର୍ଯ୍ୟା ଗୃହ ଦ୍ୱାରବନ୍ଧରେ ପହଞ୍ଚିବା ମାତ୍ରେ

ତାହାଙ୍କ ପୁତ୍ର ମୃତ୍ୟୁ ଭୋଗିଲେ । ଈଶ୍ୱର ଆମ୍ଭମାନଙ୍କୁ ଅନେକଭାବେ ସତର୍କ କରିଥାନ୍ତି । ସେ ଆମ୍ଭମାନଙ୍କୁ ଅନେକ ଭାବେ ପ୍ରତିଜ୍ଞା କରିଅଛନ୍ତି । ସେଗୁଡ଼ିକ ଆମ୍ଭେ କେତେ ପର୍ଯ୍ୟନ୍ତ ପାଳନ କରୁଅଛୁ ? ଶୟତାନ ହବାଙ୍କୁ ପ୍ରବଞ୍ଚନା କରିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ଅବଜ୍ଞାକାରୀ ହୋଇ ପାପ କରିବାରେ ଆନନ୍ଦ, ସୁଖ ଅଛି ବୋଲି ମନୁଷ୍ୟମାନଙ୍କୁ ଭୁଲାଇ ଆସୁଅଛି । ତ'ଦ୍ୱାରା ମନୁଷ୍ୟ ଜାତି ଈଶ୍ୱରଙ୍କ ଅନୁଗ୍ରହ, ଆଶୀର୍ବାଦରୁ ବଞ୍ଚିତ ହେଉ ଅଛନ୍ତି । ଈଶ୍ୱରଙ୍କ ଇଚ୍ଛାପାଳନ ନ କରିବା ଲୋକେ ବିଚାର ଦିନରେ ଦଣ୍ଡିତ ହେବେ । ଧାର୍ମିକମାନେ ନିତ୍ୟ ଜୀବନ ଓ ଅଧାର୍ମିକମାନେ ନିତ୍ୟ ବିନାଶ ଭୋଗ କରିବେ ।

୯) ମରଣ ବିଷୟରେ ଆମ୍ଭେମାନେ ଜାଣିବା ବିଷୟ ଅନେକ ଅଛି । ଯାରବିୟାମ ଓ ତାହାଙ୍କ ଭାର୍ଯ୍ୟାଙ୍କର ପାପର ଫଳ କାହିଁକି ତାହାଙ୍କ ପୁତ୍ର ଉପରେ ପଡ଼ିଲା ଆମ୍ଭେମାନେ ତାହା ଜାଣି ପାରିବା ନାହିଁ । କୃପାମୟ ଈଶ୍ୱର ତାହାଙ୍କ ପୁତ୍ରଙ୍କ ଆତ୍ମା ରକ୍ଷା କରିଥିବେ ବୋଲି ମନେ କରୁ । ଇସ୍ରାୟେଲୀୟମାନେ ଅବିୟଙ୍କୁ କବର ଦେଇ ତାହାଙ୍କ ନିମନ୍ତେ ଶୋକ କଲେ ବୋଲି ବାକ୍ୟରେ ଲେଖା ଯାଏ । ସେହି ଶୋକ ଆପଣା ଆପଣା ଆତ୍ମା ନିମନ୍ତେ କରିଥିଲେ ତାହା ସେମାନଙ୍କୁ ଲାଭଜନକ ହୋଇଥାନ୍ତା । ପ୍ରକୃତ ଖ୍ରୀଷ୍ଟିୟାନ ମୃତ୍ୟୁକୁ ଭୟ କରେ ନାହିଁ । ପାଉଲ କହନ୍ତି, "ମୋ' ପକ୍ଷରେ ଜୀବନ ଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁଭୋଗ ଲାଭଜନକ" (ଫିଲିପ୍ପୀୟ ୧ : ୨ ୧ ) ଏହା ପ୍ରତ୍ୟେକ ଖ୍ରୀଷ୍ଟିୟାନର ବିଶ୍ୱାସ ଓ ଭରସା ।

# ୧୫. ଈଷେବଲ

**(Jezebel- Who had heart trouble)**

ଈଷେବଲ ଇସ୍ରାୟେଲର ରାଜା ଆହାବଙ୍କ ଭାର୍ଯ୍ୟା । ସେ ଏକ ଅତି ଦୁଷ୍ଟା ସ୍ତ୍ରୀ ଥିଲେ । ଇସ୍ରାୟେଲ ଗୋଷ୍ଠୀ ସଦାପ୍ରଭୁଙ୍କୁ ତ୍ୟାଗ କରି ମୂର୍ତ୍ତିପୂଜାରେ ମଗ୍ନ ହେବାକୁ ପ୍ରବର୍ତ୍ତାଇବା ନିମନ୍ତେ ସେ ମନସ୍ଥ କରିଥିଲେ । ରାଜା ଆହାବଙ୍କ ଦୁର୍ବଳ ବ୍ୟକ୍ତିତ୍ୱ ଯୋଗୁଁ ଈଷେବଲ ତାହାଙ୍କୁ ଦୁଷ୍ଟ ପ୍ରଭାବରେ ପ୍ରଭାବିତ କରି ପାରିଥିଲେ । ବାକ୍ୟ କହେ, "ଯେପରି ଏହି ଆହାବ ଆପଣା ଭାର୍ଯ୍ୟା ଈଷେବଲ ଦ୍ୱାରା ପ୍ରବର୍ତ୍ତିତ ହୋଇ ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକର୍ମ କରିବା ପାଇଁ ଆପଣାକୁ ବିକ୍ରୟ କେଲ, ସେପରି ଆଉ କେହି କରିବ ନାହିଁ" (୧ମ ରାଜାବଳି ୨୧:୨୫) । ସେହି ସମୟରେ ଇସ୍ରାୟେଲରେ ଏଲିୟ ଭବିଷ୍ୟତ୍‌ବକ୍ତା ନିର୍ଭୟରେ ବାସ କରୁଥିଲେ । କର୍ମିଲ ପର୍ବତ ଉପରେ ବାଲ୍‌ଦେବଗଣର ଭବିଷ୍ୟତ୍‌ବକ୍ତାମାନଙ୍କ ଓ ସେହି ଭବିଷ୍ୟତ୍‌ବକ୍ତାମାନଙ୍କୁ ଇସ୍ରାୟେଲୀୟମାନଙ୍କ ଦ୍ୱାରା ବଧ କରାଇଲେ । ଏଲିୟଙ୍କର କୃତ ସମସ୍ତ କର୍ମର ବୃତ୍ତାନ୍ତ ଈଷେବଲ ଜ୍ଞାତ ହୋଇ ଏଲିୟଙ୍କୁ ବଧ କରିବା ନିମନ୍ତେ ଲୋକ ପଠାଇବାରୁ ଏଲିୟ ଭୟ କରି ପ୍ରାନ୍ତର ମଧ୍ୟକୁ ପଳାଇ ଯାଇଥିଲେ । ଏହି ସବୁ ବିଷୟର ବିବରଣ ଆମ୍ଭେମାନେ ୧ମ ରାଜାବଳି ୧୯:୧-୧୮ ପଦରେ ପଢ଼ିପାରୁ । ଆହାବ ରାଜାଙ୍କ ରାଜତ୍ୱର ତିନୋଟି ମୁଖ୍ୟ ଘଟଣା ଈଷେବଲ ରାଣୀଙ୍କର ଦୁଷ୍ଟତା ଓ ଦୁସ୍ଥିତି ବର୍ଣ୍ଣନା କରେ । ୧) କର୍ମିଲ ପର୍ବତରେ, ବାଲ୍‌ଦେବଗଣର ଭବିଷ୍ୟତ୍‌ବକ୍ତା ମାନଙ୍କ ଓ ଏଲିୟଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ (୧ମ ରାଜାବଳି ୧୮:୧୭-୪୦) । ୨) ନାବୋତର ଦ୍ରାକ୍ଷାକ୍ଷେତ୍ର (୨୧:୧-୧୬) । ୩) ଈଷେବଲଙ୍କ ବିଭତ୍ସ ମୃତ୍ୟୁ (୨ୟ ରାଜାବଳି ୯:୩୦-୩୭) ବିଷୟକ ଘଟଣାରୁ ଜାଣିପାରୁ ।

## ଈଷେବଲଙ୍କ ମନ୍ଦ ହୃଦୟ

୧ । ମନୁଷ୍ୟ ଦୁଇ ପ୍ରକାର ବ୍ୟକ୍ତିତ୍ୱ ବିଶିଷ୍ଟ ବ୍ୟକ୍ତି-ବାହ୍ୟିକ ଓ ଆନ୍ତରିକ । ପ୍ରେରିତ ପାଉଲ କହନ୍ତି, "........ଆମ୍ଭମାନଙ୍କର ବାହ୍ୟିକ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି" (୨ୟ କରିନ୍ଥୀ ୪:୧୬) । ଆଲୋଚନା, ଭଲମନ୍ଦ ଜାଣିବା

ଜ୍ଞାନ, ପ୍ରେମ, ଆଜ୍ଞାବହତା ପ୍ରଭୃତି ଆମ୍ଭମାନଙ୍କ ହୃଦୟରେ ଥାଏ । ତେଣୁକରି ଜ୍ଞାନୀ ଶଲୋମନ କହିଲେ, "ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ" (ହିତୋ ୪:୨୩) । "ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ" (ମାଥିଉ ୧୨:୩୫) ।

୨) "ମନୁଷ୍ୟ ଯେପରି ଦେଖେ, ସଦାପ୍ରଭୁ ସେପରି ଦେଖନ୍ତି ନାହିଁ; କାରଣ ମନୁଷ୍ୟ ବାହ୍ୟ ରୂପ ଦେଖେ ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି" (୧ମ ଶାମୁୟେଲ ୧୬:୭) ।

୩) ଇଷେବଲ ବାଲ୍‌ଦେବଗଣଙ୍କୁ ଭକ୍ତି କରୁଥିଲେ ଓ ସେମାନଙ୍କୁ ପୂଜା କରୁଥିଲେ । ସଦାପ୍ରଭୁ କହିଲେ, "ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ" (ଯାତ୍ରା ୨୦:୩) । ସେ ସଦାପ୍ରଭୁଙ୍କୁ ପରିତ୍ୟାଗ କରି ଅନ୍ୟ ଦେବଗଣଙ୍କ ଅନୁଗାମୀ ହୋଇ ମୁର୍ତ୍ତି ପୂଜା କଲେ । ଆଜିକାଲି ଅନେକ ସେହିପରି ମୂର୍ତ୍ତି ପୂଜାରେ ଆପଣା ଜୀବନ ନଷ୍ଟ କରୁଅଛନ୍ତି । ଈଶ୍ୱରଙ୍କ ବ୍ୟତିତ ଅନ୍ୟ କୌଣସି ବିଷୟକୁ ଆମେ ପ୍ରଥମ ସ୍ଥାନ ଦେଲେ, ତାହା ଆମ୍ଭମାନଙ୍କ ଜୀବନର ଏକ ଉପାସ୍ୟ ମୂର୍ତ୍ତି ହୋଇଯାଇ ଥାଏ । ପ୍ରେରିତ ପାଉଲ ତୀମଥିଙ୍କୁ ସତର୍କ କରି କହନ୍ତି, "ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ, ପିତାମାତାଙ୍କ ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର, ସ୍ନେହଶୂନ୍ୟ, ଅମିଳନ ପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ, ବିଶ୍ୱାସଘାତକ, ଦୁଃସାହାସୀ, ଦାମ୍ଭିକ ହେବେ ଓ ଈଶ୍ୱର ପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ........ଏପରି ଲୋକମାନଙ୍କଠାରୁ ଅନ୍ତର ହୁଅ" (୨ୟ ତୀମଥି ୩:୨-୫) । ସେହିପରି କଲସୀ ମଣ୍ଡଳୀକୁ ସେ ଲେଖନ୍ତି, "ଅତଏବ ତୁମ୍ଭମାନଙ୍କର ଶାରିରୀକ ଅଙ୍ଗପ୍ରତ୍ୟଙ୍ଗର କୁପ୍ରବୃତ୍ତି ଗୁଡ଼ାକ ଅର୍ଥାତ୍ ବ୍ୟଭିଚାର, ଅଶୁଚିତା, କାମ, କୁଅଭିଳାଷ ପୁଣି ପ୍ରତିମା ପୂଜା ରୂପ ଲୋଭ ଏହିସବୁ ପ୍ରତି ମୃତ ହୁଅ" (କଲସୀ ୩:୫) । କୌଣସି ମନୁଷ୍ୟ ଦୁଇ ପ୍ରଭୁର ଦାସ ହୋଇ ନ ପାରେ । ତେଣୁକରି ଈଶ୍ୱରଙ୍କଠୁ ବଳି ଅଧିକ ଭାବେ ପ୍ରେମ କରୁଥିବା ପ୍ରତ୍ୟେକ ବିଷୟ ଆମ୍ଭମାନଙ୍କ ନିମନ୍ତେ ମୂର୍ତ୍ତିପୂଜା ସହିତ ସମାନ ।

୪) ଆହାବ ଓ ଇଷେବଲ ନାବୋତଙ୍କ ଦ୍ରାକ୍ଷା କ୍ଷେତ୍ରକୁ ଅନ୍ୟାୟ ଭାବେ ଅଧିକାର କରିବାକୁ ଆଶା କଲେ । ଏହାର ବିବରଣ ଆମ୍ଭେମାନେ ପ୍ରଥମ

ରାଜାବଳି ୨୧:୧-୧୪ ପଦ ଗୁଡ଼ିକରେ ପଢ଼ିପାରୁ ।

୫) ଈଷେବଲ ଆପଣା ସ୍ୱାମୀ ଆହାବଙ୍କୁ ଈଶ୍ୱରଙ୍କ ବିରୁଦ୍ଧାଚରଣ କରିବା ନିମନ୍ତେ ପ୍ରବର୍ତ୍ତାଇଲେ (୧ମ ରାଜାବଳି ୨୧:୨୫) । ଆପଣା ଅଧିକାର ବଳ ପ୍ରୟୋଗ କରି ଅନ୍ୟାୟ ଭାବେ ନାବୋତଙ୍କ ଦ୍ରାକ୍ଷାକ୍ଷେତ୍ର ଅଧିକାର କରାଇଲେ । ଆଜିର ସମାଜରେ ଅନେକ ସ୍ତ୍ରୀ ଆପଣା ଆପଣା ସ୍ୱାମୀଙ୍କ ବଶୀଭୂତା ନ ହୋଇ ବରଂ ସେମାନଙ୍କୁ ଆପଣା ବଶୀଭୂତ କରିବାକୁ ଚେଷ୍ଟା କରନ୍ତି ।

୬) ଦୁଇଜଣ ମିଥ୍ୟା ସାକ୍ଷୀଙ୍କ ଦ୍ୱାରା ନାବୋତଙ୍କୁ ଦୋଷୀ କରାଇଲେ (୧ମ ରାଜା ୨୧:୧୦) ।

୭) ସେ ଏକ କଠୋର ଓ ଦୁଃସ୍ୱଭାବ ହୃଦୟ ବିଶିଷ୍ଟା ସ୍ତ୍ରୀ ଥିଲେ ।

୮) କଠୋର ହୃଦୟୀ ଈଷେବଲ ନାବୋତଙ୍କ ମୃତ୍ୟୁର କାରଣ ହେଲେ । "ଯେକେହି ଆପଣା ଭାଇକୁ ଘୃଣା କରେ, ସେ ନରଘାତକ ଆଉ ନରଘାତକଠାରେ ଯେ ଅନନ୍ତ ଜୀବନ ନ ଥାଏ, ଏହା ଆମ୍ଭେମାନେ ଜାଣୁ" (୧ମ ଯୋହନ ୩:୧୫) ।

୯) ଆହାବ ଏଲିୟଙ୍କୁ ଇସ୍ରାୟେଲର ଦୁଃଖଦାୟକ ବୋଲି ନିନ୍ଦା କଲେ ମାତ୍ର ଆହବ ଓ ଈଷେବଲ ଇସ୍ରାୟେଲର ପ୍ରକୃତ ଦୁଃଖଦାୟକ ଓ ଶାପଗ୍ରସ୍ତ ବ୍ୟକ୍ତି ଥିଲେ । ସେମାନଙ୍କ ଯୋଗୁଁ ଇସ୍ରାୟେଲ କଷ୍ଟ ଭୋଗିଲେ । ଏଲିୟ ଆହାବଙ୍କୁ କହିଲେ, "ମୁଁ ଇସ୍ରାୟେଲକୁ ଦୁଃଖ ଦେଇ ନାହିଁ; ମାତ୍ର ତୁମ୍ଭେ ଓ ତୁମ୍ଭ ପିତୃବଂଶ ଦେଇଅଛ, କାରଣ ତୁମ୍ଭେମାନେ ସଦାପ୍ରଭୁଙ୍କ ଆଜ୍ଞା ସକଳ ତ୍ୟାଗ କରିଅଛ ଓ ତୁମ୍ଭେ ବାଲଦେବଗଣର ଅନୁଗାମୀ ହୋଇଅଛ" (୧ମ ରାଜାବଳି ୧୮:୧୮)।

୧୦) ଈଷେବଲ କେବଳ ଇସ୍ରାୟେଲର ଦୁଃଖଦାୟିନୀ ନ ଥିଲେ, କିନ୍ତୁ ଈଶ୍ୱର ନିଯୁକ୍ତ ଭବିଷ୍ୟତ୍‌ବକ୍ତା ଏଲିୟଙ୍କୁ ବଧ କରିବାକୁ ଚେଷ୍ଟା କଲେ ।

## ଈଶ୍ୱରଙ୍କ ବିରୁଦ୍ଧାଚରଣ କରିବାର ଫଳ

ଯେଉଁମାନେ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କୁକର୍ମ କରନ୍ତି, ସେମାନେ ଆପଣା ବିନାଶର କାରଣ ହୁଅନ୍ତି । ଈଶ୍ୱରଙ୍କ ବିଧିବିଧାନର ବିଦ୍ରୋହୀମାନେ ବିନଷ୍ଟ ହୁଅନ୍ତି, କିନ୍ତୁ ଈଶ୍ୱରଙ୍କ ନୀତି ଓ ନ୍ୟାୟ ଚିରକାଳ ସ୍ଥାୟୀ । ଏହାର ସ୍ପଷ୍ଟ ଉଦାହରଣ ଈଷେବଲଙ୍କ ଜୀବନ କାହାଣୀ । ଈଷେବଲ ଶାପଗ୍ରସ୍ତ ହୋଇ ବିନଷ୍ଟ

ହେଲେ, କିନ୍ତୁ ଈଶ୍ୱରଙ୍କ ନୀତି ନ୍ୟାୟ ସ୍ଥିର ହୋଇ ରହିଅଛି । କୁକର୍ମକାରୀର ଜୀବନ କିପରି ବିନଷ୍ଟ ହୁଏ, ଈଷେବଲଙ୍କ ଜୀବନ କାହାଣୀରୁ ଜାଣିପାରୁ । ଈଷେବଲଙ୍କ ସଦୃଶ୍ୟ ଈଶ୍ୱରଙ୍କ ବିରୁଦ୍ଧାଚଣ ନ କରି ତାହାଙ୍କ ଆଜ୍ଞାକାରୀ ହେଲେ, ଆମ୍ଭେମାନେ ଆପଣା ଆପଣାକୁ ବିନାଶରୁ ରକ୍ଷା କରି ପାରିବା । ଜ୍ଞାନୀ ଶଲୋମନଙ୍କ ଅନୁଯାୟୀ, "ଦୁଷ୍ଟଲୋକର ନିଜ ଅପରାଧ ତାହାକୁ ଧରିବ, ସେ ନିଜ ପାପ ରୂପ ଦୌଡ଼ିରେ ବନ୍ଧା ହେବ" (ହିତୋ-୫ : ୨୨) । "ମାତ୍ର ଯେ ମୋ' ବିରୁଦ୍ଧରେ ପାପ କରଇ, ସେ ଆପଣା ପ୍ରାଣର କ୍ଷତି କରେ; ଯେ ସମସ୍ତ ଲୋକ ମୋତେ ଘୃଣା କରନ୍ତି; ସେମାନେ ମୃତ୍ୟୁକୁ ଭଲ ପାଆନ୍ତି" (ହିତୋ ୮ :୩୬) ।

୧) ଈଷେବଲଙ୍କ ଅନେକ ଶତ୍ରୁ ଥିଲେ ହେଁ ସେ ନିଜେ ଆପଣାର ପ୍ରଧାନ ଶତ୍ରୁ ଥିଲେ । "ସୁବୁଦ୍ଧିର ଫଳ ଅନୁଗ୍ରହ, ମାତ୍ର ବିଶ୍ୱାସଘାତକର ପଥ ରଗଡା" (ହିତୋ ୧୩:୧୫) । ଏ ବିଷୟରେ ଈଷେବଲ ବୁଦ୍ଧିମତୀ ନ ଥିଲେ । ପ୍ରେରିତ ପାଉଲ କହନ୍ତି, "ଭ୍ରାନ୍ତ ନ ହୁଅ; ଈଶ୍ୱର ବିଦ୍ରୁପର ପାତ୍ର ନୁହନ୍ତି; କାରଣ ମନୁଷ୍ୟ ଯାହା ବୁଣେ, ତାହା ହିଁ କାଟିବ" (ଗାଲା ୬:୭) । ଈଷେବଲ ଆପଣା ପ୍ରାଣର ଆପେ ପ୍ରଧାନ ଶତ୍ରୁ ଥିଲେ । ତାହାଙ୍କ ମୃତ୍ୟୁ ବିଷୟରେ ଭବିଷ୍ୟତ୍‌ବକ୍ତା ଏଲିୟ ପ୍ରକଟ କରିଥିଲେ (୧ମ ରାଜାବଳି ୨୧ : ୨୩) । ୨ୟ ରାଜାବଳି ୩୦ :୩୭ରେ ଆମ୍ଭେମାନେ ତାହାର ସଫଳତା ପଢ଼ିପାରୁ । ସେ ଆପଣା ପୁତ୍ର ଅହସୀୟ ଓ ଯୋରାମଙ୍କ ରାଜୁତି ପର୍ଯ୍ୟନ୍ତ ଜୀବିତ ଥାଇ ସଦାପ୍ରଭୁଙ୍କ ଅଭିଷିକ୍ତ ଈସ୍ରାୟେଲର ରାଜା ଯେହୁଙ୍କ ଦ୍ୱାରା ମୃତ୍ୟୁ ଭୋଗିଲେ । ଯେହୁଙ୍କ ଆଜ୍ଞାନୁଯାୟୀ ଈଷେବଲଙ୍କ ଗୃହସ୍ଥ ଲୋକେ ତାହାଙ୍କୁ ଉପର ମହଲା ଝରକାରୁ ପକାଇ ତାହାଙ୍କୁ ବଧ କଲେ । ସେ ରାଜ କନ୍ୟା ହୋଇ ଥିବାରୁ ତାହାଙ୍କୁ କବର ଦେବା ନିମନ୍ତେ ଆଜ୍ଞା ଦେଲେ, କିନ୍ତୁ ତାହାଙ୍କ ମୁଣ୍ଡର ଖୋଳି, ପାଦ ଓ ହାତପାପୁଲି ଛଡ଼ା ଆଉ କିଛି ପାଇଲେ ନାହିଁ । ତାହାଙ୍କ ମାଂସ କୁକୁରମାନେ ଖାଇବେ ବୋଲି ଏଲିୟଙ୍କ କଥା ସଫଳ ହେଲା । ତାହାଙ୍କ ଆତ୍ମା ଅନନ୍ତ ବିନାଶରେ ବିନଷ୍ଟ ହେଲା ।

୨) ଈଷେବଲ ଆପଣା ବିନାଶ ସାଙ୍ଗକୁ ଅନ୍ୟମାନଙ୍କ ବିନାଶର କାରଣ ହେଲେ । ତାହାଙ୍କ ଯୋଗୁଁ ତାହାଙ୍କ ତିନି ପୁତ୍ର ଦୁଷ୍କର୍ମ ଓ ଦୁଃଖମୟ ଜୀବନ

ବିତାଇଲେ । ଆହାବ ଆପଣା ଭାର୍ଯ୍ୟାଙ୍କ ପ୍ରରୋଚନା ଅନୁସାରେ ଚାଲି ନ ଥିଲେ ଅନେକ ବେଦନାରୁ ରକ୍ଷା ପାଇ ପାରିଥା'ନ୍ତେ ।

ଧର୍ମଶାସ୍ତ୍ର କହେ, "ଯୁଦ୍ଧାସ୍ତ୍ର ଅପେକ୍ଷା ଜ୍ଞାନ ଉତ୍ତମ; ମାତ୍ର ଜଣେ ପାପୀ ବହୁ ମଙ୍ଗଳ ନାଶ କରେ" (ଉପଦେଶକ ୯:୧୮) । ସ୍ୱର୍ଗ ରାଜ୍ୟରେ ପାପର ଲେଶମାତ୍ର ନାହିଁ, ହେଲେ ସମସ୍ତେ ପାପ କରି ଓ ଈଶ୍ୱରଙ୍କ ଅନୁଗ୍ରହରୁ ଦୂରେଇ ଯାଇ ଅଛନ୍ତି । କୃପାମୟ ପିତା ଈଶ୍ୱର ମନୁଷ୍ୟକୁ ଆପଣା ନିକଟକୁ ପୁନର୍ବାର ଫେରାଇ ଆଣିବା ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ତାହାଙ୍କ ବାକ୍ୟରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ତାହାଙ୍କ ନାମରେ ସ୍ୱୀକାର କରି ବାପ୍ତିଜିତ ହେଲେ ତାହାଙ୍କ ରକ୍ତ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରେ । ପୁନର୍ବାର ପୁରାତନ ପାପର ଦାସ ନ ହେବା ନିମନ୍ତେ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତି (ପ୍ରେରିତ ୨:୩୮, ରୋମୀୟ ୧୦:୧୦) । ଯାକୁବ କହନ୍ତି, "ବିଶ୍ୱାସଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ, ପୁଣି ପ୍ରଭୁ ତାହାକୁ ଉଠାଇବେ; ଆଉ ଯଦି ସେ ପାପ କରିଥାଏ, ତା'ହେଲେ ତାକୁ କ୍ଷମା ଦିଆଯିବ" (ଯାକୁବ ୫:୧୫)। ପ୍ରେରିତ ପିତର ଶମିରୋଣୀୟ ଶିମୋନଙ୍କୁ କହିଲେ, "ତୁମ୍ଭର ଏହି ଦୁଷ୍ଟପଣରୁ ମନ ପରିବର୍ତ୍ତନ କରି ପ୍ରଭୁଙ୍କ ଠାରେ ପ୍ରାର୍ଥନା କର, କେଜାଣି ତୁମ୍ଭ ହୃଦୟର କଳ୍ପନା କ୍ଷମା ହୋଇପାରେ....." (ପ୍ରେରିତ ୮:୨୨) ।

ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ମନୁଷ୍ୟକୁ ଆପଣା ହୃଦୟ ଶୁଦ୍ଧ ଓ ପବିତ୍ର କରିବା ଉଚିତ । ଏହା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ।

# ୧୬. ବଷ୍ଟୀ

**(Vashti - Whose conviction costs a crown)**

**ଈ**ସ୍ରାୟେଲୀୟମାନେ ବାବିଲ ଦେଶକୁ ବନ୍ଦି ହୋଇ ଯିବା ପରେ ବାବିଲ ଦେଶ ପାରସ୍ୟ ଦେଶର ଅଧିନ ହେଲା । ବାବିଲରେ ଆନୀତ ଯିହୁଦୀମାନେ ରାଜ୍ୟର ବିଭିନ୍ନ ପ୍ରଦେଶରେ ଛିନ୍ନଭିନ୍ନ ହୋଇଗଲେ । ଦାସତ୍ୱ ବନ୍ଧନରେ ବନ୍ଦିହୋଇ ପାରସ୍ୟକୁ ଯିବା ଇସ୍ରାୟେଲୀୟମାନଙ୍କ ମଧ୍ୟରୁ ଏଷ୍ଟର ଜଣେ । ତାହାଙ୍କ ଦ୍ୱାରା ସଦାପ୍ରଭୁ ଯିହୁଦୀମାନଙ୍କୁ ରକ୍ଷା କରିଥିଲେ । ପାରସ୍ୟ ରାଜା ଅକ୍ଷଶ୍ୱେରଶ ଓ ତାହାଙ୍କ ରାଣୀ ବଷ୍ଟୀଙ୍କ ସହିତ ଏହି କାହାଣୀ ଆରମ୍ଭ ହୁଏ ।

ଐଶ୍ୱର୍ଯ୍ୟବାନ୍ ଓ ବଳବାନ ପାରସ୍ୟ ରାଜା ଅକ୍ଷଶ୍ୱେରଶ ୧୨୭ ପ୍ରଦେଶ ଉପରେ ରାଜୁତି କଲେ । ଆପଣା ରାଜତ୍ୱର ତୃତୀୟ ବର୍ଷରେ ଆପଣା ସକଳ ଅଧିପତି ଓ ଦାସମାନଙ୍କ ପାଇଁ ଭୋଜ ପ୍ରସ୍ତୁତ କଲେ, ତହିଁରେ ପାରସ୍ୟ ଓ ମାଦୀୟାଦେଶ ବିକ୍ରମି ଲୋକମାନେ, ପୁଣି କୁଳୀନ ଓ ପ୍ରଦେଶାଧିପତିମାନେ ତାହାଙ୍କ ସାକ୍ଷାତରେ ଉପସ୍ଥିତ ହେଲେ । ସେ ଆପଣା ପ୍ରତାପାନ୍ୱିତ ରାଜ୍ୟର ଧନ ଓ ଆପଣା ମହତ୍ତ୍ୱର ଶୋଭାର ଉତ୍କୃଷ୍ଟତା ୧୮୦ ଦିନ ପର୍ଯ୍ୟନ୍ତ ପ୍ରଦର୍ଶନ କଲେ । ତା'ପରେ ଶୂଶନ୍ ରାଜଧାନୀରେ ବଡ଼ ଓ ସାନ ସମସ୍ତ ଲୋକଙ୍କ ପାଇଁ ରାଜପୁରୀସ୍ଥ ଉଦ୍ୟାନର ପ୍ରାଙ୍ଗଣରେ ସାତଦିନ ପର୍ଯ୍ୟନ୍ତ ଭୋଜ ପ୍ରସ୍ତୁତ କଲେ । ସମସ୍ତ ଦିନରେ ରାଜା ଦ୍ରାକ୍ଷାରସରେ ହୃଷ୍ଟଚିତ୍ତ ହୋଇ ରାଣୀ ବଷ୍ଟୀଙ୍କ ସୌନ୍ଦର୍ଯ୍ୟ ଲୋକମାନଙ୍କୁ ଦେଖାଇବା ଉଦ୍ଦେଶ୍ୟରେ ବଷ୍ଟୀରାଣୀଙ୍କୁ ମୁକୁଟ ଭୂଷିତା କରି ତାହାଙ୍କ ନିକଟକୁ ଆଣିବା ନିମନ୍ତେ ସାତଜଣ ନପୁଂସକଙ୍କୁ ଆଜ୍ଞା ଦେଲେ । ରାଣୀ ବଷ୍ଟୀ ରାଜାଙ୍କ ଆଜ୍ଞାନୁସାରେ ଲୋକମାନଙ୍କ ଓ ଅଧିପତିମାନଙ୍କ ନିକଟକୁ ଆସିବା ନିମନ୍ତେ ଅସମ୍ମତା ହେଲେ । ରାଜାଙ୍କ ଆଜ୍ଞା ପାଳନ ନ କରିବାରୁ ରାଜାଙ୍କ କ୍ରୋଧ ଅତିଶୟ ପ୍ରଜ୍ୱଳିତ ହେଲା ।

ରାଜାଜ୍ଞା ଅବଜ୍ଞା କରିବାର ପ୍ରତିଫଳ କଅଣ ବୋଲି ରାଜା କାଳଜ୍ଞ ବିଦ୍ୱାନବର୍ଗଙ୍କୁ ପଚାରିଲେ । ରାଣୀ ରାଜାଜ୍ଞା ଅବଜ୍ଞା କରିବାରୁ ଦେଶର ଅନ୍ୟ କୁଳୀନା ସ୍ତ୍ରୀମାନଙ୍କ ସାକ୍ଷାତରେ ସେମାନଙ୍କ ସ୍ୱାମୀମାନେ ତୁଚ୍ଛନୀୟ

ହେବେ । ତେଣୁକରି ବଷ୍ଟୀ ରାଣୀ ପୁନର୍ବାର ରାଜାଙ୍କ ନିକଟକୁ ଅଣା ନ ଯାଇ ତାହାଙ୍କ ସ୍ଥାନରେ ଏକ ଉତ୍ତମା ସ୍ତ୍ରୀ'ଙ୍କୁ ରାଣୀରୂପେ ନିଯୁକ୍ତ କରିବା ନିମନ୍ତେ ସେମାନେ ମନ୍ତ୍ରଣା ଦେଲେ । ବଷ୍ଟୀ ରାଣୀ ବିଜାତୀୟା ହେଲେହେଁ, ତାହାଙ୍କ ଦୃଢ଼ ନିର୍ଣ୍ଣୟରୁ ଆମ୍ଭେମାନେ ଅନେକ ବିଷୟ ଶିକ୍ଷା କରିଥାଉଁ ।

ରାଜା ଅକ୍ଷଶ୍ୱରେଶ ଦ୍ରାକ୍ଷାରସରେ ମତ୍ତହୋଇ ହୋଇ ଥିଲେ । ଦ୍ରାକ୍ଷାରସରେ ମତ୍ତହେବା ବିଷୟରେ ଈଶ୍ୱରଙ୍କ ବାକ୍ୟ କଅଣ କହେ ?

୧) "ଦ୍ରାକ୍ଷାରସ ନିନ୍ଦକ, ମଦ୍ୟ କଳହକାରୀ; ଯେକେହି ତ'ଦ୍ୱାରା ଭ୍ରାନ୍ତ ହୁଏ, ସେ ଜ୍ଞାନବାନ ନୁହେଁ" (ହିତୋ୨୦:୧) ।

୨) "ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ...." (ଏଫିସି ୫:୧୮) ।

୩) "....ମତ୍ତତା.....ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ" (ଗାଲାତି ୫:୨୧) ।

ତେଣୁକରି ମତ୍ତତା ଅନେକ କ୍ଳେଶର କାରଣ । ଦ୍ରାକ୍ଷାରସରେ ମତ୍ତ ଲୋକେ ସୁବିବେକ ହରାନ୍ତି । ବଷ୍ଟୀଙ୍କ ପ୍ରତି ରାଜାଙ୍କ ଆଜ୍ଞା ସାମାଜିକ ଭାବେ ଏକ ସ୍ତ୍ରୀକୁ ଅପମାନିତ କରେ । ଆପଣା ସ୍ୱାମୀ ବ୍ୟତିତ ପର ପୁରୁଷମାନଙ୍କ ନିକଟରେ ଆପଣାକୁ ପ୍ରଦର୍ଶନ କରିବା ସ୍ତ୍ରୀ ନିମନ୍ତେ ଏକ ଅପମାନର ବିଷୟ । ରାଣୀ ବଷ୍ଟୀଙ୍କ ପ୍ରତି ରାଜାଙ୍କ ଅପ୍ରେମ ଏଠାରେ ପ୍ରକାଶ ପାଏ । ତାହାଙ୍କ ଅପ୍ରେମ ଆଲୋଚନା ବିନା ଆଜ୍ଞା କରିବାକୁ ସାହାଯ୍ୟ କରିଥିଲା । ତାହାଙ୍କ କ୍ରୋଧ ଶାନ୍ତ ହୁଅନ୍ତେ ସେ ବଷ୍ଟୀକି ଓ ତାହାର କାର୍ଯ୍ୟ ଓ ତାହା ପ୍ରତିକୂଳରେ ପ୍ରଦତ୍ତ ଆଜ୍ଞା ସ୍ମରଣ କଲେ ମଧ୍ୟ ଗର୍ବାନ୍ଧ ରାଜା ସଠିକ୍ ନିର୍ଣ୍ଣୟ କରି ପାରି ନ ଥିଲେ ।

ବଷ୍ଟୀ ରାଣୀ ଏକ ବିଜାତୀୟା ସ୍ତ୍ରୀ ଥିଲେ ସୁଦ୍ଧା, ଧର୍ମ ପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମ ରୂପ ଭୁଷଣରେ ଆପଣାକୁ ଭୁଷିତା କରିଥିଲେ

(୧ମ ତୀମଥି ୨ : ୧୦) । ଆମ୍ଭମାନଙ୍କ ଶରୀର ଈଶ୍ୱରଙ୍କ ମନ୍ଦିର । ତେଣୁକରି ଆମ୍ଭମାନଙ୍କ ଶରୀରକୁ ଶୁଦ୍ଧ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ସୁରକ୍ଷିତ କରିବା ଆବଶ୍ୟକ । ଆମ୍ଭମାନଙ୍କର ଶରୀର ଦ୍ୱାରା ଅନ୍ୟମାନଙ୍କୁ ପାପ କରିବାରେ ପ୍ରବର୍ତ୍ତାଇବା ଉଚିତ ନୁହେଁ । ବଷ୍ଟୀଙ୍କ ନିର୍ଣ୍ଣୟ ଅତି ଉନ୍ନତ । ପରମ ସୁନ୍ଦରୀ ବଷ୍ଟୀ ରାଣୀ ରାଜାଙ୍କ ଆଜ୍ଞା ଅବଜ୍ଞା କରିବାରୁ, ଉନ୍ନତ ସମ୍ମାନର ଅଧିକାରିଣୀ ହୋଇପାରିଲେ । ତାହାଙ୍କ ସୁବେବେକର ସୁଦୃଢ଼ ନିର୍ଣ୍ଣୟ ନିମନ୍ତେ ତାହାଙ୍କ ନାମ ବାଇବଲ ଇତିହାସରେ ସ୍ଥାନ ପାଇଅଛି ।

୧) ବଷ୍ଟୀ ରାଣୀଙ୍କ ନିର୍ଭୟ ନିଷ୍ପତ୍ତି ଯୋଗୁଁ ରାଣୀ ଭାବେ ତାହାଙ୍କୁ ଐଶ୍ୱର୍ଯ୍ୟ ଓ ଗୌରବ ହରାଇବାକୁ ପଡ଼ିଲା ।

୨) ମିସର ଦେଶରେ ଯୋଷେଫ ପୋଟୀଫରଙ୍କ ଭାର୍ଯ୍ୟାଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ବଷ୍ଟୀଙ୍କ ସଦୃଶ୍ୟ ତାହାଙ୍କ ସହିତ ପାପ କରିବା ନିମନ୍ତେ ଅସମ୍ମତ ହେଲେ ।

୩) ପାପର କ୍ଷଣିକ ସୁଖଭୋଗ ଅପେକ୍ଷା ଈଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖଭୋଗ କରିବାକୁ ମୋଶା ପସନ୍ଦ କଲେ, ପୁଣି ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ (ଏବ୍ରୀ ୧୧ : ୨୫-୨୬) ।

୪) ବାପ୍ତିଜକ ଯୋହନ ନିର୍ଭୟରେ ସତ୍ୟ କହି ହେରୋଦ ରାଜାଙ୍କ ଦ୍ୱାରା କ୍ଲେଶଭୋଗି ମୃତ୍ୟୁ ଭୋଗିଲେ । ସେହିପରି ଭାବେ ଦାନିୟେଲ ସିଂହ ଗୁହାରେ ନିକ୍ଷିପ୍ତ କରାଗଲେ । ସ୍ତିଫାନ ଯୀଶୁଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଠାରୁ ବରଂ ପ୍ରସ୍ତରଘାତରେ ହତସାକ୍ଷୀ ହେବା ଶ୍ରେୟସ୍କର ମଣିଲେ ।

ଆମ୍ଭେମାନେ ଆମ୍ଭମାନଙ୍କ ଜୀବନରେ ସଠିକ୍ ନିର୍ଣ୍ଣୟ ନେବା ଆବଶ୍ୟକ । "ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ" (ରୋମୀୟ ୧୦ : ୧୭) । ଈଶ୍ୱରଙ୍କ ବାକ୍ୟ ତାହାଙ୍କ ନିକଟକୁ ଆମ୍ଭମାନଙ୍କୁ ଘେନି ଯିବା ମାର୍ଗ ଅଟେ । ସଠିକ୍, ସୁଦୃଢ଼ ନିର୍ଣ୍ଣୟ ନେବା ନିମନ୍ତେ ପ୍ରତ୍ୟେକଙ୍କ

ସାହସ ଓ ଧୈର୍ଯ୍ୟ ଆବଶ୍ୟକ । ଉତ୍ତମ ବିଷୟରେ ଉଦ୍‌ଯୋଗୀ ଲୋକେ ଅତି ଅଳ୍ପ । ସେମାନେ ଆପଣା ଆପଣାକୁ ଅଧିନରେ ରଖିଥାନ୍ତି । ଏଷୌ ଅଳ୍ପକ୍ଷଣ ନିମନ୍ତେ ଆପଣାକୁ ନିୟନ୍ତ୍ରଣ କରି ନ ପାରି ଏକ ଅଳିର ଖାଦ୍ୟ ନିମନ୍ତେ ଆପଣା ଜ୍ୟେଷ୍ଠାଧିକାରୀ ହରାଇଥିଲେ । ଆମ୍ଭେମାନେ ପ୍ରତ୍ୟେକ ସଠିକ୍ ନିର୍ଣ୍ଣୟ ନେଇ ତାହା ପରିତ୍ୟାଗ ନ କରି ସେଥିରେ ମନୋଯୋଗୀ ହୋଇ ରହିବା ଆବଶ୍ୟକ । ବଷ୍ଟୀ ରାଣୀ ଆପଣା ଉତ୍ତମତା ନିମନ୍ତେ ଆପଣା ମୁକଟ ହରାଇଥିଲେ । ଖ୍ରୀଷ୍ଟଙ୍କ ଅନୁକରଣକାରୀ ଯେ ଆମ୍ଭେମାନେ ଆମ୍ଭମାନଙ୍କୁ ତାହାଙ୍କ ନିମନ୍ତେ ଜଗତ ଓ ସେଥିରେ ଥିବା ଅଭିଳାଷ ତ୍ୟାଗ କରିବା ଆବଶ୍ୟକ ।

# ୧୭. ଏଷ୍ଟର

**(Ester- Who helped God save a Nation)**

'ଏଷ୍ଟର' ପୁସ୍ତକ ପ୍ରେମ, ହିଂସା, ପ୍ରତିଶୋଧ ଓ ସାହସ ଭରା ଏକ ରୋମାଞ୍ଚକ କାହାଣୀର ପ୍ରତିରୂପ । କାଳ୍ପନିକ ପରୀ ସିନଡ୍ରେଲା (Cindrella)ଙ୍କ ସଦୃଶ୍ୟ ଏଷ୍ଟର ଏକ ସାମାନ୍ୟ ଯିହୁଦୀ ଯୁବତୀରୁ ପ୍ରସିଦ୍ଧ ସାମ୍ରାଜ୍ୟର ମହାରାଣୀ ହୋଇ ପାରିଥିଲେ । ତାହାଙ୍କ ଜୀବନ କାହାଣୀ ଆମେ ଈଶ୍ୱରଙ୍କ ବାକ୍ୟରୁ ପଢ଼ିପାରୁ ।

ବଷ୍ଟୀରାଣୀଙ୍କୁ ରାଣୀ ପଦଚ୍ୟୁତ କରିବା ପରେ ରାଜା ଅକ୍ଷଶ୍ୱେରଶ ଏକ ସୁନ୍ଦରୀ ଯୁବତୀଙ୍କୁ ରାଣୀ କରିବା ନିମନ୍ତେ ତାହାଙ୍କ ଅଧିନସ୍ଥ ଅଧିପତିମାନେ ପରାମର୍ଶ ଦେଲେ । ଏହା ରାଜାଙ୍କ ଦୃଷ୍ଟିରେ ସନ୍ତୋଷଜନକ ହେବାରୁ ରାଣୀ ଅନ୍ୱେଷଣ କରିବା ନିମନ୍ତେ ସଂକଳ୍ପ କରାଗଲା । ଏହା ପରମେଶ୍ୱରଙ୍କ ଅଗତ ସଂକଳ୍ପ ନ ଥିବା ସତ୍ତ୍ୱେ ପରମେଶ୍ୱର ତାହା ସଫଳ କଲେ । ଯିରୁଶାଲମରୁ ଯେଉଁ ଲୋକମାନେ ବନ୍ଦୀଭାବେ ଅଣା ଯାଇଥିଲେ, ସେମାନଙ୍କ ମଧ୍ୟରୁ ମର୍ଦ୍ଦଖୟ ଓ ଏଷ୍ଟର ଅନ୍ୟତମ । ମହାରାଜା ଅକ୍ଷଶ୍ୱେରଙ୍କ ନିମନ୍ତେ ରାଣୀ ଅନ୍ୱେଷଣ କରିବା ସମୟରେ ମର୍ଦ୍ଦଖୟ ଆପଣା ପାଳିତ କନ୍ୟା ଏଷ୍ଟରଙ୍କୁ ମଧ୍ୟ ରାଜମହଲକୁ ପଠାଇ ଥିଲେ । ଏକ ବର୍ଷ ରାଜକନ୍ୟା ରୂପେ ପ୍ରସ୍ତୁତ କରାଯିବା ପରେ, ରାଜାଙ୍କ ସମ୍ମୁଖରେ ଯିବା ପାଇଁ ଏଷ୍ଟରଙ୍କ ପାଳି ପଡ଼ିଲା । "ଲେଖାଯାଏ ରାଜା ଅକ୍ଷଶ୍ୱେରଶ "ଅନ୍ୟ ସକଳ ସ୍ତ୍ରୀଠାରୁ ଏଷ୍ଟରକୁ ଅଧିକ ପ୍ରେମ କଲା, ପୁଣି ଅନ୍ୟ ସକଳ ଯୁବତୀଠାରୁ ସେ ରାଜାର ଦୃଷ୍ଟିରେ ଅଧିକ ଅନୁଗ୍ରହ ଓ ଦୟା ପାଇଲା; ଏଣୁ ସେ ତାହାର ମସ୍ତକରେ ରାଜମୁକୁଟ ଦେଇ ବଷ୍ଟୀ ବଦଳେ ତାକୁ ରାଣୀ କଲା" (ଏଷ୍ଟର ୨.୧୭) । ଏଷ୍ଟର ମର୍ଦ୍ଦଖୟଙ୍କ ଆଦେଶାନୁଯାୟୀ ଆପଣା ବଂଶ ଓ କୁଟୁମ୍ବର ପରିଚୟ କାହାକୁ ଦେଇ ନ ଥିଲେ ।

ରାଜା ଅକ୍ଷଶ୍ୱେରଶ ହାମନ୍‌ଙ୍କୁ ଉଚ୍ଚ ପଦ୍ୱାନିତ କରି ଅନ୍ୟ ଅଧିପତିମାନଙ୍କଠାରୁ ଶ୍ରେଷ୍ଠତର ଆସନ ଦେଲେ । ରାଜାଜ୍ଞାନୁଯାୟୀ ରାଜଦ୍ୱାରର ସମସ୍ତ ଦାସମାନେ ହାମନ୍‌ଙ୍କୁ ନତ ହୋଇ ପ୍ରଣାମ କଲେ । କିନ୍ତୁ ଯିହୁଦୀୟ

ମର୍ଦ୍ଦଖୟ ବିଜାତୀୟ ହାମନ୍ ସମ୍ମୁଖରେ ଆପଣାକୁ ନତ କଲେ ନାହିଁ କିମ୍ବା ପ୍ରଣାମ କଲେ ନାହିଁ । ତେଣୁ ହାମନ୍ ଅତିଶୟ କ୍ରୋଧ ହୋଇ ମର୍ଦ୍ଦଖୟ ତଥା ତାହାଙ୍କ ସମଗ୍ର ଗୋଷ୍ଠୀଙ୍କୁ ବିନାଶ କରିବା ନିମନ୍ତେ ଚକ୍ରାନ୍ତ କଲେ । ହାମନ୍ ଏକ ଉଚ୍ଚ ପଦବୀଧାରୀ ଅଧିପତି ହୋଇ ଥିବାରୁ ରାଜାଙ୍କୁ ଯିହୁଦୀ ଜାତି ବିପକ୍ଷରେ କୁମନ୍ତ୍ରଣା ଦେଇ କହିଲେ, ଆପଣଙ୍କ ଦେଶରେ ଏକ ଦେଶୀୟ ଲୋକ ଅଛନ୍ତି ଯେଉଁମାନେ ରାଜାଜ୍ଞା ପାଳନ କରନ୍ତି ନାହିଁ, ସେମାନଙ୍କ ବ୍ୟବହାର ସହିବା ଆପଣଙ୍କ ଉଚିତ ନୁହେଁ । ସେମାନଙ୍କୁ ବିନାଶ କରିବା ନିମନ୍ତେ ରାଜାଜ୍ଞା ଦିଆଯାଉ । ତହିଁରେ ରାଜା ଭଲମନ୍ଦ ବିଚାର ନ କରି ଯିହୁଦୀମାନଙ୍କୁ ବିନାଶ କରିବା ନିମନ୍ତେ ଅନୁମତି ଦେଲେ । ଯିହୁଦୀମାନଙ୍କୁ ବିନଷ୍ଟ କରିବା ନିମନ୍ତେ ଦତ୍ତ ରାଜାଜ୍ଞା, ହାମନ୍‌ଙ୍କର ଗର୍ବ, ହିଂସା ଓ କ୍ରୋଧର ଫଳ; କିନ୍ତୁ ତାହାଙ୍କ କୁକଳ୍ପନା ତାହାଙ୍କ ଅଧଃଗତିର କାରଣ ହେଲା ।

ଆପଣା ପ୍ରଜାମାନଙ୍କୁ ରକ୍ଷା କରିବା ନିମନ୍ତେ ମର୍ଦ୍ଦଖୟ ଦୃଢ଼ ସଂକଳ୍ପ କଲେ । ସର୍ବ ପ୍ରଥମେ, ଯିହୁଦୀ ଜାତିର ବିନାଶ କରିବା ନିମନ୍ତେ ପ୍ରକଟ ହୋଇଥିବା ରାଜାଜ୍ଞା ଶୁଣି ସେ ଆପଣା ବସ୍ତ୍ର ଚିରିଲେ । 'ଈଶ୍ୱର' ବୋଲି ଏହି ପଦ, ଏଷ୍ଟର ପୁସ୍ତକରେ କୌଣସି ଠାରେ ଲେଖାଯାଇ ନ ଥିଲେ ମଧ୍ୟ ପରୋକ୍ଷଭାବେ ତାହାଙ୍କ ମହାନତାର ବର୍ଣ୍ଣନା କରାଯାଇ ଅଛି । ଆପଣା ବସ୍ତ୍ର ଚିରିବାର ଅର୍ଥ, ପରମେଶ୍ୱରଙ୍କ ଠାରେ ଆପଣା ଦୁଃଖ ବେଦନା ବ୍ୟକ୍ତ କରିବା । ଆପଣା ବିପକ୍ଷରେ ପ୍ରକଟିତ ରାଜାଜ୍ଞା ଶୁଣି ଯିହୁଦୀମାନେ ମଧ୍ୟ ପରମେଶ୍ୱରଙ୍କ ଠାରେ ଆଶ୍ରୟ ନେଇଥିଲେ । ସର୍ବଶକ୍ତିମାନ୍ ଈଶ୍ୱର ତାହାଙ୍କ କାର୍ଯ୍ୟସାଧକ ଯୋଜନା ମନୁଷ୍ୟମାନଙ୍କ ଦ୍ୱାରା ସଫଳ କରନ୍ତି ବୋଲି ମର୍ଦ୍ଦଖୟ ବିଶ୍ୱାସ କରି ଏଷ୍ଟରଙ୍କ ନିକଟକୁ ବାର୍ତ୍ତା ପଠାଇଲେ । "........ସବୁ ଯିହୁଦୀୟମାନଙ୍କ ମଧ୍ୟରୁ କେବଳ ତୁମ୍ଭେ ରାଜଗୃହରେ ଥିବାରୁ ଯେ ରକ୍ଷା ପାଇବ, ଏହା ମନରେ ନ ଭାବ । ଯେବେ ତୁମ୍ଭେ ଏହି ସମୟରେ ସର୍ବତୋଭାବେ ନୀରବ ହୋଇ ରୁହ, ତେବେ ଅନ୍ୟ କୌଣସି ସ୍ଥାନରୁ ଯିହୁଦୀୟମାନଙ୍କର ଉପକାର ଓ ଉଦ୍ଧାର ଉତ୍ପନ୍ନ ହେବ, ମାତ୍ର ତୁମ୍ଭେ ଓ ତୁମ୍ଭ ପିତୃବଂଶ ବିନଷ୍ଟ ହେବ; କିଏ ଜାଣେ, ତୁମ୍ଭେ ଏପରି ସମୟ ନିମନ୍ତେ ରାଜ୍ୟ ପାଇଅଛ" (ଏଷ୍ଟର ୪:୧୩,୧୪) ।

ଏଷ୍ଟର ଏକ ବିଶେଷ କାର୍ଯ୍ୟ ନିର୍ବାହ କରିବା ନିମନ୍ତେ ମନୋନୀତା ହୋଇଥିଲେ । ମର୍ଦଖୟଙ୍କ ଆଦେଶାନୁଯାୟୀ ରାଜାଙ୍କ ସମ୍ମୁଖରେ ଯିହୁଦୀମାନଙ୍କ ରକ୍ଷା ନିମନ୍ତେ ନିବେଦନ ଓ ଅନୁରୋଧ କରିବାକୁ ସମ୍ମତ ହୋଇ ମର୍ଦଖୟଙ୍କୁ ଏପରି ପ୍ରତ୍ୟୁତ୍ତର ଦେଲେ, "ତୁମ୍ଭେ ଯାଇ ଶୂଶନରେ ଉପସ୍ଥିତ ସମସ୍ତ ଯିହୁଦୀମାନଙ୍କୁ ଏକତ୍ର କରି ମୋ' ଲାଗି ଉପବାସ କର, ପୁଣି ତିନିଦିନ ଯାଏ ଦିନରେ କିବା ରାତ୍ରରେ କିଛି ଆହାର କର ନାହିଁ ଓ କିଛି ପାନ କର ନାହିଁ; ମଧ୍ୟ ମୁଁ ଓ ମୋହର ଦାସୀଗଣ ତଦ୍ରୂପ କରିବୁ; ତହୁଁ ବ୍ୟବସ୍ଥାନୁଯାୟୀ ନୋହିଲେ ହେଁ ମୁଁ ରାଜାଙ୍କ ନିକଟକୁ ଯିବି; ତହିଁରେ ମୁଁ ବିନଷ୍ଟ ହେଲେ ବିନଷ୍ଟ ହେବି" (ଏଷ୍ଟର ୪:୧୬) । ସମ୍ପୂର୍ଣ୍ଣ ଭାବେ ପରମେଶ୍ୱରଙ୍କ ଉପରେ ଭରସା କରି ରାଜା ନିୟମ ବିରୁଦ୍ଧରେ ବିନା ଡ଼ାକରାରେ ଏଷ୍ଟରଙ୍କ ନିବେଦନନୁଯାୟୀ ରାଜା ଅକ୍ଷଶ୍ୱେରଶ ଯିହୁଦୀମାନଙ୍କୁ ବିନାଶରୁ ରକ୍ଷା କରିଥିଲେ । ଭବିଷ୍ୟତ୍‌ବକ୍ତ୍ରୀ ଦବୋରା ସଦୃଶ୍ୟ ଏଷ୍ଟର ଆପଣା ଜୀବନ ପ୍ରଭୁଙ୍କ ନିକଟରେ ଅର୍ପଣ କରିଥିବାରୁ ପରମେଶ୍ୱର ଆପଣା କାର୍ଯ୍ୟ ନିମନ୍ତେ ତାହାଙ୍କୁ ମନୋନୀତା କରିଥିଲେ । ପରମେଶ୍ୱରଙ୍କ ଦତ୍ତ ରୂପଲାବଣ୍ୟର ଦାନକୁ ସେ ଅନ୍ୟମାନଙ୍କ ଉପକାର ନିମନ୍ତେ ଉପଯୋଗୀ କରିବା ଦ୍ୱାରା ସେ ତାହାଙ୍କ ଆତ୍ମିକ ସୌନ୍ଦର୍ଯ୍ୟ ଅଧିକ ଭାବେ ବୃଦ୍ଧି କରି ପାରିଥିଲେ । ମହାରାଣୀ ପଦରେ ଥିଲେ ସୁଦ୍ଧା ପାଳିତ ପିତା ମର୍ଦଖୟଙ୍କ ଆଦେଶ ଅମାନ୍ୟ ନ କରି ତାହାଙ୍କ ସୁରକ୍ଷା ନିମନ୍ତେ ରାଜାଙ୍କ ପ୍ରାଙ୍ଗଣରେ ଉପସ୍ଥିତ ହୋଇଥିଲେ ।

ଏଷ୍ଟର ରାଣୀ ସମସ୍ତଙ୍କ ଦୃଷ୍ଟିରେ ତୁଷ୍ଟିଜନକ ଓ ଅନୁଗ୍ରହର ପାତ୍ରୀ ଥିଲେ । ତାହାଙ୍କ ନିବେଦନ ଅନୁଯାୟୀ ସମସ୍ତ ଯିହୁଦୀମାନେ ତଥା ତାହାଙ୍କ ଦାସଦାସୀମାନେ ଉପବାସ ରହି ତାହାଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ । ପରୋକ୍ଷଭାବେ ସେ ଇସ୍ରାୟେଲର ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ବିଷୟରେ ସେମାନଙ୍କ ନିକଟରେ ପ୍ରଚାର କରିଥିଲେ । ଆପଣା ଜାତିକୁ ବିନାଶରୁ ରକ୍ଷା କରିବା ତାହାଙ୍କ କର୍ତ୍ତବ୍ୟ ବୋଲି ସେ ବୁଝି ପାରିଥିଲେ, ଯେପରି ଯାକୁବ କହନ୍ତି, "ଯେ ସତ୍କର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ" (ଯାକୁବ ୪:୧୭) । "....ବ୍ୟବସ୍ଥାନୁଯାୟୀ ନୋହିଲେ ହେଁ ମୁଁ ରାଜାଙ୍କ ନିକଟକୁ ଯିବି; ତହିଁରେ ମୁଁ ବିନଷ୍ଟ ହେଲେ ବିନଷ୍ଟ ହେବି" (ଏଷ୍ଟର ୪:୧୬)

ତାହାଙ୍କ ଉକ୍ତ ଏହି ବାକ୍ୟରୁ ଆପଣା ଜାତିର ସୁରକ୍ଷା ନିମନ୍ତେ ସେ କେତେ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ ଆମେ ତାହା ଜାଣିପାରୁ । ପରମେଶ୍ୱରଙ୍କଠାରେ ତାହାଙ୍କ ବିଶ୍ୱାସ ଓ ଭରସା ଦ୍ୱାରା ସେ ବିଜୟିନୀ ହୋଇ ପାରିଥିଲେ ।

**ମର୍ଦ୍ଦଖୟଙ୍କ ପୁରସ୍କାର :-** ମର୍ଦ୍ଦଖୟଙ୍କୁ ଫାଶି ଦେବା ନିମନ୍ତେ ହାମନ୍ ଏକ ଫାଶିକାଠ ପ୍ରସ୍ତୁତ କରାଇଲେ (ଏଷ୍ଟର ୫:୧୪) । ସେହି ରାତ୍ରିରେ ମହାରାଜା ଅକ୍ଷଶ୍ୱେରଶ ଶୋଇ ନ ପାରିବାରୁ ସ୍ମରଣୀୟ ଇତିହାସ ପୁସ୍ତକ ଅଣାଯାଇ ତାହାଙ୍କ ସାକ୍ଷାତରେ ପାଠ କରାଗଲା । ପଠିତ ଘଟଣାବଳୀରୁ ଏକ ସମୟରେ ମର୍ଦ୍ଦଖୟ ରାଜାଙ୍କ ଜୀବନର ରକ୍ଷାକାରୀ ଥିଲେ କିନ୍ତୁ ତାହାଙ୍କୁ କୌଣସି ଭାବେ ପୁରସ୍କୃତ କରାଯାଇ ନାହିଁ ବୋଲି ରାଜା ଜାଣି ପାରିଲେ । ମର୍ଦ୍ଦଖୟଙ୍କୁ ସମ୍ମାନିତ କରିବାକୁ ମନସ୍ଥ କରି ହାମନ୍‌ଙ୍କୁ କହିଲେ, "ରାଜା ଯାହାକୁ ସମ୍ମାନ କରିବାକୁ ତୁଷ୍ଟ ହୁଅନ୍ତି, ତାହା ପ୍ରତି କଅଣ କରାଯିବ ?" ତାହାଙ୍କ ବିନୁ ଆଉ କାହାକୁ ରାଜା ସମ୍ମାନିତ କରିବେ ବୋଲି ହାମନ୍ ମନେ କରି କହିଲେ, ତାହାଙ୍କୁ ରାଜବସ୍ତ୍ର ପିନ୍ଧାଇ ରାଜଅଶ୍ୱରେ ଚଢ଼ାଇ ନଗର ଦାଣ୍ଡରେ ତାହାଙ୍କ ଆଗେ ଆଗେ ଏହା ଘୋଷଣା କରନ୍ତୁ, "ମହାରାଜ ଯାହାଠାରେ ତୁଷ୍ଟ ହୁଅନ୍ତି, ତାହା ପ୍ରତି ଏ ରୂପ କରାଯାଏ ।" ତାହା ରାଜାଙ୍କ ତୃଷ୍ଟିଜନକ ହେବାରୁ ସେହି ରୂପେ ମର୍ଦ୍ଦଖୟଙ୍କୁ ସମ୍ମାନିତ କରିବା ପାଇଁ ହାମନ୍‌ଙ୍କୁ ଆଜ୍ଞା ଦେଲେ । ମର୍ଦ୍ଦଖୟ ବିପକ୍ଷରେ କୁକଳ୍ପନାକାରୀ ହାମନ୍ ରାଜାଜ୍ଞା ପାଳନ କରିବାକୁ ବାଧ୍ୟ ହେଲେ ।

ଶୂଶନସ୍ଥ ଯିହୁଦୀୟ ଲୋକେ, ଏଷ୍ଟର ଓ ତାହାଙ୍କ ଦାସଦାସୀ ତିନି ଦିନ ଉପବାସ କରିବା ପରେ ଏଷ୍ଟର ରାଣୀ ଆପଣାକୁ ରାଜବସ୍ତ୍ରରେ ଭୂଷିତା କରି ରାଜ ସିଂହାସନରେ ଉପବିଷ୍ଟ ମହାରାଜା ଅକ୍ଷଶ୍ୱେରଶ ସମ୍ମୁଖରେ ଠିଆ ହେଲେ । ରାଜାଜ୍ଞା ବିନୁ କେହି ରାଜାଙ୍କ ସମ୍ମୁଖରେ ଠିଆହେବା ବ୍ୟବସ୍ଥାନୁଯାୟୀ ନୋହିଲେ ହେଁ, ଏଷ୍ଟର ରାଣୀ ପ୍ରଭୁଙ୍କ ଉପରେ ଭରସା ରଖି ରାଜାଙ୍କ ସମ୍ମୁଖରେ ଠିଆହୋଇ ପାରିଥିଲେ । ମହାରାଜା ଆପଣା ହସ୍ତସ୍ଥିତ ସୁବର୍ଣ୍ଣଦଣ୍ଡ ବଢ଼ାଇବାରୁ ଏଷ୍ଟର ତାହାର ଅଗ୍ରଭାଗ ଛୁଇଁ ତାହାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଭୋଜରେ ରାଜାଙ୍କୁ ଓ ହାମାନଙ୍କୁ ଆମନ୍ତ୍ରଣ କଲେ । ଏଷ୍ଟର ରାଣୀଙ୍କ ପ୍ରସ୍ତୁତ ଭୋଜରେ ରାଜା

ଉପସ୍ଥିତ ହେବା ପରେ ତା'ପରଦିନ ତାହାଙ୍କ ଦ୍ୱାରା ପ୍ରସ୍ତୁତ ଦ୍ୱିତୀୟ ଭୋଜ ନିମନ୍ତେ ଆମନ୍ତ୍ରିତ କରି ଆପଣା ଜୀବନ ଓ ତାହାଙ୍କ ଜାତିର ଜୀବନ ବିନାଶରୁ ରକ୍ଷା କରିବା ନିମନ୍ତେ ରାଜାଙ୍କ ଠାରେ ନିବେଦନ କଲେ । ଏଷ୍ଟର ରାଣୀ ଓ ତାହାଙ୍କ ଜାତିକୁ ବିନାଶ କରିବା ନିମନ୍ତେ କୁକଳ୍ପନା କରିଥିବା ହାମନ୍ ଉପରେ ରାଜା କ୍ରୋଧାନ୍ୱିତ ହୋଇ ତାହାଙ୍କୁ ଫାଶି ଦେବା ନିମନ୍ତେ ଆଜ୍ଞା ଦେଲେ । ମର୍ଦ୍ଦଖୟଙ୍କୁ ଫାଶି ଦେବା ନିମନ୍ତେ ହାମନ୍ ଯେଉଁ ଫାଶିକାଠ ପ୍ରସ୍ତୁତ କରାଇଥିଲେ, ସେହି ଫାଶି କାଠରେ ସେ ନିଜେ ଟଙ୍ଗା ଗଲେ । ଯିହୁଦୀୟମାନଙ୍କ ବିନାଶ ପାଇଁ ହାମନ୍ ଯେଉଁଦିନ ନିରୂପଣ କରିଥିଲେ ସେହିଦିନ ଯିହୁଦୀୟ ଲୋକମାନେ ଆପଣା ଶତ୍ରୁମାନଙ୍କ ବିପକ୍ଷରେ ଠିଆ ହୋଇ ପଞ୍ଚସ୍ତରୀ ସହସ୍ର ଲୋକଙ୍କୁ ବଧ କଲେ (ଏଷ୍ଟର ୯:୧୬) ।

ପାଉଲ ଗାଲାତୀୟ ମଣ୍ଡଳୀକୁ ଲେଖନ୍ତି, "ଭ୍ରାନ୍ତ ନ ହୁଅ; ଈଶ୍ୱର ବିଦ୍ରୃପର ପାତ୍ର ନୁହନ୍ତି; କାରଣ ମନୁଷ୍ୟ ଯାହା ବୁଣେ, ତାହା ହିଁ କାଟିବ" (ଗାଲତୀୟ ୬:୭) । ଦାଉଦଙ୍କ ଅନୁଯାୟୀ, "ମୁଁ ଦୁଷ୍ଟକୁ ମହାକ୍ଷମତାପନ୍ନ ଓ ସ୍ୱଭୂମିରେ ସତେଜ ବୃକ୍ଷତୁଲ୍ୟ ଆପଣାକୁ ପ୍ରସାରିବାର ଦେଖିଅଛି । ମାତ୍ର ଜଣେ ନିକଟ ଦେଇଗଲା, ଆଉ ଦେଖ, ସେ ନ ଥିଲା; ଆହୁରି, ମୁଁ ତାହାର ଅନ୍ୱେଷଣ କଲି, ମାତ୍ର ତାହାର ଉଦ୍ଦେଶ୍ୟ ମିଳିଲା ନାହିଁ" (ଗୀତ ୩୭:୩୫-୩୬) । ଦୁଷ୍ଟ ହାମନ୍ ଆପଣା ଅଧଃଗତିର କାରଣ ହେଲେ । ମର୍ଦ୍ଦଖୟଙ୍କ ନିମନ୍ତେ ପ୍ରସ୍ତୁତ କରାଇଥିବା ଫାଶି କାଠରେ ନିଜେ ଚଢ଼ିଲେ ଓ ପଞ୍ଚସ୍ତରୀ ସହସ୍ର ଲୋକଙ୍କ ମୃତ୍ୟୁର କାରଣ ହେଲେ । ହାମନ୍ ସୁହୃଦୟୀ ହୋଇଥିଲେ ଏପରି ଘଟି ନ ଥାନ୍ତା । ହାମନ୍ଙ୍କ ଦୁଷ୍ଟତା ଯୋଗୁଁ ଅନେକ ବିନଷ୍ଟ ହେଲେ, କିନ୍ତୁ ଏଷ୍ଟର ରାଣୀଙ୍କ ଧାର୍ମିକତା ଯୋଗୁଁ ସେ ଦିନ ଯିହୁଦୀ ଜାତି ବିନାଶରୁ ରକ୍ଷା ପାଇ ପାରିଥିଲେ ।

# ୧୮. ଶ୍ରୀମତୀ ଆୟୁବ

**(Mrs. Job- Who became Satan's helper)**

ଆୟୁବ ଏକ ସିଦ୍ଧ, ସରଳ, ପରମେଶ୍ୱର ଭୟକାରୀ ଓ କୁକ୍ରିୟାତ୍ୟାଗୀ ବ୍ୟକ୍ତି ଥିଲେ ବୋଲି ଈଶ୍ୱରଙ୍କ ବାକ୍ୟ କହେ (ଆୟୁବ ୧ : ୧)। ପୂର୍ବଦେଶୀୟ ସମସ୍ତ ଲୋକଙ୍କଠାରୁ ଅଧିକ ସମ୍ପତ୍ତି ଓ ସମ୍ମାନର ଅଧିକାରୀ ଆୟୁବଙ୍କର ସାତ ପୁତ୍ର ଓ ତିନି କନ୍ୟା ଜନ୍ମିଥିଲେ । ପରମେଶ୍ୱରଙ୍କ ଠାରେ ଅନୁମତି ପାଇ ଶୟତାନ ଆୟୁବଙ୍କୁ କଠିନ ପରୀକ୍ଷା କଲେ ସୁଦ୍ଧା ସେ ପରମେଶ୍ୱରଙ୍କୁ ତ୍ୟାଗ କରି ନ ଥିଲେ । ପରମେଶ୍ୱରଙ୍କ ଠାରେ ବିଶ୍ୱାସ ଓ ଭରସା ରଖି ସମସ୍ତ ଦୁଃଖ, କଷ୍ଟ ଓ ଶୟତାନର ସମସ୍ତ ଫାନ୍ଦରୁ ବିଜୟୀ ହୋଇ ପାରିଥିଲେ । ତାହାଙ୍କ ଭାର୍ଯ୍ୟା ବିଷୟରେ କେବଳ ଏକ ମାତ୍ର ବାକ୍ୟ ବାଇବଲରେ ଲିଖିତ ହୋଇଅଛି । ଯୀଶୁ କହିଲେ, 'ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ', ସେହିପରି ଆୟୁବଙ୍କ ଭାର୍ଯ୍ୟାଙ୍କ ବ୍ୟକ୍ତ ସେହି ଗୋଟିଏ ବାକ୍ୟ ତାହାଙ୍କ ପ୍ରକୃତ ଚରିତ୍ରର ନିଦର୍ଶନ ।

## ଶୟତାନର ସାହାଯ୍ୟକାରିଣୀ ଆୟୁବଙ୍କ ଭାର୍ଯ୍ୟା

ଆୟୁବ କିପରି ପରମେଶ୍ୱରଙ୍କୁ ତ୍ୟାଗ କରିବେ ଏହା ଶୟତାନର ପ୍ରଧାନ ଲକ୍ଷ୍ୟ । ଆୟୁବଙ୍କ ପ୍ରାଣ ବ୍ୟତୀତ ଅନ୍ୟ ସବୁ ପ୍ରକାରେ ପରୀକ୍ଷା କରିବା ନିମନ୍ତେ ପରମେଶ୍ୱର ଶୟତାନକୁ ଅନୁମତି ଦେଇଥିଲେ (ଆୟୁବ ୧ : ୧ ୨) । ତାହାଙ୍କ ସମସ୍ତ ସମ୍ପତ୍ତି ନଷ୍ଟ ହେଲା, ପୁତ୍ର କନ୍ୟାମାନେ ମୃତ୍ୟୁ ଭୋଗିଲେ । ଆହୁରି ଶୟତାନ ତାହାଙ୍କ ଶରୀରର ତଳିପାରୁ ମସ୍ତକ ପର୍ଯ୍ୟନ୍ତ ମହାଜ୍ୱାଳାଜନକ ବିସ୍ଫୋଟକ ଦ୍ୱାରା ଆଘାତ କଲା (ଆୟୁବ ୧ : ୧୩-୧ ୯; ୨ : ୭) । ତହିଁରେ ଆୟୁବ ସର୍ବାଙ୍ଗ କୁଣ୍ଡାଇବା ପାଇଁ ଏକ ଖପରା ନେଇ ଭସ୍ମ ଉପରେ ବସିଲେ । ତାହାଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ ତାହାଙ୍କ ଭାର୍ଯ୍ୟା ବିନୁ ଆଉ କେହି ନ ଥିଲେ । ଶୟତାନର ସମସ୍ତ ଚେଷ୍ଟା ବିଫଳ ହେବାରୁ ସେ ଆୟୁବଙ୍କ ଭାର୍ଯ୍ୟାମନରେ ପଶିବାରୁ ସେ କହିଲେ, "ତୁମ୍ଭେ କି ଏ ଯାଏ ଆପଣାର ସରଳତା ଦୃଢ଼ କରି ଧରୁଅଛ ? ପରମେଶ୍ୱରଙ୍କୁ ପରିତ୍ୟାଗ କରି ମର" (ଆୟୁବ ୨ : ୯) । ତହିଁରେ ଆୟୁବ ତାହାଙ୍କୁ ଅନୁଯୋଗ କଲେ, କିନ୍ତୁ ଆପଣା ଓଷ୍ଠ ଦ୍ୱାରା ପାପ କଲେ ନାହିଁ ।

୧) ଆୟୁବଙ୍କ ଭାର୍ଯ୍ୟା ପରମେଶ୍ୱରଙ୍କ ସହିତ ଠିଆ ହୋଇପାରି ନ ଥିଲେ । ଶୟତାନର ଅଧୀନ ହୋଇ ପରମେଶ୍ୱରଙ୍କୁ ତ୍ୟାଗ କରିବା ନିମନ୍ତେ ଆପଣା ସ୍ୱାମୀଙ୍କୁ ମନ୍ତ୍ରଣା ଦେଲେ ।

୨) ସ୍ୱାମୀଙ୍କର କଷ୍ଟ ସମୟରେ ତାହାଙ୍କ ସହଧର୍ମିଣୀ ଭାବେ ତାହାଙ୍କ ସାଙ୍ଗ ଦେଇ ନ ଥିଲେ । ମନୁଷ୍ୟ ଯେପରି ଏକାକୀ ନ ରହେ, ତେଣୁକରି ପରମେଶ୍ୱର ସ୍ତ୍ରୀକୁ ସୃଷ୍ଟି କରି ଅଛନ୍ତି । ଆୟୁବଙ୍କ ଭାର୍ଯ୍ୟା ତାହାଙ୍କ କଷ୍ଟ ସମୟରେ ତାହାଙ୍କୁ ଏକାକୀ ଛାଡ଼ି ଦେଇଥିଲେ । ଆୟୁବ ତାହାଙ୍କ ଭାର୍ଯ୍ୟା ଦ୍ୱାରା ସାନ୍ତ୍ୱନା ନ ପାଇ ବରଂ ନିରୁତ୍ସାହିତ ହୋଇଥିଲେ ।

୩) ସମ୍ପ୍ରତି, ସନ୍ତାନ ସନ୍ତତି ହରାଇ ଥିବା ଦୁଃଖିନୀ ସ୍ତ୍ରୀ ପରମେଶ୍ୱରଙ୍କୁ ତ୍ୟାଗ ନ କରି ତାହାଙ୍କ ଠାରେ ଭରସା ରଖିବା ଆବଶ୍ୟକ । ଜ୍ଞାନୀ ଶଲୋମନ କହିଲେ, "ବିପଦ ଦିନରେ ତୁମ୍ଭେ ଯେବେ ସାହସହୀନ ହେବ, ତେବେ ତୁମ୍ଭର ଶକ୍ତି ଅଳ୍ପ" (ହିତୋ ୨୪:୧୦) । ଆଦିମାତା ହବା ସୁନ୍ଦର ଏଦନ ଉଦ୍ୟାନରେ ସୁଖରେ ଜୀବନ ଯାପନ କରିବା ସମୟରେ ଶୟତାନ ଦ୍ୱାରା ପରିକ୍ଷିତ ହେଲେ । ଆୟୁବଙ୍କ ଭାର୍ଯ୍ୟା ଦୁଃଖ, କଷ୍ଟ ଓ ବେଦନାର ସମୟରେ ଶୟତାନ ଦ୍ୱାରା ପରିକ୍ଷିତ ହେଲେ । ଉଭୟେ ଶୟତାନର ପରୀକ୍ଷାରେ ପରାଜିତ ହେଲେ । ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହୋଇ ବିଜୟୀ ହେବା ଦ୍ୱାରା ଆମ୍ଭେମାନେ ଦୃଢ଼ ଭାବେ ପରମେଶ୍ୱରଙ୍କ ସହିତ ଠିଆ ହୋଇ ପାରିବା ।

୪) ଆୟୁବଙ୍କ ଭାର୍ଯ୍ୟା ସୁଯୋଗର ସଦ୍ ବ୍ୟବହାର କରି ନ ଥିଲେ । ପୂର୍ବଦେଶୀୟ ସମସ୍ତ ଲୋକଙ୍କଠାରୁ ଧନବାନ, ଧାର୍ମିକ, ସରଳ, ସିଦ୍ଧ, ପରମେଶ୍ୱର-ଭୟକାରୀ କୁକ୍ରିୟାତ୍ୟାଗୀ, ଦୟାଳୁ ଆୟୁବଙ୍କ ଭାର୍ଯ୍ୟା ହେବା କେତେ ସୌଭାଗ୍ୟର ବିଷୟ ସେ ସ୍ୱାମୀଙ୍କ ସମସ୍ତ ପ୍ରକାର ସୁଖ, ସନ୍ତୋଷରେ ସହଭାଗୀ ହୋଇ ଦୁଃଖ କଷ୍ଟ ସମୟରେ ତାହାଙ୍କୁ ପରିତ୍ୟାଗ କରିଥିଲେ ।

ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରିବା ଅର୍ଥ ଶୟତାନକୁ ସାହାଯ୍ୟ କରିବା । ପରମେଶ୍ୱରଙ୍କ ଅବଜ୍ଞା କରିବା ଲୋକଙ୍କୁ ଶୟତାନ ଆପଣା ଅସ୍ତ୍ର

ରୂପେ ବ୍ୟବହାର କରେ । ତାହାର ସ୍ପଷ୍ଟ ଉଦାହରଣ ଆମେ ମାଥିଉ ୨୬:୪୭-୫୦ ପଦ ଗୁଡ଼ିକରେ ପଢ଼ି ପାରିବା । ଯୀଶୁଖ୍ରୀଷ୍ଟଙ୍କ ସହଚର ପିତରଙ୍କ ହୃଦୟରେ ମଧ୍ୟ ଶୟତାନ ପ୍ରବେଶ କରି ଥିଲା (ମାଥିଉ ୧୬:୨୩) । ସେହିପରି ଆଜିକାଲିର କେତେକ ପତ୍ନୀମାନେ ଉତ୍ତମ କାର୍ଯ୍ୟ କରିବାରେ ଆପଣା ଆପଣା ସ୍ୱାମୀମାନଙ୍କୁ ନିଃଉତ୍ସାହିତ କରନ୍ତି ।

"ପରମେଶ୍ୱରଙ୍କୁ ତ୍ୟାଗ କରି ମର" ବୋଲି ତାହାଙ୍କ ଭାର୍ଯ୍ୟାର କୁମନ୍ତ୍ରଣାକୁ ଅନୁଯୋଗ କରି ଆୟୁବ ଉତ୍ତର ଦେଲେ, "ତୁମ୍ଭେ ଏକ ମୂଢ଼ା ସ୍ତ୍ରୀ ପରି କଥା କହୁଅଛ ! କଅଣ ? ଆମ୍ଭେମାନେ କି ପରମେଶ୍ୱରଙ୍କ ହସ୍ତରୁ ମଙ୍ଗଳ ଗ୍ରହଣ କରିବା ? ଆଉ, ଅମଙ୍ଗଳ କ'ଣ ଗ୍ରହଣ କରିବା ନାହିଁ ?" (ଆୟୁବ ୨ : ୧୦) । ଆୟୁବଙ୍କ ଭାର୍ଯ୍ୟାଙ୍କ ମତ ତାହାଙ୍କ ମୂର୍ଖତାର ପରିଚୟ ଦିଏ ।

ସମ୍ପତ୍ତି, ସନ୍ତାନ ସନ୍ତତି ସ୍ୱାସ୍ଥ୍ୟ ହରାଇ ମଧ୍ୟ ଆୟୁବ ପରମେଶ୍ୱରଙ୍କୁ ତ୍ୟାଗ କରି ନ ଥିଲେ । ସୁଦୃଢ଼ ପ୍ରସ୍ତର ଉପରେ ସ୍ଥାପିତ ଆୟୁବଙ୍କୁ ବିଶ୍ୱାସକୁ ହଟାଇବା ନିମନ୍ତେ ତାହାଙ୍କ ଭାର୍ଯ୍ୟାଙ୍କ ଚେଷ୍ଟା ବିଫଳ ହେଲା । ତେଣୁକରି ସେ ଏକ ମୂଢ଼ା ସ୍ତ୍ରୀ ରୂପେ ପରିଗଣିତ ହେଲେ ।

କଠିନ ପରୀକ୍ଷାର ସମ୍ମୁଖୀନ ହେବା ସମୟରେ ଆୟୁବ କହିଲେ, "ସଦାପ୍ରଭୁ ଦେଲେ ଓ ସଦାପ୍ରଭୁ ନେଲେ, ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ" (ଆୟୁବ ୧ : ୨ ୧) । ସେ ଆପଣା ଓଷ୍ଠରେ ପାପ କଲେ ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେ ସବୁ କେବଳ ଆମର ମଙ୍ଗଳ ନିମନ୍ତେ । ପରୀକ୍ଷାରେ ବିଜୟୀ ହେବା ଦ୍ୱାରା ଆମ୍ଭେମାନେ ଅଧିକ ଆଶୀର୍ବାଦର ପାତ୍ର ହୋଇ ପାରିବା ବୋଲି ଆୟୁବଙ୍କ ଭାର୍ଯ୍ୟା ବୁଝି ପାରି ନ ଥିଲେ । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଭାଷାରେ, "......ଅମ୍ଭେମାନେ ଯେପରି ତାହାଙ୍କ ପବିତ୍ରତାର ସହଭାଗୀ ହେଉଁ ଏଥିପାଇଁ ସେ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଶାସନ କରନ୍ତି" (ଏବ୍ରୀ ୧୨:୧୦) । ପରୀକ୍ଷାରେ ବିଜୟୀ ହେଲେ ପବିତ୍ରତା ଓ ବିଶ୍ୱାସରେ ଆଗେଇ ଯାଇ

ପାରିବା । ଦୁଃଖ, କଷ୍ଟ ଓ ଯାତନା ସମୟରେ ଆମ୍ଭେମାନେ ଆହୁରି ଅଧିକ ଭାବେ ପ୍ରଭୁଙ୍କ ନିକଟବର୍ତ୍ତୀ ହୋଇଥାଉଁ । ତେଣୁକରି ଆତ୍ମିକ ଜୀବନରେ ଅଭିବୃଦ୍ଧି ନିମନ୍ତେ ପରୀକ୍ଷା ମଙ୍ଗଳଜନକ । ପରୀକ୍ଷାରେ ବିଜୟୀ ହେବା ଦ୍ୱାରା ଆମ୍ଭମାନଙ୍କ ଧୈର୍ଯ୍ୟ, ସାହସ ଓ ବିଶ୍ୱାସ ଆହୁରି ସୁଦୃଢ଼ ହୋଇଥାଏ । ଆତ୍ମିୟମାନଙ୍କ ମରଣରେ ଯେଉଁ ବେଦନା ଜାତ ହୁଏ, ତାହା ଆମ୍ଭମାନଙ୍କୁ ଇହ ଲୋକରେ ପରଲୋକ ଜୀବନର ଅନୁଭୂତିର ନିକଟବର୍ତ୍ତୀ କରାଏ । ବନ୍ଧୁ ଓ ମିତ୍ରମାନଙ୍କ ଠାରୁ ଦୂରେଇ ଯିବା ସମୟରେ ସର୍ବଶକ୍ତିମାନ୍ ପରମେଶ୍ୱର ଯେ ସମସ୍ତ ଆତ୍ମିୟମାନଙ୍କଠାରୁ ଅଧିକ ପ୍ରିୟ ଓ ଆତ୍ମିୟ ଅଟନ୍ତି, ଏହା ଅନୁଭବ କରି ପାରିବା । ଆମ୍ଭେମାନେ ନିଜେ ଦୁଃଖ, କଷ୍ଟ ଓ ଯାତନା ଅନୁଭବ ନ କଲେ, ଦୁଃଖକଷ୍ଟରେ ଥିବା ଲୋକମାନଙ୍କୁ ସହାନୁଭୂତି ଦେଖାଇପାରିବା ନାହିଁ କିଅବା ସେମାନଙ୍କୁ ସାହାଯ୍ୟ କରି ପାରିବା ନାହିଁ ।

.... ❖ ....

# ୧୯. ମରିୟମ

**(Mary - Who taught obedience to Christ)**

ମନୁଷ୍ୟ ଜାତିର ଇତିହାସରେ ଯୀଶୁଖ୍ରୀଷ୍ଟଙ୍କ ମାତା ମରିୟମଙ୍କର ଏକ ବିଶିଷ୍ଟ ସ୍ଥାନ ରହିଅଛି । ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ମାତା ହେବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ଏହି କନ୍ୟାଙ୍କୁ ମନୋନୀତ କରିଥିଲେ । ତାହାଙ୍କ ବ୍ୟକ୍ତିଗତ ଜୀବନ ବିବରଣ ବାଇବଲରେ ବେଶି କିଛି ଲେଖାଯାଇ ନ ଥିଲେ ସୁଦ୍ଧା ସେ ଏକ ନମ୍ର ଓ ଧାର୍ମିକା କନ୍ୟା ବୋଲି ଈଶ୍ୱରଙ୍କ ବାକ୍ୟରୁ ଜାଣିପାରୁ । ପୁରାତନ ନିୟମର ମିରିୟମ (Miriam) ନାମରୁ ମରିୟମ ଆନୀତ । ନୂତନ ନିୟମରେ ମରିୟମ ନାମ୍ନୀ ଅନେକ ସ୍ତ୍ରୀମାନଙ୍କ ବିଷୟରେ ପଢ଼ିପାରୁ କିନ୍ତୁ ଯୀଶୁଙ୍କ ମାତା ମରିୟମ ସେ ସମସ୍ତଙ୍କ ଠାରୁ ଶ୍ରେଷ୍ଠତର ସମ୍ମାନର ଅଧିକାରିଣୀ । "ଆଗୋ ମରିୟମ, ଭୟ କର ନାହିଁ, କାରଣ ତୁମ୍ଭେ ଈଶ୍ୱରଙ୍କ ଛାମୁରେ ଅନୁଗ୍ରହ ପ୍ରାପ୍ତ ହୋଇଅଛ । ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ" (ଲୂକ ୧:୩୦-୩୧) । ସଦାପ୍ରଭୁଙ୍କ ଦୂତ ଗାବ୍ରୀୟେଲଙ୍କ ଦ୍ୱାରା ପ୍ରକଟ ଏହି ବାକ୍ୟ ଦ୍ୱାରା ବାଇବଲ ଇତିହାସରେ ମରିୟମଙ୍କ ଚରିତ୍ର ଆରମ୍ଭ ହୁଏ । ମରିୟମ ବିନମ୍ରତାର ସହ ଉତ୍ତର ଦେଲେ, "ଦେଖନ୍ତୁ, ମୁଁ ପ୍ରଭୁଙ୍କ ଦାସୀ; ଆପଣଙ୍କ ବାକ୍ୟାନୁସାରେ ମୋ' ପ୍ରତି ଘଟୁ" (ଲୁକ ୧:୩୮) ।

ମରିୟମ ଆପଣା ପ୍ରଥମ ପୁତ୍ର ନବଜାତ ଶିଶୁ ଯୀଶୁଙ୍କୁ ଗୁହାଳ କୁଣ୍ଡରେ ଶୁଆଇଲେ । ସେ ଜନ୍ମ ହେବା ସମୟରେ ସ୍ୱର୍ଗୀୟ ଦୂତବାହିନୀ ଆନନ୍ଦରେ ଗାନ କଲେ । ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ କନ୍ୟା ଗର୍ଭରୁ ଜାତ ହେବା ଖ୍ରୀଷ୍ଟ ଧର୍ମର ଏକ ମୌଳିକ ସତ୍ୟ । କନ୍ୟା ଗର୍ଭରୁ ଶିଶୁ ଜାତ ହେବା ଅସମ୍ଭବ ବୋଲି ଅନେକ ଯୁକ୍ତି କରନ୍ତି । ସମସ୍ତ ସୃଷ୍ଟିର ସୃଷ୍ଟିକର୍ତ୍ତା ଯେ ଆଦମ ଓ ହବାଙ୍କୁ ସୃଷ୍ଟି କରିଥିଲେ, ତାହାଙ୍କୁ କନ୍ୟା ଗର୍ଭରୁ ଶିଶୁ ଜାତ କରାଇବା କି ଅସମ୍ଭବର ବିଷୟ ? ମରିୟମଙ୍କ ଜୀବନରୁ ଆମେ ଅନେକ ଶିକ୍ଷା ପାଇପାରୁ ।

୧) ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ପରମେଶ୍ୱର ଆପଣା ଅପାର ପ୍ରେମର ନିଦର୍ଶନ ସ୍ୱରୂପ ଆପଣା ପ୍ରିୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ ।

୨) ମାତୃତ୍ୱରେ ଥିବା ଆନନ୍ଦ ।

୩) ଯୀଶୁଙ୍କର ଜନ୍ମ ହେବା ପର୍ଯ୍ୟନ୍ତ ଯୋଷେଫ ମରିୟମଙ୍କ ସହବାସ କରି ନ ଥିଲେ ।

୪) ସୁଶୃଙ୍ଖଳ ଓ କୋମଳତାରେ ଈଶ୍ୱରଙ୍କ ପୁତ୍ରଙ୍କୁ ଯୋଷେଫ ଓ ମରିୟମ ଲାଳନ ପାଳନ କରିଥିଲେ । ତଥାପି ମରିୟମଙ୍କ ବିଷୟରେ ଅନେକଙ୍କର ବିଭିନ୍ନ ଧାରଣା ରହିଅଛି, ମାତ୍ର ସେହି ସବୁ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇନାହିଁ ।

## ମରିୟମଙ୍କ ବିଷୟରେ କେତୋଟି ଭ୍ରମ ଧାରଣା

୧) ମରିୟମ ଈଶ୍ୱରଙ୍କ ମାତା ଅଟନ୍ତି ବୋଲି କେତେକ ମନେ କରନ୍ତି । ମରିୟମ ମାନବ ଶରୀରଧାରୀ ଯୀଶୁଙ୍କର ମାତା ଥିଲେ କିନ୍ତୁ ସେ ଯୀଶୁଙ୍କର ଐଶ୍ୱରୀକ ବ୍ୟକ୍ତିତ୍ୱର ଜନ୍ମ ଦାତ୍ରୀ ନୁହନ୍ତି । ଯେଣୁ, "ଆଦ୍ୟରେ ବାକ୍ୟ ଥିଲେ ଓ ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ" ବୋଲି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବାକ୍ୟ କହେ (ଯୋହନ ୧:୧) । ଈଶ୍ୱରଙ୍କ ଓ ମନୁଷ୍ୟ ଜାତିର ମଧ୍ୟସ୍ଥ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କର ଶରୀର ଧାରଣ କରିବା ଆବଶ୍ୟକ ଥିଲା । ମରିୟମ ଏକ ଦୈବିକ ବ୍ୟକ୍ତି ହୋଇଥିଲେ, ଯୀଶୁଖ୍ରୀଷ୍ଟ କିପରି ମନୁଷ୍ୟ ପୁତ୍ର ରୂପେ ଗଣିତ ହୋଇ ପାରିଥା'ନ୍ତେ ? ମରିୟମ ଏକ ମାନବ ହୋଇଥିବାରୁ ତାହାଙ୍କୁ ଏକ ଐଶ୍ୱରୀକ ଶକ୍ତି ରୂପେ ଉପାସନା କରିବା ଆବଶ୍ୟକ ନାହିଁ ।

୨) "ଆଉ ଦେଖ, ଅଦ୍ୟାବଧି ପୁରୁଷାନୁକ୍ରମେ ସମସ୍ତେ ମୋତେ ଧନ୍ୟ ବୋଲି କହିବେ, କାରଣ ଯେ ସର୍ବଶକ୍ତିମାନ୍, ସେ ମୋ' ପ୍ରତି ମହତ କର୍ମ କରିଅଛନ୍ତି" (ଲୂକ ୧:୪୮-୪୯) । ସେ ପ୍ରଭୁଙ୍କ ଆଜ୍ଞା ପାଳନ କରିବାରେ ଆଗେଇ ଆସିଥିବାରୁ ପ୍ରଶଂସାର ପାତ୍ରୀ ହୋଇ ପାରିଅଛନ୍ତି (ଲୂକ ୧:୪୧-୪୫) । ସେ ପ୍ରଭୁ ଯୀଶୁଙ୍କୁ ଏହି ଜଗତରେ ଜନ୍ମ ଦେଇଥିବାରୁ ଧନ୍ୟ ବୋଲି ପରିଗଣିତ ହୋଇଅଛନ୍ତି । ତାହାଙ୍କ ସଦୃଶ୍ୟ ପ୍ରଶଂସା ପାତ୍ରୀର ଅନେକ ସ୍ତ୍ରୀମାନଙ୍କ ବିଷୟ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ ପଢ଼ିପାରୁ । "ତହିଁରେ ଲେୟା କହିଲା, ମୋହର କି ଆନନ୍ଦ ! ଯୁବତୀଗଣ ମୋତେ ଆନନ୍ଦିନୀ ବୋଲିବେ" (ଆଦି ୩୦:୧୩) । "ସ୍ତ୍ରୀମାନଙ୍କ ମଧ୍ୟରେ କେନୀୟ ହେବରର ଭାର୍ଯ୍ୟା ଯାୟେଲ

ଧନ୍ୟ ହେବ, ତମ୍ବୁନିବାସିନୀ ସ୍ତ୍ରୀମାନଙ୍କ ମଧ୍ୟରେ ସେ ଧନ୍ୟ ହେବ" (ବିଚାରକର୍ତ୍ତା ୫:୨୪) । ଉଚ୍ଚତର ସମ୍ମାନ ଓ ପ୍ରଶଂସାପାତ୍ରୀ ସ୍ତ୍ରୀମାନଙ୍କ ମଧ୍ୟରୁ ମରିୟମ ଜଣେ ବୋଲି ଏହି ପଦଗୁଡ଼ିକରୁ ଜାଣିପାରୁ । ସେ ଜଣେ ଉଚ୍ଚ ସମ୍ମାନ ଓ ପ୍ରଶଂସାର ଅଧିକାରିଣୀ କିନ୍ତୁ ଆରାଧନା ଯୋଗ୍ୟ ଐଶ୍ୱରୀକ ସ୍ତ୍ରୀ ନୁହନ୍ତି । କ୍ରୁଶାର୍ପିତ ଯୀଶୁ ମରିୟମଙ୍କ ବିଷୟରେ ଚିନ୍ତିତ ହେବାର ବିଷୟ ଆମ୍ଭେମାନେ ଯୋହନ ୧୯:୨୫-୨୬ ପଦଗୁଡ଼ିକରେ ପଢ଼ିପାରୁ । ଈଶ୍ୱରଙ୍କ ବାକ୍ୟରେ ଶେଷଥର ପାଇଁ ତାହାଙ୍କ ବିଷୟ ପ୍ରେରିତ ୧:୧୪ ପଦରେ ଉଲ୍ଲେଖିତ ହୋଇଅଛି । "ଏମାନେ ସମସ୍ତେ ସ୍ତ୍ରୀ ଲୋକମାନଙ୍କ ସହିତ ଏବଂ ଯୀଶୁଙ୍କ ମାତା ମରିୟମ ଓ ତାହାଙ୍କ ଭାଇମାନଙ୍କ ସହିତ ଏକ ଚିତ୍ତରେ ପ୍ରାର୍ଥନାରେ ନିବିଷ୍ଟ ହୋଇ ରହିଲେ ।" ମରିୟମଙ୍କ ମୃତ୍ୟୁ ବିଷୟରେ ଈଶ୍ୱରଙ୍କ ବାକ୍ୟରେ କିଛି ଲେଖାଯାଇ ନାହିଁ କିମ୍ବା ପ୍ରେରିତ ପାଉଲ ବା ପିତର ସେମାନଙ୍କ ପତ୍ରରେ ମରିୟମଙ୍କ ବିଷୟରେ ଉଲ୍ଲେଖ କରି ନାହାନ୍ତି । ମରିୟମ ଯଦି ଜଣେ ଆରାଧନା ଯୋଗ୍ୟା ସ୍ତ୍ରୀ ହୋଇଥାନ୍ତେ ତେବେ ତାହାଙ୍କ ବିଷୟରେ ଆହୁରି ବିପୁଳ ଭାବେ ଈଶ୍ୱରଙ୍କ ବାକ୍ୟରେ କି ବର୍ଣ୍ଣନା କରାଯାଇ ନ ଥାନ୍ତା !

୩) 'ପବିତ୍ର ଗର୍ଭଧାରଣ' ବୋଲି ଏହି ଭ୍ରାନ୍ତ ମତ ପ୍ରାୟ ଚତୁର୍ଥ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ୧୮୫୪ ମସିହାରେ Pope Pivs IX ଏହି ଭ୍ରାନ୍ତ ମତକୁ ମଣ୍ଡଳୀର ସିଦ୍ଧାନ୍ତରେ ଯୋଗ କରିଥିଲେ । ପ୍ରକୃତରେ ଏହାର ଅର୍ଥ କଅଣ ? ଏହା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମ୍ବନ୍ଧରେ ନୁହେଁ, କିନ୍ତୁ ମରିୟମଙ୍କ ଜନ୍ମ ସମ୍ବନ୍ଧରେ । ଏହି ସିଦ୍ଧାନ୍ତନୁଯାୟୀ, "ଯୀଶୁଖ୍ରୀଷ୍ଟଙ୍କୁ ନିଷ୍ପାପ ଶରୀର ରୂପେ ଜନ୍ମ ଦେବା ନିମନ୍ତେ ମରିୟମଙ୍କୁ ଆଦି ପାପଠାରୁ ସୁରକ୍ଷାରେ ରଖା ଯାଇଥିଲା ।" ପ୍ରତ୍ୟେକ ନବଜାତ ଶିଶୁ ନିର୍ଦ୍ଦୋଷ ହୋଇ ଏହି ଜଗତରେ ଜନ୍ମ ହୁଏ, ଯେପରି ଈଶ୍ୱରଙ୍କ ବାକ୍ୟ କହେ, "ଯେଉଁ ପ୍ରାଣୀ ପାପ କରେ ସେହି ମରିବ; ପୁତ୍ର ପିତାର ଅଧର୍ମର ଭାର ରହିବ ନାହିଁ କିଅବା ପିତା ପୁତ୍ରର ଅଧର୍ମର ଭାର ବହିବା ନାହିଁ; ଧାର୍ମିକର ଧାର୍ମିକତା ତାହାରି ଉପରେ ବର୍ତ୍ତିବ ଓ ଦୁଷ୍ଟର ଦୁଷ୍ଟତା ତାହାରି ଉପରେ ବର୍ତ୍ତିବ" (ଯିହିଜିକଲ ୧୮:୨୦) । ଏହି ବାକ୍ୟ 'ପବିତ୍ର ଗର୍ଭଧାରଣ' ଏକ ମିଥ୍ୟା ସିଦ୍ଧାନ୍ତ ବୋଲି ପ୍ରମାଣ କରେ ।

୪) ମରିୟମ ଏକ କନ୍ୟା ରୂପେ ଆପଣା ଜୀବନ ବିତାଇ ଥିଲେ ବୋଲି ଅନେକଙ୍କ ଭ୍ରମ ଧାରଣା । ଯୀଶୁ ଜନ୍ମ ହେବା ପର୍ଯ୍ୟନ୍ତ ଯୋଷେଫ ତାହାଙ୍କ ସହବାସ କରି ନ ଥିଲେ ବୋଲି ମାଥିଉ ୧:୨୫ରେ ଲେଖାଯାଏ । ଯୀଶୁଙ୍କ ଜନ୍ମ ପରେ ଯୋଷେଫ ଓ ମରିୟମ ଦମ୍ପତ୍ତିଙ୍କ ଅନ୍ୟ ସନ୍ତାନ ସନ୍ତତି ଜନ୍ମିଥିଲେ । ଯେପରି ଲେଖାଯାଏ, "ଏ କି ସେହି ବଢ଼େଇର ପୁଅ ନୁହେଁ? ଏହାର ମାଆଁ ନା କଅଣ ମରିୟମ ନୁହେଁ? ପୁଣି ଏହାର ଭାଇମାନଙ୍କ ନାମ କଅଣ ଯାକୁବ, ଯୋଷେଫ, ଶିମୋନ ଓ ଯିହୁଦା ନୁହେଁ? ଏହାର ଭଉଣୀମାନେ କଅଣ ସମସ୍ତେ ଆମ୍ଭମାନଙ୍କ ସାଙ୍ଗରେ ନାହାନ୍ତି?" (ମାଥିଉ ୧୩:୫୫-୫୬) । ରୋମାନ କାଥିଲିକମାନେ ମରିୟମଙ୍କୁ ଈଶ୍ୱରଙ୍କ ଓ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥ ରୂପେ ଗ୍ରହଣ କରନ୍ତି । ତାହାଙ୍କ ଜପମାଳା (Rosary)ରେ "ପବିତ୍ର ମରିୟମ, ଈଶ୍ୱରଙ୍କ ମାତା ! ଆମ୍ଭମାନଙ୍କ ପାପ ନିମନ୍ତେ ଏବେ ଓ ମୃତ୍ୟୁ ସମୟ ପର୍ଯ୍ୟନ୍ତ ପ୍ରାର୍ଥନା କର" ଆମେନ୍ - କହି ଉଚ୍ଚାରଣ କରନ୍ତି । କିନ୍ତୁ ଈଶ୍ୱରଙ୍କ ବାକ୍ୟ କହେ, ".....ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକ ମାତ୍ର ମଧ୍ୟସ୍ଥ ଅଟନ୍ତି, ସେ ଯୀଶୁଖ୍ରୀଷ୍ଟ" (୧ମ ତୀମଥି ୨:୫) ।

୫) ଅନ୍ୟ ଏକ ଭ୍ରମ ମତନୁଯାୟୀ, ମରିୟମ ସ୍ୱଶରୀରେ ସ୍ୱର୍ଗକୁ ନୀତା ହୋଇଥିଲେ । ଅନେକ ଶତାବ୍ଦୀର ଚର୍ଚ୍ଚା ପରେ ୧୯୫୦ରେ ରୋମାନ କାଥଲିକ ମଣ୍ଡଳୀ ଏହି ଭ୍ରାନ୍ତ ମତକୁ ଆପଣା ସିଦ୍ଧାନ୍ତ ରୂପେ ସ୍ୱୀକାର କରିଅଛି । ଏହା ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇ ନାହିଁ, ତଥା ପ୍ରଥମ ଶତାବ୍ଦୀରେ ମରିୟମଙ୍କ ଅସ୍ଥିପଞ୍ଜର ପ୍ରଜା ଦର୍ଶନ ନିମନ୍ତେ ରଖା ଯାଇଥିଲା ଓ ପରେ ମୂଲ୍ୟ ନିମନ୍ତେ ବିକା ଯାଇଥିଲା ବୋଲି ଯେଉଁ କାହାଣୀ ଅଛି ତାହା ସଂପୂର୍ଣ୍ଣ ରୂପେ କପୋଳ କଳ୍ପିତ ।

## ଆପଣା ମାତାଙ୍କ ବିଷୟରେ ଯୀଶୁଖ୍ରୀଷ୍ଟଙ୍କ କର୍ତ୍ତବ୍ୟ

୧) ଅନ୍ୟମାନଙ୍କୁ ଆଦର୍ଶ ଦେଖାଇବା ନିମନ୍ତେ ଈଶ୍ୱରଙ୍କ ପୁତ୍ର ହେଲେ ହେଁ ଯୀଶୁଖ୍ରୀଷ୍ଟ ଆପଣା ଜାଗତିକ ପିତା ମାତାଙ୍କର ବଶୀଭୂତ ହୋଇଥିଲେ । ସଂଯମ, ଶୃଙ୍ଖଳତାରେ ଆପଣା ପିତାମାତାଙ୍କ ଦ୍ୱାରା ସୁଶିକ୍ଷିତ ହୋଇଥିଲେ । ତାହାଙ୍କ ସଦୃଶ୍ୟ ଆମ୍ଭେମାନେ ମଧ୍ୟ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ

ହେବା ଆବଶ୍ୟକ । କ୍ରୁଶ ଉପରେ ଚଢ଼ି ଯୋହନଙ୍କୁ ଆପଣା ମାତାଙ୍କର ପ୍ରତିପୋଷଣର ଭାର ଦେଇ ଥିବାର ଆମ୍ଭେମାନେ ଯୋହନ ୧୯:୨୬, ୨୭ ପଦ ଗୁଡ଼ିକରେ ପଢ଼ିପାରୁ । ଆପଣା ପିତାମାତାଙ୍କର ପ୍ରତିପୋଷଣ ବିଷୟରେ ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରିବା ଆବଶ୍ୟକ ବୋଲି ଯୀଶୁ ଏକ ଆଦର୍ଶ ଦେଖାଇ ଦେଇଅଛନ୍ତି ।

୨) ତାହାହେଲେ ପ୍ରଭୁଯୀଶୁ ଆପଣା ମାତାଙ୍କୁ ଅନ୍ୟଠାରୁ ଉଚ୍ଚତର ସମ୍ମାନରେ କି ସମ୍ମାନିତ କରନ୍ତି ? ବାକ୍ୟ ସେପରି କିଛି କୁହେ ନାହିଁ । କାନା ନଗରର ବିବାହ ଭୋଜିରେ ଯୀଶୁଖ୍ରୀଷ୍ଟ ଆପଣା ମାତାଙ୍କୁ ଏପରି କହିବାର ପଢୁ, "ଗୋ ନାରୀ, ତୁମ୍ଭ ସହିତ ମୋର କି ସମ୍ପର୍କ ? ମୋହର ସମୟ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହିଁ" (ଯୋହନ ୨:୪) । ଯୀଶୁଖ୍ରୀଷ୍ଟ ସୁସମାଚାରର ପ୍ରଚାର କାର୍ଯ୍ୟ ଆରମ୍ଭ କଲା ପରେ ମରିୟମଙ୍କ ପ୍ରିୟ ପୁତ୍ର ରୂପେ ଗଣିତ ନ ହୋଇ ବରଂ ତାହାଙ୍କ ତ୍ରାଣକର୍ତ୍ତା ରୂପେ ପରିଗଣିତ ହେଲେ । ମନୁଷ୍ୟ ଶରୀରଧାରୀ ଯୀଶୁଙ୍କର ଲାଳନ ପାଳନର ସମୟ ଶେଷ ହୋଇଥିବା ଏବଂ ତାହାଙ୍କ ଐଶ୍ୱରିକ ଜୀବନର ଆରମ୍ଭ ହେବାର ଜାଣି ମରିୟମ ପରିଚାରକମାନଙ୍କୁ କହିଲେ, "ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର" (ଯୋହନ ୨:୫) । ଦ୍ୱିତୀୟରେ, ଯୀଶୁଖ୍ରୀଷ୍ଟ ଜନସମୂହଙ୍କ ନିକଟରେ ପ୍ରଚାର କରିବା ସମୟରେ (ମାଥିଉ ୧୨:୪୬-୫୦) ଜାଗତିକ ବନ୍ଧୁତ୍ୱକୁ ଅଧିକ ପ୍ରାଧାନ୍ୟତା ନ ଦେଇ ଆତ୍ମିକ ବନ୍ଧୁତ୍ୱ ଉପରେ ଅଧିକ ପ୍ରାଧାନ୍ୟତା ଦେଇଥିଲେ । ତାହାଙ୍କ ବାକ୍ୟର ଆଜ୍ଞାକାରୀମାନେ ତାହାଙ୍କ ନିଜ ମାତା, ଭାଇ, ଭଉଣୀମାନଙ୍କ ଠାରୁ ଅଧିକ ନିକଟତର ଆତ୍ମିୟ ବୋଲି ସେ ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି (ଲୂକ ୮:୨୧) । ତାହାଙ୍କ କଥା ଶୁଣି ଜଣେ ସ୍ତ୍ରୀ'ଲୋକ କହିଲେ, "ଧନ୍ୟ ସେହି ଗର୍ଭ, ଯାହା ତୁମ୍ଭକୁ ଧାରଣ କଲା ଓ ସେହି ସ୍ତନ ଯହିଁରୁ ତୁମ୍ଭେ ପାନ କଲ । ମାତ୍ର ସେ କହିଲେ, ନା, ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶୁଣନ୍ତି ଓ ପାଳନ କରନ୍ତି, ବରଞ୍ଚ ସେହିମାନେ ଧନ୍ୟ" (ଲୂକ ୧୧:୨୭-୨୮) । ପରୋକ୍ଷ ଭାବେ, ବାକ୍ୟର ଆଜ୍ଞାକାରୀମାନେ ତାହାଙ୍କ ମାତାଙ୍କଠାରୁ ଶ୍ରେଷ୍ଠତର ବୋଲି ସେ ଏହି ବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ଜଣାନ୍ତି ।

ମରିୟମ ଯୀଶୁଖ୍ରୀଷ୍ଟଙ୍କର ଅଧିପତ୍ୟକୁ ସ୍ୱୀକାର କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର ଆରମ୍ଭ କରିବା ସମୟରେ ମରିୟମ କାନାନଗରର ବିବାହ

ପରିଚାରକମାନଙ୍କୁ କହିଲେ, "ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର" (ଯୋହନ ୨:୫) । ତାହାଙ୍କ ବ୍ୟକ୍ତ ଏହି ବାକ୍ୟ, ତାହାଙ୍କ ମାତୃତ୍ୱଠାରୁ ଅଧିକ ଭାବେ ତାହାଙ୍କୁ ଗୌରବାନ୍ୱିତ କରିଅଛି । ମରିୟମ ଆପଣା ବ୍ୟକ୍ତିଗତ ସମ୍ମାନକୁ ପ୍ରାଧାନ୍ୟତା ନ ଦେଇ ଯୀଶୁଖ୍ରୀଷ୍ଟଙ୍କର କାର୍ଯ୍ୟ ଈଶ୍ୱରଙ୍କ ମହିମା ନିମନ୍ତେ ବୋଲି ଜାଣି ସେହିପରି କହିଥିଲେ । ଏହି ଜଗତରେ ଯୀଶୁଖ୍ରୀଷ୍ଟଙ୍କୁ ମାନବ ରୂପେ ଜନ୍ମ ଦେବା ନିମନ୍ତେ ମରିୟମ ପରମେଶ୍ୱରଙ୍କ ଦ୍ୱାରା ମନୋନୀତା ହୋଇଥିଲେ । ପରିତ୍ରାଣର ଯୋଜନାରେ ଅବ୍ରହାମ, ଦାଉଦ ଓ ଅନ୍ୟମାନଙ୍କ ପରି ମରିୟମ ମଧ୍ୟ ଜଣେ, କିନ୍ତୁ ସେ ଏକ ଉପାସନା ଯୋଗ୍ୟା ଐଶ୍ୱରିକ ବ୍ୟକ୍ତି କିମ୍ବା ଆମ୍ଭମାନଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ମଧ୍ୟସ୍ଥା (Mediatrix) ନୁହନ୍ତି ।

"ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର" (ଯୋହନ ୨:୫) । ମରିୟମଙ୍କର ଏହି ଉପଦେଶ ପ୍ରତ୍ୟେକ ମନୁଷ୍ୟ ଜୀବନର ଲକ୍ଷ୍ୟ ହେବା ଆବଶ୍ୟକ । ଈଶ୍ୱରଙ୍କ ବାକ୍ୟ ଯାହା କିଛି କହେ, ତାହା ପାଳନ କରିବା ଆମ୍ଭମାନଙ୍କ ପ୍ରଥମ କର୍ତ୍ତବ୍ୟ । ଏବ୍ରୀ ପୁସ୍ତକକର୍ତ୍ତାଙ୍କ ଭାଷାରେ, ".......ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ" (ଏବ୍ରୀ ୫:୯) । ମରିୟମଙ୍କ ଉପଦେଶ ଅନେକ ଯୁଗରୁ ମନୁଷ୍ୟ ଜାତିକୁ ଚେତନା ଦେଇ ଆସୁଅଛି, "ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର" (ଯୋହନ ୨:୫) । ତାହାଙ୍କ ବାକ୍ୟର ପାଳନକାରୀମାନେ ଅନନ୍ତ ଜୀବନର ଅଧିକାରୀ ହୋଇ ପାରିବେ ।

# ୨୦. ମରିୟମ ଓ ମାର୍ଥା

**(Mary and Martha - Who learnt about the good part)**

ପ୍ରଭୁ ଯୀଶୁ କହିଲେ, "କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟ ପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ" (ମାଥିଉ ୮:୨୦) । ମରିୟମ, ମାର୍ଥା ଓ ଲାଜାରଙ୍କ ଗୃହ ଏପରି ଏକ ସ୍ଥାନ ଥିଲା ଯେଉଁଠାରେ ପ୍ରଭୁ ଯୀଶୁ ଆପଣା ଶ୍ରମରୁ ବିଶ୍ରାମ ପାଇ ପାରୁଥିଲେ । ପ୍ରଭୁଯୀଶୁଙ୍କ ଏହି ପ୍ରିୟ ବନ୍ଧୁମାନେ ଯିରୁଶାଲମରୁ ତିନି ମାଇଲ ଦୂର ବେଥନିଆ ଗ୍ରାମର ନିବାସୀ ଥିଲେ । ବାଇବଲରେ ତିନିଟି ସମାବେଶରେ ଏହି ଦୁଇ ଭଉଣୀଙ୍କ ଉପସ୍ଥିତି ପଢ଼ିପାରୁ । ୧) ଏକ ବିବାହ ଭୋଜିରେ (ଲୂକ ୧୦:୩୮-୪୨), ୨) କବର ସ୍ଥାନରେ (ଯୋହନ ୧୧:୧-୪୬) ଓ ୩) ଏକ ଭୋଜିରେ (ଯୋହନ ୧୨:୧-୯) ।

ଲେଖାଯାଏ, "ସେମାନେ ଯାତ୍ରା କରୁଥିବା ସମୟରେ ସେ ଗୋଟିଏ ଗ୍ରାମରେ ପ୍ରବେଶ କଲେ ଏବଂ ମାର୍ଥା ନାମ୍ନୀ ଜଣେ ସ୍ତ୍ରୀ ଲୋକ ଆପଣା ଗୃହରେ ତାହାଙ୍କର ଆତିଥ୍ୟ କଲେ । ମରିୟମ ନାମ୍ନୀ ତାହାଙ୍କର ଜଣେ ଭଗ୍ନୀ ଥିଲେ, ସେ ପ୍ରଭୁଙ୍କ ପାଦତଳେ ବସି ତାହାଙ୍କ ବାକ୍ୟ ଶୁଣୁଥିଲେ । କିନ୍ତୁ ମାର୍ଥା ପରିଚର୍ଯ୍ୟା ବିଷୟରେ ବହୁତ ବ୍ୟସ୍ତ ହେଉଥିଲେ, ଏଣୁ ସେ ତାହାଙ୍କ ନିକଟକୁ ଆସି କହିଲେ, ହେ ପ୍ରଭୁ, ମୋର ଭଉଣୀ ଯେ ଏକାକୀ ମୋ' ଉପରେ ପରିଚର୍ଯ୍ୟାର ଭାର ପକାଇ ଦେଇଅଛି, ସେ ଆଡ଼କୁ କଅଣ ଆପଣଙ୍କର ମନ ନାହିଁ ? ତେବେ ମୋତେ ସାହାଯ୍ୟ କରିବା ନିମନ୍ତେ ତାହାଙ୍କୁ କହନ୍ତୁ । କିନ୍ତୁ ପ୍ରଭୁ ତାହାଙ୍କୁ କହିଲେ, ମାର୍ଥା, ମାର୍ଥା, ତୁମ୍ଭେ ବହୁତ ବିଷୟରେ ଚିନ୍ତିତ ଓ ବ୍ୟତିବ୍ୟସ୍ତ ହେଉଅଛ, କିନ୍ତୁ ଅଳ୍ପ କେତୋଟି, ବରଂ ଗୋଟିଏ ମାତ୍ର ପ୍ରୟୋଜନ; ମରିୟମ ତ ଉତ୍ତମ ଭାଗ ମନୋନୀତ କରିଅଛି, ଆଉ ତାହା ତାହାଠାରୁ ହରଣ କରାଯିବ ନାହିଁ (ଲୂକ ୧୦:୩୮-୪୨) ।

### ପ୍ରଭୁ ଯୀଶୁ କାହିଁକି ମାର୍ଥାଙ୍କୁ ଅନୁଯୋଗ କରିଥିଲେ ?

ପରିଚର୍ଯ୍ୟାରେ ଆପଣାକୁ ନିମଗ୍ନ କରିବା ପ୍ରତ୍ୟେକ ସ୍ତ୍ରୀର ସ୍ୱାଭାବିକ

ସ୍ୱଭାବ । ଜ୍ଞାନୀ ରାଜା ଶଲୋମନ ଏପରି ସୁଗୃହିଣୀଙ୍କୁ ହିତୋ ୩୧ : ୧୦-୩୧ ପଦ ଗୁଡ଼ିକରେ ପ୍ରଶଂସା କରିଅଛନ୍ତି । ପ୍ରେରିତ ପାଉଲ ମଧ୍ୟ ସ୍ତ୍ରୀମାନଙ୍କୁ ସୁଗୃହିଣୀ ହେବା ନିମନ୍ତେ ଆପଣା ପତ୍ରରେ ଉତ୍ସାହିତ କରିଅଛନ୍ତି (ତିତସ ୨:୫) । ଖାଦ୍ୟ ମାନବ ଶରୀର ନିମନ୍ତେ ଆବଶ୍ୟକ, ତେଣୁ ମାର୍ଥା ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଯୀଶୁ ତାଙ୍କୁ ଅନୁଯୋଗ କରି ନ ଥିଲେ । ସମୟେ ସମୟେ ସୁମିଷ୍ଟ ଖାଦ୍ୟ ଭୋଜନରେ ଅନେକ ସମସ୍ୟା ସମାଧାନ ହୋଇଥାଏ ।

ମାର୍ଥା ଅନେକ ବିଷୟରେ ଚିନ୍ତିତ ହୋଇ ବ୍ୟସ୍ତ ହେଉଥିବାରୁ ଯୀଶୁ ତାହାଙ୍କୁ ଅନୁଯୋଗ କରିଥିଲେ । ଏହି ଜୀବନରେ ଆମ୍ଭେମାନେ ଦୁଇଟି ବିଷୟରେ ଅଧିକ ପ୍ରାଧାନ୍ୟତା ଦେଇଥାଉ । (୧) ଶାରିରୀକ ଏବଂ (୨) ଆତ୍ମିକ । କେତେକ ଆତ୍ମିକ ବିଷୟ ଠାରୁ ଶାରିରୀକ ବା ଭୌତିକ ବିଷୟକୁ ଅଧିକ ପ୍ରାଧାନ୍ୟତା ଦେଇଥାନ୍ତି । ପ୍ରଭୁ ଯୀଶୁଖ୍ରୀଷ୍ଟ ମାର୍ଥାଙ୍କୁ ଶାରିରୀକ ବିଷୟରେ ଚିନ୍ତିତ ହୋଇ ଆତ୍ମିକ ବିଷୟ ପ୍ରତି ଅବହେଳା ନ କରିବାକୁ ଚେତନା ଦେଇଥିଲେ । ମାର୍ଥା ଅନେକ କାର୍ଯ୍ୟର ଭାର ଯୋଗୁଁ ଅସ୍ଥିର ହୋଇ ପଡ଼ିଥିଲେ, ବ୍ୟର୍ଥ ବିଷୟ ପାଇଁ ଚିନ୍ତିତ ଓ ବ୍ୟସ୍ତ ହେବା ମନୁଷ୍ୟର ସ୍ୱାଭାବିକ ପ୍ରକୃତି । ମରିୟମ ଓ ମାର୍ଥାଙ୍କର ଏହି ଉଦାହରଣରୁ ଶ୍ରେଷ୍ଠତର ବିଷୟ ମନୋନୀତ କରିବା ଆମ୍ଭମାନଙ୍କ ପାଇଁ ମଙ୍ଗଳଦାୟକ ବୋଲି ଶିଖିପାରୁ ।

## ମାର୍ଥାଙ୍କ ସମସ୍ୟା କି ଏକ କଠିନ ସମସ୍ୟା ?

ନୟମୀଙ୍କ ଦୁଃଖାବସ୍ଥା ଓ ଆୟୁବଙ୍କ କଠିନ ପରୀକ୍ଷା ବିଷୟରେ ଆମ୍ଭେମାନେ ଅଜ୍ଞ ନୋହୁଁ । ସେମାନେ ପ୍ରକୃତରେ କଠିନ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେମାନେ ସେହି କଠିନ ସମସ୍ୟାରେ ବିଜୟୀ ହୋଇ ନ ଥିଲେ, ସେମାନଙ୍କ ଗତି କଅଣ ହୋଇଥାନ୍ତା ? ମାର୍ଥାଙ୍କ ସମସ୍ୟା ସେମାନଙ୍କ ଭଳି ଏକ ଜଟିଳ ସମସ୍ୟା ନୁହେଁ । ଅଧିକ କାର୍ଯ୍ୟରେ ବ୍ୟସ୍ତଥାଇ ମରିୟମଙ୍କୁ ଯୀଶୁଙ୍କ ପାଦ ତଳେ ବସିଥିବାର ଦେଖି ସେ ଅସ୍ଥିର ମନରେ ଯୀଶୁଙ୍କ ନିକଟରେ ମରିୟମଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଯୀଶୁଙ୍କ ଅନୁଯୋଗ ପରେ ସେ ଆପଣା ବିରକ୍ତି ଭାବ ନିମନ୍ତେ ଲଜ୍ଜିତ ହୋଇଥିବେ । ମାର୍ଥା ଏକ ଧାର୍ମିକା ଓ ଆତିଥ୍ୟ ପ୍ରିୟା ସ୍ତ୍ରୀ । ଅନେକ କଠିନ ସମସ୍ୟାରେ ବିଜୟୀ ହୋଇ ପାରିଥିଲେ

ମଧ୍ୟ ବ୍ୟର୍ଥ ବିଷୟରେ ଚିନ୍ତିତ ହେଲେ ଆମ୍ଭମାନଙ୍କ ମନ ଅସ୍ଥିର ହୋଇ ଉଠେ ।

## ଖ୍ରୀଷ୍ଟିୟାନମାନେ କେଉଁ ବିଷୟରେ ଚିନ୍ତିତ ହେବା ଆବଶ୍ୟକ ?

ପ୍ରେରିତ ପାଉଲଙ୍କ ଭାଷାରେ, "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ" (ଫିଲିପ୍ପୀୟ ୪:୬) "....ମୁଁ ଯେକୌଣସି ଅବସ୍ଥାରେ ଥାଏ, ସେଥିରେ ସନ୍ତୁଷ୍ଟ ରହିବାକୁ ଶିକ୍ଷା କରିଅଛି" (ଫିଲିପ୍ପୀୟ ୪:୧୧) । ସେହି ପାଉଲ ମଣ୍ଡଳୀ ସମୂହର ଚିନ୍ତା ତାହାଙ୍କୁ ଚିନ୍ତିତ କରୁଅଛି ବୋଲି ୨ୟ କରିନ୍ଥୀ ୧୧:୨୮ ପଦରେ ଲେଖନ୍ତି । ଆମ୍ଭମାନଙ୍କ ଦୈନିକ ପ୍ରୟୋଜନୀୟ ବିଷୟ ନିମନ୍ତେ ଚିନ୍ତିତ ନ ହେବା ପାଇଁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ମାଥିଉ ୬:୨୫-୩୪ ପଦ ଗୁଡ଼ିକରେ କହିଅଛନ୍ତି । ଅନ୍ୟ ପକ୍ଷରେ ବିନଷ୍ଟ ହୋଇ ଯାଉଥିବା ଆତ୍ମାମାନଙ୍କ ନିମନ୍ତେ ସେ ସଦା ଚିନ୍ତିତ ଅଟନ୍ତି (ଲୂକ ୧୯:୧-୧୦; ୪୧-୪୪;୧୯:୪୧) । ଯୀଶୁଖ୍ରୀଷ୍ଟ ଆପଣା ପ୍ରିୟବନ୍ଧୁ ଲାଜରଙ୍କ ମୃତ୍ୟୁରେ ଏତେ ବ୍ୟଥିତ ହୋଇଥିଲେ ଯେ, "ଯୀଶୁ କାନ୍ଦିଲେ" ବୋଲି ଯୋହନ ୧୧:୩୫ ରେ ଲେଖାଯାଏ । ଗେଥଶିମନୀ ଉଦ୍ୟାନରେ ସେ ଦୁଃଖ ଓ ବେଦନା ସହ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥିଲେ (ଲୂକ ୨୨:୩୯-୪୪; ଏବ୍ରୀ ୫:୭) । ଏହି ପଦଗୁଡ଼ିକରୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ସଦା ଚିନ୍ତିତ ବୋଲି ଜାଣିପାରୁ ।

## ଆମ୍ଭେମାନେ ମନୋନୀତ କରିବା ଉତ୍ତମ ଭାଗ କଅଣ ?

ମରିୟମ ଯୀଶୁଖ୍ରୀଷ୍ଟଙ୍କ ପାଦତଳେ ବସି ତାହାଙ୍କ ବାକ୍ୟ ଶୁଣିବା ମନୋନୀତ କରିଥିଲେ । ତାହାଙ୍କଠାରୁ ସେହି ଉତ୍ତମ ଭାଗ ହରଣ କରାଯିବ ନାହିଁ ବୋଲି ପ୍ରଭୁ କହିଥିଲେ । ପର୍ବତ ଉପଦେଶରେ ଯୀଶୁ କହିଲେ, "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ" (ମାଥିଉ ୬:୩୩)। ଏହି ସାଂସାରିକ ଦୁଃଖ, କଷ୍ଟ, ଚିନ୍ତା, ଆଶା ଓ ନିରାଶା ହିଁ ଆମ୍ଭମାନଙ୍କ ହୃଦୟରୁ ପ୍ରଭୁଙ୍କ ବାକ୍ୟକୁ ହରଣ କରିନିଏ (ମାର୍କ ୪:୧୮-୧୯) । ଯୀଶୁ ପୁନର୍ବାର

ଲୂକ ୨୧:୩୪ରେ ଆମ୍ଭମାନଙ୍କୁ ଏହିପରି ଚେତନା ଦିଅନ୍ତି, "ତୁମ୍ଭେମାନେ ଆପଣା ଆପଣା ବିଷୟରେ ସାବଧାନ ହୋଇଥାଅ, କାଳେ ତୁମ୍ଭମାନଙ୍କ ହୃଦୟ ମତ୍ତତା ଓ ମଦ୍ୟପାନରେ, ପୁଣି ଜୀବିକା ସମ୍ବନ୍ଧୀୟ ଚିନ୍ତାରେ ଭାରଗ୍ରସ୍ତ ହୁଏ, ଆଉ ସେହିଦିନ ହଠାତ୍ ତୁମ୍ଭମାନଙ୍କ ଉପରେ ପଡେ ।" ଏହି ସାଂସାରିକ ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ଆତ୍ମିକ ଜୀବନର ଉନ୍ନତିରେ ଅବହେଳା ନ କରୁ । ଆଫ୍ରିକା ଦେଶର ଏକ ପ୍ରବାଦ କହେ, "ବିରାଡ଼ିର ଔଷଧ ପାଇଁ ଆପଣା ହାତୀ ବିକ୍ରୟ ନ କର ।"

ବାକ୍ୟର ଅନୁକାରୀ ନ ହେଲେ ଆମ୍ଭେମାନେ ପ୍ରକୃତ ସନ୍ତୋଷମୟ ଜୀବନ କାଟି ପାରିବା ନାହିଁ । ଜ୍ଞାନୀ ରାଜା ଶଲୋମନ କହନ୍ତି, "ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର; କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ" (ଉପଦେଶକ ୧୨:୧୩) । ଆମ୍ଭେମାନେ ପ୍ରଭୁଙ୍କଠାରୁ ବିମୁଖ ହୋଇ କେତେ ଦିନ ସୁଖୀ ହୋଇ ରହିପାରିବା ? ଦ୍ୱିତୀୟରେ, ଆମ୍ଭେମାନେ ଜାଗତିକ ବିଷୟରେ ଅଧିକ ବ୍ୟତିବ୍ୟସ୍ତ ହେଲେ ପ୍ରକୃତ ଆନନ୍ଦ ପାଇ ପାରିବା ନାହିଁ । ଯୀଶୁ କହିଲେ, "କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ" (ଲୂକ ୧୨:୧୫)। ପ୍ରଭୁ ଯୀଶୁ ଶିଷ୍ୟମାନଙ୍କୁ ଶିଖାଇ ଥିବା ପ୍ରାର୍ଥନାରେ ଜୀବନର ଦୈନିକ ଅତ୍ୟାବଶ୍ୟକୀୟ ବସ୍ତୁ ନିମନ୍ତେ ପ୍ରାର୍ଥନା କରିବାକୁ ଶିଖାଇ ଥିଲେ । ଆମ୍ଭମାନଙ୍କ ପ୍ରୟୋଜନୀୟ ବସ୍ତୁ ବ୍ୟତିତ ଅଧିକ ଆଶା କଲେ, ଅଧିକ ବ୍ୟସ୍ତ ହେବାକୁ ପଡ଼ିଥାଏ । ସାଂସାରିକ ସୁଖ ନିମନ୍ତେ ଆତ୍ମିକ ବିଷୟ ଅବହେଳା କଲେ ଆମ୍ଭେମାନେ ମରିୟମଙ୍କ ସଦୃଶ୍ୟ ଉତ୍ତମ ଭାଗ ମନୋନୀତ କରି ନ ଥାଉ ।

## ଆମ୍ଭମାନଙ୍କ ବ୍ୟସ୍ତ ହେବାର କେତୋଟି କାରଣ

୧) ରୋଗ, ବ୍ୟାଧି ଓ ଯାତନା ଯୋଗୁଁ ଏହି ଜାଗତିକ ଜୀବନ ଆହୁରି ଅନ୍ଧକାରମୟ ଦେଖାଯାଏ । ଏଲିୟ ସଦାପ୍ରଭୁଙ୍କ ଏକ ଭାବବାଦୀ ହେଲେ ହେଁ ଦୁଷ୍ଟା ଈଷେବଲ ରାଣୀ ନିକଟରୁ ଆପଣା ପ୍ରାଣ ବଞ୍ଚାଇବା ନିମନ୍ତେ ଆତୁର ହୋଇ ପଳାୟନ କରିଥିଲେ ବୋଲି ୧ମ ରାଜାବଳୀ ୧୯:୧-୮ ରେ ପଢ଼ିପାରୁ । ସେ ଭୟଭୀତ ହୋଇ ନିରୁତ୍ସାହିତ ହେବା ସମୟରେ ସଦାପ୍ରଭୁ

ତାହାଙ୍କୁ ଆହାର ଯୋଗାଇ ଶକ୍ତି ପ୍ରଦାନ କରିଥିଲେ । ତଥାପି ଏଲିୟ ଅସ୍ଥିର ହେବା ଦେଖି ସଦାପ୍ରଭୁ ତାହାଙ୍କୁ ଅନ୍ୟ ଏକ କାର୍ଯ୍ୟରେ ନିଯୁକ୍ତ କଲେ । ଉତ୍ତମ କାର୍ଯ୍ୟରେ ନିମଗ୍ନ ହୋଇ ରହିଲେ, ବିଭିନ୍ନ ବିଷୟ ନେଇ ବ୍ୟସ୍ତ ହେବା ପାଇଁ ଆଉ ସମୟ କାହିଁ ?

୨) ଦାଉଦ ମହାରାଜା କହନ୍ତି, "ତୁମ୍ଭ କୋପ ସକାଶୁଁ ମୋ' ମାଂସରେ କିଛି ସ୍ୱାସ୍ଥ୍ୟ ନାହିଁ; ପୁଣି ମୋ' ପାପ ସକାଶୁ ମୋ' ଅସ୍ଥିରେ କିଛି ଆରାମ ନାହିଁ" (ଗୀତ ୩୮:୩) । ପାପର ଭାର ଆମ୍ଭମାନଙ୍କୁ ଅସ୍ଥିର କରାଏ ।

୩) ଅନେକ ସମୟରେ ହୃଦୟରେ ଥିବା 'ଭୟ' ଆମ୍ଭମାନଙ୍କୁ ବ୍ୟସ୍ତ କରାଏ । ରୋଗ, ବ୍ୟାଧି, ଅଭାବ, ମୃତ୍ୟୁ ଓ ନିଃସଙ୍ଗତାର ଭୟ ମନୁଷ୍ୟଙ୍କୁ ସବୁବେଳେ ଘେରିଥାଏ । ସଦାପ୍ରଭୁଙ୍କୁ ଭୟ କଲେ ଏହି ସବୁ ସାଂସାରିକ ଭୟ ଠାରୁ ଆମ୍ଭମାନଙ୍କୁ ରକ୍ଷା ମିଳେ । ତେଣୁ ଏବ୍ରୀ ପୁସ୍ତକର ଲେଖକ କହନ୍ତି, "ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ, ମନୁଷ୍ୟ ମୋହର କଅଣ କରିବ ?" (ଏବ୍ରୀ ୧୩:୬) ।

୪) ଆମ୍ଭମାନଙ୍କ ବ୍ୟର୍ଥ ଆଲୋଚନା ଆମ୍ଭମାନଙ୍କୁ ବ୍ୟସ୍ତ କରିଥାଏ । "କାରଣ ସେ ଯେରୂପ ମନରେ ନିଜେ ଭାବେ, ସେ ସେରୂପ ଅଟେ" (ହିତୋ ୨୩:୭) । ଆମ୍ଭମାନଙ୍କ ସମସ୍ତ ବ୍ୟର୍ଥ ଆଲୋଚନା, ଚିନ୍ତା ଓ ଭୟ ମନରୁ କାଢ଼ି ପ୍ରଭୁଙ୍କୁ ଭୟକରି ବିଶ୍ୱାସ ଓ ଧୈର୍ଯ୍ୟରେ ତାହାଙ୍କ ଉପରେ ନିର୍ଭର କରୁ । ପାଉଲଙ୍କ ସଦୃଶ୍ୟ କୌଣସି ବିଷୟରେ ଚିନ୍ତିତ ନ ହୋଇ, ସମସ୍ତ ବିଷୟ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ଆମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଉ (ଫିଲିପ୍ପୀୟ ୪:୬) ।

୫) ଆପଣ ଦୁଃଖ କଷ୍ଟର ଭାର ଏକାକୀ ବୋହିବା ପାଇଁ କି ଚେଷ୍ଟା କରୁଛନ୍ତି ? ଚିନ୍ତା ଓ ସମସ୍ୟା ଶୂନ୍ୟ ଏପରି କୌଣସି ବ୍ୟକ୍ତି ବା ପରିବାର ନାହିଁ । ଆମ୍ଭମାନଙ୍କ ଆତ୍ମିକ ପରିବାରର ପିତା ଯେ ସର୍ବଶକ୍ତିମାନ୍ ପରମେଶ୍ୱର ଓ ସେ ହିଁ ଆମ୍ଭମାନଙ୍କର ଯତ୍ନ ନିଅନ୍ତି ବୋଲି ଆମ୍ଭେମାନେ ବେଳେବେଳେ ଭୁଲି ଯାଇଥାଉ । ପିତର ଆମ୍ଭମାନଙ୍କୁ ଆଶ୍ୱାସନା ଦେଇ କହନ୍ତି, "ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ

ନିମନ୍ତେ ଚିନ୍ତା କରନ୍ତି” (୧ମ ପିତର ୫:୭) । “ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ” (ରୋମୀୟ ୮:୨୮) । “ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି” (ଗୀତ ୩୭:୨୩) । ପ୍ରାର୍ଥନା ଓ ବିନତି ଦ୍ୱାରା ଆମ୍ଭମାନଙ୍କ ସମସ୍ୟା ପ୍ରଭୁଙ୍କୁ ଜଣାଇଲେ ସେ ଆମ୍ଭମାନଙ୍କୁ ଶାନ୍ତି ଓ ସନ୍ତୋଷ ପ୍ରଦାନ କରନ୍ତି । କାର୍ଯ୍ୟଭାରରେ ମାର୍ଥା ଚିନ୍ତିତ ଓ ବ୍ୟତିବ୍ୟସ୍ତ ହୋଇ ନ ଥିଲେ, ପ୍ରଭୁଯୀଶୁ ତାହାଙ୍କୁ ଅନୁଯୋଗ କରି ନ ଥା’ନ୍ତେ । ଚିନ୍ତିତ ଓ ଅସ୍ଥିର ହୋଇ ଆମ୍ଭେମାନେ କୌଣସି ବିଷୟରେ ପ୍ରକୃତ ସିଦ୍ଧିଲାଭ କରି ନ ପାରୁ । ତେଣୁକରି, ଆସ ଆମ୍ଭେମାନେ ମାର୍ଥାଙ୍କ ପରି ଅସାର ବିଷୟରେ ଚିନ୍ତିତ ନ ହୋଇ ମରିୟମଙ୍କ ସଦୃଶ୍ୟ ଉତ୍ତମ ଭାଗ ମନୋନୀତ କରୁ । ଉତ୍ତମ ଭାଗ ମନୋନୀତ କରିବାରେ ଅବହେଳା ନ କଲେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତୋଷଜନକ ଜୀବନ ଯାପନ କରି ପାରିବା ।

# ୨୧. ଜଣେ ଦରିଦ୍ର ବିଧବା

**(A poor widow - Who was rich)**

ଆଜିର ମାନବ ନିମନ୍ତେ ଆବଶ୍ୟକୀୟ ଶିକ୍ଷା ସବୁ ବାଇବଲରେ ବର୍ଣ୍ଣିତ ବ୍ୟକ୍ତିମାନଙ୍କ ଚରିତ୍ର ବିଶ୍ଳେଷଣରୁ ମିଳିଥାଏ । ମନୁଷ୍ୟ ଓ ତାହାର ସମ୍ପତ୍ତି ମଧ୍ୟରେ ଥିବା ସମ୍ପର୍କ କିପରି ରହିବା ଆବଶ୍ୟକ ତାହା ମାର୍କ ୧୨:୪-୪୪ ପଦଗୁଡ଼ିକରେ ଯୀଶୁ ଏକ ଦରିଦ୍ର ବିଧବାର ଦୃଷ୍ଟାନ୍ତ ଦ୍ୱାରା ବୁଝାଇ ଦେଇ ଅଛନ୍ତି ।

## ପରମେଶ୍ୱର, ମନୁଷ୍ୟ ଓ ତା'ର ଭୌତିକ ସମ୍ପତ୍ତି

ପରମେଶ୍ୱର, ମନୁଷ୍ୟ ଓ ତାହାର ଭୌତିକ ସମ୍ପତ୍ତିର ସମ୍ପର୍କ ଚିରନ୍ତନ । ପରମେଶ୍ୱର ନିଜ ସୃଷ୍ଟ ପ୍ରଥମ ପରିବାରକୁ ସେମାନଙ୍କ ରୋଜଗାରର କିଛି ଅଂଶ ତାହାଙ୍କୁ ଉତ୍ସର୍ଗ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ଖ୍ରୀଷ୍ଟିୟ ଦାନ ସମ୍ପର୍କିତ ପ୍ରଶ୍ନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରିଥାଏ ।

ଅର୍ପଣ ବିଷୟରେ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାକୁ ଲକ୍ଷ୍ୟ କରନ୍ତୁ । ଥରେ ସେ ମନ୍ଦିରର ଭଣ୍ଡାର ସମ୍ମୁଖରେ ବସି ଲୋକସମୂହ କିପରି ପଇସା ପକାଉଛନ୍ତି, ତାହା ଦେଖୁଥିଲେ । ଜଣେ ଦରିଦ୍ର ବିଧବା ଆସି ଏକ ପାହୁଲା ମୂଲ୍ୟର ଦୁଇ କ୍ଷୁଦ୍ର ମୁଦ୍ରା ସେଥିରେ ପକାଇବାର ସେ ଦେଖିଲେ । ଦରିଦ୍ର ବିଧବାକୁ ଦୃଷ୍ଟାନ୍ତ ସ୍ୱରୂପେ ନେଇ ଶିଷ୍ୟମାନଙ୍କୁ ଦାନ ବିଷୟରେ ଶିକ୍ଷା ଦେବା ନିମନ୍ତେ ଡ଼ାକି କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଭଣ୍ଡାରରେ ମୁଦ୍ରା ପକାଉଥିବା ସମସ୍ତ ଲୋକଙ୍କ ଅପେକ୍ଷା ଏହି ଦରିଦ୍ର ବିଧବା ଅଧିକ ପକାଇଅଛି; କାରଣ ସମସ୍ତେ ଆପଣା ଆପଣା ଅତିରିକ୍ତ ଧନରୁ କିଛି କିଛି ପକାଇଲେ, କିନ୍ତୁ ଏ ଆପଣାର ଅନାଟନ ଅବସ୍ଥାରେ ନିଜ ପ୍ରାଣ ବଞ୍ଚାଇବା ନିମନ୍ତେ ତାହାର ଯାହା କିଛି ଥିଲା, ସେହିସବୁ ପକାଇଲା" (ମାର୍କ ୧୨:୪୨-୪୩) ।

ଦୁଇ ପ୍ରକାର ଧନ ବିଷୟରେ ପ୍ରଭୁ ଉଲ୍ଲେଖ କରିଅଛନ୍ତି । ଏହି କାହାଣୀର ବିଧବା ଜାଗତିକ ଭାବେ ଦରିଦ୍ର ହେଲେ ହେଁ, ଆତ୍ମିକ ଜୀବନରେ

ଧନୀ । ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଲୋକେ, ଜାଗତିକ ଭାବେ ମଧ୍ୟ ଧନୀ ହେବା ଦ୍ୱାରା ଦୋଷୀ ନୁହନ୍ତି । ଅବ୍ରାହାମ, ଯୋଷେଫ୍ ଏବଂ ଆୟୁବ ପ୍ରଭୃତି ବ୍ୟକ୍ତିମାନେ ଉଭୟ ଜାଗତିକ ଓ ଆତ୍ମିକ ଜୀବନରେ ଧନୀ ଥିଲେ । କେତେକ ଏହି ଜାଗତିକ ଧନରେ ଧନୀ ହୋଇଥିଲେ ହେଁ ଆତ୍ମିକ ଜୀବନରେ ଦରିଦ୍ର ହୋଇଥିବାରୁ ସେମାନଙ୍କୁ ଯୀଶୁଖ୍ରୀଷ୍ଟ ଲୂକ ୧୨:୧୫-୨୧ ପଦଗୁଡ଼ିକରେ ନିନ୍ଦା କରନ୍ତି । ଧାର୍ମିକ ଜାଗତିକ ଧନ ବିନା ବଞ୍ଚି ପାରିବ, କିନ୍ତୁ ଈଶ୍ୱରଙ୍କ ବିନୁ ବଞ୍ଚି ପାରିବ ନାହିଁ । "ମୋ' ଠାରେ ଧନ ଓ ସମ୍ଭ୍ରମ, ପୁଣି ଅକ୍ଷୟ ସମ୍ପତ୍ତି ଓ ଧାର୍ମିକତା ଅଛି" (ହିତୋ ୮:୧୮) । ଏହି ଦରିଦ୍ର ବିଧବା ପାଖରେ ଦୁଇ କ୍ଷୁଦ୍ର ମୁଦ୍ରା ବ୍ୟତିତ ଆଉ କିଛି ନ ଥିଲେ ମଧ୍ୟ ସେ ଅକ୍ଷୟ ଧାର୍ମିକତାର ଅଧିକାରିଣୀ ।

ଯୀଶୁଖ୍ରୀଷ୍ଟ ମାଥିଉ ୬:୧୯-୨୦ ରେ ଦୁଇ ପ୍ରକାର ଧନ ବିଷୟରେ ସ୍ପଷ୍ଟ ଭାବେ ବୁଝାଇ ଦେଇଅଛନ୍ତି । କେବଳ ଏହି ଜାଗତିକ ଧନ ସଞ୍ଚୟରେ ଆମ୍ଭେମାନେ ନିବିଷ୍ଟ ରହିଲେ, ଅକ୍ଷୟ ସମ୍ପତ୍ତିର ଅଧିକାରୀ ହୋଇ ନ ପାରୁ ।

## ପ୍ରଭୁ ଦାନ ବିଷୟରେ କାହିଁକି ଆଜ୍ଞା କରିଅଛନ୍ତି ?

୧) ପରମେଶ୍ୱରଙ୍କ କୌଣସି ଆଜ୍ଞା ଅନ୍ୟାୟରେ ଆମ୍ଭମାନଙ୍କ ଉପରେ ଅଧିକାର କରିବା ନିମନ୍ତେ ଦିଆ ନ ଯାଇ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଦିଆଯାଇଅଛି । ଯୀଶୁ କହିଲେ, "ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ" (ମାଥିଉ ୬:୨) । ଆମ୍ଭେମାନେ ଚିରନ୍ତନ ଧନରେ ଧନୀ ହେବା ନିମନ୍ତେ ସଦା ଜାଗ୍ରତ ରହୁ ବୋଲି ପ୍ରଭୁ ଇଚ୍ଛା କରନ୍ତି । କେଉଁ ପ୍ରକାର ଧନରେ ମନୁଷ୍ୟ ଧନୀ ହେବାକୁ ଇଚ୍ଛା କରେ, ତହିଁରୁ ତାହାର ଆତ୍ମିକ ସ୍ଥିତି ପ୍ରକାଶ ପାଏ । ଯେହେତୁ ଯେଉଁଠାରେ ତାହାର ଧନ ସେହିଠାରେ ତାହାର ମନ । ଆପଣା ଧନରୁ କିଛି ପ୍ରଭୁଙ୍କୁ ଦାନ କରିବାକୁ ଅନିଚ୍ଛୁକ ଲୋକେ କେବେ ଆତ୍ମିକ ଜୀବନରେ ଆଗେଇ ଯାଇ ପାରିବେ ନାହିଁ । ଅକ୍ଷୟ ସମ୍ପତ୍ତିର ଅଧିକାରୀ ହେବାକୁ ଇଚ୍ଛୁକ ଲୋକେ, ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆପଣାର କିଛି ଧନ ଦାନ କରିବାରେ କୁଣ୍ଠିତ ହୁଅନ୍ତି ନାହିଁ ।

୨ ) ଖ୍ରୀଷ୍ଟଙ୍କ ଅନୁକାରୀ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କ ତ୍ୟାଗ ସବୁବେଳେ ମନେ ରଖିବା ଉଚିତ । ଦାନ ଅର୍ପଣ କରିବା ଖ୍ରୀଷ୍ଟିୟାନ ଜୀବନର ଏକ ମୁଖ୍ୟ କର୍ତ୍ତବ୍ୟ । ପିତା ପରମେଶ୍ୱର ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କରିଥିଲେ ।

୩) ଦାନ ଦେବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ନିକଟତର ହୋଇ ତାହାଙ୍କୁ ଆହୁରି ଅଧିକ ଭାବେ ପ୍ରେମ କରିବାର ସୁଯୋଗ ପାଇଥାଉଁ । ତ୍ୟାଗ ପ୍ରେମର ଏକ ଅତୁଟ ଅଂଶ । ତ୍ୟାଗ ବିନା ପ୍ରେମ ନିଷ୍ଫଳ । ଈଶ୍ୱରଙ୍କ ନିମନ୍ତେ ଆମ୍ଭେମାନେ ତ୍ୟାଗ ନ କଲେ, ତାହାଙ୍କୁ କିପରି ପ୍ରେମ କରିପାରିବା ? ତ୍ୟାଗର ମୂଳଦୁଆ ଉପରେ ପ୍ରେମ ପ୍ରତିଷ୍ଠିତ ହୋଇଥାଏ । ଏହି ଦରିଦ୍ର ବିଧବାର ତ୍ୟାଗ ପ୍ରଭୁଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକାଶ କରେ ।

୪ ) ସମସ୍ତ ଜଗତରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଆମ୍ଭମାନଙ୍କୁ ଦାନ ଦେବା ଆବଶ୍ୟକ । ମନୁଷ୍ୟମାନଙ୍କ ଆତ୍ମାର ପରିତ୍ରାଣ ନିମନ୍ତେ ଚିନ୍ତିତ ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କୁ ଦାନ ଅର୍ପଣ କରିବାରେ କୁଣ୍ଠିତ ହୁଅନ୍ତି ନାହିଁ ।

୫ ) ଦିନହୀନମାନଙ୍କ ସାହାଯ୍ୟ ନିମନ୍ତେ ଆମ୍ଭେମାନେ ହୃଷ୍ଟଚିତ୍ତରେ ଦାନ ଦେବା ଆବଶ୍ୟକ । ଦରିଦ୍ରମାନଙ୍କ ଆବଶ୍ୟକତା ପ୍ରତି ଦୃଷ୍ଟି ନ ଦେଲେ, ଆମ୍ଭେମାନେ ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ ମନ ପାଇ ନ ପାରୁ ।

## ଖ୍ରୀଷ୍ଟିୟାନମାନେ କିପରି ଭାବେ ଦାନ ଦେବା ଆବଶ୍ୟକ ?

ମୋଶାଙ୍କ ବ୍ୟବସ୍ଥାନୁଯାୟୀ ପ୍ରତ୍ୟେକ ଇସ୍ରାୟେଲୀୟ ଦଶମାଂସ ଦେଉଥିଲେ । ଏତଦ୍‌ବ୍ୟତିତ ସେମାନେ ଆପଣା ଆପଣା ହୃଦୟର ଶପଥନୁଯାୟୀ ଦାନ କରୁଥିଲେ । କେତେକ ଧାର୍ମିକ ଯିହୁଦୀମାନେ ଆପଣା ଆପଣା ଆମଦାନୀର ଚତୁର୍ଥାଂଶ କିମ୍ବା ତୃତୀୟାଂଶ ମଧ୍ୟ ଦାନ ରୂପେ ଅର୍ପଣ କରୁଥିଲେ । ରୋମୀୟ ରାଜୁତି ସମୟରେ ଇସ୍ରାୟେଲୀୟମାନେ ଦଶମାଂସ ଦାନ ଦେବାର ନିୟମ ଥିଲା । ତେଣୁକରି ୧ )ମନୁଷ୍ୟ ଦାନ ଦେବା ଆବଶ୍ୟକ, ୨ )ମନୁଷ୍ୟ ପାଉଥିବା ସମସ୍ତ ମଙ୍ଗଳନୁଯାୟୀ କୃତଜ୍ଞତାରେ ପ୍ରଭୁଙ୍କୁ ଦାନ ଦେବା ତାହାର କର୍ତ୍ତବ୍ୟ, ଆଉ ୩) ଈଶ୍ୱରଙ୍କ ପ୍ରତି ଭକ୍ତି ଆମ୍ଭମାନଙ୍କୁ ଅଧିକ ଭାବେ ଦାନ ଦେବାରେ ସାହାଯ୍ୟ କରେ ବୋଲି ଏହି ପାଠରୁ ଜାଣିପାରିଲୁ ।

ଯୀଶୁଖ୍ରୀଷ୍ଟ ପୁରାତନ ନିୟମକୁ କ୍ରୁଶରେ ଲୋପ କରିବା ସମୟଠାରୁ ନୂତନ ନିୟମ ପ୍ରଚଳନରେ ଅଛି । ତେବେ ଏହି ନୂତନ ନିୟମ ସମୟରେ ଆମ୍ଭେମାନେ କିପରି ଦାନ ଦେବା ଆବଶ୍ୟକ ? ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀଙ୍କୁ ଲେଖନ୍ତି, "ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ ଅବା ବାଧ୍ୟ ବାଧକତା ହେତୁରୁ ନୁହେଁ, କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି" (୨ କରିନ୍ଥୀ ୯:୭) । "ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ" (୧ମ କରିନ୍ଥୀ ୧୬:୨)।

ମଣ୍ଡଳୀରେ ଦାନ ଦେବା ବିଷୟରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ସ୍ତ୍ରୀର ବିଶିଷ୍ଟ ଭାର ରହିଅଛି । ପତିପତ୍ନୀ ଦୁହେଁ ଖ୍ରୀଷ୍ଟିୟାନ ହୋଇଥିଲେ ଉଭୟଙ୍କ ସଂକଳ୍ପାନୁଯାୟୀ ଦାନ ଦେବା ଆବଶ୍ୟକ । ସ୍ୱାମୀ ଅଣଖ୍ରୀଷ୍ଟିୟାନ ହୋଇଥିଲେ ପ୍ରଭୁଙ୍କୁ ଦାନ ଦେବା ନିମନ୍ତେ ଶିଖାଇବା ସ୍ତ୍ରୀର କର୍ତ୍ତବ୍ୟ ଅଟେ । ଆପଣା ଆପଣା ପରିବାରର ଖର୍ଚ୍ଚରୁ କିଛି କିଛି ସଞ୍ଚୟ କରି ପ୍ରଭୁଙ୍କ ସେବା ନିମନ୍ତେ ଦାନ ଦେଉଥିବା ସ୍ତ୍ରୀମାନେ ବହୁଳ ଆଶୀର୍ବାଦର ପାତ୍ରୀ ହୋଇଥାନ୍ତି ।

ଦାନ ଦେବା ବିଷୟରେ ମଧ୍ୟ ଅନେକ ଭ୍ରମ ଧାରଣ ରହିଅଛି । ସୁସମାଚାର ପ୍ରଚାରକଙ୍କ ବେତନ ପୁଣି ମଣ୍ଡଳୀର ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ପଇସା ଥିଲେ ଯଥେଷ୍ଟ ବୋଲି ଅନେକଙ୍କ ମନୋଭାବ । ଆତ୍ମମାନଙ୍କ ସୁରକ୍ଷଣା ବେକ୍ଷଣ ନିମନ୍ତେ ଯେ ଆମ୍ଭେମାନେ ଦାନ ଦେବା ଆବଶ୍ୟକ, ଏହା ସେମାନେ ବୁଝିପାରି ନ ଥା'ନ୍ତି । ପ୍ରଚାରକ ଓ ପ୍ରାଚୀନମାନଙ୍କ ଦୃଷ୍ଟିରେ ପ୍ରଶଂସା ପାଇବା ନିମନ୍ତେ କେତେକ ଦାନ ଦିଅନ୍ତି । ଆଉ କେତେକ ଧନବ୍ୟୟ ଇଚ୍ଛା ନ କରି ଦାନ ଦେବାରେ କୁଣ୍ଠିତ ହୁଅନ୍ତି । ଏହିପରି କରିବା ଦ୍ୱାରା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଦତ୍ତ ଆଜ୍ଞାର ପାଳନ କରାଯାଉନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ହୃଷ୍ଟଚିତ୍ତରେ ଦାନ ଦେବା ଶିଖିବା ସଙ୍ଗେ ସଙ୍ଗେ ଦାନ ରୂପେ ସଂଗୃହିତ ଧନର ସତ୍‌ବ୍ୟବହାର କରିବା ମଧ୍ୟ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର କର୍ତ୍ତବ୍ୟ ।

# ୨୨. ଶମିରୋଣୀୟା ପାପିନୀ ସ୍ତ୍ରୀ

**(The story of a bad Samaritian)**

**ଶ**ମିରୋଣର ସୁଖାର ନାମକ ଗ୍ରାମରୁ ପ୍ରାୟ ଅଧ ମାଇଲ ଦୂରରେ ଯାକୁବଙ୍କ କୂପ ଥିଲା । ଯିହୁଦୀ ଓ ଶମିରୋଣୀୟମାନଙ୍କ ମଧ୍ୟରେ ଭଲ ସଂପର୍କ ନ ଥିବାରୁ, ଯିହୁଦା ପ୍ରଦେଶରୁ ଗାଲୀଲୀକୁ ଯାତ୍ରା କରୁଥିବା ଯିହୁଦୀମାନେ ଶମିରୋଣ ମଧ୍ୟ ଦେଇ ଯାତ୍ର କରିବାକୁ ଇଚ୍ଛା କରୁ ନ ଥିଲେ । ଥରେ ଯୀଶୁଙ୍କୁ ଶମିରୋଣ ମଧ୍ୟ ଦେଇ ଯିବାକୁ ପଡ଼ିଲା । ତାହାଙ୍କ ଶିଷ୍ୟମାନେ ଖାଦ୍ୟ କିଣିବା ନିମନ୍ତେ ନଗରକୁ ଯିବା ସମୟରେ ଯୀଶୁ ପଥଶ୍ରାନ୍ତ ହୋଇ ଯାକୁବଙ୍କ କୂପ ନିକଟରେ ବସି ପଡ଼ିଲେ । ସେ ଈଶ୍ୱରଙ୍କ ପୁତ୍ର ହେଲେ ହେଁ ମନୁଷ୍ୟ ଶରୀରଧାରୀ ହୋଇ ଥିବାରୁ ଆମ୍ଭମାନଙ୍କ ସଦୃଶ୍ୟ କ୍ଳାନ୍ତ, କ୍ଷୁଧା ଓ ତୃଷା ଅନୁଭବ କରୁଥିଲେ । ମନୁଷ୍ୟ ଶରୀରଧାରୀ ଈଶ୍ୱରଙ୍କ ପୁତ୍ର ଯେ ଆମ୍ଭମାନଙ୍କ ପ୍ରଧାନ ମହାଯାଜକ ସେ ଆପଣା ଶରୀରରେ ମନୁଷ୍ୟ ପରି ସମସ୍ତ ଦୁଃଖ, କଷ୍ଟ, କ୍ଳେଶ ଓ ପରୀକ୍ଷା ସହ୍ୟ କରି ଆମ୍ଭମାନଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ମଧ୍ୟସ୍ଥ ହୋଇ ପାରିଅଛନ୍ତି (ଏବ୍ରୀ ୪:୧୫-୧୬)।

ଶିଷ୍ୟମାନେ ଆହାର କିଣିବା ନିମନ୍ତେ ସହର ଭିତରକୁ ଯିବା ସମୟରେ ଯୀଶୁଖ୍ରୀଷ୍ଟ ଯାକୁବଙ୍କ କୂପ ନିକଟରେ ବସିଥିଲେ । କୂପ ନିକଟକୁ ପାଣି କାଢ଼ିବା ନିମନ୍ତେ ଆସିଥିବା ଏକ ଶମିରୋଣୀୟା ପାପିନୀ ସ୍ତ୍ରୀ ସହିତ ଯୀଶୁଙ୍କ ସମ୍ଭାଷଣର ବିବରଣ ଆମ୍ଭେମାନେ ବାକ୍ୟରେ ପଢ଼ିପାରୁ । ଜଳ କାଢ଼ିବା ନିମନ୍ତେ କୂପ ନିକଟକୁ ଆସିଥିବା ସେହି ପାପିନୀ ଶମିରୋଣୀୟା ସ୍ତ୍ରୀ ସହିତ ଯୀଶୁଙ୍କ କଥୋପକଥନ ଅନେକଙ୍କ ଆତ୍ମାର ରକ୍ଷାର କାରଣ ହୋଇଅଛି । ଏହି କାହାଣୀର ବିବରଣ ଆମ୍ଭେମାନେ ଯୋହନ ୪:୪-୪୨ ପଦଗୁଡ଼ିକରେ ପଢ଼ିପାରୁ ।

## ଯୀଶୁଖ୍ରୀଷ୍ଟଙ୍କ ମନୋଭାବ

ଏଠାରେ ଶମିରୋଣୀୟା ସ୍ତ୍ରୀ ପ୍ରତି ତଥା ସମସ୍ତ ପାପୀମାନଙ୍କ ପ୍ରତି ଯୀଶୁଖ୍ରୀଷ୍ଟଙ୍କ ମନୋଭାବ ଦେଖିବାକୁ ପାଉ ।

୧) ଏହି ସ୍ତ୍ରୀଙ୍କର ପାଞ୍ଚଟି ସ୍ୱାମୀ ଥିଲେ ଓ ସେ ଯେଉଁ ଲୋକ ସହିତ ବାସ

କରୁଥିଲେ ସେ ତାହାଙ୍କ ସ୍ୱାମୀ ନ ଥିଲେ । ସେ ଏକ କଳଙ୍କିତ ଜୀବନଯାପନ କରୁଥିଲେ ବୋଲି ଯୀଶୁଖ୍ରୀଷ୍ଟ ଜାଣିଥିଲେ ସୁଦ୍ଧା ସେହି ସ୍ତ୍ରୀ ପ୍ରତି କଠୋର ବ୍ୟବହାର କରି ନ ଥିଲେ । ପାପୀମାନଙ୍କ ପରିତ୍ରାଣ ନିମନ୍ତେ ଯୀଶୁଖ୍ରୀଷ୍ଟ ଏହି ଜଗତରେ ମନୁଷ୍ୟ ରୂପେ ଜନ୍ମି ଥିଲେ । କୂପ ନିକଟରେ ଆସିଥିବା ସେହି ପାପିନୀ ଶମିରୋଣୀୟା ସ୍ତ୍ରୀର ମଧ୍ୟ ପରିତ୍ରାଣର ଆବଶ୍ୟକତା ଥିଲା । ଯୀଶୁ କହିଲେ, "ସୁସ୍ଥ ଲୋକମାନଙ୍କର ବୈଦ୍ୟଠାରେ ପ୍ରୟୋଜନ ନାହିଁ, ମାତ୍ର ଅସୁସ୍ଥମାନଙ୍କର ପ୍ରୟୋଜନ ଅଛି । ମୁଁ ଧାର୍ମିକମାନଙ୍କୁ ଆହ୍ୱାନ କରିବାକୁ ଆସି ନାହିଁ, କିନ୍ତୁ ମନପରିବର୍ତ୍ତନ ନିମନ୍ତେ ପାପୀମାନଙ୍କୁ ଆହ୍ୱାନ କରିବା ପାଇଁ ଆସିଅଛି" (ଲୂକ ୫:୩୧, ୩୨) ।

୨) ଫାରୁଶୀମାନଙ୍କ ଦ୍ୱାରା ଧୃତା ଏକ ବ୍ୟଭିଚାରିଣୀ ସ୍ତ୍ରୀ ପ୍ରତି ଯୀଶୁଙ୍କ ବିଚାର ପାପୀମାନଙ୍କ ପ୍ରତି ତାହାଙ୍କ ମନୋଭାବ ପ୍ରକାଶ କରେ (ଯୋହନ ୮:୩-୧୧) । ଯୀଶୁଖ୍ରୀଷ୍ଟଙ୍କ ବିରୁଦ୍ଧରେ ଅଭିଯୋଗର ସୁଯୋଗ ଖୋଜୁଥିବା ଶାସ୍ତ୍ରୀ ଓ ଫାରୁଶୀମାନଙ୍କୁ ଯୀଶୁ ଉତ୍ତର ଦେଇ କହିଲେ, "....ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାହାକୁ ପଥର ଫୋପାଡୁ......ମୁଁ ମଧ୍ୟ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କରୁନାହିଁ, ଯାଅ ଆଜିଠାରୁ ଆଉ ପାପ କରନାହିଁ" (ଯୋହନ ୮:୭-୧୧) । ସେ ପାପକୁ ଘୃଣା କରନ୍ତି କିନ୍ତୁ ପାପୀକୁ ପ୍ରେମ କରନ୍ତି । ସେଠାରେ ଉପସ୍ଥିତ ଶାସ୍ତ୍ରୀ ଓ ଫାରୁଶୀମାନେ କେହି ନିଷ୍ପାପୀ ନ ଥିଲେ । ଆପଣା ଦୃଷ୍ଟିରେ ଆପଣାକୁ ଧାର୍ମିକ ମନେକରି ଅନ୍ୟମାନଙ୍କୁ ତୁଚ୍ଛଜ୍ଞାନ କରୁଥିବା ଲୋକେ ଆମ୍ଭମାନଙ୍କ ମଧ୍ୟରେ ସୁଦ୍ଧା ଅଛନ୍ତି ।

## ବ୍ୟକ୍ତିଗତ ସୁସମାଚାର ପ୍ରଚାରରେ ଯୀଶୁଖ୍ରୀଷ୍ଟଙ୍କ ଆଦର୍ଶ

ଯୀଶୁଖ୍ରୀଷ୍ଟ ଯାହା କହୁଥିଲେ ବା କରୁଥିଲେ ତାହାର ଆନ୍ତରାଳରେ ମନୁଷ୍ୟମାନଙ୍କୁ ଅନନ୍ତ ଜୀବନ ବିଷୟରେ ଶିକ୍ଷାଦେବା ତାହାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଶମିରଣୀୟା ସ୍ତ୍ରୀ ସହିତ ତାହାଙ୍କ କଥୋପକଥନ ବ୍ୟକ୍ତିଗତ ସୁସମାଚାର ପ୍ରଚାରର ଏକ ଚିରନ୍ତନ ନିଦର୍ଶନ ।

(୧) ପାପୀମାନଙ୍କ ପରିତ୍ରାଣ ନିମନ୍ତେ ସେ ପ୍ରତ୍ୟେକ ସୁଯୋଗର ସଦ୍‌ବ୍ୟବହାର କରୁଥିଲେ ।

(୨) ସେ ଆପଣାକୁ ନମ୍ର କରି ସେହି ସ୍ତ୍ରୀକୁ ପିଇବା ପାଇଁ ପାଣି ମାଗି ତାହାଙ୍କ ସହିତ ସମ୍ଭାଷଣ ଆରମ୍ଭ କଲେ । ସତ୍ୟ ବିଷୟରେ ଜାଣିବାକୁ ଆଗ୍ରହୀ ସେହି ସ୍ତ୍ରୀକୁ ପରିତ୍ରାଣର ବାକ୍ୟ ଶୁଣାଇବାରେ ସେ କିଛି ମାତ୍ର ଅବହେଳା କରି ନ ଥିଲେ ।

(୩) ".....ଯେକେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେବ; କିନ୍ତୁ ମୁଁ ଯେଉଁ ଜଳ ଦେବି ତାହା ଯେକେହି ପାନ କରିବ, ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଛୁଳି ଉଠୁଥିବ" (ଯୋହନ ୪:୧୩-୧୪) ବୋଲି କହି ସେ ସେହି ସ୍ତ୍ରୀର ଅନ୍ତରରେ ଏକ ଉତ୍କଣ୍ଠା ଜଗାଇଥିଲେ । ଏହିପରି ଭାବେ ପ୍ରତ୍ୟେକ ସୁସମାଚାର ପ୍ରଚାରକମାନେ ମନୁଷ୍ୟମାନଙ୍କ ମଧ୍ୟରେ ଉତ୍କଣ୍ଠା ଜଗାଇଲେ ସହଜ ଭାବେ ସୁସମାଚାର ପ୍ରଚାର ଆରମ୍ଭ କରିପାରିବେ । ଅନନ୍ତ ଜୀବନର ନିର୍ଝର ବିଷୟରେ ଯୀଶୁ ବ୍ୟକ୍ତ କରିବାରୁ ତାହା ପାଇବା ନିମନ୍ତେ ସେହି ସ୍ତ୍ରୀ ଇଚ୍ଛାକରି କହିଲେ, "ମହାଶୟ, ମୋତେ ଯେପରି ଶୋଷ ନ ଲାଗେ, ପୁଣି ପାଣି କାଢ଼ିବା ନିମନ୍ତେ ଏତେ ବାଟ ଏଠାକୁ ଆସିବାକୁ ନ ପଡ଼େ, ଏଥିନିମନ୍ତେ ମୋତେ ସେହି ଜଳ ଦିଅନ୍ତୁ" (ଯୋହନ ୪:୧୫) ।

(୪) ଯୀଶୁଖ୍ରୀଷ୍ଟ ପରୋକ୍ଷଭାବେ ସେହି ବିଜାତିୟା ସ୍ତ୍ରୀଙ୍କୁ ପାପ ଓ ତାହା ଠାରୁ ମୁକ୍ତି ବିଷୟରେ ଶିକ୍ଷା ଦେଇଥିଲେ । ସେହି ଶମିରୋଣୀୟା ଆପଣା ପାପମୟ ଜୀବନରୁ ମୁକ୍ତି ପାଇ ଅନନ୍ତ ଜୀବନର ଜଳ ଚାଖିବା ପାଇଁ ଇଚ୍ଛା କଲେ ।  ପରିତ୍ରାଣ ପାଇବା ନିମନ୍ତେ ଚାରିଟି ମୁଖ୍ୟ ବିଷୟର ଜ୍ଞାନ ଆବଶ୍ୟକ ।

(କ) ମୁଁ ଜଣେ ପାପୀ ମନୁଷ୍ୟ ବୋଲି ପ୍ରତ୍ୟେକ ଜ୍ଞାତ ହେବା ଆବଶ୍ୟକ ।

(ଖ) ପରିତ୍ରାଣ ବିନା ମୃତ୍ୟୁ ଭୋଗିଲେ ଅନନ୍ତ ଜୀବନରେ ପ୍ରବେଶ କରିପାରିବି ନାହିଁ ବୋଲି ସେ ଜ୍ଞାତ ହେବା ଆବଶ୍ୟକ ।

(ଗ) ପାପରୁ ମୁକ୍ତି ପାଇବା ନିମନ୍ତେ କଅଣ କରିବା ଉଚିତ ତାହା ଜାଣିବା ଆବଶ୍ୟକ ।

(ଘ) କାଳ ବିଳମ୍ବ ନ କରି ଏହି ଅନୁଗ୍ରହର ଦିନରେ ସଠିକ୍ ନିର୍ଣ୍ଣୟ ନେବା ଆବଶ୍ୟକ ।

(୫) ପରମେଶ୍ୱରଙ୍କ ବାକ୍ୟ କେବେ ନିଷ୍ଫଳ ହୁଏ ନାହିଁ । ସେହି ଶମିରୋଣୀୟା ସ୍ତ୍ରୀ ପରିତ୍ରାଣ ପାଇ ଅନେକଙ୍କ ପରିତ୍ରାଣର ମାର୍ଗଦର୍ଶୀକା ହୋଇ ପାରିଥିଲେ ।

(୬) ସୁଯୋଗର ସଦ୍‌ବ୍ୟବହାର କିପରି କରି ପାରିବା ଯୀଶୁଖ୍ରୀଷ୍ଟଙ୍କ ଅନୁକାରୀମାନଙ୍କ ନିମନ୍ତେ ଏହି କାହାଣୀ ଏକ ଚିରନ୍ତନ ନମୂନା । "..... ଦେଖ ମୁଁ ତୁମ୍ଭମାନଙ୍କୁ କହୁଅଛି, କ୍ଷେତ୍ର ଗୁଡ଼ିକ ପ୍ରତି ଦୃଷ୍ଟିପାତ କର; ସେହି ସବୁ କଟାଯିବା ନିମନ୍ତେ ପାଚି ଗଲାଣି । ଏବେ ସୁଦ୍ଧା କଟାଳି ମୂଲ ପାଉଅଛି ଓ ଅନନ୍ତ ଜୀବନ ନିମନ୍ତେ ଫଳ ସଂଗ୍ରହ କରୁଅଛି, ଯେପରି ବୁଣାଳି ଓ କଟାଳି ଉଭୟେ ମିଳି ଆନନ୍ଦ କରନ୍ତି" (ଯୋହନ ୪:୩୫, ୩୬) । କ୍ଷେତ୍ରଗୁଡ଼ିକ ପ୍ରତି ଦୃଷ୍ଟିପାତ କରି ସମୟର ସଦ୍‌ବ୍ୟବହାର କର ବୋଲି ପ୍ରଭୁ ସେ ଦିନ ଶିଷ୍ୟମାନଙ୍କୁ କହିଥିଲେ ଏବଂ ପ୍ରତିଦିନ ଆମ୍ଭମାନଙ୍କୁ ସେହି ବାକ୍ୟ ଚେତନା ଦେଇ ଆସୁଅଛି । କାରଣ ଈଶ୍ୱର ଓ ତାହାଙ୍କ ବାକ୍ୟ ଆଜିକାଲି ସଦାସର୍ବଦା ସମାନ ।

## ଶକ୍ତିଯୁକ୍ତ ବାକ୍ୟ ମନୁଷ୍ୟଙ୍କୁ ପରିବର୍ତ୍ତନ କରେ

ହାତୁଡ଼ି ସଦୃଶ୍ୟ ଈଶ୍ୱରଙ୍କ ଶକ୍ତିଯୁକ୍ତ ବାକ୍ୟ ମନୁଷ୍ୟର କଠିନ ହୃଦୟ ଭାଙ୍ଗେ । ଶମିରୋଣୀୟା ସ୍ତ୍ରୀ ପାପମୟ ଜୀବନଯାପନ କରୁଥିଲେ ସୁଦ୍ଧା ଯୀଶୁଙ୍କ ବାକ୍ୟ ଶୁଣିବାରେ ଆଗ୍ରହୀ ଥିଲେ । ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରୁଥିବା ଧାର୍ମିକ ଯିହୁଦୀମାନଙ୍କ ଠାରୁ ଖ୍ରୀଷ୍ଟଙ୍କ ବାକ୍ୟରେ ଆସକ୍ତ ଏହି ପାପିନୀ ସ୍ତ୍ରୀ ଶ୍ରେଷ୍ଠତର । ଯୀଶୁଙ୍କ ଶିକ୍ଷା ଦ୍ୱାରା ଆପଣା ଦୁଃସ୍ଥିତି ବିଷୟରେ ଚେତନା ପାଇ ଏହି ପାପିନୀ ସ୍ତ୍ରୀ ଅନ୍ୟମାନଙ୍କ ପରିତ୍ରାଣର କାରଣ ହୋଇ ପାରିଥିଲେ । କେବଳ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଆମ୍ଭମାନଙ୍କୁ ପାପର ଦାସତ୍ୱରୁ ମୁକ୍ତି ଦେଇ

ପାରିବ । ଅନନ୍ତ ଜୀବନର ନିର୍ଝରର ସନ୍ଧାନ ପାଇ ଶମିରୋଣୀୟା ସ୍ତ୍ରୀ ସେହି ନିର୍ଝର ବିଷୟରେ ଅନ୍ୟମାନଙ୍କୁ ଜ୍ଞାତ କରାଇବା ନିମନ୍ତେ ଦୌଡ଼ିଯାଇ ଗ୍ରାମବାସୀଙ୍କୁ ଜଣାଇ ଥିଲେ । ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ଆପଣା ଜଳପାତ୍ର ସେଠାରେ ଥୋଇ ଦେଇ ନିଜ ଗ୍ରାମବାସୀମାନଙ୍କୁ ପ୍ରଭୁଙ୍କ ନିକଟକୁ କଢ଼ାଇ ଆଣିଥିଲେ । ପାପରୁ ମୁକ୍ତିର ଆନନ୍ଦ ଚାଖିଥିବା ପ୍ରତ୍ୟେକ ଲୋକେ ଅନ୍ୟମାନଙ୍କୁ ସେ ଆନନ୍ଦ ବାଣ୍ଟିବାରେ ତତ୍ପର ହୁଅନ୍ତି । ଏହି ସ୍ତ୍ରୀର ସାକ୍ଷ୍ୟ ଶୁଣି ଅନେକେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିଥିଲେ । ଶମିରୋଣୀୟମାନେ ଯୀଶୁଙ୍କ ନିକଟକୁ ଆସି ସେମାନଙ୍କ ସହିତ କିଛିଦିନ ରହିବା ନିମନ୍ତେ ଅନୁରୋଧ କରନ୍ତେ, ସେ ସେଠାରେ ଦୁଇଦିନ ରହିଲେ, "ମୁଁ ଯାହା ଯାହା କରିଅଛି, ସେହିସବୁ ସେ ମୋତେ କହିଲେ ବୋଲି ଯେଉଁ ସ୍ତ୍ରୀଲୋକ ସାକ୍ଷ୍ୟ ଦେଇଥିଲା, ତାହାର କଥା ହେତୁ ସେହି ନଗରର ଶମିରୋଣୀୟମାନଙ୍କ ମଧ୍ୟରୁ ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ । ଅତଏବ, ସେହି ଶମିରୋଣୀୟମାନେ ତାହାଙ୍କ ନିକଟକୁ ଆସି ସେମାନଙ୍କ ସହିତ ରହିବା ନିମନ୍ତେ ତାହାଙ୍କୁ ଅନୁରୋଧ କଲେ, ଆଉ ସେ ଦୁଇ ଦିନ ସେ ସ୍ଥାନରେ ରହିଲେ । ପୁଣି, ତାହାଙ୍କ ବାକ୍ୟ ହେତୁ ଆହୁରି ଅନେକ ଲୋକ ବିଶ୍ୱାସ କଲେ; ଆଉ, ସେମାନେ ସେହି ସ୍ତ୍ରୀଲୋକଙ୍କୁ କହିଲେ, ଏବେ ତୁମ୍ଭ କଥା ହେତୁ ଆମ୍ଭେମାନେ ବିଶ୍ୱାସ କରୁ ନାହୁଁ, କାରଣ ଆମ୍ଭେମାନେ ନିଜେ ନିଜେ ଶୁଣିଅଛୁ, ପୁଣି ଏ ଯେ ପ୍ରକୃତରେ ଜଗତର ତ୍ରାଣକର୍ତ୍ତା, ଏହା ଆମ୍ଭେମାନେ ଜାଣିଅଛୁ" (ଯୋହନ ୪:୩୯-୪୨) । ଅତୀତରେ ଅତ୍ୟନ୍ତ ପାପମୟ ଜୀବନ ଯାପନ କରିଥିଲେ ସୁଦ୍ଧା ଯୀଶୁଖ୍ରୀଷ୍ଟଙ୍କୁ ଆପଣା ତ୍ରାଣକର୍ତ୍ତା ରୂପେ ଗ୍ରହଣ କରିଥିବା ବ୍ୟକ୍ତିମାନେ ଅନେକଙ୍କୁ ପରିତ୍ରାଣର ମାର୍ଗରେ କଢ଼ାନ୍ତି ।

## ଐଶ୍ୱରିକ ଶକ୍ତି ପ୍ରତି ମନୁଷ୍ୟର ଚିରନ୍ତନ ତୃଷ୍ଣା

ପ୍ରତ୍ୟେକ ଜାତିର ପ୍ରତିଟି ଲୋକ କୌଣସି ନା କୌଣସି ଏକ ଐଶ୍ୱରିକ ଶକ୍ତି ଉପରେ ବିଶ୍ୱାସ କରନ୍ତି । ମନୁଷ୍ୟର ଏହି ଚିରନ୍ତନ ତୃଷ୍ଣାର ପ୍ରତୀକ ଏହି ଶମିରୋଣୀୟା ସ୍ତ୍ରୀ । କାରଣ, "ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ" (ମାଥିଉ ୪:୪)। ମନୁଷ୍ୟର ଶାରିରୀକ ଆବଶ୍ୟକତା ପୂରଣ ହେବା ସହିତ ଆତ୍ମୀକ କ୍ଷୁଧା ମଧ୍ୟ

ତୃପ୍ତ ହେବା ଆବଶ୍ୟକ । ଦାଉଦ କହନ୍ତି, "ପରମେଶ୍ୱରଙ୍କ ନିମନ୍ତେ, ଜୀବତ୍ ପରମେଶ୍ୱରଙ୍କ ନିମନ୍ତେ ମୋ' ପ୍ରାଣ ତୃଷିତ" (ଗୀତ ୪୨:୨) । "....କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେକେହି ପାନ କରିବ, ସେ କେବେହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହା ଠାରେ ଉଚ୍ଛୁଳି ଉଠୁଥିବ" (ଯୋହନ ୪:୧୪) ବୋଲି ଯୀଶୁଖ୍ରୀଷ୍ଟ ସେହି ଶମିରୋଣୀୟା ସ୍ତ୍ରୀକୁ ତଥା ପ୍ରତ୍ୟେକ ମନୁଷ୍ୟକୁ ଆହ୍ୱାନ ଦେଉଅଛନ୍ତି । "ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ" (ମାଥିଉ ୫:୬) । ଧାର୍ମିକତାର ଅର୍ଥ କଅଣ ? "ମୋ' ଜିହ୍ୱା ତୁମ୍ଭ ବାକ୍ୟ ବିଷୟ କୀର୍ତ୍ତନ କରୁ; କାରଣ ତୁମ୍ଭର ଆଜ୍ଞାସକଳ ଧର୍ମମୟ" (ଗୀତ ୧୧୯:୧୭୨)। ତାହାଙ୍କ ବାକ୍ୟ ହିଁ ତାହାଙ୍କ ଆଜ୍ଞା, ଯାହା ପାଳନ କଲେ ଆମ୍ଭେମାନେ ଧାର୍ମିକତା ଲାଭ କରିପାରୁ । ଅନନ୍ତ ଜୀବନଦାୟକ ଜଳପାନ କରି ତୃପ୍ତ ହେବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତି ଏହିପରି ଧାର୍ମିକତା ଲାଭ କରିବା ଆବଶ୍ୟକ । ଯେଣୁ ଲେଖାଯାଏ, "ହେ ତୃଷିତ ଲୋକ ସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର କିଛି ଅର୍ଥ ନାହିଁ, ସେ ଆସୁ; ତୁମ୍ଭେମାନେ ଆସ, କିଣ ଓ ଭୋଜନ କର; ହଁ, ଆସ, ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦୁଗ୍ଧ କିଣ" (ଯିଶାଇୟ ୫୫:୧) ।

## ଉପାସନା ବିଷୟକ ଯୀଶୁଙ୍କ ଶିକ୍ଷା

ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କୁ ଉପାସନା କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ବୋଲି ଯୀଶୁ ଏହି ଶମିରୋଣୀୟା ସ୍ତ୍ରୀକୁ କହିଥିଲେ । ଯୀଶୁ ସମୁଦାୟ ମାନବ ଜାତିର ଆବଶ୍ୟକୀୟ ଶିକ୍ଷାକୁ ଏହି ପାପିନୀ ଶମିରୋଣୀୟା ସ୍ତ୍ରୀ ନିକଟରେ ପ୍ରକଟ କରିଥିଲେ । "ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ" (ଯୋହନ ୪:୨୪) ।

(୧) ଈଶ୍ୱର ଆତ୍ମା ଅଟନ୍ତି । ସେହି ମହାନ ସର୍ବଶକ୍ତିମାନ ଆତ୍ମାଙ୍କ ସାଦୃଶ୍ୟରେ ମନୁଷ୍ୟ ସୃଷ୍ଟି ହୋଇଅଛି । ଈଶ୍ୱରଙ୍କୁ ତାହାଙ୍କ ମନ୍ଦିରରେ ଉପାସନା କରିବା

ପ୍ରତ୍ୟେକ ମନୁଷ୍ୟର ସର୍ବପ୍ରଥମ କର୍ତ୍ତବ୍ୟ । ସୃଷ୍ଟି ଓ ସୃଷ୍ଟିକର୍ତ୍ତା ମଧ୍ୟରେ ଥିବା ଏକମାତ୍ର ମାଧ୍ୟମ ହେଉଛି ସତ୍ୟ ଓ ଆତ୍ମାର ଉପାସନା ।

(୨) ସତ୍ୟ ଉପାସନା:- ଈଶ୍ୱରଙ୍କୁ ଆତ୍ମାରେ ତଥା ସତ୍ୟରେ ଉପାସନା କରିବା ନିମନ୍ତେ ଯୀଶୁ କହିଅଛନ୍ତି । ତାହାର ଅର୍ଥ କଅଣ ? ପ୍ରଥମରେ ସତ୍ୟ କଅଣ ଆଗେ ଜାଣିବା । ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ନିମନ୍ତେ ଈଶ୍ୱରଙ୍କ ଠାରେ ଏହିପରି ପ୍ରାର୍ଥନା କଲେ, "ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ" (ଯୋହନ ୧୭:୧୭) । ଈଶ୍ୱରଙ୍କ ବାକ୍ୟ ସତ୍ୟ ହୋଇଥିବାରୁ ଯେଉଁ ଉପାସନା ଈଶ୍ୱରଙ୍କ ବାକ୍ୟାନୁଯାୟୀ ହୋଇଥାଏ, ତାହା ସତ୍ୟ ଉପାସନା ବୋଲି ଜାଣିପାରୁ । ଆମ୍ଭମାନଙ୍କ ଇଚ୍ଛାନୁଯାୟୀ ଉପାସନା ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ନୁହେଁ । ଆଦି ପିତାମାତାଙ୍କ ପ୍ରଥମ ପୁତ୍ର କୟିନ ଈଶ୍ୱରଙ୍କୁ ସତ୍ୟ ଭାବେ ଉପାସନା କରି ନ ଥିଲେ । ସେ ଈଶ୍ୱରଙ୍କ ଆଜ୍ଞାନୁଯାୟୀ ଆରାଧନା ନ କରି ଆପଣା ଇଚ୍ଛାନୁଯାୟୀ ଆରାଧନା କରିଥିବାରୁ ତାହାଙ୍କ ଆରାଧନା ଈଶ୍ୱର ଗ୍ରହଣ କରି ନ ଥିଲେ । ଈଶ୍ୱରଙ୍କୁ ଉପାସନା କରିବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତି ତାହାଙ୍କୁ ଆତ୍ମାରେ ଓ ସତ୍ୟରେ ଉପାସନା ନ କଲେ ତାହା ନିଷ୍ଫଳ ହୁଏ । ଈଶ୍ୱରଙ୍କ ବାକ୍ୟାନୁଯାୟୀ ତାହାଙ୍କ ଉପାସନା ନ କଲେ କୟିନଙ୍କ ଉପାସନା ସଦୃଶ୍ୟ ଆମ୍ଭମାନଙ୍କ ଉପାସନା ମଧ୍ୟ ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ହେବ ନାହିଁ । ଦ୍ୱିତୀୟରେ, ଆତ୍ମାର ଅର୍ଥ କଅଣ ? ଆତ୍ମାରେ ଉପାସନା କରିବା ଅର୍ଥ ସମସ୍ତ ମନ, ପ୍ରାଣ ଓ ଶକ୍ତି ଦେଇ ସମ୍ପୂର୍ଣ୍ଣ ହୃଦୟ ସହ ତାହାଙ୍କ ଉପାସନା କରିବା । ତେଣୁ ଆସ ଆମ୍ଭେମାନେ ସେହି ମହାନ ପରମେଶ୍ୱରଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରୁ ।

## ୨୩. ଦର୍କା

**(Dorcas - Who interrupted her own funeral)**

ଯାଫୋ ନାମକ ନଗରରେ ଟାବୀଥା ନାମ୍ନୀ ଏକ ମହିଳା ଥିଲେ, ଅନୁବାଦ କଲେ ଏହି ନାମର ଅର୍ଥ ଦର୍କା ବା ହରିଣୀ । ସତ୍‌କର୍ମ ଓ ଦାନ କ୍ରିୟାରେ ସୁପରିଚିତ ଦର୍କା ପୀଡିତ ହୋଇ ପ୍ରାଣତ୍ୟାଗ କରିବାରୁ ତାହାଙ୍କ ବନ୍ଧୁମାନେ ପ୍ରେରିତ ପିତରଙ୍କୁ ଖବର ପଠାଇ ଯାଫୋକୁ ଅଣାଇଲେ । ସମାଧି ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଦର୍କାଙ୍କ ଶରୀରକୁ ପିତର ପୁର୍ନଃଜୀବିତ କରିବାର ବିବରଣୀ ଆମ୍ଭେମାନେ ପ୍ରେରିତ ୯:୩୬-୪୩ ପଦ ଗୁଡ଼ିକରେ ପଢ଼ିପାରୁ । ଦର୍କାଙ୍କ ଧାର୍ମିକତା ତାହାଙ୍କୁ ପୁର୍ନଃଜୀବିତ କରି ନ ଥିଲା । କାରଣ କୌଣସି ଧାର୍ମିକ ବ୍ୟକ୍ତି ଆପଣା ଧାର୍ମିକତା ଯୋଗୁଁ ପୁର୍ନଃଜୀବିତ ହେବା ବିଷୟ ବାଇବଲ ବ୍ୟତୀତ ଆଉ କୌଣସି ପୁସ୍ତକରେ ଲିଖିତ ହୋଇ ନାହିଁ । ଦ୍ୱିତୀୟରେ, ଈଶ୍ୱରଭକ୍ତ ପ୍ରତ୍ୟେକ ବ୍ୟକ୍ତି ଇହଜଗତରୁ ପାରଦୀଶରେ ରହିବା ଅଧିକ ଶ୍ରେଷ୍ଠତର ମନେ କରନ୍ତି ! ତେବେ ପ୍ରେରିତ ପିତର ତାହାଙ୍କୁ କାହିଁକି ମୃତ୍ୟୁରୁ ପୁର୍ନଃଜୀବିତ କରିଥିଲେ ? ମୃତ୍ୟୁଞ୍ଜୟୀ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ମୃତ୍ୟୁକୁ ଜୟ କରି ପାରିବା ବୋଲି ସେଠାରେ ଉପସ୍ଥିତ ଲୋକମାନଙ୍କୁ ଜଣାଇବା ନିମନ୍ତେ ସେ ଦର୍କାଙ୍କ ଜୀବନ ନିମନ୍ତେ ପ୍ରାର୍ଥନା କରିଥିଲେ ।

### ଦୀର୍ଘଜୀବନ

(୧) ଦୀର୍ଘକାଳ ଜୀବନ ମନୁଷ୍ୟର ପ୍ରକୃତ ଜୀବନର ମାନଦଣ୍ଡ ନୁହେଁ । ପୁରାତନ ନିୟମର ସମୟରେ ଅନେକ ଦୀର୍ଘକାଳ ପର୍ଯ୍ୟନ୍ତ ଜୀବିତ ଥିଲେ ସୁଦ୍ଧା କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରି ନ ଥିଲେ ।

(୨) ଏହି ଜାଗତିକ ଭାବେ ସମ୍ପତ୍ତିଶାଳୀ ବ୍ୟକ୍ତିମାନେ ମଧ୍ୟ ପ୍ରକୃତ ଜୀବନର ଅଧିକାରୀ ନୁହନ୍ତି । "....କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ" (ଲୂକ ୧୨:୧୫) । ଅପାର ସମ୍ପତ୍ତି, ସମ୍ଭ୍ରମ ଓ ଗୌରବର ଅଧିକାରୀ ମହାରାଜା ଜ୍ଞାନୀ ଶଲୋମନ ସବୁ ଜାଗତିକ ବିଷୟ ଅସାର ବୋଲି ଆପଣା ନୀତିବାକ୍ୟରେ କହି ଅଛନ୍ତି ।

(୩) ଅନ୍ୟମାନଙ୍କ ଜୀବନ ସହିତ ଆମର ଜୀବନ ତୁଳନା କରି ଆପଣାକୁ ଶ୍ରେଷ୍ଠତର ମନେ କରିବା ମୂର୍ଖତାର ବିଷୟ । ପ୍ରେରିତ ପାଉଲଙ୍କ ଭାଷାରେ, "କାରଣ ଯେଉଁମାନେ ଆତ୍ମ ପ୍ରଶଂସା କରନ୍ତି, ସେମାନଙ୍କ ମଧ୍ୟରୁ କାହାରି କାହାରି ସାଙ୍ଗରେ ଆପଣା ଆପଣାକୁ ଗଣନା ବା ତୁଳନା କରିବାକୁ ଆମ୍ଭେମାନେ ସାହସ କରୁ ନାହୁଁ; କିନ୍ତୁ ସେମାନେ ନିଜେ ନିଜେ ଆପଣା ଆପଣାମାନଙ୍କ ଦ୍ୱାରା ଆପଣା ଆପଣାର ପରିମାଣ ଓ ଆପଣା ଆପଣା ସହିତ ଆପନା ଆପଣାର ତୁଳନା କରି ନିର୍ବୋଧତା ପ୍ରକାଶ କରନ୍ତି" (୨ୟ କରିନ୍ଥୀ ୧୦:୧୨) । ଓସାର ଓ ପ୍ରସସ୍ତ ପଥ ସର୍ବନାଶକୁ ଘେନି ଯାଏ । ଜୀବନ୍ତ ପରମେଶ୍ୱରଙ୍କ ବିଚାର ସମ୍ମୁଖରେ ଠିଆ ହୋଇ, "ମୁଁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠତର ବୋଲି ଆତ୍ମପ୍ରଶଂସା କଲେ ଆମ୍ଭେମାନେ କି ଧାର୍ମିକ ଗଣିତ ହୋଇପାରିବା ?"

## ପ୍ରକୃତ ଜୀବନର ମାନଦଣ୍ଡ କଅଣ ?

ଆମ୍ଭେମାନେ କିପରି ଭାବେ ଈଶ୍ୱରଙ୍କୁ ପ୍ରେମ କରୁଅଛୁ ? ଅମର ପରିବାର କୌଣସି ଜଟିଳ ସମସ୍ୟାର ସମ୍ମୁଖୀନ ହେଲେ ଈଶ୍ୱରଙ୍କ ପ୍ରତି ଆମର ପ୍ରେମର ପ୍ରକୃତ ପରୀକ୍ଷା ହୁଏ । ଦର୍କାଙ୍କ ମୃତ୍ୟୁ ପରେ ତାହାଙ୍କ ଦ୍ୱାରା ଉପକାର ପ୍ରାପ୍ତ ବିଧବାମାନେ ଦର୍କା ସେମାନଙ୍କ ସହ ଥିବା ସମୟରେ ଯେଉଁ ସବୁ ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ ବନାଇଥିଲେ ତାହା ସବୁ କାନ୍ଦି କାନ୍ଦି ପିତରଙ୍କୁ ଦେଖାଇଲେ । ତ'ଦ୍ୱାରା ଦର୍କାଙ୍କ କୋମଳ ଓ ପ୍ରେମୀ ହୃଦୟର ମନୋଭାବ ପ୍ରକାଶ ପାଏ । ଆମ୍ଭମାନଙ୍କ ପ୍ରତ୍ୟେକ କାର୍ଯ୍ୟ ଓ ପ୍ରତ୍ୟେକ କଥା ଆମ୍ଭମାନଙ୍କ ହୃଦୟର ସ୍ଥିତିର ନିଦର୍ଶନ ।

(୧) ଯୀଶୁ କହିଲେ, "ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟଟି ଏହାର ସଦୃଶ୍ୟ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର" (ମାଥିଉ ୨୨:୩୭-୩୯) । ଆମ୍ଭମାନଙ୍କ ଆଚରଣ ଆମ୍ଭମାନଙ୍କ ହୃଦୟରେ ଥିବା ଆତ୍ମିକ ବା ଜାଗତିକ ପ୍ରେମର ପରିମାଣ ନିରୂପଣ କରେ ।

(୨) କୌଣସି ମନୁଷ୍ୟ ଈଶ୍ୱରଙ୍କୁ ଓ ଜଗତ ଉଭୟକୁ ପ୍ରେମ କରି ନ ପାରେ । ଯେ ଜଗତକୁ ପ୍ରେମ କରେ ତାହାର ଅନ୍ତରରେ ଈଶ୍ୱରଙ୍କ ପ୍ରତି ପ୍ରେମ ନାହିଁ । ଜାଗତିକ ବିଷୟରେ ଆସକ୍ତ ହୋଇ ଆତ୍ମିକ ବିଷୟରେ ଅବହେଳା କରିବା ଲୋକେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବେ ନାହିଁ । ଆତ୍ମିକତାରେ ଉନ୍ନତି କରିବା କେବଳ ଏକ ଦିନର କାମ ନୁହେଁ, କିନ୍ତୁ ଦିନ ପ୍ରତିଦିନ ତାହା ଅଭ୍ୟାସ କରିବାକୁ ପଡ଼େ । ଅନେକେ ଉଭୟ ଜଗତକୁ ପ୍ରେମ କରିବାକୁ ଇଚ୍ଛା କରନ୍ତି, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଏପରି କହେ, "ସଂସାର କି ଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ; କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ" (୧ମ ଯୋହନ ୨:୧୫-୧୬) ।

(୩) ଆମ୍ଭମାନଙ୍କ ପ୍ରେମ ଆମ୍ଭମାନଙ୍କ କୌଣସିଟିକୁ ଘୃଣା କରିବାର ସ୍ୱଭାବକୁ ମଧ୍ୟ ପ୍ରକାଶ କରେ । ସତ୍ୟ ପ୍ରେମୀ ପ୍ରତ୍ୟେକେ ଅସତ୍ୟକୁ ଘୃଣା କରନ୍ତି । ଅସତ୍ୟ, ଦୁର୍ନିତି, ପ୍ରତାରଣା ଓ ସମସ୍ତ ଦୃଷ୍ଟତାରୁ ଆମ୍ଭମାନଙ୍କୁ ରକ୍ଷା କରିବା ନିମନ୍ତେ ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ସତ୍ୟକୁ ଘୃଣା କରି ଅସତ୍ୟକୁ ପ୍ରେମ କରିବା ଲୋକଙ୍କ ଅବସ୍ଥା କଅଣ ହେବ, ତାହା ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ ପଢ଼ି ପାରିବା । ସତ୍ୟକୁ ଗ୍ରହଣ କରିବା ଅପେକ୍ଷା ନିଜ ନିଜ ଅଧାର୍ମିକତାରେ ଆସକ୍ତ ହୋଇଥିବା ପ୍ରତ୍ୟେକ ଲୋକଙ୍କୁ ଦଣ୍ଡ ଦେବା ନିମନ୍ତେ ଈଶ୍ୱରଙ୍କ ନିକଟରୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରାଯାଇ ଅଛି (୨ୟ ଥେସଲନୀକି ୨:୧୦-୧୨) ।

## ଆମ୍ଭମାନଙ୍କ ଜୀବନର ମୂଳଦୂଆ

ଆମ୍ଭମାନଙ୍କ ଜୀବନ କେଉଁ ମୂଳଦୂଆ ଉପରେ ପ୍ରତିଷ୍ଠିତ ? ମାଥିଉ ୭:୨୪-୨୭ ପଦଗୁଡ଼ିକରେ ଯୀଶୁ ପ୍ରତ୍ୟେକ ମନୁଷ୍ୟ ପ୍ରସ୍ତର ବା ବାଲି କୌଣସି ଏକ ମୂଳଦୂଆ ଉପରେ ପ୍ରତିଷ୍ଠିତ ବୋଲି କହିଅଛନ୍ତି । କେଉଁମାନେ ପ୍ରସ୍ତର ମୂଳଦୂଆ ଉପରେ ପ୍ରତିଷ୍ଠିତ ? ପ୍ରଭୁଙ୍କର ବାକ୍ୟ ଶ୍ରବଣ କରି

ତଦ୍‌ନୁଯାୟୀ ଜୀବନଯାପନ କରିବା ଲୋକେ ପ୍ରସ୍ତର ଉପରେ ଗୃହ ବାନ୍ଧିଥିବା ବୁଦ୍ଧିମାନ ଲୋକଙ୍କ ସଦୃଶ୍ୟ । ଈଶ୍ୱରଙ୍କ ବାକ୍ୟର ଅବଜ୍ଞାକାରୀ ପ୍ରତ୍ୟେକେ ବାଲି ମୂଳଦୁଆ ଉପରେ ଘର ବାନ୍ଧିଥିବା ମୂର୍ଖ ଲୋକଙ୍କ ସଦୃଶ୍ୟ । ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ କିପରି ଭାବେ ପାଳନ କରୁଅଛ, ତାହା ଆମ୍ଭମାନଙ୍କ ମୂଳଦୁଆ ନିର୍ଣ୍ଣୟ କରେ । (୨) ଯୀଶୁ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ" (ମାର୍କ ୧୬:୧୬)। ".....ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା ଆପଣା ପାପରେ ମରିବ" (ଯୋହନ ୮:୨୪) । ".... ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ" (ଲୂକ ୧୩:୩) । ଯୀଶୁଖ୍ରୀଷ୍ଟଙ୍କର ଏହି ଆଜ୍ଞାଗୁଡ଼ିକର ଆଜ୍ଞାବହ ନ ହେଲେ ବାଲି ଉପରେ ଆପଣା ଘର ବାନ୍ଧିଥିବା ମୁର୍ଖଲୋକଙ୍କ ସଦୃଶ୍ୟ ଆମ୍ଭମାନଙ୍କ ପତନ ଭୟଙ୍କର ହେବ । ସମୟ ଥାଉଁ ଥାଉଁ ଆମ୍ଭମାନଙ୍କ ଜୀବନ ରୂପ ଗୃହ ଈଶ୍ୱରଙ୍କ ବାକ୍ୟ ରୂପ ମୂଳଦୁଆ ଉପରେ ପ୍ରତିଷ୍ଠିତ କଲେ ବୃଷ୍ଟି ବା ବତାସ ଆମ୍ଭମାନଙ୍କର କିଛି ନଷ୍ଟ କରି ପାରିବ ନାହିଁ ।

## ଆମ୍ଭମାନଙ୍କ ପ୍ରତିଭା

୧) ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପ୍ରତିଭାର ଅଧିକାରୀ । ଯୀଶୁଖ୍ରୀଷ୍ଟ ମାଥିଉ ୨୫:୧୪-୩୦ ରେ ପାଞ୍ଚଟି ତୋଡ଼ା, ଦୁଇ ତୋଡ଼ା ଓ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତିମାନଙ୍କ ଉଦାହରଣ ଦେଇଅଛନ୍ତି । ପାଞ୍ଚ ତୋଡ଼ା ଓ ଦୁଇ ତୋଡ଼ା ପାଇଥିବା ବ୍ୟକ୍ତିମାନେ ବ୍ୟବସାୟ କରି ତାହାଙ୍କ ତୋଡ଼ାର ଦୁଇଗୁଣ ଫଳ ପାଇଥିଲେ । କିନ୍ତୁ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତି ତାହା ନେଇ ମାଟି ତଳେ ପୋତି ରଖିବାରୁ ତାହାର ପ୍ରଭୁ ତାହାକୁ ଦୁଷ୍ଟ ଓ ଅଳସ ଦାସ ବୋଲି ଅନୁଯୋଗ କରିଥିଲେ । ଆମ୍ଭମାନଙ୍କୁ ଦତ୍ତ ତୋଡ଼ାକୁ ଆମ୍ଭେମାନେ କେବଳ ସୁଲାଭ ନିମନ୍ତେ ବ୍ୟବହାର କରୁଅଛୁ କି ? ଅନେକେ ଈଶ୍ୱରଙ୍କ ଦତ୍ତ ପ୍ରତିଭାକୁ ଈଶ୍ୱରଙ୍କ ସେବାରେ ବିନିଯୋଗ ନ କରି ସୁଲାଭରେ ବିନିଯୋଗ କରୁଅଛନ୍ତି ।

୨) ଦର୍କା ଆପଣା ସକ୍ଷମତାନୁଯାୟୀ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ ।

ଯାଫୋ ଏକ ବନ୍ଦର ସହର ହୋଇଥିବାରୁ ସମୁଦ୍ର ବ୍ୟବସାୟୀମାନେ ସେହି ସହରରେ ବାସ କରୁଥିଲେ । ଦର୍କା ସେମାନଙ୍କ ଆବଶ୍ୟକତାନୁଯାୟୀ ଓ ଆପଣା ସକ୍ଷମତାନୁଯାୟୀ ସେମାନଙ୍କୁ ସାହାଯ୍ୟ କରୁଥିଲେ । ସେ ସେଠାରେ ଥିବା ବିଧବାମାନଙ୍କୁ ଆବଶ୍ୟକୀୟ ଅଙ୍ଗବସ୍ତ୍ର ଯୋଗାଇ ସେମାନଙ୍କ ହୃଦୟରେ ସ୍ଥାନ ପାଇଥିଲେ । ଯୀଶୁ କହିଲେ, "ତୁମ୍ଭମାନଙ୍କ ମଧ୍ୟରେ ଯେଉଁ ଲୋକ ଶ୍ରେଷ୍ଠ, ସେ ତୁମ୍ଭମାନଙ୍କ ସେବକ ହେବ" (ମାଥିଉ ୨୩:୧୧) । ଦୀନହୀନ ଓ କ୍ଳେଶରେ ପିଡ଼ିତ ଲୋକମାନଙ୍କ ଆବଶ୍ୟକତାରେ ସାହାଯ୍ୟ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନର କର୍ତ୍ତବ୍ୟ । ସ୍ୱାର୍ଥପରତା ଓ ଅଳସ୍ୟତା ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ପ୍ରତିରୋଧ କରେ । ପ୍ରତିବାସୀର କ୍ଳେଶ ଓ ଯାତନାରେ ସାହାଯ୍ୟ ନ କଲେ, ପ୍ରତିବାସୀକୁ କିଭଳି ଆତ୍ମତୁଲ୍ୟ ପ୍ରେମ କରି ପାରିବା ? ଯାକୁବଙ୍କ ଅନୁଯାୟୀ "ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖାବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ" (ଯାକୁବ ୧:୨୭) ।

(୩) ଈଶ୍ୱର ଆପଣଙ୍କୁ ଲୋଡ଼ନ୍ତି:- ଈଶ୍ୱର ମନୁଷ୍ୟମାନଙ୍କ ଦ୍ୱାରା ଆପଣା କାର୍ଯ୍ୟ ସାଧନ କରନ୍ତି । ଈଶ୍ୱରଙ୍କ କାର୍ଯ୍ୟ ତାହାଙ୍କ ସନ୍ତାନମାନେ ନ କଲେ ଆଉ କିଏ କରିବ ? ତାହାଙ୍କ କାର୍ଯ୍ୟରେ ଆସକ୍ତ ନ ହୋଇ ତାହାଙ୍କଠାରୁ କେବଳ ମଙ୍ଗଳଦାନ କି ଆଶା କରୁଥିବା ? ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉପରେ ଈଶ୍ୱରଙ୍କ କାର୍ଯ୍ୟର ଭାର ରହିଅଛି । ଆମ୍ଭମାନଙ୍କ କର୍ତ୍ତବ୍ୟରେ ଅବହେଳା କଲେ ଈଶ୍ୱରଙ୍କ ବିଚାରରେ ଆମ୍ଭେମାନେ ଦୋଷୀ ହେବା । ଏହି ଅନ୍ଧକାର ଓ ନିଶାର ଜଗତ ଉଭୟ ଆଲୋକ ଓ ଲବଣ ସ୍ୱରୂପ ଖ୍ରୀଷ୍ଟିୟାନଙ୍କୁ ଆବଶ୍ୟକ କରେ । ଯିଶାଇୟଙ୍କ ସଦୃଶ୍ୟ, "ମୁଁ ଅଛି; ମୋତେ ପଠାଅ" (ଯିଶା ୬:୮) ବୋଲି କି ଆମେ କହି ପାରିବା ? ସମୟ ଅତି ଅଳ୍ପ, କାମ ବହୁତ, ତେଣୁ ଈଶ୍ୱର ତାହାଙ୍କ କାମ ନିମନ୍ତେ ଆପଣଙ୍କୁ ଲୋଡ଼ନ୍ତି ।

## ଆମ୍ଭମାନଙ୍କ ସ୍ୱଭାବ

"ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମେ" (ହିତୋ ୪:୨୩) ।

୧ ) ପ୍ରତ୍ୟେକ ମନୁଷ୍ୟ ତାହାର ସ୍ୱଭାବ ଦ୍ୱାରା ସ୍ମରଣୀୟ ହୁଏ । ଆମ୍ଭମାନଙ୍କ ବ୍ୟବହାର ଆମ୍ଭମାନଙ୍କ ସ୍ୱଭାବର ପ୍ରତୀକ । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ମନୋଭାବ ପୋଷଣ କରିବା ଆମ୍ଭମାନଙ୍କ ଜୀବନର ମୂଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ । ବାକ୍ୟ ଦାଉଦଙ୍କୁ 'ସଦାପ୍ରଭୁଙ୍କ ନିଜ ମନର ମତ ବ୍ୟକ୍ତି' (୧ ଶାମୁୟେଲ ୧୩:୧୪; ପ୍ରେରିତ ୧୩:୨୨) ବୋଲି କହେ । ଦାଉଦ ନିଜେ କହନ୍ତି, "ହେ ପରମେଶ୍ୱର, ମୋ' ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ' ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର" (ଗୀତ ୫୧:୧୦) ।  ଆମ୍ଭେ କି ଦାଉଦଙ୍କ ସଦୃଶ ଈଶ୍ୱରଙ୍କ ଇଚ୍ଛା ପାଳନ କରିବା ପାଇଁ ତତ୍ପର ?

୨) ପ୍ରତି ଜଣ ଆପଣା ଆପଣା ପରୀକ୍ଷା କରୁ:- ଆପଣା ଆପଣାକୁ ପରୀକ୍ଷା କରି ଆମ୍ଭମାନଙ୍କର କେଉଁ ବିଷୟର ଊଣା ଅଛି ତାହା ଜାଣି ଈଶ୍ୱରଙ୍କ ସେବା ଓ ମନୁଷ୍ୟମାନଙ୍କୁ ସାହାଯ୍ୟ କରିବାରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ । ଅନେକ ପୁରୁଷ-ସ୍ତ୍ରୀମାନେ ଅନ୍ୟମାନଙ୍କ ସେବାରେ ଆପଣା ଜୀବନ ଉତ୍ସର୍ଗ କରିବାର ବିଷୟ ବାଇବଲ ତଥା ଜାଗତିକ ଇତିହାସରେ ପଢ଼ି ପାରିଥାଉଁ ।

## ଆମ୍ଭମାନଙ୍କ ବାକ୍ୟ

ଆମ୍ଭମାନଙ୍କ ବାକ୍ୟ ବା କଥା ଆମ୍ଭମାନଙ୍କ ହୃଦୟର ପରିସ୍ଥିତି ଜଣାଏ । ଯେହେତୁ, "ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ..... ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ" (ମାଥିଉ ୧୨:୩୪-୩୭) । ଏହି ଜଗତରୁ ବିଦାୟ ନେଇ ପର ଜଗତକୁ ଚାଲି ଯାଇଥିବା ଲୋକେ ଆପଣା ବାକ୍ୟ ଦ୍ୱାରା ସ୍ମରଣୀୟ ହୁଅନ୍ତି । କାରଣ ଆମ୍ଭମାନଙ୍କ ବ୍ୟକ୍ତ ବାକ୍ୟ ଆମ୍ଭମାନଙ୍କ ପ୍ରକୃତ ବ୍ୟକ୍ତିତ୍ୱର ପରିଚୟ । କପଟ ଜିହ୍ୱାଠାରୁ ବିଷମୟ ଆଉ କିଛି ନାହିଁ । ଆମ୍ଭମାନଙ୍କ ଜିହ୍ୱା ଆମ୍ଭମାନଙ୍କ ଆତ୍ମିକ ସ୍ଥିତିର ପ୍ରତିବିମ୍ବ । ଯାକୁବଙ୍କ ଭାଷାରେ, "ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡ଼ୁଁ, ଯଦି କେହି ବାକ୍ୟରେ ଝୁଣ୍ଟି ନ ପଡ଼େ, ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ" (ଯାକୁବ ୩:୨) । ତେଣୁ ଆମ୍ଭମାନଙ୍କ ଜିହ୍ୱା ବିଷୟରେ ଆମ୍ଭେମାନେ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ ।

ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି ବୋଲି ଜ୍ଞାନୀ ଶଲୋମନ ହିତୋ ୬:୧୬-୧୭ ରେ କହିଅଛନ୍ତି । ସେଥି ମଧ୍ୟରୁ ତିନିଟି କୁକାର୍ଯ୍ୟ ଜିହ୍ୱା ଦ୍ୱାରା ହୁଏ ।

(କ) "ଅତଏବ, ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ତୁମ୍ଭେମାନେ ପରସ୍ପରର ଅଙ୍ଗପ୍ରତ୍ୟଙ୍ଗ" (ଏଫିସୀ ୪:୨୫) ।

(ଖ) "ପରମେଶ୍ୱରଙ୍କ ଦୟା ନିତ୍ୟସ୍ଥାୟୀ । ତୁମ୍ଭର ଜିହ୍ୱା ନିତାନ୍ତ ଦୁଷ୍ଟତା କଳ୍ପନା କରି ତୀକ୍ଷ୍ଣ କ୍ଷୁର ତୁଲ୍ୟ ପ୍ରବଞ୍ଚନା ପୂର୍ବକ କାର୍ଯ୍ୟ କରୁଅଛି" (ଗୀତ ୫୨:୨)।

(ଗ) "କାହାର କାହାର ବାଚାଳତା ଖଡ୍‌ଗାଘାତ ପରି; ମାତ୍ର ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟଜନକ" (ହିତୋ ୧୨:୧୮) ।

(ଘ) "ତୁମ୍ଭେ ସୁକର୍ମ ଅପେକ୍ଷା କୁକର୍ମକୁ ଓ ଧର୍ମ କଥା ଅପେକ୍ଷା ମିଥ୍ୟା କଥାକୁ ଅଧିକ ଭଲ ପାଉଅଛ" (ଗୀତ ୫୨:୩) ।

(ଙ) "ପାପଧମ ଲୋକ ଅନିଷ୍ଟ କଳ୍ପନା କରେ, ପୁଣି ତାହାର ଓଷ୍ଠରେ ଜ୍ୱଳନ୍ତା ଅଗ୍ନି ପରି ଥାଏ" (ହିତୋ ୧୬:୨୭) ।

(ଚ) "ମୂର୍ଖର ଓଷ୍ଠ ବିବାଦରେ ପ୍ରବର୍ତ୍ତେ, ପୁଣି ତାହାର ମୁଖ ମାଡ ଖାଇବାକୁ ଡ଼ାକେ" (ହିତୋ ୧୮:୬) ।

(ଛ)"ଯେ ହିଂସା ଆଚ୍ଛାଦନ କରେ, ତାହାର ଓଷ୍ଠାଧର ମିଥ୍ୟାବାଦୀ; ପୁଣି ଯେ ଅପବାଦ ରଟନା କରଇ, ସେ ଅଜ୍ଞାନ" (ହିତୋ ୧୦:୧୮) । ଏହିପରି ସର୍ବନାଶକାରୀ ଜିହ୍ୱାକୁ ବଶୀଭୂତ ନ କଲେ ଆମ୍ଭେମାନେ କିପରି ବୁଦ୍ଧିମାନ ରୂପେ ପରିଗଣିତ ହୋଇ ପାରିବା ?

(113)

## ସୁମିଷ୍ଟଭାଷୀ ଜିହ୍ୱା

ଅନ୍ୟ ପକ୍ଷରେ ସେହି ଜିହ୍ୱା ସୁମିଷ୍ଟ ଓ ମନୋହର କଥା ମଧ୍ୟ କହେ । "ମନୋହର ଭାଷା ମଧୁଚକ୍ର ସଦୃଶ, ତାହା ମନକୁ ସୁମିଷ୍ଟ, ଅସ୍ଥିକି ସ୍ୱାସ୍ଥ୍ୟ" (ହିତୋ ୧୬:୨୪) । ବୁଦ୍ଧିମତୀ ସ୍ତ୍ରୀ ବିଷୟରେ ଜ୍ଞାନୀ ଶଲୋମନ କହନ୍ତି, "ସେ ଜ୍ଞାନରେ ଆପଣା ମୁଖ ଫିଟାଏ; ତାହାର ଜିହ୍ୱାରେ ଦୟାର ବ୍ୟବସ୍ଥା ଥାଏ" (ହିତୋ ୩୧:୨୬) । ଜ୍ଞାନୀ ଓ ନମ୍ର ବ୍ୟକ୍ତିର କଥା ମନୁଷ୍ୟ ତଥା ଈଶ୍ୱରଙ୍କ ଦୃଷ୍ଟିର ସନ୍ତୋଷଦାୟକ ଅଟେ । ଲେଖାଯାଏ, "ଆପଣା ମୁଖର ଉତ୍ତରରେ ମନୁଷ୍ୟର ଆନନ୍ଦ ହୁଏ, ପୁଣି ଯଥାକାଳର କଥା କେମନ୍ତ ଉତ୍ତମ !" (ହିତୋ ୧୫:୨୩) । "ଶାନ୍ତ ଜିହ୍ୱା ଜୀବନ-ବୃକ୍ଷ ସ୍ୱରୂପ; ପୁଣି, କୁଟିଳ ଜିହ୍ୱା ଆତ୍ମା ଭଙ୍ଗ କରେ" (ହିତୋ ୧୫:୪) । "ଯଥୋଚିତମତେ କଥିତ ବାକ୍ୟ ରୂପା-ପାତ୍ରରେ ସୁବର୍ଣ୍ଣ ନାରଙ୍ଗ ତୁଲ୍ୟ" (ହିତୋ ୨୫:୧୧)।

"ମରଣ ଓ ଜୀବନ ଜିହ୍ୱାର ଅଧୀନ; ଯେଉଁମାନେ ତାକୁ ଭଲ ଜାଣନ୍ତି, ସେମାନେ ତାହାର ଫଳ ଭୋଗିବେ" (ହିତୋ ୧୮:୨୧) । ଯୀଶୁ ମାଥିଉ ୧୨:୩୭ରେ ସତର୍କ କରାନ୍ତି "ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ" । ଈଶ୍ୱର ଦତ୍ତ ଏହି ବାକ୍‌ଶକ୍ତି ଦାନକୁ ସତ୍‌ବ୍ୟବହାର କରି ତାହାଙ୍କ ଆଜ୍ଞାଧୀନ ହୋଇ ରହିଲେ ଅନନ୍ତ ଜୀବନର ଅଧିକାରୀ ହୋଇ ପାରିବା ।

# ୨୪. ପ୍ରୀସ୍କିଲ୍ଲା

**(Priscilla - A teacher of God's word)**

ଯିହୁଦୀମାନଙ୍କୁ ରୋମରୁ ବାହାରି ଯିବାକୁ କ୍ଲାଉଦିଅ ରାଜା ଆଜ୍ଞା କରିଥିବା ସମୟରେ ଆକ୍ୱିଲା ଓ ତାହାଙ୍କ ପତ୍ନୀ ପ୍ରୀସ୍କିଲ୍ଲା ଇତାଲିଆରୁ କରିନ୍ଥୀକୁ ଆସି ନିବାସ କଲେ (ପ୍ରେରିତ ୧୮:୨) । ସେମାନେ ବ୍ୟବସାୟରେ ତମ୍ବୁ ନିର୍ମାଣକାରୀ ହୋଇଥିବାରୁ ସେମାନଙ୍କୁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ପଡୁଥିଲା । ସେମାନେ କରିନ୍ଥୀ, ଏଫିସୀ ଓ ରୋମରେ ନିବାସ କରୁଥିଲେ ବୋଲି ବାକ୍ୟରେ କୁହାଯାଏ । ପ୍ରୀସ୍କିଲ୍ଲା ଆଜି ଯଦି ଜୀବିତ ଥାନ୍ତେ, ତାହାଙ୍କ ସୁଖ୍ୟାତି ମଣ୍ଡଳୀ ସମୂହରେ ବିସ୍ତାରିଥାନ୍ତା । ତାହାଙ୍କ ନିଷ୍କପଟ ସେବା ସକାଶେ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ଇତିହାସରେ ସେ ଏକ ବିଶିଷ୍ଟ ସ୍ଥାନ ପାଇ ଅଛନ୍ତି ।

## ପ୍ରୀସ୍କିଲ୍ଲାଙ୍କ ସେବା

୧) ସେ ଆପଣା ସ୍ୱାମୀ ଆକ୍ୱିଲାଙ୍କ ପ୍ରକୃତ ସହକାରିଣୀ ଥିଲେ । ମନୁଷ୍ୟ ଏକାକୀ ରହିବା ଭଲ ନୁହେଁ ବୋଲି ସଦାପ୍ରଭୁ ପରମେଶ୍ୱର ତାହାର ସାଥୀ ରୂପେ ସ୍ତ୍ରୀକୁ ସୃଷ୍ଟି କଲେ । ଆପଣା ପତ୍ନୀର ଉତ୍ସାହ ଓ ସହଭାଗିତା ଦ୍ୱାରା ପୁରୁଷ ଆହୁରି ଅଧିକ ଭାବେ ଈଶ୍ୱରଙ୍କ ସେବା କରିପାରିବ । ପ୍ରେରିତ ୧୮:୨,୨୬; ରୋମୀୟ ୧୬:୩; ୨ୟ ତୀମୋଥି ୪:୧୯, ୧ମ କରିନ୍ଥୀ ୧୬:୧୯ ପ୍ରଭୃତି ପଦ ଗୁଡ଼ିକରେ ଉଭୟଙ୍କ ନାମ ଜଡ଼ିତ ଭାବେ ଲେଖାଯାଇଥିବା ପଢ଼ିଥାଉଁ । ତ'ଦ୍ୱାରା ସେମାନେ ତମ୍ବୁ ନିର୍ମାଣ ବ୍ୟବସାୟ ତଥା ଈଶ୍ୱରଙ୍କ ବାକ୍ୟ ପ୍ରଚାର ଏକାଠି ମିଳିତ ଭାବେ କରୁଥିଲେ ବୋଲି ଜାଣିପାରୁ ।

୨) କରିନ୍ଥୀରେ ଆକ୍ୱିଲା ଓ ପ୍ରୀସ୍କିଲ୍ଲା ଥିବାବେଳେ ସମବ୍ୟବସାୟୀ ହୋଇଥିବାରୁ ପ୍ରେରିତ ପାଉଲ ତାହାଙ୍କ ସହିତ ସାକ୍ଷାତ କରିଥିଲେ । ପ୍ରଭୁଙ୍କ ପ୍ରତି ସେମାନଙ୍କ ପ୍ରଗାଢ଼ ପ୍ରେମ ହେତୁ ସେମାନେ ପ୍ରେରିତ ପାଉଲଙ୍କ ନିମନ୍ତେ ଆପଣା ଆପଣା ପ୍ରାଣକୁ ବିପଦଗ୍ରସ୍ତ କରିଥିଲେ (ରୋମୀୟ ୧୬:୪) । ତିନିଜଣଙ୍କ ସେବା ଫଳରେ ସମାଜ ଗୃହର ଅଧିକାରୀ କ୍ରୀଷ୍ପ ସପରିବାରେ ପ୍ରଭୁଙ୍କଠାରେ ବିଶ୍ୱାସ କଲେ । "......ଆଉ କରିନ୍ଥୀୟମାନଙ୍କ ମଧ୍ୟରୁ ଅନେକେ

ଶୁଣି ବିଶ୍ୱାସ କରିବାକୁ ଲାଗିଲେ ଓ ବାପ୍ତିଜିତ ହେଲେ” (ପ୍ରେରିତ ୧୮:୮)। ପ୍ରେରିତ ପାଉଲଙ୍କ ସହିତ ମିଶି କାମ କରିଥିବାରୁ ସୁସମାଚାର ପ୍ରଚାରର ଅନୁଭୂତି ଓ ଜ୍ଞାନଲାଭ କରିବାରେ ସୁଯୋଗ ପାଇଥିଲେ ।

(୩) ରୋମରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରୀସ୍କିଲ୍ଲାଙ୍କ ଗୃହରେ ସମାବେଶ ହେଉଥିଲେ (ରୋମୀୟ ୧୬:୫) । ତ'ଦ୍ୱାରା ପ୍ରୀସ୍କିଲ୍ଲାଙ୍କ ଅତିଥି ପରିଚର୍ଯ୍ୟାର କାର୍ଯ୍ୟ ଯେ ଆହୁରି ବଢ଼ି ଯାଇଥିବ, ତହିଁରେ କିଛି ସନ୍ଦେହ ନାହିଁ । କିନ୍ତୁ ପ୍ରୀସ୍କିଲ୍ଲା ଏହି ଈଶ୍ୱରଙ୍କ କାର୍ଯ୍ୟକୁ ଏକ ଭାର ରୂପେ କେବେ ମନେ କରୁ ନ ଥିଲେ ।

(୪) ଅନ୍ୟ ମାନଙ୍କୁ ପ୍ରଭୁଙ୍କ ବିଷୟରେ ଶିକ୍ଷା ଦେବା ଠାରୁ ଅଧିକ ଶ୍ରେଷ୍ଠତର କାମ ଆଉ କଅଣ ଅଛି ? ପ୍ରୀସ୍କିଲ୍ଲା ଅନ୍ୟମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବାରେ ସର୍ବଦା ପ୍ରସ୍ତୁତ ଥିଲେ ।

## ଆପଲ୍ଲଙ୍କ ପରିବର୍ତ୍ତନରେ ତାହାଙ୍କ ଭୂମିକା

ଆପଲ୍ଲ ଜଣେ ସୁବକ୍ତା ଓ ଧର୍ମଶାସ୍ତ୍ରରେ ଶକ୍ତିଶାଳୀ ଯିହୁଦୀ ଥିଲେ । ସେ ଏଫିସକୁ ଆସି ପ୍ରଭୁଙ୍କ ମାର୍ଗ ବିଷୟରେ ଶିକ୍ଷା ଦେଉଥିଲେ କିନ୍ତୁ ସେ କେବଳ ଯୋହନଙ୍କ ବାପ୍ତିସ୍ମ ବିଷୟରେ ଜାଣିଥିଲେ । ତେଣୁ ଆକ୍ୱିଲା ଓ ପ୍ରୀସ୍କିଲ୍ଲା ତାହାଙ୍କୁ ଆପଣାମାନଙ୍କ ସାଙ୍ଗରେ ରଖି ଅଧିକ ସୂକ୍ଷ୍ମଭାବେ ଈଶ୍ୱରଙ୍କ ମାର୍ଗ ବିଷୟରେ ବୁଝାଇ ଦେଇଥିଲେ (ପ୍ରେରିତ ୧୮:୨୪-୨୬) । ମଣ୍ଡଳୀରେ ସ୍ତ୍ରୀ ନିରବ ରହିବା ପାଇଁ ବାକ୍ୟ କହେ, ତେଣୁ ପ୍ରୀସ୍କିଲ୍ଲା ମଣ୍ଡଳୀରେ ତାହାଙ୍କୁ ଶିକ୍ଷା ନ ଦେଇ ଆପଣା ଗୃହରେ ଶିକ୍ଷା ଦେଇଥିଲେ । ମଣ୍ଡଳୀ ବ୍ୟତୀତ ସ୍ତ୍ରୀମାନେ ଅନେକ ପ୍ରକାରେ ଅନ୍ୟମାନଙ୍କୁ ଶିକ୍ଷା ଦେଇ ପାରନ୍ତି ବୋଲି ପ୍ରୀସ୍କିଲ୍ଲାଙ୍କ ଉଦାହରଣରୁ ବୁଝିପାରୁ । ଆପଲ୍ଲଙ୍କୁ ଆପଣା ଗୃହରେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇ ପ୍ରୀସ୍କିଲ୍ଲା ଆଜ୍ଞାବହତାର ସୁନ୍ଦର ଉଦାହରଣ ଦେଖାଇ ଦେଇ ଅଛନ୍ତି ।

ଡୁବକ ଯୋହନ ପ୍ରଭୁଙ୍କ ସକାଶେ ଏକ ପ୍ରଜାମଣ୍ଡଳୀ ପ୍ରସ୍ତୁତ କରିବାକୁ ମନପରିବର୍ତ୍ତନର ବାପ୍ତିସ୍ମ ଦେଉଥିଲେ । ଏହି ବାପ୍ତିସ୍ମ ଈଶ୍ୱରଙ୍କଠାରୁ ଦତ୍ତ

ହୋଇଥିଲା । ପେଣ୍ଟିକଷ୍ଟ ଦିନରୁ ଖ୍ରୀଷ୍ଟଙ୍କ ବାପ୍ତିସ୍ମ ଆରମ୍ଭ ହେବା ସମୟରୁ ଯୋହନଙ୍କ ବାପ୍ତିସ୍ମ ଆଉ ଅମଳରେ ନ ଥିବା ବିଷୟ ଆପଲ୍ଲ ବୁଝିପାରି ନ ଥିଲେ । ତାହା ପ୍ରମାଣିତ କରିବା ନିମନ୍ତେ ପ୍ରେରିତ ପାଉଲ ଏଫିସୀରେ ଯୋହନଙ୍କ ବାପ୍ତିସ୍ମରେ ବାପ୍ତିଜିତ ୧୨ ଜଣଙ୍କୁ ପୁନଃର୍ବାର ବାପ୍ତିସ୍ମ ଦେବାର ବିବରଣ ଆମ୍ଭେମାନେ ପ୍ରେରିତ ୧୯:୧-୫ ପଦ ଗୁଡ଼ିକରେ ପଢ଼ିଥାଉ । ଯୋହନଙ୍କ ବାପ୍ତିସ୍ମ କେବଳ ମନପରିବର୍ତ୍ତନ ନିମନ୍ତେ କିନ୍ତୁ ଖ୍ରୀଷ୍ଟଙ୍କ ବାପ୍ତିସ୍ମ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ପାପକ୍ଷମା ନିମନ୍ତେ ଦତ୍ତ ହୋଇଅଛି ।

ଆପଲ୍ଲ ଆପଣା ଅଜ୍ଞାନତା ଜ୍ଞାତ ହୋଇ ସତ୍ୟ ଗ୍ରହଣ କରିବାରେ ସମ୍ମତ ହେଲେ । ଈଶ୍ୱରଙ୍କଠାରେ ପରିବର୍ତ୍ତନ ନାହିଁ । ଈଶ୍ୱର ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ମନୁଷ୍ୟମାନଙ୍କୁ ଅନେକ ଆଜ୍ଞା ଦେଇ ଆସୁଅଛନ୍ତି । ପୁରାତନ ନିୟମର ସମୟ ସଦୃଶ୍ୟ ସେ ଆମ୍ଭମାନଙ୍କ ନିକଟରୁ ପଶୁବଳି ଚାହାନ୍ତି ନାହିଁ । ଏହି ନୂତନ ନିୟମର ଶାସନ କାଳରେ ଆମ୍ଭେମାନେ ଆମ୍ଭମାନଙ୍କ ଶରୀରକୁ, ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କରିବା ନିମନ୍ତେ ବାକ୍ୟ କହେ । ତେଣୁ କରି ଆମ୍ଭେମାନେ କେଉଁ ନିୟମାଧିନ ତାହା ସର୍ବପ୍ରଥମେ ବୁଝିବା ଆବଶ୍ୟକ ।

ମାଥିଉ ୧୬:୧୮ରେ ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀ ତୋଳିବା ପାଇଁ ପ୍ରତିଜ୍ଞା କରିଥିଲେ । ସେ ଆପଣା ସ୍ୱର୍ଗାରୋହଣ ପରେ ଶିଷ୍ୟମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବାକୁ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବେ ବୋଲି ଆଶ୍ୱାସନା ଦେଇଥିଲେ । ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ସେ ସେମାନଙ୍କୁ ଯିରୁଶାଲମରେ ରହିବା ପାଇଁ ଆଜ୍ଞା ଦେଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାନୁଯାୟୀ ସେମାନେ ଯିରୁଶାଲମରେ ଅପେକ୍ଷା କରୁଥିବା ସମୟରେ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କରିଥିଲେ (ପ୍ରେରିତ ୨:୧-୪) । ପିତର ଓ ଏକାଦଶ ଶିଷ୍ୟ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାରୁ ଲୋକେ ଶୁଣି ତାହାଙ୍କୁ ପଚାରିଲେ, "…..ଭାଇମାନେ, ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ

ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ" (ପ୍ରେରିତ ୨:୩୭-୩୮) । ପେଣ୍ଟିକଷ୍ଟ ଦିନରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପନ ସମୟ ଠାରୁ ଖ୍ରୀଷ୍ଟିୟ ଯୁଗର ଆରମ୍ଭ ହେଲା । ସେହି ସମୟରେ ଶିଷ୍ୟମାନେ ଏହି ଜଗତରେ ନୂତନ ନିୟମ ପ୍ରଚଳନର ଶୁଭାରମ୍ଭ କରିଥିଲେ ।

## ସତ୍ୟ ଜ୍ଞାତ ହେବାର ପ୍ରୟୋଜନୀୟତା

ଆମ୍ଭମାନଙ୍କ ଜୀବନ ଆମ୍ଭମାନଙ୍କ ବିଶ୍ୱାସ ଉପରେ ନିର୍ଭର କରେ । ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରଭେଦ କିଛି ନ ଥିଲେ ଆପଲ୍ଲଙ୍କୁ ସତ୍ୟ ବିଷୟରେ ଶିକ୍ଷା ଦେବା ପାଇଁ ପ୍ରୀସ୍କିଲ୍ଲା ଆବଶ୍ୟକ ମନେ କରି ନ ଥାନ୍ତେ । "....ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ" ବୋଲି ଯୀଶୁ ଯୋହନ ୮:୩୨ରେ କହିଅଛନ୍ତି ।  ସତ୍ୟ ଜ୍ଞାତ ନ ହେଲେ ଜଣେ ପାପରୁ ମୁକ୍ତ କି ନାହିଁ କିପରି ଜାଣିପାରିବା ? ସତ୍ୟର ପରିବର୍ତ୍ତନ ନାହିଁ । ଆପଣଙ୍କ ଜନ୍ମ ଦିନକୁ କିଏ ପରିବର୍ତ୍ତନ କରିପାରିବ ନାହିଁ କାରଣ ତାହା ସତ୍ୟ ଅଟେ । ସେହିପରି ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନଃରୁତ୍‌ଥାନର ସତ୍ୟକୁ କେହି ପରିବର୍ତ୍ତନ କରିପାରେ ନାହିଁ । ସଦାପ୍ରଭୁ ପରମେଶ୍ୱର ଗୋଟିଏ ନିୟମ ମୋଶାଙ୍କୁ ଦେଇଥିଲେ । ସେହି ନିୟମ ଯୀଶୁ ପାଳନ କରି ସଫଳ କରିଥିଲେ ଓ ସେ ଆମକୁ ନୂତନ ନିୟମ ପ୍ରଦାନ କରିଅଛନ୍ତି । ଦୁଇର ଦୁଇଗୁଣ ଚାରି ବୋଲି ଏହି ଗାଣିତିକ ସୂତ୍ର ଯେପରି ସତ୍ୟ ଓ ଅପରିବର୍ତ୍ତନୀୟ, ସେହିପରି ଖ୍ରୀଷ୍ଟଙ୍କ ନିୟମ ସକଳ ସତ୍ୟ ଓ ଅପରିବର୍ତ୍ତନୀୟ ।

ସତ୍ୟ କଅଣ ଅଟେ ତାହା ଆମ୍ଭେମାନେ କିପରି ଜାଣିପାରିବା । ଯୀଶୁ କହିଲେ, "ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ" (ଯୋହନ ୧୭:୧୭) । ଆତ୍ମିକ ସତ୍ୟର କେବଳ ଏକମାତ୍ର ଭଣ୍ଡାର ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ।

## ପ୍ରଚାର କାର୍ଯ୍ୟରେ ପ୍ରୀସ୍କିଲ୍ଲାଙ୍କ ତତ୍ପରତା

ଈଶ୍ୱରଙ୍କ ବାକ୍ୟ ପ୍ରଚାର ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ସୁସମାଚାର ପ୍ରଚାରକ ସଦୃଶ୍ୟ ସର୍ବଦା ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ । ଏହାର ଉଦାହରଣ ପ୍ରୀସ୍କିଲ୍ଲା ।

(୧) ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନର ପ୍ରଥମ କର୍ତ୍ତବ୍ୟ । ଯୀଶୁ କହିଲେ, "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି" (ମାଥିଉ ୨୮:୧୯-୨୦)। ଏହି ଆଜ୍ଞା ପ୍ରତ୍ୟେକ ଖ୍ରୀଷ୍ଟିୟାନ ପାଇଁ ଉଦ୍ଦିଷ୍ଟ କିନ୍ତୁ କେବଳ କେତେକ ତାହା ପାଳନ କରନ୍ତି ।

(୨) ଈଶ୍ୱରଙ୍କ ବାକ୍ୟ ଶକ୍ତିଯୁକ୍ତ ଅଟେ । ବାକ୍ୟ ଦ୍ୱାରା ସମସ୍ତ ସୃଷ୍ଟିର ସୃଷ୍ଟ ହେଲା; ବତାସ ଓ ତୋଫାନ ସ୍ଥଗିତ ହୋଇଥିଲା, ପାଣି ଦ୍ରାକ୍ଷାରସରେ ବଦଳିଥିଲା । ଶକ୍ତିଯୁକ୍ତ ବାକ୍ୟ ପାପୀର ଆତ୍ମା ରକ୍ଷା କରେ । ଈଶ୍ୱରଙ୍କ ବାକ୍ୟର ଶକ୍ତି ଦ୍ୱାରା କଠିନ ହୃଦୟୀ ଯିହୁଦୀମାନଙ୍କ ହୃଦୟ ବିଦୀର୍ଣ୍ଣ ହେଲା; ଏହା ଫଳରେ ପେଣ୍ଟିକଷ୍ଟ ଦିନ ତିନି ହଜାର ଲୋକ ମନ ପରିବର୍ତ୍ତନ କରି ବାପ୍ତିଜିତ ହୋଇଥିଲେ ।

(୩) ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ଜଗତର ସବୁ କାର୍ଯ୍ୟଠାରୁ ଶ୍ରେଷ୍ଠତମ କାର୍ଯ୍ୟ । ଯୀଶୁଖ୍ରୀଷ୍ଟ ଏବେ ପର୍ଯ୍ୟନ୍ତ ସର୍ବୋତ୍ତମ ଶିକ୍ଷକ ରୂପେ ପରିଚିତ ।

(୪) ପ୍ରତ୍ୟେକ ବ୍ୟକ୍ତିଗତ ଭାବେ ସୁସମାଚାର ପ୍ରଚାର କରିବା ଆବଶ୍ୟକ । ଏହିପରି ଭାବେ ଈଶ୍ୱରଙ୍କ ସୁସମାଚାର ଅନେକଙ୍କୁ ଶୁଣାଇ ପାରିଥାଉଁ ।

(୫) ମନୁଷ୍ୟ ଆତ୍ମାର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା କେତେ ସୌଭାଗ୍ୟର ବିଷୟ !

(୬) ଈଶ୍ୱରଙ୍କ କାର୍ଯ୍ୟରେ ବ୍ୟବହୃତ ହେବା ସନ୍ତୋଷଜନକ ବିଷୟ । ଅନ୍ୟମାନଙ୍କୁ ଶିକ୍ଷା ଦେଇ ଈଶ୍ୱରଙ୍କ ଶକ୍ତି ଜ୍ଞାତ କରାଇବା ପ୍ରତ୍ୟେକ ଈଶ୍ୱରଭକ୍ତଙ୍କ ଆତ୍ମତୃପ୍ତିର କାର୍ଯ୍ୟ । ଆମେ ତ୍ୟାଗ ଓ କଷ୍ଟ ବିନା ଈଶ୍ୱରଙ୍କ ବାକ୍ୟ ପ୍ରଚାର କରି ନ ପାରୁ, କିନ୍ତୁ ଆମ୍ଭମାନଙ୍କ ଶ୍ରମର ଫଳ ଆମ୍ଭମାନଙ୍କୁ ତୃପ୍ତ କରିଥାଏ ।

(୭) ପ୍ରେରିତ ପାଉଲ କହନ୍ତି, "......ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ" (ରୋମୀୟ ୧୪:୧୨) । ତେଣୁ ସମୟ ବ୍ୟର୍ଥ ନ କରି ମନୁଷ୍ୟମାନଙ୍କ ଆତ୍ମା ରକ୍ଷା ନିମନ୍ତେ ତତ୍ପର ହୋଇ ପ୍ରଭୁଙ୍କ ବାକ୍ୟ ପ୍ରଚାର କରୁ । "ଶସ୍ୟ ସଂଗ୍ରହର ସମୟ ଗତ ହେଲା, ଗ୍ରୀଷ୍ମକାଳ ଶେଷ ହେଲା, ମାତ୍ର ଆମ୍ଭମାନଙ୍କର ପରିତ୍ରାଣ ହୋଇନାହିଁ" (ଯିରିମିୟ ୮:୨୦) । ସମୟ ଥାଉ ଥାଉ ଆସ ଆମ୍ଭେମାନେ ପ୍ରୀସ୍କିଲ୍ଲାଙ୍କ ସଦୃଶ ଅନ୍ୟମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବାରେ ଆପଣା ଆପଣାକୁ ନିୟୋଜିତ କରୁଁ ।

## ୨୫. ଇୟଦିଆ ଓ ସୁନ୍ତୁଖୀ

**(Euodias and Syntyche - Mentioned together but far apart)**

ପ୍ରେରିତ ପାଉଲ ଇଉରୋପରେ ସୁସମାଚାର ପ୍ରଚାର ଆରମ୍ଭ କରିବା ସମୟରେ ଲୁଦିଆ ଓ ତାହାଙ୍କ ପରିବାର ପ୍ରଥମେ ଖ୍ରୀଷ୍ଟିୟାନ ହୋଇଥିଲେ । ତାହାଙ୍କ ସେବା ଫଳରେ ଫିଲିପିରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧି ଘଟିଥିଲା । ପ୍ରେରିତ ପାଉଲଙ୍କ ପ୍ରତ୍ୟେକ ଆବଶ୍ୟକତାରେ ଏହି ମଣ୍ଡଳୀ ଯତ୍ନ ନେଉଥିବାରୁ ତାହାଙ୍କ ଏହି ମଣ୍ଡଳୀ ସହିତ ଘନିଷ୍ଠ ସଂପର୍କ ଥିଲା ।

ଫିଲିପିରେ ମଣ୍ଡଳୀ ସ୍ଥାପିତ ହେବାର ପ୍ରାୟ ଏଗାର ବର୍ଷ ପରେ ପ୍ରେରିତ ପାଉଲ ରୋମୀୟ ସମ୍ରାଟଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ରୋମର ବନ୍ଦୀତ୍ୱ ଅବସ୍ଥାରେ ସେ ଫିଲିପି ମଣ୍ଡଳୀକୁ ଏକ ସୁନ୍ଦର ପତ୍ର ଲେଖିଥିଲେ । ଏହି ପତ୍ର ତାହାଙ୍କ ହୃଦୟର ଆଶା, ଭରସା ଓ ଆନନ୍ଦର ପ୍ରତିବିମ୍ବ । ସେ ଫିଲିପି ୪:୨ ପଦରେ "ପ୍ରଭୁଙ୍କଠାରେ ଏକମନା ହେବା ନିମନ୍ତେ ମୁଁ ଇୟଦିଆ ଓ ସୁନ୍ତୁଖୀ ଉଭୟଙ୍କୁ ଅନୁରୋଧ କରୁଅଛି" ବୋଲି କହନ୍ତି । ଏହି ଦୁଇ ସ୍ତ୍ରୀଙ୍କ ମଧ୍ୟରେ ଥିବା ମତଭେଦର କାରଣ କୁହା ଯାଇନାହିଁ, କିନ୍ତୁ ତାହା ତ୍ୟାଗ କରି ଏକମନା ହୋଇ ରହିବା ନିମନ୍ତେ ପାଉଲ ଅନୁରୋଧ କରନ୍ତି । ଶାନ୍ତି ଓ ସହଭାଗିତାରେ ରହିବା ନିମନ୍ତେ ପ୍ରଭୁ ସବୁକାଳରେ ଆଦେଶ ଦେଇ ଆସୁଛନ୍ତି, ତଥାପି ମନୁଷ୍ୟ ଜାତି ମଧ୍ୟରେ ତାହାର ଅଭାବ ସବୁବେଳେ ରହି ଆସୁଛି । ଏହି ନିତ୍ୟ ଚିରନ୍ତନ ସମସ୍ୟାର ବିଶ୍ଳେଷଣ ବିନା ଆମର ଶିକ୍ଷା ଅଧୁରା ରହିଯିବ ।

### ଐକ୍ୟ ରକ୍ଷା ପାଇଁ ଯୀଶୁଙ୍କ ପ୍ରାର୍ଥନା

ତାହାଙ୍କ ଅନୁକାରୀମାନେ ଏକତାରେ ରହିବା ନିମନ୍ତେ ପ୍ରଭୁ ଇଚ୍ଛା କରନ୍ତି । "........ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି; ହେ ପିତା, ତୁମ୍ଭେ ଯେପରି ମୋ'ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ" (ଯୋହନ ୧୭:୨୧) । ତଥାପି ଆଜି

ଜଗତରେ ପ୍ରାୟ ପାଞ୍ଚ ଶହରୁ ଅଧିକ ଭିନ୍ନ ଭିନ୍ନ ମଣ୍ଡଳୀ ସ୍ଥାପିତ ହୋଇଅଛି । ଯୀଶୁ ପ୍ରଭୁ କେବଳ ଏକତା ନିମନ୍ତେ ପ୍ରାର୍ଥନା କରି ନ ଥିଲେ କିନ୍ତୁ ଏକମାତ୍ର ମଣ୍ଡଳୀ ସ୍ଥାପନ କରିବା ନିମନ୍ତେ ପ୍ରତିଜ୍ଞା କରି ଥିଲେ (ମାଥିଉ ୧୬:୧୮)। ତାହାଙ୍କ ସ୍ୱର୍ଗାରୋହଣ ପରେ ପେଣ୍ଟିକଷ୍ଟଦିନରେ ଏହି ପ୍ରତିଜ୍ଞା ସଫଳ ହୋଇଥିଲା । ଏଫିସୀ ମଣ୍ଡଳୀକୁ ପାଉଲ କହନ୍ତି, "ଶାନ୍ତି ରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ" (ଏଫିସୀ ୪:୩) । ପୁନର୍ବାର କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ" (୧ମ କରିନ୍ଥୀ ୧:୧୦) ।

ଆମ୍ଭେମାନେ କିପରି ବିଶ୍ୱାସରେ ଏକତା ଲାଭ କରିପାରିବା ? ବିଭିନ୍ନ ସିଦ୍ଧାନ୍ତର ସମଷ୍ଟି ବା ବିଭିନ୍ନ ମତଶାଖାର ଏକତ୍ର ମିଳନ ଦ୍ୱାରା କି ଏକତା ସମ୍ଭବ ? ଏହିପରି ଏକତା କ୍ଷଣସ୍ଥାୟୀ । କିନ୍ତୁ ସମସ୍ତ ବିଷୟର ମୂଳ ଆଧାର ଯେ ଈଶ୍ୱରଙ୍କ ବାକ୍ୟ ତାହା ପାଳନ କରିବା ଦ୍ୱାରା ଆମ୍ଭେମାନେ ଏକତା ଲାଭ କରିପାରିବା । "....ଆମ୍ଭେମାନେ ଯେତେ ପର୍ଯ୍ୟନ୍ତ ଅଗ୍ରସର ହୋଇଅଛୁ, ସେହି ଅନୁସାରେ ଆଚରଣ କରୁଁ" (ଫିଲିପି ୩:୧୬) । ଆମ୍ଭେମାନେ ସମସ୍ତେ ଆପଣା ଆପଣା ସିଦ୍ଧାନ୍ତ ପରିତ୍ୟାଗ କରି ଈଶ୍ୱରଙ୍କ ବାକ୍ୟ ଅନୁସରଣ କଲେ ଏକ ହୋଇ ପାରିବା ।

## ଐକ୍ୟ ରକ୍ଷା ପାଇଁ ଯୀଶୁଙ୍କ ଶିକ୍ଷା

ମଣ୍ଡଳୀରେ ଶାନ୍ତି ଓ ଏକତାରେ ରହିବା ନିମନ୍ତେ ପ୍ରଭୁ ଶିକ୍ଷା ଦେଇଅଛନ୍ତି । ଇୟଦିଆ ଓ ସୁନ୍ତୁଖୀ ଦୁହେଁ ଏକ ପ୍ରଭୁଙ୍କ ସେବା କରୁଥିଲେ । ସେମାନେ ଉଭୟେ ଏକ ମଣ୍ଡଳୀର ସଭ୍ୟ ହେଲେ ସୁଦ୍ଧା ସେମାନଙ୍କ ମନୋଭାବ ଭିନ୍ନ ଭିନ୍ନ ଥିଲା । ପରସ୍ପର ମଧ୍ୟରେ ମତଭେଦ ରହିବା ମନୁଷ୍ୟମାନଙ୍କ ସ୍ୱାଭାବିକ ପ୍ରକୃତି । ଏହି ସ୍ୱଭାବକୁ ଜୟ କରି ଯେ ସମସ୍ତଙ୍କ ସହିତ ମିଳିମିଶି ଚଳେ, ସେ ପ୍ରକୃତ ଜ୍ଞାନୀ । "ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କେମନ୍ତ ଉତ୍ତମ ଓ ମନୋହର" (ଗୀତ ୧୩୩:୧) ।

ସିଦ୍ଧାନ୍ତ ଯୋଗୁଁ ବେଳେ ବେଳେ ମଣ୍ଡଳୀମାନଙ୍କରେ ମତଭେଦ ଘଟିଥାଏ । ଏହିପରି ସମସ୍ୟା ଈଶ୍ୱରଙ୍କ ବାକ୍ୟ ଅନୁସରଣ କଲେ ହିଁ ସମାଧାନ ହୋଇପାରେ । ସମୟେ ସମୟେ ବଡ ସମସ୍ୟାର ସମାଧାନ ହୋଇଥାଏ, କିନ୍ତୁ ଛୋଟ ଛୋଟ ବିଷୟ ନେଇ ସଭ୍ୟମାନଙ୍କ ମଧ୍ୟରେ ଦଳଭେଦ ଘଟିଥାଏ ।

## ପ୍ରତ୍ୟେକ ପରିସ୍ଥିତିରେ ଶାନ୍ତିରେ ରହିବା କି ସମ୍ଭବପର ?

ଶାନ୍ତି ସବୁବେଳେ ସମ୍ଭବ ନୁହେଁ - "ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ" (ରୋମୀୟ ୧୨:୧୮) । ସହୃଦୟକାରୀ ସମସ୍ତେ ଶାନ୍ତି ଓ ସହଭାଗିତାରେ ରହିବା ପସନ୍ଦ କରନ୍ତି । ତେଣୁକରି ଜ୍ଞାନୀ ଶଲୋମନ କହନ୍ତି, "ବିବାଦଯୁକ୍ତ ଭୋଜରେ ପୂର୍ଣ୍ଣଗୃହ ଅପେକ୍ଷା ଶାନ୍ତି ସହିତ କଳେକ ଶୁଷ୍କ ଅନ୍ନ ଭଲ" (ହିତ ୧୭:୧)। ସବୁ ସମୟରେ ସମସ୍ତଙ୍କ ସହିତ ଶାନ୍ତିରେ ରହିବା ଅସମ୍ଭବ । ଭାବବାଦୀ ଏଲୀୟ ଦୁଷ୍ଟାରାଣୀ ଈଷେବଲଙ୍କ ଦୁଷ୍ଟତାରେ ସମ୍ମତ ହୋଇଥିଲେ ତାହାଙ୍କ ସହିତ ଶାନ୍ତିରେ ବାସ କରିପାରି ଥା'ନ୍ତେ । ଶୟତାନର ସପକ୍ଷ ସମସ୍ତେ ସଦାପ୍ରଭୁଙ୍କ ବିପକ୍ଷ । ତେଣୁକରି ଏଲୀୟ ଈଷେବଲ ରାଣୀ ନିକଟରେ ଆପଣାକୁ ନତ କରି ନ ଥିଲେ ।

ଶାନ୍ତିରେ ବାସ କରିବା ନିମନ୍ତେ ଦୁଷ୍ଟମାନଙ୍କ ସହଭାଗୀ ହେବା ପାଇଁ ଈଶ୍ୱର ଇଚ୍ଛା କରନ୍ତି ନାହିଁ । ଯିରୁଶାଲମର ମନ୍ଦିରରେ ପ୍ରଭୁଯୀଶୁ କ୍ରୋଧରେ କ୍ରୟବିକ୍ରୟ କରୁଥିବା ଲୋକମାନଙ୍କୁ ବାହାର କରିଦେଇ ମୁଦ୍ରା ବ୍ୟବସାୟୀମାନଙ୍କ ମେଜ ଓ କାଷ୍ଠ ବ୍ୟବସାୟୀମାନଙ୍କର ଆସନ ଓଲଟାଇ ଦେଇଥିଲେ । ଯୀଶୁ ପୁନର୍ବାର କହନ୍ତି, "ମୁଁ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛି, ଏହା ମନେ କର ନାହିଁ; ଶାନ୍ତି ଦେବାକୁ ନ ଆସି ବରଂ ଖଡ୍‌ଗ ଦେବାକୁ ଆସିଅଛି । କାରଣ ମୁଁ ପିତା ସହିତ ପୁତ୍ରର ଓ ମାତା ସହିତ କନ୍ୟାର, ପୁଣି ଶାଶୁ ସହିତ ବୋହୁର ବିରୋଧ ଘଟାଇବାକୁ ଆସିଅଛି, ଆଉ ମନୁଷ୍ୟର ନିଜ ପରିଜନ ହିଁ ତାହାର ଶତୃ ହେବେ" (ମାଥିଉ ୧୦:୩୪-୩୬) । ସତ୍ୟ, ନ୍ୟାୟ ଓ ଧାର୍ମିକତାରେ ସ୍ଥିର ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧି ରହିବା ତ ସ୍ୱାଭାବିକ ବିଷୟ । ତୀମଥିଙ୍କୁ ପାଉଲ ଉତ୍ସାହ ଦେଇ କହନ୍ତି,

"ପ୍ରକୃତରେ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ସହଭାଗୀତାରେ ଧର୍ମଜୀବନ ଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନାଭୋଗ କରିବେ" (୨ୟ ତୀମଥି ୩:୧୨)। ପିତରଙ୍କ ଭାଷାରେ, "ଦୁଷ୍କର୍ମ ସକାଶେ ଦୁଃଖଭୋଗ କରିବାଠାରୁ ବରଂ ଯଦି ଈଶ୍ୱରଙ୍କ ଇଚ୍ଛା ହୁଏ, ତାହାହେଲେ ସତ୍‌କର୍ମ ସକାଶେ ଦୁଃଖଭୋଗ କରିବା ଭଲ" (୧ମ ପିତର ୩:୧୭)। ଶାନ୍ତିରେ ରହିବା ନିମନ୍ତେ ଦୁଷ୍ଟର ଦୁଷ୍ଟତାରେ ସମ୍ମତ ହେବା ପ୍ରଭୁଙ୍କ ଇଚ୍ଛା ବିରୁଦ୍ଧ ।

ଧାର୍ମିକ ବ୍ୟକ୍ତିମାନେ ଅନେକ ସମୟରେ ସେମାନଙ୍କ ଭିନ୍ନ ଭିନ୍ନ ମତ, ଭିନ୍ନ ଭିନ୍ନ ଆଲୋଚନା ଓ ବ୍ୟକ୍ତିତ୍ୱ ଯୋଗୁଁ ଏକମତ ହୋଇ ପାରନ୍ତି ନାହିଁ । ଏହାର ଉଦାହରଣ ପାଉଲ ଓ ବର୍ଣ୍ଣବ୍‌ବା । ସେମାନେ ସେମାନଙ୍କ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଯୋଗୁଁ ପରସ୍ପର ଠାରୁ ପୃଥକ ହୋଇ ଅଲଗା ଅଲଗା ସ୍ଥାନରେ ଈଶ୍ୱରଙ୍କ କାର୍ଯ୍ୟ କରିଥିଲେ (ପ୍ରେରିତ ୧୫:୩୬-୪୦) ।

### ଶାନ୍ତି ଓ ଏକତା ନିମନ୍ତେ ପ୍ରଭୁ ଯୀଶୁଙ୍କ ଦଶସୂତ୍ର

୧) ଈଶ୍ୱରଙ୍କ ବାକ୍ୟ ଧ୍ୟାନ କଲେ, କଳହର କାରଣ ଓ ସମାଧାନ ମଧ୍ୟ ପାଇ ପାରିବା । ପ୍ରେରିତ ପାଉଲ କହନ୍ତି, "ଅତଏବ ଆସ, ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପରର ନିଷ୍ଠା ହୁଏ, ସେହି ସବୁର ଆମ୍ଭେମାନେ ଅନୁଗମନ କରୁ" (ରୋମୀୟ ୧୪:୧୯) । ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ "ଶାନ୍ତିକାରକ ଲୋକେ ଧନ୍ୟ" (ମାଥିଉ ୫:୯) ବୋଲି କହିଅଛନ୍ତି । ସମସ୍ତଙ୍କ ସହିତ ଶାନ୍ତିରେ ବାସ କରିବା ସହଜ ବିଷୟ ନୁହେଁ । ତାହା ନିମନ୍ତେ ଅବିରତ ଚେଷ୍ଟା କରିବାକୁ ପଡ଼ିଥାଏ । ଚୀନ ଦେଶର ଏକ ପ୍ରବାଦ କହେ, "ବନ୍ଧୁ ଲାଭ ନିମନ୍ତେ ବର୍ଷେ ଲାଗି ଯାଏ, କିନ୍ତୁ ହରାଇବା କିଞ୍ଚିତ୍ ସମୟର କାମ ।" ସବୁ ସମୟରେ ସମସ୍ତଙ୍କ ସହିତ ଶାନ୍ତିରେ ବାସ କରିବା କଷ୍ଟକର ବିଷୟ । ତଥାପି ଅନ୍ୟମାନଙ୍କ ସହିତ କଳହ କରି ପାପରେ ଯେପରି ନ ପଡୁ, ସେଥିପାଇଁ ସର୍ବଦା ଜାଗ୍ରତ ରହିବା ଆବଶ୍ୟକ । ପିତର କହନ୍ତି, "ସେ ମନ୍ଦରୁ ବିମୁଖ ହୋଇ ସତ୍‌କର୍ମ କରୁ; ସେ ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେଉ" (୧ ପିତର ୩:୧୧) ।

୨) ଅନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିବା ନିମନ୍ତେ ବେଳେ ବେଳେ

ଆମ୍ଭମାନଙ୍କୁ କ୍ଷତି ସହ୍ୟ କରିବାକୁ ପଡ଼ିଥାଏ ବୋଲି ପ୍ରେରିତ ପାଉଲଙ୍କ ଲିଖିତ ୧ମ କରିନ୍ଥୀ ୬:୫-୭ ପଦ ଗୁଡ଼ିକରୁ ଜାଣିପାରୁ ।

୩) "ଶିଶୁ ଥିବା ସମୟରେ ମୁଁ ଶିଶୁ ପରି କଥା କହୁଥିଲି, ଶିଶୁ ପରି ଭାବୁଥିଲି, ଶିଶୁପରି ବିଚାର କରୁଥିଲି; ବୟସପ୍ରାପ୍ତ ହୁଅନ୍ତେ ମୁଁ ଶିଶୁର ବିଷୟ ସବୁ ପରିତ୍ୟାଗ କଲି" (୧ କରିନ୍ଥୀ ୧୩:୧୧) । ଛୋଟଛୋଟ ବାଳକ ବାଳିକା ସଦୃଶ୍ୟ ସ୍ୱାର୍ଥପରତା ଓ ପରନିନ୍ଦା ତ୍ୟାଗ କଲେ ଆମ୍ଭେମାନେ ଅନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିପାରିବା ।

୪) ".....ତୁମ୍ଭେମାନେ ଯେପରି ଶାନ୍ତିରେ ବାସ କରି ଆପଣା ଆପଣା କାର୍ଯ୍ୟରେ ଲାଗିବାକୁ ଓ ନିଜ ନିଜ ହାତରେ କାର୍ଯ୍ୟ କରିବାକୁ ମର୍ଯ୍ୟାଦାର ବିଷୟ ମନେ କର" (୧ମ ଥେସ ୪:୧୧) । ନିଜ ନିଜ କାର୍ଯ୍ୟରେ ମଗ୍ନ ରହିଲେ ଅନ୍ୟମାନଙ୍କ ସହିତ କଳହ ସୃଷ୍ଟି ହେବାର ପ୍ରଶ୍ନ ଉଠେ ନାହିଁ ।

୫) "ଅହଂକାରରୁ କେବଳ କଳି ଉତ୍ପନ୍ନ ହୁଏ, ମାତ୍ର ସୁପରାମର୍ଶ ଗ୍ରାହକ ଠାରେ ଜ୍ଞାନ ଅଛି" (ହିତୋ ୧୩:୧୦) । ଦିୟତ୍ରଫା ମଣ୍ଡଳୀରେ ପ୍ରଧାନ ହେବାକୁ ଇଚ୍ଛା କରିଥିବାରୁ ମଣ୍ଡଳୀରେ କଳହ ସୃଷ୍ଟି ହୋଇଥିଲା (୩ୟ ଯୋହନ ୯) ।

**ଶାନ୍ତି ଓ ସହଭାଗିତାରେ ରହିବା ନିମନ୍ତେ -**

(୧) ଏକମନା, (୨) ପରସ୍ପର ସୁଖ ଦୁଃଖର ସହଭାଗୀ, (୩)ଭ୍ରାତୃପ୍ରେମୀ, (୪) କୋମଳ ହୃଦୟ, (୫) ନମ୍ରଚିତ୍ତ, (୬) ଅନିଷ୍ଟ ପରିବର୍ତ୍ତେ ଅନିଷ୍ଟ ନ କରିବା, (୭) ନିନ୍ଦା ପରିବର୍ତ୍ତେ ନିନ୍ଦା ନ କରି ଆଶୀର୍ବାଦ କରିବା, (୮)ମନ୍ଦ ବାକ୍ୟରୁ ଆପଣା ଜିହ୍ୱା ଓ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠାଧରକୁ ନିବୃତ୍ତ କରିବା ପୁଣି (୯)ସତ୍‌କର୍ମ କରିବା ସହିତ ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ପିତର ତାହାଙ୍କ ୧ମ ପତ୍ର ୩:୮-୧୧ ପଦ ଗୁଡ଼ିକରେ ଚେତନା ଦେଇଅଛନ୍ତି ।

**For more information, please contact:**

**SATYA VANI**

**P.O.Box - 80, KAKINADA - 533 001, AP, India**

**or**

**WORLD BIBLE SCHOOL**

**P.O. Box - 36, BALANGIR - 767 001,**
**Odisha, India**

**Cell : +91 76560-45233 / 76560-52900**

**WhatsApp : +91 76560-50155**